


'ପ୍ରଳୟ' ସୁଟିଂ ଆରମ୍ଭ କଲେ ରଣବୀର
▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI


◆VOLUME- 44 ◆ISSUE-56 ◆THURSDAY ◆20 AUGUST 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୪ ◆ସଂଖ୍ୟା-୫୬ ◆ଗୁରୁବାର ◆୨୦ ଅଗଷ୍ଟ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## କୋଲକାତା ହୋଟେଲରେ ଏସି ବିସ୍ଫୋରଣ; ୯ ମୃତ



■ କୋଲକାତା, ୧୯ ।୮ (ଏଜେନ୍ସି): କୋଲକାତାର ଏକ ହୋଟେଲରେ ଭୟାବହ ଅଗ୍ନିକାଣ୍ଡ ଘଟି ଜଣେ ଶିଶୁ ଏବଂ କିଛି ବାଂଲାଦେଶୀ ନାଗରିକଙ୍କ ସମେତ ୯ ଜଣଙ୍କର ମୃତ୍ୟୁ ଘଟିଛି । ଏୟାର କଣ୍ଡିସନର୍ ବିସ୍ଫୋରଣ ଯୋଗୁଁ ନିଆଁ ଲାଗିଥିବା ଆଶଙ୍କା କରାଯାଉଛି । ବୁଧବାର ଭୋର୍ ପ୍ରାୟ ୨ଟା ସମୟରେ ଫ୍ରି ସ୍କୁଲ୍ ଷ୍ଟ୍ରିଟ୍ ଅଞ୍ଚଳରେ ଥିବା ଏହି ହୋଟେଲରେ ହଠାତ୍ ନିଆଁ ଲାଗିଯାଇଥିଲା ଏବଂ ଧୂଆଁରେ ଆଚ୍ଛାଦିତ ହୋଇଯାଇଥିଲା । ସେହି ସମୟରେ ହୋଟେଲରେ ଅନେକ ଅତିଥି ଶୋଇ ରହିଥିଲେ । ରିପୋର୍ଟ ଅନୁଯାୟୀ, ମୃତକଙ୍କ ମଧ୍ୟରେ କିଛି ବାଂଲାଦେଶୀ ନାଗରିକ ମଧ୍ୟ ଅଛନ୍ତି, ଯେଉଁମାନେ ଚିକିତ୍ସା ପାଇଁ କୋଲକାତା ଆସିଥିଲେ । ଅଗ୍ନିଶମ ବାହିନୀ ଏବଂ ବିପର୍ଯ୍ୟୟ ପରିଚାଳନା ଦଳ ଘଟଣାସ୍ଥଳରେ ପହଞ୍ଚି ପ୍ରାୟ ଷଠି ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ । ତେବେ ଅଣନିଶ୍ୱାସୀ ▶ପୃଷ୍ଠା-୧୦

## ଦିଲ୍ଲୀରେ ସିଏନ୍‌ଜି ବିସ୍ଫୋରଣ; ୩ ମୃତ, ୩ ଗୁରୁତର



■ ନୂଆଦିଲ୍ଲୀ, ୧୯।୮ (ଏଜେନ୍ସି): ଦିଲ୍ଲୀର ଟିକ୍ରି କାଲାନ୍ ମେଟ୍ରୋ ଷ୍ଟେସନ୍ ନିକଟସ୍ଥ ଏକ ସିଏନ୍‌ଜି ଫ୍ୟୁଏଲ୍ ପମ୍ପରେ ବୁଧବାର ଅପରାହ୍ଣରେ ଭୟଙ୍କର ବିସ୍ଫୋରଣ ଘଟିଛି । ଏକ ଟ୍ରକରେ ଗ୍ୟାସ୍ ଭର୍ତ୍ତି କରୁଥିବା ସମୟରେ ସିଲିଣ୍ଡରଟି ଫାଟିଯିବାରୁ ପମ୍ପରେ କାର୍ଯ୍ୟରତ ୩ ଜଣ କର୍ମୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ ଜଣ ଗୁରୁତର ଆହତ ହୋଇଛନ୍ତି । ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଏଥିରେ ଏକ ଟ୍ରକ ସହିତ ପାଖରେ ଥିବା ଏକ କାର୍ ଏବଂ ଦୁଇଚକିଆ ଯାନ ମଧ୍ୟ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି । ମୃତ କର୍ମୀମାନେ ହେଲେ ମନୀଷ (୨୫), ବ୍ରହ୍ମଜିତ (୩୪) ଏବଂ ସନ୍ନି (୩୦) । ମନୀଷ ପଶ୍ଚିମ ଦିଲ୍ଲୀର ବାବା ହରିଦାସ କଲୋନୀର ବାସିନ୍ଦା ଥିଲେ । ତାଙ୍କ ପରିବାର ପକ୍ଷରୁ ପମ୍ପ କର୍ମଚାରୀଙ୍କ ବିରୁଦ୍ଧରେ ଅବହେଳା ଅଭିଯୋଗ କରିଛି । ମନୀଷଙ୍କ ମାମୁଁ ବିଜୟ ପ୍ରସାଦଙ୍କ ▶ପୃଷ୍ଠା-୧୦

### ଖଣି ଆଇନ ସଂଶୋଧନ ଯୋଗୁଁ ଓଡ଼ିଶା ସହିବ ଲକ୍ଷଲକ୍ଷ କୋଟି କ୍ଷତି: ନବୀନ

# ଶେଷ ନିଶ୍ୱାସ ଯାଏଁ ଓଡ଼ିଶାର ଅଧିକାର ପାଇଁ ଲଢ଼ିବି

■ ଭୁବନେଶ୍ୱର, ୧୯।୮ (ସମିସ): ରାଜ୍ୟ ଆମର, ରାଜ୍ୟର ମାଟି, ପାଣି, ଖଣି ଆମର । ଆମ ଅଧିକାରର ସୁରକ୍ଷା ପାଇଁ ଆମେ ଲଢ଼େଇ କରି ଆସିଛୁ । ୨୪ ବର୍ଷ ଧରି ମୁଁ ଓଡ଼ିଶାର ସ୍ୱାର୍ଥକୁ ଜଗିଥିଲି ଓ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଓଡ଼ିଶା ଓ ଓଡ଼ିଶାବାସୀଙ୍କ ଅଧିକାର ପାଇଁ ମୁଁ ଲଢ଼େଇ ଜାରି ରଖିବି ବୋଲି କହିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ । ଖଣି ଆଇନ ସଂଶୋଧନ ଯୋଗୁଁ ଓଡ଼ିଶା ଲକ୍ଷଲକ୍ଷ କୋଟି ଟଙ୍କା କ୍ଷତିକୁ ନବୀନ ବିରୋଧ କରିବା ସହ ଏହି ଲଢ଼େଇରେ ସହଯୋଗ କରିବା ପାଇଁ ଆହ୍ୱାନ ଦେଇଛନ୍ତି ।

- ନୂଆ ଆଇନରେ ଖଣି ଉପରେ ରାଜ୍ୟର ଅଧିକାର ଶେଷ ହୋଇଛି
- ୨୪ ବର୍ଷ ଧରି ଓଡ଼ିଶାର ସ୍ୱାର୍ଥ ପାଇଁ ଲଢ଼ିଛି, ଆଗକୁ ବି ଲଢ଼ିବି
- କେବଳ ବିଜେଡି ସାଂସଦ ଏହାକୁ ବିରୋଧ କରିଥିଲେ
- ବିଜେପିର ୨୦ ସାଂସଦ ମାଟି ପାଇଁ ପାଟି ଖୋଲିଲେ ନାହିଁ
- ଓଡ଼ିଶାକୁ ଦୁର୍ବଳ କରିବାକୁ ଭୟଙ୍କର ଚକ୍ରାନ୍ତ କରାଯାଇଛି



ଏକ ଭିଡ଼ିଓ ବାର୍ତ୍ତାରେ ନବୀନ କହିଛନ୍ତି ଯେ ୨୦୦୦ ମସିହାରେ ଯେତେବେଳେ ଆମେ ଓଡ଼ିଶା ଶାସନ ଦାୟିତ୍ୱ ନେଲୁ, ସେତେବେଳେ ଓଡ଼ିଶାର ଅର୍ଥନୀତି ବହୁତ ଖରାପ ଅବସ୍ଥାରେ ଥିଲା । ଆମକୁ ଋଣ ଉପରେ ନିର୍ଭର କରିବାକୁ ପଡୁଥିଲା । ୨୦୨୪ରେ ଯେତେବେଳେ ସରକାର ପରିବର୍ତ୍ତନ ହେଲା, ସେତେବେଳେ ପଚାଶ ହଜାର କୋଟି ଟଙ୍କାର ରାଜସ୍ୱ ବଳକା ଆମେ ଛାଡ଼ି ଯାଇଥିଲୁ । ଆମର ଦୃଢ଼ ଆର୍ଥିକ ପରିଚାଳନା ଯୋଗୁଁ ଏହା ସମ୍ଭବ ହୋଇ ପାରିଥିଲା । ରାଜସ୍ୱ ବଳକା ରାଜ୍ୟ ସହ ଦ୍ରୁତ ବିକାଶ ଆମେ ଆଣି ପାରିଥିଲୁ । ରାଜ୍ୟରେ ଦାରିଦ୍ର୍ୟ କମିଥିଲା, ଭିତ୍ତିଭୂମିର ବିକାଶ ହୋଇଥିଲା ଓ ଅନେକ ଜନ କଲ୍ୟାଣ କାମ କରିଥିଲୁ । ଏହି ଦ୍ରୁତ ବିକାଶରେ ଖଣି ରାଜସ୍ୱ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ମାତ୍ର ଓଡ଼ିଶାର ଅର୍ଥନୀତି ଆଜି ବିପଦରେ । ନିକଟରେ ସଂସଦରେ ଏମଏମଡିଆର (ଖଣି ଓ ଖଣିଜ ସମ୍ପଦ ପରିଚାଳନା) ଆଇନର ସଂଶୋଧନ ପାରିତ ହୋଇଛି । ଏହା ଓଡ଼ିଶା ଓ ଓଡ଼ିଶାବାସୀଙ୍କର ବହୁତ କ୍ଷତି କରିବାକୁ ଯାଉଛି । ଏତେ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ବିଲକୁ ବିନା ଆଲୋଚନାରେ କେନ୍ଦ୍ର ସରକାର ପାରିତ କରିଦେଲେ । କେବଳ ବିଜେଡି ସାଂସଦମାନେ ଏହାକୁ ରାଜ୍ୟସଭାରେ ବିରୋଧ କରିଥିଲେ । ଏହି ବିଲକୁ ବିରୋଧ କରି ମୁଁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛି । ସର୍ବଦଳୀୟ ବୈଠକ ଡାକିବାକୁ ଓ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଚିଠିରେ ଅନୁରୋଧ ମଧ୍ୟ କରିଛି । ଓଡ଼ିଶା ଓ ଓଡ଼ିଶାବାସୀଙ୍କ ସ୍ୱାର୍ଥ ଆଗରେ କେହି ବଡ଼ ନୁହେଁ । ପାର୍ଟି ନୁହେଁ ମାଟିର ସ୍ୱାର୍ଥ ପାଇଁ ଆମକୁ ଆଜି ଏକାଠି ହେବାକୁ ପଡିବ । ଏମଏମଡିଆର ସଂଶୋଧନ ବିଲ ଆମ ଖଣି ଉପରେ ଆମ ଅଧିକାର ଶେଷ କରି ଦେଇଛି ।

ଆପଣ ଜାଣନ୍ତି ଓଡ଼ିଶାରେ କ୍ରୋମାଇଟ, ବକ୍ସାଇଟ, ଲୁହାପଥ, କୋଇଲା ଓ ମାଙ୍ଗାନିଜର ବିପୁଳ ଭଣ୍ଡାର ରହିଛି । କିନ୍ତୁ ଏମ୍‌ଏମ୍‌ଡିଆର ସଂଶୋଧନ ବିଲ ଏସବୁ ଉପରୁ ଆମ ଅଧିକାର ଛଡେଇନେଇଛି । ଆମ ଲୋକଙ୍କ କଲ୍ୟାଣ ପାଇଁ ଆମ ଖଣିରୁ ଆମେ କାହିଁକି ରାଜସ୍ୱ ସଂଗ୍ରହ କରିପାରିବୁନି? ଆମ ଲୋକ ଧୂଳି, ଧୂଆଁ ସହିବେ । କିନ୍ତୁ ଆମ ସମ୍ପଦରେ ଦିଲ୍ଲୀ ଦରବାର ସମୃଦ୍ଧ ହେବ । ଏହା ଆମେ ହେବାକୁ ଦେବାନି । ୨୪ ▶ପୃଷ୍ଠା-୧୦

### ୬୦୦ ତମ ଟେଷ୍ଟରେ ଭାରତର ସ୍ମରଣୀୟ ବିଜୟ

## ସୂତାରଙ୍କୁ ୧୦ ୱିକେଟ୍



■ ଗଲ୍, ୧୯ ।୮ (ଏଜେନ୍ସି): ବାମହାତୀ ସ୍ପିନର ମାନବ ସୂତାରଙ୍କ ମ୍ୟାଜିକ ବଲରେ ଏଠାରେ ଘରୋଇ ଶ୍ରୀଲଙ୍କା ବିପକ୍ଷରେ ଚାଲିଥିବା ପ୍ରଥମ ଟେଷ୍ଟରେ ଭାରତ ୧୬୫ ରନର ବଡ଼ ବ୍ୟବଧାନରେ ବିଜୟୀ ହୋଇଛି । ୩୭୨ ରନର ଟାର୍ଗେଟ୍‌କୁ ପିଛା କରିଥିବା ସିଂହଳୀ ଦଳ ବୁଧବାର ଅନ୍ତିମ ତଥା ପଞ୍ଚମ ଦିବସରେ ୨୦୬ ରନରେ ଦ୍ୱିତୀୟ ପାଳିରେ ସୀମିତ ରହିଥିଲା । ସୋନାଲ ଦିନୁଶା (୮୪) ଓ ଅଧିନାୟକ ଧନଞ୍ଜୟ ଡି ସିଲଭା (୫୯) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ମଧ୍ୟ ଦଳକୁ ପରାଜୟରୁ ରକ୍ଷା କରିପାରି ନ ଥିଲେ । ଭାରତ ପକ୍ଷରୁ ରାଜସ୍ଥାନୀ ସ୍ପିନର ମାନବ ସୂତାରଙ୍କ ସ୍ପିନ ଯାଦୁକୁ ସାମ୍ନା କରିବାରେ ସିଂହଳୀ ବ୍ୟାଟର୍ ସମ୍ପୂର୍ଣ୍ଣ ଫେଲ୍ ମାରିଥିଲେ । ସୂତାର ମ୍ୟାଚରେ ମୋଟ୍ ୪୫.୨ ଓଭର ବୋଲିଂ କରି ୧୩୧ ରନ ବ୍ୟୟରେ ୧୦ଟି ୱିକେଟ ନେଇଥିଲେ । ଶ୍ରୀଲଙ୍କାର ଉଭୟ ପାଳିରେ ତାଙ୍କ ପ୍ରଦର୍ଶନ ଯଥାକ୍ରମେ ୪/୭୬ ଓ ୬/୫୫ ରହିଥିଲା । ନିଜର ଦ୍ୱିତୀୟ ଟେଷ୍ଟରେ ୧୦ ୱିକେଟ ନେଇ ସୂତାର ଏଲିଟ୍ କ୍ଲବରେ ନିଜ ନାମକୁ ଲିପିବଦ୍ଧ କରିଛନ୍ତି । ଭାରତର ୯ମ ବାମହାତୀ ସ୍ପିନର ଭାବେ ସୂତାର ଟେଷ୍ଟରେ ୧୦ ୱିକେଟ୍ ସଫଳତା ପାଇଛନ୍ତି ।

ପୂର୍ବରୁ ଏହି ଟେଷ୍ଟର ପ୍ରଥମ ପାଳିରେ ଭାରତର ୪୬୨ ରନ ଜବାବରେ ଶ୍ରୀଲଙ୍କା ୨୮୪ ରନରେ ସୀମିତ ରହିଥିଲା । ଏହାପରେ ୧୭୮ ରନରେ ଆଗୁଆ ରହିଥିବା ଭାରତ ଦ୍ୱିତୀୟ ପାଳିରେ ୧୯୩ ରନରେ ଅଲ୍‌ଆଉଟ୍ ହୋଇଥିଲା । ମ୍ୟାଚରେ ମୋଟ୍ ୨୧୧ (୧୬୭+୪୪) ରନ କରିଥିବା ଦେବଦତ୍ତ ପାଡିକଲଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ ▶ପୃଷ୍ଠା-୧୦

### ୩ ରେଳ ପ୍ରକଳ୍ପକୁ କ୍ୟାବିନେଟ୍ ମଞ୍ଜୁରୀ

## ଓଡ଼ିଶାକୁ ୭୨୨୧ କୋଟିର ରେଳ ଭେଟି

■ ଭୁବନେଶ୍ୱର, ୧୯।୮ (ସମିସ): ସୁଦୃଢ଼ ହେବ ଓଡ଼ିଶାର ରେଳ ଭିତ୍ତିଭୂମି । ଏହାକୁ ଆହୁରି ସୁଦୃଢ଼ କରିବା ଦିଗରେ କେନ୍ଦ୍ର ସରକାର ବଡ଼ ପଦକ୍ଷେପ ନେଇଛନ୍ତି । ଏହି ଅନୁକ୍ରମରେ ଓଡ଼ିଶାକୁ ୭,୨୨୧ କୋଟି ଟଙ୍କାର ରେଳ ଭେଟି ଦେଇଛନ୍ତି କେନ୍ଦ୍ର ସରକାର । ରାଜ୍ୟର ୩ ଗୁରୁତ୍ୱପୂର୍ଣ୍ଣ ରେଳ ଲାଇନ୍ ପ୍ରକଳ୍ପକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି । ଏହି ତିନୋଟି ରେଳ ପ୍ରକଳ୍ପ ହେଉଛି, ଖଡ଼୍‌ଗପୁର - ଭଦ୍ରକ, ଭଦ୍ରକ - ହରିଦାସପୁର , କଟକ - ପାରାଦୀପ ଲାଇନ୍ । ଏହି ୩ ପ୍ରକଳ୍ପରେ ମୋଟ ୩୨୦ କିମିର ରେଳ ଲାଇନ୍ ନିର୍ମାଣ କରାଯିବ । କେନ୍ଦ୍ର ସରକାରଙ୍କ ପକ୍ଷରୁ ଦେଶର ମୋଟ୍ ୪ଟି ରେଳ ଲାଇନ୍ ସମ୍ପ୍ରସାରଣ ପ୍ରକଳ୍ପ ଅନ୍ତର୍ଗତ ରାଜ୍ୟରେ ଉପରୋକ୍ତ ୩ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ । ଏହି ପ୍ରକଳ୍ପଗୁଡିକ ଓଡ଼ିଶା ବ୍ୟତୀତ ପଶ୍ଚିମବଙ୍ଗ, ତାମିଲନାଡୁ ଏବଂ ଆନ୍ଧ୍ରପ୍ରଦେଶର ୮ଟି ଜିଲାବାସୀ ଉପକୃତ ହେବେ ।

ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର କ୍ୟାବିନେଟ କମିଟି ରେଳ ମନ୍ତ୍ରଣାଳୟର ପ୍ରାୟ ୯,୪୫୦କୋଟି ଟଙ୍କା ମୂଲ୍ୟର ଚାରୋଟି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି । ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ଖଡ଼ଗପୁର - ଭଦ୍ରକ (ରାଣୀତାଲ) ୪ର୍ଥ ଲାଇନ - ୧୭୩ କିମି (ପଶ୍ଚିମବଙ୍ଗ ଏବଂ ଓଡିଶା), ଭଦ୍ରକ - ହରିଦାସପୁର ଚତୁର୍ଥ ଲାଇନ - ୭୫ କିଲୋମିଟର (ଓଡିଶା), ଗୁମ୍ମିଡିପୁଣ୍ଡି - ଗୁଡ୍ଡୁର ତୃତୀୟ ଏବଂ ଚତୁର୍ଥ ଲାଇନ୍ - ୯୦ କିମି (ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁ) ଏବଂ କଟକ - ପାରାଦୀପ (ବଡ଼ବନ୍ଧ) ତୃତୀୟ ଏବଂ ଚତୁର୍ଥ ଲାଇନ୍ - ୭୨ କିମି (ଓଡିଶା) ରହିଛି । ଖଡ଼ଗପୁର – ଭଦ୍ରକ ୪ର୍ଥ ଲାଇନ୍ ପାଇଁ ୩୩୫୨ କୋଟି, ଭଦ୍ରକ - ହରିଦାସପୁର ୪ର୍ଥ ଲାଇନ୍ ପାଇଁ ୧୫୮୩ କୋଟି ଏବଂ କଟକ - ପାରାଦୀପ ତୃତୀୟ ଏବଂ ଚତୁର୍ଥ ଲାଇନ୍ ନିମନ୍ତେ ୨୨୮୬ କୋଟି ଟଙ୍କା ମଞ୍ଜୁର କରାଯାଇଛି ।

ଏହି ପ୍ରସ୍ତାବିତ ରେଳ ଲାଇନ୍ ନିର୍ମାଣ ଦ୍ୱାରା ଓଡ଼ିଶାର କୁଲଡିହା ବନ୍ୟପ୍ରାଣୀ ଅଭୟାରଣ୍ୟ, ଭିତରକନିକା ଜାତୀୟ ଉଦ୍ୟାନ, ▶ପୃଷ୍ଠା-୧୦

## ଡ. ଆଶୁତୋଷ ପରିଡ଼ା ପାଇବେ ଶାରଳା ପୁରସ୍କାର



ଦୁର୍ଗା ଚରଣ ରଣବୀର ଏବଂ ଶିକ୍ଷାବିତ୍ ଦାମୋଦର ବେହେରା ପାଇବେ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ'

■ ଭୁବନେଶ୍ୱର, ୧୯ ।୮ (ସମିସ): ଇଣ୍ଡିଆନ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ୍ ଲିମିଟେଡ୍ (ଇମ୍ଫା) ର ସାମାଜିକ ଶାଖା 'ଇଣ୍ଡିଆନ ମେଟାଲ୍ସ ପବ୍ଲିକ ଚାରିଟେବୁଲ ଟ୍ରଷ୍ଟ' (ଇମ୍ପାକ୍ଟ) ପକ୍ଷରୁ ପ୍ରତିବର୍ଷ ଶ୍ରେଷ୍ଠ ସାରସ୍ୱତ କୃତି ପାଇଁ ପ୍ରଦାନ କରାଯାଉଥିବା ସ୍ମାରକୀ 'ଶାରଳା ପୁରସ୍କାର' ଚଳିତ ବର୍ଷ ବିଶିଷ୍ଟ ଓଡ଼ିଆ କବି, ପ୍ରାବନ୍ଧିକ ତଥା ସିଏସଆଇଆର-ଆଇଏମଏମଟି ର ପୂର୍ବତନ ବୈଜ୍ଞାନିକ ଡ. ଆଶୁତୋଷ ପରିଡ଼ାଙ୍କୁ ପ୍ରଦାନ କରାଯିବ । ପ୍ରଭା ପବ୍ଲିକେଶନ ଦ୍ୱାରା ୨୦୨୪ ମସିହାରେ ପ୍ରକାଶିତ ତାଙ୍କର କବିତା ସଙ୍କଳନ 'ବିଶ୍ୱାସ ଦେ ପୃଥିବୀ' ପାଇଁ ସେ ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି । ଆସନ୍ତା ଅକ୍ଟୋବର ୨୫ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ▶ପୃଷ୍ଠା-୧୦

### ସବୁ ନଦୀରେ ଖସୁଛି ପାଣି

## ବାଲେଶ୍ୱରକୁ ଚିନ୍ତା ଝାଡ଼ଖଣ୍ଡ ବର୍ଷା



- ସୁବର୍ଣ୍ଣରେଖାରେ ମଧ୍ୟମଧରଣର ବନ୍ୟା
- ବୈତରଣୀରେ ବନ୍ୟା ସ୍ଥିତି ସୁଧୁରୁଛି

■ ଭୁବନେଶ୍ୱର, ୧୯।୮ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଅବପାତ ଦୁର୍ବଳ ହେବା ସହ ଝାଡ଼ଖଣ୍ଡ ହୋଇ ଓଡ଼ିଶାଠାରୁ ବହୁ ଦୂରକୁ ଚାଲିଯାଇଛି । ଫଳରେ ଓଡ଼ିଶାରେ ଦୁଇ ଦିନ ହେବ ଅପେକ୍ଷାକୃତ ବର୍ଷାର ପ୍ରଭାବ କମିଛି । ଏହା ଫଳରେ ରାଜ୍ୟର ଯେଉଁ ପ୍ରମୁଖ ନଦୀଗୁଡ଼ିକରେ ଜଳସ୍ତର ବଢ଼ିଥିଲା ତାହା ଏବେ ଧୀରେ ଧୀରେ ହ୍ରାସ ହେଉଛି । ହେଲେ ଉତ୍ତର ଓଡ଼ିଶା, ବିଶେଷ କରି ବାଲେଶ୍ୱର ଜିଲ୍ଲା ପାଇଁ ସୁବର୍ଣ୍ଣରେଖା ବିପଦ ଆଣିଛି । ଏହି ଅବପାତ ପ୍ରଭାବରେ ଝାଡ଼ଖଣ୍ଡରେ ଭୀଷଣ ବର୍ଷା ହୋଇଥିବା ଯୋଗୁଁ ଏବେ ସୁର୍ବର୍ଣ୍ଣରେଖା ଉଭୟ ଜାମଶୋଳାଘାଟ ଓ ରାଜଘାଟଠାରେ ବିପଦସଂକେତ ଉପରେ ପ୍ରବାହିତ ହେଉଛି । ଏହା ପ୍ରଭାବରେ ସୁବର୍ଣ୍ଣରେଖାରେ ▶ପୃଷ୍ଠା-୧୦

## କାନ୍ଥ ଭୁଶୁଡ଼ି ମହିଳା ମୃତ

■ ବୈଶିଙ୍ଗା, ୧୯ ।୮ (ସମିସ): ଲଗାଣ ବର୍ଷାରେ କାନ୍ଥ ଭୁଶୁଡ଼ି ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି । ମୃତକ ହେଲେ ବୈଶିଙ୍ଗା ଥାନା ଅଧୀନ ଭୁଡୁରୁବଣି ଗ୍ରାମର ଭଗବାନ ଓଝାଙ୍କ ସ୍ତ୍ରୀ ଶୈଳ ଓଝା (୫୩) । ମଙ୍ଗଳବାର ରାତିରେ ଖାଇସାରି ଭଗବାନ ଓ ତାଙ୍କ ସ୍ତ୍ରୀ ଶୈଳ ଘର ବାରଣ୍ଡାରେ ଥିବା ତେଜରାତି ଦୋକାନ ନିକଟରେ ଶୋଇଥିଲେ । ମଧ୍ୟରାତ୍ରିରେ କାନ୍ଥ ହଠାତ୍ ଭୁଶୁଡ଼ି ଉଭୟଙ୍କ ଉପରେ ପଡ଼ିଥିଲା । କାନ୍ଥ ତଳେ ଚାପି ହୋଇ ଭଗବାନ ସାମାନ୍ୟ ଆହତ ହୋଇଥିବାବେଳେ ଶୈଳଙ୍କ ଛାତି ଉପରେ କାନ୍ଥର ଏକ ବଡ଼ ଅଂଶ ପଡ଼ିବାରୁ ସେ ଗୁରୁତର ହୋଇଥିଲେ । ପରିବାର ଲୋକେ ତୁରନ୍ତ ତାଙ୍କୁ ବୈଶିଙ୍ଗା ଡାକ୍ତରଖାନାକୁ ନେଇଥିଲେ । ପରେ ତାଙ୍କୁ ରେମୁଣାସ୍ଥିତ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ଚିକିତ୍ସାଧୀନ ଅବସ୍ଥାରେ ଶୈଳଙ୍କ ମୃତ୍ୟୁ ଘଟିଥିଲା । ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା ।

### ଆଗାମୀ ଦଶନ୍ଧିରେ ତୀବ୍ର ହେବ ଓଡ଼ିଶାର ଜଳବାୟୁ ବିପଦ

## କେଉଁଠି ବଢ଼ି ତ କେଉଁଠି ମରୁଡ଼ି

- ୧୩ ବର୍ଷରେ ୧୧ % ବଢ଼ିଛି ମୌସୁମୀ ବର୍ଷା
- ୨୦୩୧ରୁ ୨୦୭୦ ଯାଏଁ ଅସ୍ଥିର ପାଣିପାଗ

ଭୁବନେଶ୍ୱର,୧୯।୮ (ସମିସ): ଦିନକୁ ଦିନ ଅସ୍ଥିର ହେଉଛି ପାଣିପାଗ । ବିଭିନ୍ନ ଗ୍ୟାସ୍ ନିର୍ଗମନ ଏବଂ ବିଶ୍ୱ ତାପାୟନରେ ପ୍ରଭାବିତ ଜଳବାୟୁ ମୌସୁମୀ ବର୍ଷାରେ ତାରତମ୍ୟ ସୃଷ୍ଟି କରିଛି । ଗତ ଦଶନ୍ଧିରୁ ପାଣିପାଗର ଏହି ବିଲକ୍ଷଣ ଆରମ୍ଭ ହୋଇଥିବାବେଳେ ଚଳିତ ମୌସୁମୀରେ ଏହା ସ୍ପଷ୍ଟ ବାରି ହୋଇ ପଡ଼ିଛି । ଚଳିତବର୍ଷର ଅନିୟମିତ ମୌସୁମୀ ବର୍ଷା ଓଡ଼ିଶାର କିଛି ଅଞ୍ଚଳରେ ମରୁଡ଼ି ଭଳି ପରିସ୍ଥିତି ସୃଷ୍ଟି କରିଥିବାବେଳେ ଆଉ କିଛି ଅଞ୍ଚଳରେ ହୋଇଥିବା ବାଦଲଫଟା ବର୍ଷା ମାସାଧିକ କାଳ ସମଗ୍ର ଅଞ୍ଚଳକୁ ଜଳାର୍ଣ୍ଣବ କରି ରଖିଛି । ପାଣିପାଗ ବିଭାଗର ଆକଳନ ବାହାରେ ହେଉଥିବା ବୃଷ୍ଟିପାତ ରାଜ୍ୟର କୃଷି ଓ କୃଷକଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଆଗାମୀ ଦଶନ୍ଧିରେ ଏହି ସ୍ଥିତି ଆହୁରି ବିଷମ ହେବା ନେଇ ପାଣିପାଗ ବିଶେଷଜ୍ଞମାନେ ଆକଳନ କରିଛନ୍ତି । ଓଡ଼ିଶାରେ ୨୦୧୧-୨୦୨୪ ମଧ୍ୟରେ ମୌସୁମୀ ବର୍ଷାର ପରିମାଣ ହାରାହାରି ୧୧ ପ୍ରତିଶତ ବୃଦ୍ଧି ପାଇଛି । ୨୦୩୧-୨୦୫୦ ମଧ୍ୟରେ ଏହା ମଧ୍ୟମ ଭାବେ ବଢ଼ିପାରେ ବୋଲି ବିଶ୍ୱର ଅଗ୍ରଣୀ ଜଳବାୟୁ ଚିନ୍ତନ ପ୍ରତିଷ୍ଠାନ 'କାଉନସିଲ୍ ଅନ୍ ଏନର୍ଜି, ଏନ୍‌ଭାର୍ଣ୍ଣମେଣ୍ଟ ଆଣ୍ଡ ୱାଟର' (ସିଇଇଡବ୍ଲୁ) ପକ୍ଷରୁ କୁହାଯାଇଛି । ଆଗାମୀ ଦଶନ୍ଧିଗୁଡ଼ିକରେ ଏହି ଜଳବାୟୁ ବିପଦ ଆହୁରି ତୀବ୍ର ହେବାର ଆଶଙ୍କା ରହିଛି । ବିଶେଷକରି ବିଭିନ୍ନ ଜିଲ୍ଲାରେ ବର୍ଷାର ତାରତମ୍ୟ ଏବଂ ଉତ୍ତାପର ପ୍ରଭାବ ବଢ଼ିପାରେ । ୨୦୧୧-୨୦୨୪ ମସିହା ମଧ୍ୟରେ ଓଡ଼ିଶାର ପ୍ରାୟ ୫୩ ପ୍ରତିଶତ ଜିଲ୍ଲାରେ ୧,୦୨୫-୧,୧୭୫ ମିଲିମିଟର ମୌସୁମୀ ବର୍ଷା ହୋଇଥିବାବେଳେ ୨୬ ପ୍ରତିଶତ ଜିଲ୍ଲାରେ ୧,୧୭୫ ମିଲିମିଟରରୁ ଅଧିକ ବର୍ଷା ହୋଇଛି । ୨୦୫୧-୨୦୭୦ ମଧ୍ୟରେ ବର୍ଷା ଆହୁରି ଅସ୍ଥିର ହେବାର ଆକଳନ କରାଯାଇଛି । ତେଣୁ ଚଳିତ ବର୍ଷ ଭଳି ଆଗାମୀ ଦଶନ୍ଧିଗୁଡ଼ିକରେ ମୌସୁମୀ ଋତୁରେ ରାଜ୍ୟରେ କେଉଁଠି ଅତ୍ୟଧିକ ବର୍ଷା ଯୋଗୁଁ ▶ପୃଷ୍ଠା-୧୦

# ଶିକ୍ଷା ପାଇଁ ବିଧାନସଭା ସମ୍ମୁଖରେ ଗର୍ଜନ

### ଚତୁର୍ଥ ଦିନରେ ପହଞ୍ଚିଲା ଶିକ୍ଷକ, ଅଧ୍ୟାପକଙ୍କ ଆନ୍ଦୋଳନ

■ ଭୁବନେଶ୍ୱର, ୧୯ ।୮ (ସମିସ): ବିଧାନସଭା ଅଧିବେସନ ଚାଲୁନି; ମାତ୍ର ବିଧାନସଭା ସମ୍ମୁଖ ଗାନ୍ଧୀମାର୍ଗରେ ବ୍ୟାପକ ଆନ୍ଦୋଳନ ହେଉଛି । ବିଶେଷକରି ଶିକ୍ଷା ବିଭାଗ ସହ ଜଡ଼ିତ ସଂଗଠନଗୁଡ଼ିକ ଅହୋରାତ୍ର ଧାରଣାରେ ବସିଛନ୍ତି । ଶିକ୍ଷକ, ଅଧ୍ୟାପକଙ୍କ ଠାରୁ ଆରମ୍ଭ କରି ଶିକ୍ଷକ ଚାକିରି ଆଶାୟୀମାନେ ସରକାରଙ୍କ ଉପରେ ଚାପ ପକାଉଥିବାବେଳେ ବହି ତ୍ରୁଟି ସମେତ ବିଭିନ୍ନ ଦାବିରେ ଅଭିଭାବକ ମହାସଂଘ ମଧ୍ୟ ଅନଶନ ଜାରି ରଖିଛି । ସରକାର ଦାବି ପୂରଣ ନ କଲା ଯାଏଁ ଆନ୍ଦୋଳନ ପ୍ରତ୍ୟାହାର ହେବ ନାହିଁ ବୋଲି ସଂଗଠନଗୁଡ଼ିକ ରୋକଠୋକ୍ ଶୁଣାଉଥିବାରୁ ସରକାରଙ୍କ ମୁଣ୍ଡବିନ୍ଧା ବଢ଼ିଛି ।

ରାଜ୍ୟରେ ବିଜେପି ସରକାର ଆସିବା ପରଠାରୁ ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନାହିଁ । ତ୍ୱରିତ ନିଯୁକ୍ତି ବିଜ୍ଞପ୍ତି ଦାବିରେ ମେଧାବୀ ଯୁବକଯୁବତୀମାନେ ୩ ଦିନ ହେଲା ଅହୋରାତ୍ର ଧାରଣାରେ ବସିଛନ୍ତି । ସରକାର ଆଲୋଚନା ପାଇଁ ମଧ୍ୟ ଡାକୁ ନଥିବାରୁ

- ସାମାଜିକ ଗଣମାଧ୍ୟମରେ ଶିକ୍ଷକ ଆଶାୟୀଙ୍କ ଜୋରଦାର କ୍ୟାମ୍ପେନ୍
- ତ୍ରୁଟିଶୂନ୍ୟ ପାଠ୍ୟପୁସ୍ତକ ଯୋଗାଇବାକୁ ଅଭିଭାବକଙ୍କ ଅନଶନ

କ୍ରମାଗତ ଭାବେ ଅସନ୍ତୋଷ ବଢୁଛି । ଗୀତ ଓ କବିତା ମାଧ୍ୟମରେ ସରକାରଙ୍କୁ କଟୁ କମାଲେଚନା କରିବା ସହ ସୋସିଆଲ୍ ମିଡିଆରେ କ୍ୟାମ୍ପେନ୍ ଆରମ୍ଭ କରିଛନ୍ତି । ଦିଲ୍ଲୀ ଓ ଝାଡ଼ଖଣ୍ଡ ଛାତ୍ର ଆନ୍ଦୋଳନ ପରି ଆନ୍ଦୋଳନକୁ ବଢ଼ାଇବାକୁ ଇଷ୍ଟାଗ୍ରାମ୍‌ରେ ରିଲସ୍ କରୁଛନ୍ତି । ଯେଉଁ ଆଶାୟୀମାନେ ଆନ୍ଦୋଳନକୁ ଆସିପାରି ନାହାନ୍ତି, ସେମାନେ ମଧ୍ୟ ଏହାର ବ୍ୟାପକ ପ୍ରସାର କରୁଛନ୍ତି । ଯାହା ସରକାର ଏଯାଏଁ ଆକଳନ କରିପାରି ନଥିବା ଅନୁମେୟ ହେଉଛି । ମୁଖ୍ୟମନ୍ତ୍ରୀ ବା ଗଣଶିକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା ବ୍ୟତୀତ ଅନ୍ୟ କୌଣସି ଆଲୋଚନାକୁ ଆଶାୟୀମାନେ ପ୍ରତ୍ୟାଖ୍ୟାନ କରୁଛନ୍ତି । ଆଗକୁ ଆନ୍ଦୋଳନର କାୟାକଳ୍ପ ବଢ଼ାଇବା ପ୍ରୟାସ ସଫଳ ହେଲେ ସରକାରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି ।

ଅନୁରୂପ ଭାବେ ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ ସହ ଚାକିରି ସର୍ତ୍ତାବଳୀ, ପେନସନ୍, ଅବସରକାଳୀନ ସୁବିଧା, ସମସ୍ତ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀକରଣ, ପୁରୁଣା ପେନସନ୍ ଆଦି ଦାବି ନେଇ ଶିକ୍ଷକ ଓ ଅଧ୍ୟାପକମାନେ ଚଳାଇଥିବା ଆନ୍ଦୋଳନ ଚତୁର୍ଥ ଦିନରେ ପହଞ୍ଚିଛି । ବର୍ଷାରେ ଭିଜିବା ସହ ରାତିରେ ରାସ୍ତାରେ ଶୋଇ ଧାରଣା ଜାରି ରଖିଛନ୍ତି । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଚରମବାଣୀ ଦିଆଯାଇଥିବାରୁ ଶିକ୍ଷାନୁଷ୍ଠାନର ଶୈକ୍ଷିକ ବ୍ୟବସ୍ଥା ବିଗିଡିବାର ଆଶଙ୍କା ଘନୀଭୂତ ହୋଇଛି । ପୂର୍ବରୁ ସରକାରୀ ଦଳର ନେତା ମନ୍ତ୍ରୀମାନେ ଦେଇଥିବା ପ୍ରତିଶ୍ରୁତିର ଭିଡିଓ ▶ପୃଷ୍ଠା-୧୦

## ନବୀ ମୁମ୍ବାଇରେ ଓଲା ଚାଳକଙ୍କୁ ଆକ୍ରମଣ, କାର୍ ବନେଟ୍‌ରେ ଘୋଷାଡ଼ି ନେଲେ




ମୁମ୍ବାଇ, ୧୯ ।୮ (ଏଜେନ୍ସି): ଓଭରଟେକ୍‌କୁ ନେଇ ବଚସା ପରେ ଜଣେ ଓଲା ଚାଳକଙ୍କୁ ଲୁହା ରଡ୍‌ରେ ଆକ୍ରମଣ କରିବା ସହ ଚଳନ୍ତା କାର୍‌ର ବନେଟ୍ ଉପରେ ପ୍ରାୟ ୨ କିଲୋମିଟର ଘୋଷାଡ଼ି ନେଇଥିବା ଅଭିଯୋଗ ହୋଇଛି । ନବୀ ମୁମ୍ବାଇର ପାମ୍ ବିଚ୍ ରୋଡ୍‌ରେ ଶନିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିବା ଜଣାପଡ଼ିଛି । ଓଲା ଚାଳକ ପ୍ରବୀଣ ପାଣ୍ଡେଙ୍କ ସହ ଜଣେ ଅଜଣା କାର୍ ଚାଳକଙ୍କର ଓଭରଟେକ୍‌କୁ ନେଇ ବଚସା ହୋଇଥିଲା । ଏହା ପରେ କାର୍ ଚାଳକ ଏକ ଲୁହା ରଡ୍‌ରେ ପ୍ରବୀଣଙ୍କ ମୁଣ୍ଡରେ ଆଘାତ କରିଥିବା ଅଭିଯୋଗ ହୋଇଛି । ଆକ୍ରମଣରେ ସେ ଆହତ ହୋଇ ରକ୍ତାକ୍ତ ହୋଇଥିଲେ । ଅଭିଯୁକ୍ତ କାର୍ ଚାଳକ ଘଟଣାସ୍ଥଳରୁ ଖସିଯିବାକୁ ଉଦ୍ୟମ କରିବା ବେଳେ ପ୍ରବୀଣ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ । କିନ୍ତୁ ଚାଳକ କାର୍ ଅଟକାଇବା ବଦଳରେ ଗତି ବଢ଼ାଇ ଦେଇଥିଲେ । ଫଳରେ ପ୍ରବୀଣ କାର୍‌ର ବନେଟ୍ ଉପରେ ପଡ଼ିଯାଇଥିଲେ । ତଳେ ପଡ଼ିଯିବାରୁ ବଞ୍ଚିବା ପାଇଁ ସେ କାର୍‌ର ୱିଣ୍ଡସ୍କ୍ରିନ୍ ୱାଇପର୍‌କୁ ଧରି ରହିଥିଲେ । ଏହି ଅବସ୍ଥାରେ କାର୍‌ଟି ପ୍ରାୟ ୨ କିଲୋମିଟର ଯାଇଥିଲା । ପରେ ଅଭିଯୁକ୍ତ ତାଙ୍କୁ ରାସ୍ତାକଡ଼ରେ ଛାଡ଼ି ଘଟଣାସ୍ଥଳରୁ ପଳାଇଥିବା ଅଭିଯୋଗ ହୋଇଛି । ପ୍ରବୀଣ ନେରୁଲ ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ । ପ୍ରାରମ୍ଭରେ ପୁଲିସ ଦୁଇ ପକ୍ଷ ମଧ୍ୟରେ ଆପୋସ ବୁଝାମଣା କରାଇବାକୁ ଚେଷ୍ଟା କରିଥିବା ଅଭିଯୋଗ ରହିଛି । ତେବେ ଏହା ବିଫଳ ହେବା ପରେ ରବିବାର ପୁଲିସ ମାମଲା ରୁଜୁ କରିଥିଲା । ଘଟଣାରେ ଅଭିଯୁକ୍ତଙ୍କ ପରିଚୟ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ । ତାଙ୍କୁ ଗିରଫ କରାଯାଇଛି କି ନାହିଁ, ସେ ସମ୍ପର୍କରେ ମଧ୍ୟ ପୁଲିସ ପକ୍ଷରୁ ସ୍ପଷ୍ଟ ସୂଚନା ମିଳିନାହିଁ । ଘଟଣାର ତଦନ୍ତ ଜାରି ରହିଛି ।

## ଆଇ-ଫୋନ୍ ପାଇଁ ନାତୁଣୀ ରଚିଲା ହତ୍ୟା ଷଡ଼ଯନ୍ତ୍ର, ଭିଡିଓକଲ୍‌ରେ ଦେଖିଲା ବର୍ବର କାଣ୍ଡ



ଆଲାପୁଝା, ୧୯ ।୮ (ଏଜେନ୍ସି): କେରଳର ଆଲାପୁଝା ଜିଲ୍ଲାରେ ଜଣେ ୧୩ ବର୍ଷର ନାବାଳିକା ଆଇ ଫୋନ୍ ପାଇଁ ନିଜର ଜେଜେବାପାଙ୍କୁ ହତ୍ୟା ପାଇଁ ଷଡ଼ଯନ୍ତ୍ର ରଚିବା ସହ ଭିଡିଓ କଲ୍ ଜରିଆରେ ସବୁକିଛି ଦେଖିଥିବା ଘଟଣା ସାମ୍ନାକୁ ଆସିଛି । ଗତ ଅଗଷ୍ଟ ୧୫ ରାତିରେ ୬୭ ବର୍ଷୀୟ ବୃଦ୍ଧ ଜଣକ ଘରେ ଏକା ଥିଲେ । ସେତେବେଳେ ତାଙ୍କ ନାତୁଣୀର ୧୭ ବର୍ଷୀୟ ବନ୍ଧୁ ଏବଂ ଅନ୍ୟ ତିନି ଜଣ ନାବାଳକ ବାଥରୁମ୍ ଭେଣ୍ଟିଲେଟର୍ ଦେଇ ଘର ଭିତରକୁ ପଶିଥିଲେ । ଅଭିଯୁକ୍ତ ନାବାଳିକା ଜଣକ ଭିଡିଓ କଲ୍ ମାଧ୍ୟମରେ ସେମାନଙ୍କୁ ରାସ୍ତା ଦେଖାଉଥିଲା । ଘର ଭିତରେ ପ୍ରବେଶ କରିବା ପରେ ଦୁର୍ବୃତ୍ତମାନେ ବୃଦ୍ଧଙ୍କ ହାତ-ଗୋଡ଼ ବାନ୍ଧି, ପାଟିରେ କପଡ଼ା ଗୁଞ୍ଜି ନିର୍ମମ ଭାବେ ହତ୍ୟା କରିଥିଲେ । ଏହି ସମସ୍ତ ଅମାନୁଷୀୟ କାଣ୍ଡକୁ ନାତୁଣୀ ଜଣକ ଭିଡିଓ କଲ୍‌ରେ ସିଧାସଳଖ ଦେଖୁଥିଲା । ଘଟଣାସ୍ଥଳରୁ ଲୁଟ୍ ହୋଇଥିବା ପ୍ରାୟ ୩୨ ଗ୍ରାମ ସୁନାକୁ ପୁଲିସ ଜବତ କରିଛି । ହତ୍ୟାକାରୀମାନଙ୍କୁ ମୋବାଇଲ୍ ଫୋନ୍ ଏବଂ ବାଇକ୍ କିଣିବା ପାଇଁ ଟଙ୍କା ଆବଶ୍ୟକ ଥିବାରୁ ସେମାନେ ଏଭଳି କାଣ୍ଡ ଘଟାଇଥିବା ଜଣାପଡ଼ିଛି । ପୁଲିସ ସମସ୍ତ ନାବାଳକ ଅଭିଯୁକ୍ତଙ୍କୁ ଗିରଫ କରି ସୁଧାର ଗୃହକୁ ପଠାଇଥିବାବେଳେ ସେମାନଙ୍କୁ ବୟସ୍କ ଭାବେ ବିଚାର କରାଯିବା ନେଇ ଆଇନଗତ ପ୍ରକ୍ରିୟା ଆରମ୍ଭ କରାଯାଇଛି ।

## ବିଧାୟକଙ୍କ ପାଇଁ ନୂଆ ଗାଡ଼ି ଓ ଭତ୍ତା ଘୋଷଣା କଲେ ବିଜୟ

ଚେନ୍ନାଇ, ୧୯ ।୮ (ଏଜେନ୍ସି): ତାମିଲନାଡୁରେ ମୁଖ୍ୟମନ୍ତ୍ରୀ ବିଜୟ ସମସ୍ତ ବିଧାୟକମାନଙ୍କ ପାଇଁ ନୂତନ ଗାଡ଼ି, ମାସିକ ଭତ୍ତା ଏବଂ ସ୍ୱାସ୍ଥ୍ୟ ବୀମା ରାଶି ବୃଦ୍ଧି କରିବା ନେଇ ଘୋଷଣା କରିଛନ୍ତି ।



ଏହାପରେ ଜଣେ ବିଧାୟକ ଗୀତ ଗାଇ କୃତଜ୍ଞତା ଜଣାଇଛନ୍ତି । ବିଧାନସଭାରେ ମୁଖ୍ୟମନ୍ତ୍ରୀ ବିଜୟ ସମସ୍ତ ବିଧାୟକଙ୍କ ପାଇଁ ନୂତନ ଯାନବାହନ ପାଇବା ସହ ମାସିକ ଭତ୍ତା ଏବଂ ରକ୍ଷଣାବେକ୍ଷଣ ଖର୍ଚ୍ଚ ବୃଦ୍ଧି କରାଯାଇଥିବା ଘୋଷଣା କରିଛନ୍ତି । ସ୍ୱଚ୍ଛ ଶାସନ ପ୍ରଦାନ କରିବା ଏବଂ ବିଧାୟକମାନେ ସଚ୍ଚୋଟତାର ସହ କାର୍ଯ୍ୟ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି । ଏହା ସହିତ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟ ବୀମା ଯୋଜନାରେ ବାର୍ଷିକ ବୀମା ରାଶିକୁ ବୃଦ୍ଧି କରାଯାଇଛି ଏବଂ ତୃତୀୟ ଲିଙ୍ଗୀ ବ୍ୟକ୍ତିମାନଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସା ସୁବିଧା ପାଇବାକୁ ନିଷ୍ପତ୍ତି ନିଆଯାଇଛି । ଏଥିସହିତ କ୍ଷୀର ଉତ୍ପାଦକମାନଙ୍କ ପାଇଁ ମଧ୍ୟ ସରକାରୀ କ୍ରୟ ମୂଲ୍ୟ ବୃଦ୍ଧି କରାଯାଇଛି । ଏହି ସମସ୍ତ ଜନକଲ୍ୟାଣକାରୀ ଘୋଷଣା ଦ୍ୱାରା ରାଜ୍ୟର ବିଭିନ୍ନ ବର୍ଗର ଲୋକମାନେ ବିଶେଷ ଭାବରେ ଉପକୃତ ହେବେ ବୋଲି ଆଶା କରାଯାଉଛି ।

## ମହାରାଷ୍ଟ୍ରରେ ଟାକ୍ସି ଚାଳକଙ୍କ ପାଇଁ ମରାଠୀ ବାଧ୍ୟ

ମୁମ୍ବାଇ, ୧୯ ।୮ (ଏଜେନ୍ସି): ମହାରାଷ୍ଟ୍ରରେ ମରାଠୀ ଭାଷା ଜାଣିନଥିବା ଅଟୋ-ରିକ୍ସା ଏବଂ ଟାକ୍ସି ଚାଳକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି । ରାଜ୍ୟ ସରକାର ଏନେଇ ଏକ ନୂତନ ଅଭିଯାନ ଆରମ୍ଭ କରିବାକୁ ଘୋଷଣା କରିଛନ୍ତି । ପରିବହନ ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ଯେଉଁ ଚାଳକମାନଙ୍କର ମରାଠୀ ଭାଷାରେ କାମଚଳା ଜ୍ଞାନ ନାହିଁ, ସେମାନଙ୍କୁ ପ୍ରଥମେ ନୋଟିସ୍ ଜାରି କରାଯିବ ଏବଂ ମରାଠୀ ଶିଖିବା ପାଇଁ ତିନି ମାସର ସମୟ ଦିଆଯିବ । ଯଦି ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ଭାଷା ଶିଖିବାରେ ବିଫଳ ହୁଅନ୍ତି, ତେବେ ସେମାନଙ୍କର ଲାଇସେନ୍ସ ଏବଂ ବ୍ୟାଜ୍ ତିନି ମାସ ପାଇଁ ସସପେଣ୍ଡ କରାଯିବ । ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଆରଟିଓ ଟିମ୍ ଦ୍ୱାରା ଏହି ଯାଞ୍ଚ ଅଭିଯାନ କରାଯିବ ଏବଂ ସମସ୍ତ ଯାଞ୍ଚ ପ୍ରକ୍ରିୟାକୁ ଭିଡିଓ ରେକର୍ଡିଂ ମଧ୍ୟ କରାଯିବ । ରାଜ୍ୟରେ ଲକ୍ଷାଧିକ ଚାଳକ ଏହି ଅଭିଯାନରେ ସାମିଲ ହେବାକୁ ଥିବାବେଳେ, 'କାମଚଳା ଜ୍ଞାନ'ର ସ୍ପଷ୍ଟ ସଂଜ୍ଞାକୁ ନେଇ କିଛି ଚାଳକ ସଂଘ ପ୍ରଶ୍ନ ମଧ୍ୟ ଉଠାଇଛନ୍ତି । ଯାତ୍ରୀମାନଙ୍କ ସହ ସୁଗମ ଯୋଗାଯୋଗ ଏବଂ ରାଜ୍ୟ ନିୟମ ପାଳନ ସୁନିଶ୍ଚିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା ସରକାର ସ୍ପଷ୍ଟ କରିଛନ୍ତି ।


## ମଧ୍ୟାହ୍ନ ଭୋଜନରେ ଡିଟରଜେଣ୍ଟ: ୩୬ ସ୍କୁଲ ଛାତ୍ରୀ ଅସୁସ୍ଥ

ପାଟନା, ୧୯ ।୮ (ଏଜେନ୍ସି): ବିହାରର ନାଳନ୍ଦା ଜିଲ୍ଲାରେ ମଧ୍ୟାହ୍ନ ଭୋଜନରେ ଲୁଣ ବଦଳରେ ଭୁଲବଶତଃ ଡିଟରଜେଣ୍ଟ ପାଉଡ଼ର ପଡ଼ିଯିବାରୁ ପ୍ରାୟ ୩୬ ଜଣ ଛାତ୍ରୀ ଅସୁସ୍ଥ ହୋଇପଡ଼ିଛନ୍ତି । ନୋରସରାଇ ପୁଲିସ ଷ୍ଟେସନ ଅନ୍ତର୍ଗତ ପାରାସୀ ମଧ୍ୟବର୍ତ୍ତୀ ବିଦ୍ୟାଳୟରେ ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନ କରୁଥିବା ସମୟରେ ଏହି ଘଟଣା ଘଟିଛି । ରୋଷେଇ ଘରେ ଲୁଣ ଏବଂ ଡିଟରଜେଣ୍ଟ ପାଉଡ଼ର ପାତ୍ର ଏକାଠି ରଖାଯାଇଥିଲା । ରୋଷେୟା ଜଣକ ଭୁଲ୍‌ବଶତଃ ଲୁଣ ବଦଳରେ ଡିଟରଜେଣ୍ଟ ପକାଇ ଦେଇଥିଲେ । ଖାଦ୍ୟ ଖାଇବା ପରେ ଛାତ୍ରୀମାନଙ୍କ ମୁଣ୍ଡ ବୁଲାଇବା ସହ ବାନ୍ତି ହୋଇଥିଲା । ତୁରନ୍ତ ସମସ୍ତଙ୍କୁ ବିହାର ସରିଫ ସଦର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ବର୍ତ୍ତମାନ ସମସ୍ତ ଛାତ୍ରୀ ବିପଦମୁକ୍ତ ଥିବା ଡାକ୍ତର ସ୍ପଷ୍ଟ କରିଛନ୍ତି । ବିହାରର ଗ୍ରାମାଞ୍ଚଳ ବିକାଶ ମନ୍ତ୍ରୀ ଶ୍ରବଣ କୁମାର ଡାକ୍ତରଖାନାକୁ ଯାଇ ଅସୁସ୍ଥ ଛାତ୍ରୀମାନଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି ଏବଂ ଏହି ଘଟଣାର ଏକ ବିସ୍ତୃତ ତଦନ୍ତ କରାଯିବ ବୋଲି କହିଛନ୍ତି । ଏହି ଅସାବଧାନତାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚିନ୍ତା ପ୍ରକାଶ ପାଇଛି । ଭବିଷ୍ୟତରେ ଏପରି ଭୁଲ୍ ଏଡ଼ାଇବା ପାଇଁ କଡ଼ା ପଦକ୍ଷେପ ନିଆଯିବାକୁ ଦାବି ହୋଇଛି ।

## କାନାଡ଼ାରେ ଯୁବତୀଙ୍କୁ ଦୁର୍ବ୍ୟବହାର: ୪୦ ବର୍ଷୀୟ ଭାରତୀୟ ଗିରଫ

ଓଟାୱା, ୧୯ ।୮ (ଏଜେନ୍ସି): କାନାଡ଼ାର ସୁରେ ସହରର ଏକ ପାର୍କରେ ଜଣେ ଯୁବତୀଙ୍କ ସହ ଅସଦାଚରଣ ମାମଲାରେ ପୁଲିସ ଜଣେ ୪୦ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ବ୍ୟକ୍ତିଙ୍କୁ ଗିରଫ କରିଛି । ସୂଚନା ଅନୁଯାୟୀ, ଯଗେନ୍ଦର କୁରାନା ନାମକ ଏହି ବ୍ୟକ୍ତି ଜଣକ ବେୟାର କ୍ରିକ୍ ପାର୍କରେ ଜଣେ ଯୁବତୀଙ୍କୁ ଅସାମାଜିକ ଭାବେ ସ୍ପର୍ଶ କରିବା ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ଥସୁରେ ପୁଲିସ ସର୍ଭିସ୍ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଥିଲା । ପୁଲିସ ସନ୍ଦିଗ୍ଧଙ୍କ ଫଟୋ ଜାରି କରିବା ସହ ଜନସାଧାରଣଙ୍କ ସହଯୋଗ ଲୋଡ଼ିଥିଲା । ପରେ ତାଙ୍କୁ ଚିହ୍ନଟ କରାଯାଇ ଅଗଷ୍ଟ ୧୨ରେ ଗିରଫ କରାଯାଇଥିଲା । ବ୍ରିଟିଶ କଲମ୍ବିଆ ପ୍ରୋସିକ୍ୟୁସନ ସର୍ଭିସ୍ ପକ୍ଷରୁ ତାଙ୍କ ବିରୋଧରେ ଯୌନ ନିର୍ଯାତନା ଏବଂ ଅସଦାଚରଣ ସମ୍ପର୍କିତ ଦୁଇଟି ଅପରାଧିକ ମାମଲା ରୁଜୁ କରାଯାଇଛି । ପୁଲିସ ଏହି ଘଟଣାର ଅଧିକ ତଦନ୍ତ ଜାରି ରଖିଥିବାବେଳେ ଅଭିଯୁକ୍ତଙ୍କୁ ହାଜତକୁ ପଠାଯାଇଛି ।

# କାହା କବ୍‌ଜାରେ ହର୍ମୁଜ?




■ ଆମେରିକା ନିୟନ୍ତ୍ରଣରେ ହର୍ମୁଜ: ଟ୍ରମ୍ପ
■ ସମାଧାନ ଯାଏଁ ବନ୍ଦ ରହିବ ହର୍ମୁଜ: ଇରାନ

ନୂଆଦିଲ୍ଲୀ, ୧୯ ।୮ (ଏଜେନ୍ସି): ବିଶ୍ୱର ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ବାଣିଜ୍ୟ ପଥ ଭାବେ ଜଣାଶୁଣା ହର୍ମୁଜ ପ୍ରଣାଳୀ ବର୍ତ୍ତମାନ ବିଶ୍ୱ ରାଜନୈତିକ ସଂଘର୍ଷର କେନ୍ଦ୍ରବିନ୍ଦୁ ପାଲଟିଛି । ଆମେରିକା ଏବଂ ଇରାନ ମଧ୍ୟରେ ବଢ଼ୁଥିବା ତିକ୍ତତା ଯୋଗୁଁ ବିଶ୍ୱ ସାମୁଦ୍ରିକ ପରିବହନ ଏବଂ ତୈଳ ବଜାରରେ ଅସ୍ଥିରତା ସୃଷ୍ଟି ହୋଇଛି । ଫଳରେ ବିଶ୍ୱ ବଜାରରେ ତୈଳ ସହିତ ମାଲ ପରିବହନ ଦର ଆକାଶଛୁଆଁ ହୋଇଛି । ଏପରି ସ୍ଥଳରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିକଟରେ ଘୋଷଣା କରିଛନ୍ତି ଯେ ହର୍ମୁଜ ସମ୍ପୂର୍ଣ୍ଣ ଭାବେ ଆମେରିକା ଅଧୀନରେ ଖୋଲା ଯାଇଛି ଏବଂ ସମସ୍ତ ସାମୁଦ୍ରିକ ମାଇନ୍ ହଟାଇ ଦିଆଯାଇଛି । ଏପରିକି ଆମେରିକା ପକ୍ଷରୁ ହର୍ମୁଜକୁ ନିଜ ମାନଚିତ୍ରରେ ଦେଖାଯାଇଛି । ତେବେ ଇରାନ ଏହି ଦାବିକୁ ପ୍ରତ୍ୟାଖ୍ୟାନ କରିଛି । ଇରାନ ସ୍ପଷ୍ଟ କରିଛି ଯେ ଯେପର୍ଯ୍ୟନ୍ତ ଆମେରିକା ତା'ର ବନ୍ଦରଗୁଡ଼ିକ ଉପରୁ ଅବରୋଧ ହଟାଇ ନାହିଁ ଏବଂ ଜବତ ହୋଇଥିବା ପାଣ୍ଠି ମୁକ୍ତ କରିନାହିଁ, ସେପର୍ଯ୍ୟନ୍ତ ଏହି ପଥ ଖୋଲିବାର ପ୍ରଶ୍ନ ଉଠୁନାହିଁ । ଇରାନର ଜଣେ ବରିଷ୍ଠ ଅଧିକାରୀଙ୍କ ଅନୁସାରେ, କୌଣସି ସମାଧାନର ବାଟ ଏଯାଏଁ ମିଳିପାରି ନାହିଁ । ତେଣୁ ଦେଶ ଏବେ ପୂର୍ଣ୍ଣ ଯୁଦ୍ଧ ଆଭିମୁଖ୍ୟ ଗ୍ରହଣ କରିଛି । ଫଳରେ ହର୍ମୁଜରେ ସାଧାରଣ ଯାତାୟାତ ଭୀଷଣ ବାଧାପ୍ରାପ୍ତ ହୋଇଛି । ଗତ ଦୁଇ ସପ୍ତାହ ମଧ୍ୟରେ ପ୍ରାୟ ୮୦% ଜାହାଜ ଓମାନ ରୁଟ୍ ବ୍ୟବହାର କରୁଛନ୍ତି । ଏହାକୁ ମଧ୍ୟ ଇରାନ ବିରୋଧ କରୁଛି । କିନ୍ତୁ ଆମେରିକା ନୌସେନା ସୁରକ୍ଷା ପ୍ରଦାନ କରୁଛି । କେତେକ ଜାହାଜ ଇରାନର ଆକ୍ରମଣରୁ ବଞ୍ଚିବା ପାଇଁ ନିଜର ବିପଜ୍ଜନକ ଭାବେ ଜାହଜ ଟ୍ରାନ୍ସପୋଣ୍ଡର ବନ୍ଦ କରି ଗୁପ୍ତରେ ଗତି କରୁଛନ୍ତି । ଏହି ଅନିଶ୍ଚିତତା ଯୋଗୁଁ ମାଲ ପରିବହନ ଦର ବହୁଗୁଣିତ ହୋଇଛି । ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ଗତ ତିନି ସପ୍ତାହର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି । ଅଶୋଧିତ ତୈଳ ବ୍ୟାରେଲ ପିଛା ୯୧ ଡଲାର ଅତିକ୍ରମ କରିଛି । ଏହି ଉତ୍ତେଜନା ନଥମିଲେ ତୈଳ ଦର ୧୦୦ ଡଲାର ଟପିଯିବାର ଆଶଙ୍କା ରହିଛି । ବିଶେଷଜ୍ଞଙ୍କ ଅନୁସାରେ, ଯଦିଓ ଆମେରିକା ଓ ଇରାନ ମଧ୍ୟରେ କିଛି ଚୁକ୍ତି ସ୍ୱାକ୍ଷରିତ ହୋଇଛି, ତାହା କେବଳ କାଗଜପତ୍ରରେ ସୀମିତ ରହିଛି । ସାମୁଦ୍ରିକ ପଥ ସମ୍ପୂର୍ଣ୍ଣ ସୁରକ୍ଷିତ ନହେବା ପର୍ଯ୍ୟନ୍ତ ବିଶ୍ୱ ଯୋଗାଣ ଶୃଙ୍ଖଳା ଏହି କ୍ଷମତା ସଂଘର୍ଷର ଶିକାର ହେବ ବୋଲି କୁହାଯାଇଛି ।

## ଜମ୍ମୁ-କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ: ଆମେରିକୀୟ ରାଷ୍ଟ୍ରଦୂତ

ଶ୍ରୀନଗର, ୧୯ ।୮ (ଏଜେନ୍ସି): ଆମେରିକାର ରାଷ୍ଟ୍ରଦୂତ ସର୍ଜିଓ ଗୋର ଶ୍ରୀନଗର ଗସ୍ତରେ ଆସିଛନ୍ତି । ସେ ଜମ୍ମୁ-କଶ୍ମୀରକୁ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ତଥା ଅବିଚ୍ଛେଦ୍ୟ ଅଂଶ ବୋଲି କହିଛନ୍ତି । ସୁରକ୍ଷା ସ୍ଥିତିରେ ଉନ୍ନତି ଆସିଥିବାରୁ ସେ ଆମେରିକୀୟ ନାଗରିକଙ୍କ ପାଇଁ ଯାତ୍ରା କଟକଣାକୁ କୋହଳ କରିବା ବିଷୟରେ ଚିନ୍ତା କରାଯିବ ବୋଲି ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲାଙ୍କୁ ଭେଟିବା ପରେ ଆମେରିକୀୟ ରାଷ୍ଟ୍ରଦୂତ ସର୍ଜିଓ ଗୋର କଶ୍ମୀର ଏକ ଅତି ସୁନ୍ଦର ସ୍ଥାନ ଏବଂ ଏହା ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ମତ ଦେଇଛନ୍ତି । ସୁରକ୍ଷା ବ୍ୟବସ୍ଥା ଭଲ ହେଉଥିବାରୁ ଆମେରିକା ପକ୍ଷରୁ ନାଗରିକମାନଙ୍କ ପାଇଁ ଜାରି କରାଯାଇଥିବା ଭ୍ରମଣ ପରାମର୍ଶ କୋହଳ କରାଯିବା ନେଇ ବିଚାର କରାଯିବ । ଅନ୍ୟପକ୍ଷରେ, ଅବଦୁଲ୍ଲା ସ୍ପଷ୍ଟ କରିଛନ୍ତି ଯେ କଶ୍ମୀରର ସମସ୍ୟାଗୁଡ଼ିକର ସମାଧାନ ଆମେରିକା ଦ୍ୱାରା ନୁହେଁ ବରଂ କେନ୍ଦ୍ର ସରକାରଙ୍କ ଦ୍ୱାରା କରାଯିବ । ଆମେରିକୀୟ ରାଷ୍ଟ୍ରଦୂତଙ୍କ ଏହି ଗସ୍ତ ଭାରତ ଓ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ଏବଂ କୂଟନୈତିକ ସମ୍ପର୍କକୁ ଆହୁରି ମଜବୁତ କରିବ ବୋଲି ଆଶା କରାଯାଉଛି ।

## ୯ ମାସ ପରେ ଭଉଣୀ, ପତ୍ନୀଙ୍କୁ ଦେଖିଲେ ଇମ୍ରାନ୍



ଇସ୍‌ଲାମାବାଦ୍, ୧୯ ।୮ (ଏଜେନ୍ସି): ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ଦୀର୍ଘ ନଅ ମାସର ବ୍ୟବଧାନ ପରେ ତାଙ୍କ ପତ୍ନୀ ଏବଂ ଭଉଣୀ ତାଙ୍କୁ ଜେଲରେ ଭେଟିଛନ୍ତି । ମଙ୍ଗଳବାର ଦିନ ପାକିସ୍ତାନର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଇମ୍ରାନ୍ ଖାନ୍‌ଙ୍କ ଭଉଣୀ ନୋରେନ୍ ନିଆଜି ଏବଂ ପତ୍ନୀ ବୁଶ୍ରା ବିବି ଆଦିଆଲା ଜେଲରେ ତାଙ୍କୁ ଭେଟିଛନ୍ତି । କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ପରିବାରବର୍ଗଙ୍କୁ ଭେଟିବା କୌଣସି ଅନୁକମ୍ପା ନୁହେଁ, ବରଂ ମୌଳିକ ଅଧିକାର । ଏହି ଭେଟଘାଟ ସମୟରେ ଉଭୟ ପକ୍ଷ ମଧ୍ୟରେ ସ୍ୱାସ୍ଥ୍ୟବସ୍ଥା ଏବଂ ଆଇନଗତ ବିଷୟରେ ଆଲୋଚନା ହୋଇଥିଲା । ସୁପ୍ରିମକୋର୍ଟ ଇମ୍ରାନ୍ ଖାନ୍‌ଙ୍କ ଚିକିତ୍ସା ପାଇଁ ତାଙ୍କୁ ଡାକ୍ତରଖାନାକୁ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜେଲ୍‌ର ମେଡିକାଲ୍ ରିପୋର୍ଟରେ ତାଙ୍କର ରକ୍ତଚାପ ଏବଂ ଚାପ ବୃଦ୍ଧି ପାଉଥିବା ନେଇ ଚିନ୍ତା ପ୍ରକାଶ ପାଇଥିଲା । ଏହି କାରଣରୁ ତାଙ୍କୁ ଶିଫା ଇଣ୍ଟରନ୍ୟାସନାଲ୍ ହସ୍ପିଟାଲକୁ ନିଆଯିବାର ବ୍ୟବସ୍ଥା କରାଯାଉଛି । ୨୦୨୩ ମସିହାରୁ ଇମ୍ରାନ୍ ଖାନ୍ ଜେଲରେ ଅଛନ୍ତି । ତାଙ୍କ ବିରୋଧରେ ତୋଶାଖାନା ମାମଲା ଏବଂ ଅଲ୍-କାଦିର ଟ୍ରଷ୍ଟ ମାମଲା ଭଳି ଅନେକ ଗୁରୁତର ଅଭିଯୋଗ ରହିଛି ଏବଂ ସେ ଏବଂ ତାଙ୍କ ଦଳ ଏହାକୁ ରାଜନୈତିକ ଷଡ଼ଯନ୍ତ୍ର ବୋଲି କହିଆସୁଛନ୍ତି । ସାମଗ୍ରିକ ଭାବେ ଦେଖିଲେ, ଆଇନଗତ ଲଢେଇ ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ଭିତରେ ଇମ୍ରାନ୍‌ଙ୍କ ପରିବାର ସହିତ ଏହି ସାକ୍ଷାତ୍ ଏକ ବଡ଼ ପରିବର୍ତ୍ତନ ଆଣିଛି । ଆଗାମୀ ଦିନରେ ତାଙ୍କ ଚିକିତ୍ସା ଏବଂ ମାମଲାର ଅଗ୍ରଗତି ଉପରେ ସମସ୍ତଙ୍କ ନଜର ରହିଛି ।

**ଜେଲରୁ ହସ୍ପିଟାଲକୁ ସ୍ଥାନାନ୍ତର ହେବେ**

## ୟୁପି ବନ୍ୟା ଘେରରେ ୧୭୩ଟି ଗ୍ରାମ, ୫ ହଜାର ସ୍ଥାନାନ୍ତରିତ



ଲକ୍ଷ୍ନୌ, ୧୯ ।୮ (ଏଜେନ୍ସି): ଉତ୍ତରପ୍ରଦେଶର ବିଭିନ୍ନ ଜିଲ୍ଲାରେ ବନ୍ୟା ପରିସ୍ଥିତି ଗମ୍ଭୀର ରହିଥିବାବେଳେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ରିପୋର୍ଟ ଅନୁଯାୟୀ, ରାଜ୍ୟର ୧୩ଟି ଜିଲ୍ଲାରେ ବନ୍ୟା ପ୍ରଭାବରେ ୧୭୩ଟି ଗ୍ରାମ କ୍ଷତିଗ୍ରସ୍ତ ହୋଇଛି ଏବଂ ପ୍ରାୟ ୪, ୮୪୫ ଜଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି । ପ୍ରାପ୍ତ ସୂଚନା ଅନୁଯାୟୀ, ବଦାଉଁ, ବାହରେଚ, ବଲିଆ, ବାରାବଙ୍କୀ, ବିଜନୌର, ଫରୁଖାବାଦ, ଗୌତମବୁଦ୍ଧ ନଗର, ଗୋଣ୍ଡା, କାସଗଞ୍ଜ, ଲକ୍ଷ୍ମୀପୁର ଖେରୀ, ମୁଜାଫରନଗର, ସୀତାପୁର ଏବଂ ଉନ୍ନାଓ ଆଦି ଜିଲ୍ଲାଗୁଡ଼ିକରେ ବନ୍ୟାର ପ୍ରଭାବ ଦେଖିବାକୁ ମିଳିଛି । ଗଙ୍ଗା, ଘାଘରା ଏବଂ ଶାରଦା ସମେତ ବିଭିନ୍ନ ପ୍ରମୁଖ ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ କିମ୍ବା ଆଖପାଖରେ ପ୍ରବାହିତ ହେଉଛି । ସ୍ଥିତି ଉପରେ ନଜର ରଖିବା ପାଇଁ ୧୬ଟି ଏନ୍‌ଡିଆର୍‌ଏଫ୍ ଟିମ୍, ଏସ୍‌ଡିଆର୍‌ଏଫ୍ ଏବଂ ପିଏସି ବାହିନୀ ମୁତୟନ କରାଯାଇଛି । ଏହାସହ ବନ୍ୟାଗ୍ରସ୍ତ ଅଞ୍ଚଳରେ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଶହ ଶହ ଡାକ୍ତରୀ ଦଳ ଏବଂ ଆମ୍ବୁଲାନ୍ସ ନିୟୋଜିତ କରାଯାଇଛି । ପ୍ରଶାସନ ପକ୍ଷରୁ ରିଲିଫ୍ କ୍ୟାମ୍ପ ସ୍ଥାପନ କରାଯିବା ସହ ଶୁଖିଲା ଖାଦ୍ୟ, ପିଇବା ପାଣି ଏବଂ ଜରୁରୀ ଔଷଧ ବଣ୍ଟନ କରାଯାଉଛି । ସ୍ଥିତି ଉପରେ କ୍ରମାଗତ ନୀରିକ୍ଷଣ କରାଯାଉଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ୧୦୭୦ ହେଲ୍ପଲାଇନ୍ ନମ୍ବର ମାଧ୍ୟମରେ ଲୋକଙ୍କୁ ସହାୟତା ଯୋଗାଇ ଦିଆଯାଉଛି ।

## କୁକୁର ପୋଷାକ ପିନ୍ଧି ଯୁବକଙ୍କ ବିକ୍ଷୋଭ

ଭୋପାଳ, ୧୯ ।୮ (ଏଜେନ୍ସି): ମଧ୍ୟପ୍ରଦେଶର ଖଣ୍ଡୱା ଜିଲ୍ଲା କଲେକ୍ଟରେଟ୍ କାର୍ଯ୍ୟାଳୟରେ ଏକ ଅଜବ ଏବଂ ଚାଞ୍ଚଲ୍ୟକର ପ୍ରତିବାଦ ଦେଖିବାକୁ ମିଳିଛି । ସହରରେ ବଢ଼ିଚାଲିଥିବା ବୁଲା କୁକୁରଙ୍କ ଉପଦ୍ରବ ଏବଂ ଏହାର ନିୟନ୍ତ୍ରଣ ନାମରେ ବ୍ୟାପକ ଦୁର୍ନୀତି ଅଭିଯୋଗ ଆଣି ଜଣେ ଯୁବକ କୁକୁର ପୋଷାକ ପିନ୍ଧି କାର୍ଯ୍ୟାଳୟକୁ ଆସିଥିଲେ । ପ୍ରାପ୍ତ ସୂଚନା ଅନୁଯାୟୀ, କୁକୁର ବନ୍ଧ୍ୟାକରଣ ନାମରେ ପ୍ରାୟ ୪୦ ଲକ୍ଷ ଟଙ୍କା ବିଲ୍ କରାଯାଇଥିବା ବେଳେ ବାସ୍ତବରେ କୌଣସି ପଦକ୍ଷେପ ନିଆଯାଇ ନାହିଁ ବୋଲି ପ୍ରତିବାଦକାରୀମାନେ ଅଭିଯୋଗ କରିଛନ୍ତି ।



ସହରରେ ହଜାର ହଜାର ଲୋକ କୁକୁର କାମୁଡ଼ାର ଶିକାର ହେଉଥିବା ବେଳେ ପୌର ନିଗମର ଖର୍ଚ୍ଚ ଏବଂ ବାସ୍ତବ ସ୍ଥିତିକୁ ନେଇ ପ୍ରଶ୍ନ ଉଠିଛି । ଖଣ୍ଡୱା ଅତିରିକ୍ତ କଲେକ୍ଟର କାଶୀ ରାମ ବାଡୋଲେ ଏହି ଅଭିଯୋଗକୁ ଗ୍ରହଣ କରି ପୌର କମିଶନରଙ୍କ ସହ ଆଲୋଚନା କରାଯାଇଛି ଏବଂ ତଦନ୍ତ ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ବୁଲା କୁକୁରଙ୍କ ଆତଙ୍କ ଏବଂ ପୌର ପରିଷଦର ବେପରୁଆ ଖର୍ଚ୍ଚକୁ ନେଇ ଜନସାଧାରଣଙ୍କ ମଧ୍ୟରେ ବଢ଼ୁଥିବା ଅସନ୍ତୋଷ ପ୍ରଶାସନ ପାଇଁ ଏକ ବଡ଼ ଚିନ୍ତାର ବିଷୟ ପାଲଟିଛି ।

## ମହୁଆଙ୍କ ବିରୋଧରେ କୋର୍ଟର ଗିରଫ ପରୱାନା ଜାରି

ନୂଆଦିଲ୍ଲୀ, ୧୯ ।୮ (ଏଜେନ୍ସି): ତୃଣମୂଳ କଂଗ୍ରେସ (ଟିଏମସି) ସାଂସଦ ମହୁଆ ମୋଇତ୍ରାଙ୍କ ଅଡୁଆ ବଢ଼ିବାରେ ଲାଗିଛି । ଏକ ହେଟ୍ ସ୍ପିଚ୍ ବା ଘୃଣାଭାଷଣ ମାମଲାରେ ବାରମ୍ବାର ସମନ ଜାରି କରାଯିବା ସତ୍ତ୍ୱେ ହାଜର ନ ହେବାରୁ ଏକ ପଶ୍ଚିମବଙ୍ଗ କୋର୍ଟ ତାଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଛନ୍ତି । ପ୍ରାପ୍ତ ସୂଚନା ଅନୁଯାୟୀ, ୨୦୨୫ ମସିହା ଅଗଷ୍ଟ ମାସରେ ନଦିଆଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଭାରତ-ବାଂଲାଦେଶ ସୀମା ଅନୁପ୍ରବେଶ ସମ୍ପର୍କରେ ମହୁଆ ଦେଇଥିବା ବିବାଦୀୟ ମନ୍ତବ୍ୟକୁ ନେଇ ଏହି ମାମଲା ରୁଜୁ ହୋଇଥିଲା । କୃଷ୍ଣନଗର କୋର୍ଟର ତୃତୀୟ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ କୋର୍ଟ କୋର୍ଟଙ୍କ ନିର୍ଦ୍ଦେଶକୁ ଅମାନ୍ୟ କରିବା ଏବଂ ବାରମ୍ବାର ହାଜର ନ ହେବା କାରଣରୁ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି । ଆଗାମୀ ଅଗଷ୍ଟ ୨୮ ତାରିଖ ସୁଦ୍ଧା ଏହାର କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ତାଙ୍କ ଓକିଲ ଅଦାଲତରେ ହାଜର ନ ହେବା ନେଇ ମତ ଦେଇଥିବାବେଳେ ମହୁଆ ଏହାକୁ ଏକ ବଙ୍ଗଳା ପ୍ରାଚୀନ ରୂଢ଼ି ବୋଲି ଦର୍ଶାଇ ନିଜର ସ୍ପଷ୍ଟୀକରଣ ରଖିଛନ୍ତି ।




## ଦକ୍ଷିଣପନ୍ଥୀଙ୍କ ଉତ୍ପାତ
## ଶିଶୁକନ୍ୟା ଓ ବିଦେଶୀ ପର୍ଯ୍ୟଟକଙ୍କୁ ଆକ୍ରମଣ

ପୁଣେ, ୧୯ ।୮ (ଏଜେନ୍ସି): ମହାରାଷ୍ଟ୍ରର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ସିଂହଗଡ଼ ଦୁର୍ଗରେ ପୋଷାକ ପିନ୍ଧିବାକୁ ନେଇ ପର୍ଯ୍ୟଟକଙ୍କୁ ଆକ୍ରମଣ ହୋଇଥିବା ଘଟଣା ସାମ୍ନାକୁ ଆସିଛି । କିଛି ଉପଦ୍ରବୀ ପର୍ଯ୍ୟଟକମାନଙ୍କୁ ଆକ୍ରମଣ କରିବା ସହ ପ୍ରାୟ ୨ ଘଣ୍ଟା ଧରି ହଇରାଣ କରିଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ପୁଣେର ହାଭେଲି ପୁଲିସ ୯ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଛି । ଗତ ଅଗଷ୍ଟ ୧୬ ରେ ଦୁର୍ଗ ପରିଦର୍ଶନରେ ଯାଇଥିବା ଏକ ପରିବାରକୁ କିଛି ଯୁବକ ଅଟକାଇଥିଲେ । ପରିବାରର ୮ ବର୍ଷର ଶିଶୁକନ୍ୟା ଛୋଟ ପ୍ୟାଣ୍ଟ ପିନ୍ଧିଥିବାରୁ ଏହି ଗୋଷ୍ଠୀ ଆପତ୍ତି ଉଠାଇଥିଲେ । ଏହାକୁ ନେଇ ଯୁକ୍ତିତର୍କ ଆରମ୍ଭ ହୋଇଥିଲା । ପରେ ଏହା ଶାରୀରିକ ଆକ୍ରମଣର ରୂପ ନେଇଥିଲା । ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଆକ୍ରମଣକାରୀମାନେ ନିଜକୁ 'ଫୋର୍ଟ କଞ୍ଜରଭେସନ ସୋସାଇଟି'ର ସଦସ୍ୟ ବୋଲି ଦାବି କରିଥିଲେ । ସେମାନେ ପର୍ଯ୍ୟଟକମାନଙ୍କ ପୋଷାକକୁ ଅଶୋଭନୀୟ କହିଥିଲେ । ପୁରୁଷଙ୍କ ସମେତ ମହିଳା, ଶିଶୁ ଏବଂ ବୃଦ୍ଧବୃଦ୍ଧାମାନଙ୍କୁ ମଧ୍ୟ ଦୁର୍ବ୍ୟବହାର କରିଥିଲେ । ପ୍ରାୟ ଦୁଇ ଘଣ୍ଟା ଧରି ଚାଲିଥିବା ଧମକଚମକ ଓ ମାଡ଼ପିଟ ଯୋଗୁଁ ପର୍ଯ୍ୟଟକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା । ତେବେ ସମ୍ପୃକ୍ତ ୯ ଅଭିଯୁକ୍ତଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ ହୋଇଛି ଏବଂ ଅଧିକ ତଦନ୍ତ ଜାରି ରହିଛି । ଏହି ଘଟଣା ପରେ ଦୁର୍ଗରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।



## ବାର୍ କାଉନସିଲ୍ ନିର୍ବାଚନରେ ଟିଏମ୍‌ସିର ବିପୁଳ ବିଜୟ

କଲିକତା, ୧୯ ।୮ (ଏଜେନ୍ସି): ପଶ୍ଚିମବଙ୍ଗର ରାଜନୈତିକ ମଇଦାନରେ ପୁଣି ଥରେ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନିଜର ପତିଆରା ଜାହିର କରିଛି । ନିକଟରେ ଅନୁଷ୍ଠିତ ପଶ୍ଚିମବଙ୍ଗ ବାର୍ କାଉନସିଲ୍ ନିର୍ବାଚନରେ ଦଳ ବିପୁଳ ବିଜୟ ହାସଲ କରିଛି । ସୂଚନା ଅନୁଯାୟୀ, ଏହି ନିର୍ବାଚନରେ ସିଏମ୍‌ସିର ପ୍ରାର୍ଥୀମାନେ ୨୩ଟି ମଧ୍ୟରୁ ମୋଟ ୧୫ଟି ଆସନରେ ବିଜୟୀ ହୋଇଛନ୍ତି । କ୍ଷମତାସୀନ ବିଜେପିକୁ ମାତ୍ର ତିନିଟି ସନ୍ତୁଷ୍ଟ ରହିବାକୁ ପଡ଼ିଛି । ବିଧାନସଭା ନିର୍ବାଚନରେ ଦଳ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇଥିଲା । ଏହାପରେ ଆଇନଜୀବୀ ସଂଘର ଏହି ନିର୍ବାଚନ ସଫଳତା ଦଳ ପାଇଁ ଏକ ବଡ଼ ଆଶ୍ୱସ୍ତି ଭାବେ ବିବେଚନା କରାଯାଉଛି । ଏହି ବିଜୟ ରାଜ୍ୟର ଆଇନଜୀବୀ ମହଲରେ ତୃଣମୂଳ କଂଗ୍ରେସର ବଢ଼ୁଥିବା ପତିଆରାକୁ ପ୍ରମାଣିତ କରିଛି । ବିରୋଧୀ ଦଳଗୁଡ଼ିକର କଡ଼ା ଟକ୍କର ସତ୍ତ୍ୱେ ଟିଏମ୍‌ସି ନିଜର ଗଡ଼ ରକ୍ଷା କରିବାରେ ସଫଳ ହୋଇଛି । ଏହି ସଫଳତା ଆଗାମୀ ଦିନରେ ରାଜ୍ୟ ରାଜନୀତିରେ ଦଳର ସ୍ଥିତିକୁ ଆହୁରି ମଜବୁତ କରିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି ।

**୨୩ରୁ ୧୫ଟି ଆସନ ଅକ୍ତିଆର କଲା ଦଳ**

## କଟକ ଓ ରାଉରକେଲାର ୨ ପ୍ରକଳ୍ପର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ଶୀଘ୍ର ଶେଷ ହେବ ଏସସିବିର ୪ଟି କ୍ଲିନିକାଲ ବ୍ଲକ

ଭୁବନେଶ୍ୱର,୧୯।୮(ସମିସ): କଟକସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲର ଉନ୍ନତିକରଣ ସହିତ ଏହାକୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା କେନ୍ଦ୍ରରେ ରୂପାନ୍ତରିତ କରିବା ମେଗା ପୁନଃବିକାଶ ପ୍ରକଳ୍ପ କାର୍ଯ୍ୟନ୍ୱୟନ ହେଉଛି। ଲୋକସେବା ଭବନଠାରେ ଏହାର ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଏସସିବି

- ଆଉ ଗୋଟିଏ ମେଡିସିନ୍ ବ୍ଲକ ନିର୍ମାଣ ଲାଗି ନିର୍ଦ୍ଦେଶ
- ଆଧ୍ୟାତ୍ମିକ ଶୈଳୀରେ ରୂପାନ୍ତରିତ ହେବ ହନୁମାନ ବାଟିକା

ମେଡିକାଲ ପରିସରରେ ୪ଟି ନୂତନ କ୍ଲିନିକାଲ୍ ବ୍ଲକ ଗୁଡିକ ଆସନ୍ତା ବର୍ଷ ଜୁନ୍ ସୁଦ୍ଧା ଶେଷ ହେବ। ଏହା ସହ ମେଡିସିନ୍ ବ୍ଲକ ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ବୈଠକରେ ପ୍ରଥମ ପର୍ଯ୍ୟାୟରେ ନିର୍ମାଣାଧୀନ ବହୁତଳ କାର ପାର୍କିଂ (ଏମଏଲସିପି) ଓ ହସ୍ପିଟାଲର ଆନୁଷଙ୍ଗିକ ଭିତ୍ତିଭୂମି ବିକାଶ କାର୍ଯ୍ୟର ଅଗ୍ରଗତି ନେଇ ବିସ୍ତୃତ ଆଲୋଚନା କରାଯାଇଛି।

ବୈଠକରେ ମୁଖ୍ୟମନ୍ତ୍ରୀ କ୍ଲିନିକାଲ ବ୍ଲକଗୁଡ଼ିକର ନୂତନ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହିତ ହସ୍ପିଟାଲ ସଂଲଗ୍ନ ତାଳଦଣ୍ଡା କେନାଲର ଦୁଇ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ସୁସଜ୍ଜିତ କରିବା, ଚଉଡ଼ା ରାସ୍ତା ନିର୍ମାଣ କରିବା ଏବଂ ସୌନ୍ଦର୍ଯ୍ୟକରଣ କରି ମନୋରମ ପରିବେଶ ସୃଷ୍ଟି କରାଯିବା ଉପରେ



ଗୁରୁତ୍ୱ ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ନିର୍ମାଣାଧୀନ ବହୁତଳ କାର ପାର୍କିଂ (ଏମଏଲସିପି) ଏବଂ ତାଳଦଣ୍ଡା କେନାଲ ସଂଯୋଜିତ ଟ୍ରାଫିକ କରିଡର କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ନିର୍ମାଣ ହେଉଥିବା ପାର୍କିଂ ବ୍ୟବସ୍ଥା ଦ୍ୱାରା ଏସସିବି ଏବଂ ନିକଟସ୍ଥ ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନକୁ ଆସୁଥିବା ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟଙ୍କ ପାଇଁ ଟ୍ରାଫିକ ସମସ୍ୟା ଦୂର ହୋଇପାରିବ। ଏଥିସହିତ ମେଡିକାଲ ସଂଲଗ୍ନ ବୋଷ ଇଞ୍ଜିନିୟରିଂ ସ୍କୁଲ, ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟ ଏବଂ ଓଡ଼ିଶା ରାଜ୍ୟ ସାମୁଦ୍ରିକ ସଂଗ୍ରହାଳୟ ଅଞ୍ଚଳଗୁଡ଼ିକର ସମନ୍ୱିତ ପାର୍ଶ୍ୱବର୍ତ୍ତୀ ବିକାଶ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ମଧ୍ୟ ଏଥିସହିତ ସଂଯୋଜିତ କରାଯାଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଗୁଣବତ୍ତା ବଜାୟ ରଖି ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ରାଉରକେଲାର ପ୍ରସିଦ୍ଧ ଧାର୍ମିକ ପର୍ଯ୍ୟଟନସ୍ଥଳୀ ହନୁମାନ ବାଟିକାର ବିକାଶ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ରୂପାନ୍ତରଣକୁ ନେଇ ଏହି ବୈଠକରେ ଆଲୋଚନା କରାଯାଇଛି। ଓଡ଼ିଶା ବ୍ରିଜ୍ ଆଣ୍ଡ କନଷ୍ଟ୍ରକ୍ସନ କର୍ପୋରେସନ ଲିମିଟେଡ ଦ୍ୱାରା ହାତକୁ ନିଆଯାଉଥିବା ନୂତନ ନିର୍ମାଣ କାର୍ଯ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ଶୈଳୀ ଓ ଭାବନାକୁ ଆଧାର କରି ଗଢ଼ିତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। । ଏଥିସହିତ ବାଟିକା ବାହାରେ ଥିବା ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ସୌନ୍ଦର୍ଯ୍ୟକରଣ, ପ୍ରଶସ୍ତ ଗମନାଗମନ ପଥ ଏବଂ ଆଲୋକୀକରଣ କାର୍ଯ୍ୟ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ସ୍ୱାସ୍ଥ୍ୟ ବିଭାଗର କମିଶନର ଅଶ୍ୱଥି ଏସଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

## ଜଟଣୀରେ ହୋମିଭାବା କ୍ୟାନ୍‌ସର ହସ୍ପିଟାଲ ଓ ଗବେଷଣା କେନ୍ଦ୍ର ପାଇଁ ଅର୍ଥ ଯୋଗାଇଦେବେ ସରକାର

ଭୁବନେଶ୍ୱର,୧୯।୮(ସମିସ): ଜଟଣୀଠାରେ ପ୍ରତିଷ୍ଠା ହେବାକୁ ଯାଉଥିବା ହୋମିଭାବା କ୍ୟାନସର୍ ହସ୍ପିଟାଲ ଓ ଗବେଷଣା କେନ୍ଦ୍ର ପାଇଁ ଆବଶ୍ୟକ ଅତିରିକ୍ତ ଅର୍ଥ ରାଜ୍ୟ ସରକାର ନିଜସ୍ୱ ବଜେଟରୁ ଯୋଗାଇ ଦେବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ନୀତିଗତ ନିଷ୍ପତ୍ତି ନିଆଯାଇଛି।

ସୂଚନାଯୋଗ୍ୟ ଯେ ଏହି ହସ୍ପିଟାଲଟି ପ୍ରସିଦ୍ଧ କ୍ୟାନସର୍ ଚିକିତ୍ସାଳୟ ଟାଟା ମେମୋରିଆଲ ସେଣ୍ଟର ଭଳି ଭାରତ ସରକାରଙ୍କ ଆଣବିକ ଶକ୍ତି ବିଭାଗ ଅଧୀନରେ ପ୍ରତିଷ୍ଠା କରାଯାଉଛି। ଏହି ହସ୍ପିଟାଲରେ ପୂର୍ବରୁ ଶଯ୍ୟା ସଂଖ୍ୟା ୨୦୦ ରଖାଯାଇଥିଲା, ତେବେ ପରବର୍ତ୍ତୀ ସମୟରେ ଏହାକୁ ୩୮୫କୁ ବୃଦ୍ଧି କରାଯାଇଛି। ଏହି ନିର୍ମାଣ ପାଇଁ ଖର୍ଚ୍ଚ ଆକଳନ ବୃଦ୍ଧି ପାଇଛି। ଏଥିପାଇଁ ଟାଟା ଷ୍ଟିଲ ଫାଉଣ୍ଡେସନ୍ ପକ୍ଷରୁ ମଧ୍ୟ ଅର୍ଥ ଯୋଗାଇ ଦିଆଯାଉଛି। ତେବେ ଯେଉଁ ଅତିରିକ୍ତ ଅର୍ଥରାଶି ଆବଶ୍ୟକ ହେବ, ଓଡ଼ିଶା ସରକାର ତାକୁ ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ନୀତିଗତ ନିଷ୍ପତ୍ତି ନେଇଛନ୍ତି । ହସ୍ପିଟାଲର ଶଯ୍ୟା କ୍ଷମତା ବୃଦ୍ଧି ଓ ଅନ୍ୟାନ୍ୟ ଭିତ୍ତିଭୂମି ଉପକରଣ ପାଇଁ ଏହି ଅର୍ଥ ବିନିଯୋଗ ହେବ। ସୂଚନାଯୋଗ୍ୟ ଯେ ମୁମ୍ବାଇ ସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସିତ ହେବା ପାଇଁ ବହୁ ସଂଖ୍ୟକ ଓଡ଼ିଆ ରୋଗୀ ପ୍ରତିଦିନ ଯାଇଥାନ୍ତି। ଜଟଣୀରେ ଏହି ହସ୍ପିଟାଲ ପ୍ରତିଷ୍ଠା ପରେ ଏହାଦ୍ୱାରା କେବଳ ଓଡ଼ିଶାର ରୋଗୀମାନେ ନୁହେଁ ବରଂ ପୂର୍ବ ଭାରତର ସମସ୍ତ କର୍କଟ ରୋଗୀ ଉପକୃତ ହେବେ। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି।

- ରାମ ମନ୍ଦିର ଚାନ୍ଦା ଚୋରି ମାମଲା

## ସୁପ୍ରିମକୋର୍ଟ ବିଚାରପତିଙ୍କ ଦ୍ୱାରା ଅନୁସନ୍ଧାନ ହେଉ: କଂଗ୍ରେସ

ଭୁବନେଶ୍ୱର,୧୯।୮(ସମିସ): ଅଯୋଧ୍ୟା ରାମ ମନ୍ଦିର ଚାନ୍ଦାଚୋରୀ ଅଭିଯୁକ୍ତ ରାମ ମନ୍ଦିର ଟ୍ରଷ୍ଟର ତତ୍କାଳୀନ ସାଧାରଣ ସମ୍ପାଦକ ଚମ୍ପତ ରାୟ ଏବଂ ସହଯୋଗୀ ଅନୀଲ ମିଶ୍ରଙ୍କୁ ଏସଆଇଟି ପକ୍ଷରୁ କ୍ଲିନ ଚିଟ ପ୍ରଦାନ କରାଯାଇଛି। ଏହାକୁ ବିରୋଧ କରିବା ସହ ଏହି ମାମଲାକୁ ସୁପ୍ରିମକୋର୍ଟର କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ଅନୁସନ୍ଧାନ କରାଯାଉ ବୋଲି ରାଜ୍ୟ କଂଗ୍ରେସ ଦାବି କରିଛି। ବୁଧବାର କଂଗ୍ରେସ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଓପିସିସି ମୁଖପାତ୍ର ସୋନାଲି ସାହୁ କହିଛନ୍ତି, ରାମ ମନ୍ଦିରରୁ ଚୋରି ଘଟଣା ଆସିବା ପରେ ଭାରତର ୮୪ କୋଟି ହିନ୍ଦୁଙ୍କ ଆସ୍ଥା ଓ ବିଶ୍ୱାସକୁ ଗଭୀର ଆଘାତ ଲାଗିଛି। ଏହି ଘଟଣାରେ ପୁଲିସ ମାମଲା ରୁଜୁ କରି ୮ ଜଣଙ୍କୁ ଗିରଫକରିବା ସହ ତଦନ୍ତ ସମୟରେ ଚମ୍ପତ ରାୟ ଓ ଅନୀଲ ମିଶ୍ରଙ୍କୁ ମଧ୍ୟ ପ୍ରମୁଖ ଅଭିଯୁକ୍ତ ଭାବେ ପୁଲିସ ପଚରା ଉଚୁରା କରିଥିଲା। ଯେତେବେଳେ ଚାରିଆଡୁ ଚାପ ବଢିଲା ସେତେବେଳେ ଚମ୍ପତ ରାୟ ଟ୍ରଷ୍ଟର ମହା ସଚିବ ପଦରୁ ଇସ୍ତଫା



ଦେଇଥିଲେ। ସାରା ଦେଶରେ ଏହି ଘଟଣାକୁ ନେଇ ବିରୋଧ ହେବା ପରେ ସରକାର ଚାପର ବଶବର୍ତ୍ତୀ ହୋଇ ଏହି ଘଟଣାର ତଦନ୍ତ ପାଇଁ ଏସଆଇଟି ଗଠନ କରିଥିଲେ।

ତେବେ ଗଠିତ ଏସଆଇଟିର ମୁଖ୍ୟ ବିବି ପନ୍ଥ, ମିରଟର ଆରଡିସି ଥିଲାବେଳେ ଏକ ସ୍କାମ୍‌ରେ ସମ୍ପୃକ୍ତ ଯୋଗୁଁ ତାଙ୍କ ନାମରେ ଏଫଆଇଆର ଏବଂ ଏଥିରେ ତାଙ୍କୁ ୧୪ ନମ୍ବର ଅଭିଯୁକ୍ତ ରୂପେ ଦର୍ଶାଯାଇଥିଲା। ଏବେ ଏହି ଏସ୍‌ଆଇଟି ଚମ୍ପତ ରାୟଙ୍କୁ କ୍ଲିନ୍ ଚିଟ୍ ଦେଇଛି। ଯାହାକୁ ନେଇ କଂଗ୍ରେସ ପ୍ରଶ୍ନ ଉଠାଇଛି। ଏହି ସମ୍ମିଳନୀରେ ଓପିସିସି ରିସର୍ଚ୍ଚ ବିଭାଗ ଅଧ୍ୟକ୍ଷ ନଳିନୀ ରଞ୍ଜନ ମହାନ୍ତି କହିଥିଲେ ଯେ, ରାମ ମନ୍ଦିର ତିଆରି ଏବଂ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ପ୍ରଧାନମନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ହେଉଥିଲା। ତେଣୁ ଏହି ଘଟଣା ପାଇଁ ସେ ଦାୟୀ। ମନ୍ଦିର ନାମରେ ଯେଉଁ ଚାନ୍ଦା ଚୋରି ହେଲା ଏଥିପାଇଁ ପ୍ରଧାନମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି। ଓପିସିସିର ଅନ୍ୟତମ ମୁଖପାତ୍ର ଜଗଦାନନ୍ଦ ପ୍ରଧାନ ଏସଆଇଟିକୁ ତୁରନ୍ତ ବାତିଲ କରି ଅଭିଯୁକ୍ତ ଚମ୍ପତ ରାୟ ଏବଂ ଅନୀଲ ମିଶ୍ରଙ୍କୁ ଗିରଫ କରନ୍ତୁ ବୋଲି ଦାବି କରିବା ସହ ସୁପ୍ରିମ କୋର୍ଟର ଜଣେ କାର୍ଯରତ ବିଚାରପତିଙ୍କ ପ୍ରତକ୍ଷ ତତ୍ତ୍ୱାବଧାନରେ ଏହି ଅନୁସନ୍ଧାନ କରିବାକୁ ଦଳ ଦାବି କରିଛି।

## ଅପହରଣ ଉଦ୍ୟମ ପଣ୍ଡ

# ସ୍କୁଲରେ ଛାତ୍ରୀଙ୍କୁ ନିଶା ଚକୋଲେଟ; ୩ ଗୁରୁତର

ବାରିପଦା/ରାଇରଙ୍ଗପୁର,୧୯।୮(ସମିସ): ମୟୂରଭଞ୍ଜ ଜିଲ୍ଲା ତିରିଂ ଥାନା ତଥା ବହଳଦା ବ୍ଲକ ଅନ୍ତର୍ଗତ ବଡ଼ପଳସା ଗ୍ରାମପଞ୍ଚାୟତର ବୁରୁପଳସା ପ୍ରାଥମିକ ବିଦ୍ୟାଳୟ ପରିସରରେ ଛାତ୍ରୀଙ୍କୁ ନିଶା ଚୋକଲେଟ ଖୁଆଇ ଦୁର୍ବୃତ୍ତ ଫେରାର ହୋଇଯିବା ଘଟଣାକୁ ନେଇ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି ହୋଇଛି। ଚକୋଲେଟ ଖାଇବା ପରେ ତିନିଜଣ ଛାତ୍ରୀ ଅସୁସ୍ଥ ହୋଇ ଅଚେତ ହୋଇପଡ଼ିଥିବା ବେଳେ ସେମାନଙ୍କୁ ପ୍ରଥମେ ବହଳଦା ଡାକ୍ତରଖାନା ଓ ପରେ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ଗିଦିଘାଟୀରୁ ବଡ଼ପଳସା ଦେଇ ରତନସାହିକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାକଡ଼ରେ ଥିବା ବୁରୁପଳସା ପ୍ରାଥମିକ ବିଦ୍ୟାଳୟକୁ ଛାତ୍ରଛାତ୍ରୀ ସକାଳୁ ଆସି ବିଦ୍ୟାଳୟ ଖୋଲିବା ପୂର୍ବରୁ ପରିସରରେ ଖେଳାଖେଳି କରୁଥିଲେ। ଏହି ସମୟରେ ଏକ ଧଳା ସ୍କୁଟିରେ ତିନିଜଣ ଅଜଣା ବ୍ୟକ୍ତି ସେଠାରେ ପହଞ୍ଚିଥିଲେ। ସେମାନେ ତିନିଜଣ ଛାତ୍ରୀଙ୍କୁ ଜୋରଜବରଦସ୍ତ ଚକୋଲେଟ ଖୁଆଇ ସେଠାରୁ ଚାଲିଯାଇଥିବା ଅଭିଯୋଗ ହୋଇଛି। ଚୋକଲେଟ ଖାଇବାର କିଛି ସମୟ ପରେ ଛାତ୍ରୀମାନଙ୍କ ମୁଣ୍ଡ ବୁଲାଇବା ସହ ସେମାନେ ଅସୁସ୍ଥ ହୋଇପଡ଼ିଥିଲେ। ପ୍ରଧାନଶିକ୍ଷକ ବିଦ୍ୟାଳୟରେ ପହଞ୍ଚିବା ବେଳକୁ ତିନିଜଣ ଛାତ୍ରୀ ଅଚେତ ଅବସ୍ଥାରେ ଥିଲେ। ଶିକ୍ଷକମାନେ ତୁରନ୍ତ ସେମାନଙ୍କୁ ବହଳଦା ଡାକ୍ତରଖାନାକୁ ନେଇ ଭର୍ତ୍ତି କରିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ବହଳଦା ଓ ତିରିଂ ଥାନା ପୁଲିସ ଡାକ୍ତରଖାନାରେ ପହଞ୍ଚି ଘଟଣା ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ଗୁରୁତର ଛାତ୍ରୀମାନେ ହେଲେ ସୁଗୀ ମୁର୍ମୁ, ବାସନ୍ତୀ ମାଣ୍ଡି ଓ ପାର୍ବତୀ ହେମ୍ବ୍ରମ। ସମସ୍ତେ ପଞ୍ଚମ ଶ୍ରେଣୀର ଛାତ୍ରୀ। ବହଳଦା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଯାଇଛି। ତେବେ ଘଟଣାକୁ ନେଇ ତିରିଂ ଥାନାରେ ଏଯାବତ୍ କୌଣସି ଲିଖିତ ଅଭିଯୋଗ ହୋଇନଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ, ଚୋକଲେଟରେ କୌଣସି ନିଶାଦ୍ରବ୍ୟ ମିଶିଥିଲା କି ନାହିଁ, ତାହା ପରୀକ୍ଷା ପରେ ସ୍ପଷ୍ଟ ହେବ। ଘଟଣା ପଛରେ ଛାତ୍ରୀମାନଙ୍କୁ ଅପହରଣ ଉଦ୍ୟମ ଥାଇପାରେ ବୋଲି ଅଭିଭାବକମାନେ ଆଶଙ୍କା ପ୍ରକାଶ କରିଛନ୍ତି। ପୁଲିସ ଘଟଣାର ତଦନ୍ତ କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଠାବ କରିବା ସହ ଘଟଣାର ପ୍ରକୃତ କାରଣ ସ୍ପଷ୍ଟ କରିବାକୁ ସାଧାରଣରେ ଦାବି ହୋଇଛି।

## ନିଜ ଆଦେଶର ବିଚାର କରିପାରିବେନି ଅଧିକାରୀ: ହାଇକୋର୍ଟ

କଟକ.୧୯।୮(ସମିସ): ଯେଉଁ ଅଧିକାରୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆଦେଶ ଦେଇଥିଲେ ସେହି ଅଧିକାରୀ ପରବର୍ତ୍ତୀ ସମୟରେ ପଦୋନ୍ନତି ପାଇଁ ଅପିଲ୍ କର୍ତ୍ତୃପକ୍ଷ ଭାବେ ଉକ୍ତ ଆଦେଶର ବିଚାର କରିବା ବେଆଇନ ଓ ପକ୍ଷପାତପୂର୍ଣ୍ଣ ବୋଲି କହିଛନ୍ତି ହାଇକୋର୍ଟ। କୌଣସି ବ୍ୟକ୍ତି ନିଜ ମାମଲାରେ ନିଜେ ବିଚାରକ ହୋଇପାରିବେ ନାହିଁ ବୋଲି କହିବା ସହ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଏବଂ ଅପିଲ୍ ପ୍ରକ୍ରିୟାକୁ ନେଇ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ପ୍ରସନ୍ନ କୁମାର ପତିଙ୍କ ତରଫରୁ ଦାୟର ଏକ ଆବେଦନର ଶୁଣାଣି କରି ଜଷ୍ଟିସ୍ ଭି. ନରସିଂହ ଏହି ରାୟ ଦେଇଛନ୍ତି। ଅପିଲ୍ କର୍ତ୍ତୃପକ୍ଷଙ୍କ ଗତ ୨୦୧୬ଏପ୍ରିଲ ୨୩ର ଆଦେଶକୁ ରଦ୍ଦ କରିବା ସହ ଆବେଦନକୁ ନୂତନ ଅପିଲ୍ କର୍ତ୍ତୃପକ୍ଷଙ୍କ ନିକଟକୁ ପୁନଃବିଚାର ପାଇଁ ପଠାଇଛନ୍ତି। ନୂତନ ଅପିଲ୍ କର୍ତ୍ତୃପକ୍ଷ ଆବେଦନକାରୀଙ୍କୁ ପକ୍ଷ ରଖିବାର ପୂର୍ଣ୍ଣ ସୁଯୋଗ ଦେଇ ଦୁଇ ମାସ ମଧ୍ୟରେ ନୂତନ ଆଦେଶ ଜାରି କରିବେ। ଏହି ଆବେଦନର ଚୂଡ଼ାନ୍ତ ନିଷ୍ପତ୍ତି ଉପରେ ଆବେଦନକାରୀଙ୍କ ଚାକିରି ବରଖାସ୍ତ ଆଦେଶର ଭବିଷ୍ୟତ ନିର୍ଭର କରିବ ବୋଲି କହିଛନ୍ତି ହାଇକୋର୍ଟ। ମାମଲାରୁ ପ୍ରକାଶ ଯେ ଆବେଦନକାରୀ ପ୍ରସନ୍ନ କୁମାର ପତି ସେସୁ ତଥା ଟିପିସିଓଡିଏଲ ଅଧୀନରେ ଲାଇନ୍‌ମ୍ୟାନ୍-ଏ ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ବିରୋଧରେ ଅର୍ଥ ହେରଫେର ଅଭିଯୋଗରେ ୨୦୦୭ ଏବଂ ୨୦୦୮ରେ ଦୁଇଟି ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଥିଲା। ତଦନ୍ତ ପରେ, ୨୦୧୧ ଡିସେମ୍ବରରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କର୍ତ୍ତୃପକ୍ଷ ତାଙ୍କୁ ଚାକିରିରୁ ବରଖାସ୍ତ କରିବା ପାଇଁ ଆଦେଶ ଦେଇଥିଲେ। ଏହି ନିଷ୍ପତ୍ତି ବିରୋଧରେ ସେ ଅପିଲ୍ କରିଥିଲେ। ଯେଉଁ ଅଧିକାରୀ ଡିସିପ୍ଲିନାରୀ କର୍ତ୍ତୃପକ୍ଷ ଭାବେ ତାଙ୍କୁ ଚାକିରିରୁ ବରଖାସ୍ତ କରିଥିଲେ, ସେହି ଅଧିକାରୀ ପରବର୍ତ୍ତୀ ସମୟରେ ପଦୋନ୍ନତି ପାଇ ଅପିଲ୍ କର୍ତ୍ତୃପକ୍ଷ ଭାବେ ଅବସ୍ଥାପିତ ହୋଇଥିଲେ। ଗତ୨୦୧୬ ଏପ୍ରିଲ ୨୩ରେ ନିଜେ ଦେଇଥିବା ବରଖାସ୍ତ ଆଦେଶକୁ ଅପିଲ୍‌ରେ କାଏମ ରଖି ଆବେଦନକୁ ଖାରଜ କରିଦେଇଥିଲେ। ଏହାକୁ ଆବେଦନକାରୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

## ଓଡିଶା ପୁଲିସ୍ ପୂର୍ବାଞ୍ଚଳ ରେଞ୍ଜରେ ୧୨ ଜଣ ଅଧିକାରୀଙ୍କ ବଦଳି

ବାରିପଦା/ବାଲେଶ୍ୱର, ୧୯।୮(ସମିସ): ଓଡିଶା ପୁଲିସ୍ ପୂର୍ବାଞ୍ଚଳ ରେଞ୍ଜ ମୁଖ୍ୟାଳୟ, ବାଲେଶ୍ୱର ପକ୍ଷରୁ ବୁଧବାର ରେଞ୍ଜ ପୁଲିସ୍ ଏଷ୍ଟାବ୍ଲିସ୍‌ମେଣ୍ଟ ବୋର୍ଡର ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ସବ ଇନିସପେକ୍ଟର ଓ ଇନିସପେକ୍ଟର ପଦବୀରେ ଥିବା ୧୨ ଜଣ ଅଧିକାରୀଙ୍କୁ ବିଭିନ୍ନ ଜିଲ୍ଲା ମଧ୍ୟରେ ବଦଳି କରାଯାଇଛି। ଏହି ବୈଠକ ଭର୍ଚୁଆଲ୍ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ବୋର୍ଡର ଅଧ୍ୟକ୍ଷ ପୂର୍ବାଞ୍ଚଳ ରେଞ୍ଜର ଡିଆଇଜି ପିନାକ ମିଶ୍ର, ସଦସ୍ୟ ମୟୂରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଟୁପଲ୍ଲି, ବାଲେଶ୍ୱର ଏସ୍‌ପି ପ୍ରତ୍ୟୁଷ ଦିୱାକର, ରାଇରଙ୍ଗପୁର ଏସ୍‌ପି ସୁରେଶ କୁମାର ପାତ୍ର, ଓ ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ ଯୋଗଦେଇ ବଦଳି ଆଦେଶରେ ନିଷ୍ପତ୍ତି ନେଇଛନ୍ତି ।

ଇନ୍‌ସ୍‌ପେକ୍ଟର ସଞ୍ଜୁକ୍ତା ମହାଲିକଙ୍କୁ ରାଇରଙ୍ଗପୁରରୁ ବାଲେଶ୍ୱର, ଇନ୍‌ସ୍‌ପେକ୍ଟର ଗୋପାଳ କୃଷ୍ଣ ଜେନାଙ୍କୁ ଭଦ୍ରକରୁ ବାଲେଶ୍ୱର, ଇନ୍‌ସ୍‌ପେକ୍ଟର ପ୍ରକାଶ କୁମାର ରଥଙ୍କୁ ମୟୂରଭଞ୍ଜରୁ ରାଇରଙ୍ଗପୁର, ଇନ୍‌ସ୍‌ପେକ୍ଟର ବାରିଣୀ ଦାସଙ୍କୁ ମୟୂରଭଞ୍ଜରୁ ରାଇରଙ୍ଗପୁର, ଇନ୍‌ସ୍‌ପେକ୍ଟର ସଦାନନ୍ଦ ନାଏକଙ୍କୁ ମୟୂରଭଞ୍ଜରୁ ରାଇରଙ୍ଗପୁର, ଇନ୍‌ସ୍‌ପେକ୍ଟର ଜୀବନ ମୋହନ ନାୟକଙ୍କୁ ମୟୂରଭଞ୍ଜରୁ ରାଇରଙ୍ଗପୁର, ଇନ୍‌ସ୍‌ପେକ୍ଟର ବିମଳ କୁମାର ନାୟକଙ୍କୁ ବାଲେଶ୍ୱରରୁ ଭଦ୍ରକ, ଇନ୍‌ସ୍‌ପେକ୍ଟର ସୁଚନ୍ଦ୍ରା ମହାଲିକଙ୍କୁ ବାଲେଶ୍ୱରରୁ ମୟୂରଭଞ୍ଜ, ଏସ୍‌ଆଇ ସୁବାସ ଚନ୍ଦ୍ର ମଲ୍ଲିକଙ୍କୁ ବାଲେଶ୍ୱରରୁ ଭଦ୍ରକ, ଏସ୍‌ଆଇ ଭାଗ୍ୟଜିତ ନାୟକଙ୍କୁ ଭଦ୍ରକରୁ ବାଲେଶ୍ୱର, ଏସ୍‌ଆଇ ରସାନନ୍ଦ ନାୟକଙ୍କୁ ଭଦ୍ରକରୁ ମୟୂରଭଞ୍ଜ ଓ ଏସ୍‌ଆଇ ମୋବାସର ଆଲମ ଖାନଙ୍କୁ ମୟୂରଭଞ୍ଜରୁ ଭଦ୍ରକ ପୁଲିସ ଜିଲ୍ଲାକୁ ବଦଳି କରାଯାଇଛି । ବୋର୍ଡ ବିଦ୍ୟମାନ ଖାଲି ପଦ, ପ୍ରଶାସନିକ ଆବଶ୍ୟକତା, ବ୍ୟକ୍ତିଗତ ଆବେଦନ ଓ ଲୋକସେବାର ସ୍ୱାର୍ଥକୁ ଧ୍ୟାନରେ ରଖି ଏହି ବଦଳି ନିଷ୍ପତ୍ତି ନେଇଛି।

## ପରଲୋକରେ ପୂର୍ବତନ ବିଧାୟକ ଶିବାଜୀ ମାଝୀ

ଲାଞ୍ଜିଗଡ଼,୧୯।୮(ସମିସ): କଳାହାଣ୍ଡି ଜିଲ୍ଲା ତଥା ଲାଞ୍ଜିଗଡ଼ ଅଞ୍ଚଳ ପାଇଁ ଆଜି ଏକ ଅପୂରଣୀୟ କ୍ଷତି। ପୂର୍ବତନ ଲାଞ୍ଜିଗଡ଼ ବିଧାୟକ ତଥା ପୂର୍ବତନ ସ୍ୱତନ୍ତ୍ର ଅନୁସୂଚିତ ଜାତି ଓ ଜନଜାତି ପରିଷଦ ଅଧ୍ୟକ୍ଷ ଶିବାଜୀ ମାଝୀ(୫୪)ଙ୍କର ମଙ୍ଗଳବାର ବିଳମ୍ବିତ ରାତିରେ ନିଜ ଗାଁ ବିଜେପୁର ପଞ୍ଚାୟତସ୍ଥିତ ଦନାରଗୁଡ଼ାରେ ପରଲୋକ ଘଟିଛି। କିଛିଦିନ ତଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ଭବାନୀପାଟଣା ଏବଂ ସେଠାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସା ପରେ ଡିସଚାର୍ଜ ହୋଇ ସେ ନିଜ ଗାଁକୁ ଫେରିଥିଲେ। ମଙ୍ଗଳବାର ରାତି ୨ଟା ସମୟରେ ତାଙ୍କର ଦେହାନ୍ତ ହୋଇଛି। ଓଡ଼ିଶା ରାଜନୀତିରେ ନିଜର କ୍ୟାରିୟର ଆରମ୍ଭ କରି ଲାଞ୍ଜିଗଡ଼ ନୂତନ ନିର୍ବାଚନମଣ୍ଡଳୀ ଗଠନ ପରେ ୨୦୦୯



- କର୍ମନିଷ୍ଠ ଜନସେବକଙ୍କୁ ହରାଇଲା କଳାହାଣ୍ଡି
- ନିଜ ଗାଁରେ ନେଲେ ଶେଷ ନିଃଶ୍ୱାସ, ଆଦିବାସୀ ବିକାଶର ଥିଲେ ଅଗ୍ରଦୂତ

ରୁ ୨୦୧୪ ପର୍ଯ୍ୟନ୍ତ କଂଗ୍ରେସରୁ ସେ ଲାଞ୍ଜିଗଡ଼ର ପ୍ରଥମ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ ଲାଞ୍ଜିଗଡ଼ ଓ ଥୁଆମୂଳ ରାମପୁର, ଜୟପାଟଣା, ଆଦିବାସୀ ବହୁଳ ଓ ଦୁର୍ଗମ ଅଞ୍ଚଳର ବିକାଶ ପାଇଁ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦେବା ପରେ କଳାହାଣ୍ଡି ଜିଲ୍ଲାରେ ସ୍ୱତନ୍ତ୍ର ଅନୁସୂଚିତ ଜାତି ଓ ଜନଜାତି ପରିଷଦ ଗଠନ ହେବାପରେ ସେ ଏହାର ପ୍ରଥମ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ତାଙ୍କ ସମୟରେ ଜିଲ୍ଲାର ଆଦିବାସୀ ଓ ଦଳିତ ଅଞ୍ଚଳର ବିକାଶ ପାଇଁ ସେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିଲେ। ବିଧାୟକ ହେବାପରେ ମଧ୍ୟ ସେ ସବୁବେଳେ ସରଳ ଜୀବନ ଯାପନ କରୁଥିଲେ। ତାଙ୍କର ଲୋକସମ୍ପର୍କ ଓ ସ୍ନେହମୟୀ ବ୍ୟକ୍ତିତ୍ୱ ପାଇଁ ସେ ସମସ୍ତଙ୍କ ପ୍ରିୟ ଥିଲେ। ତାଙ୍କ ବିୟୋଗ ଖବର ପାଇବା ପରେ ସମଗ୍ର ରାଜ୍ୟ ତଥା ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି। ଆଜି ଅପରାହ୍ନ ସାଢ଼େ ୧ ଟା ସମୟରେ ଗାଁ ଦାନାରୀଗୁଡା ମଶାଣିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ, ଲାଞ୍ଜିଗଡ଼ ବିଧାୟକ ତଥା ଜିଲ୍ଲା ସଭାପତି ପ୍ରଦୀପ କୁମାର ଦିଶାରୀ, ଜୁନାଗଡ଼ ବିଧାୟକ ଦିବ୍ୟ ଶଙ୍କର ମିଶ୍ର, କଳାହାଣ୍ଡି ସାଂସଦ ମାଳବିକା ସିଂ ଦେଓ, ପିସିସି ସଭାପତି ଭକ୍ତଚରଣ ଦାସ, ପୂର୍ବତନ ମନ୍ତ୍ରୀ ଡ଼ ବଳଭଦ୍ର ମାଝୀ, ଭବାନୀପାଟଣା ବିଧାୟକ ସାଗର ଚରଣ ଦାସ, ନର୍ଲା ବିଧାୟିକା ମନୋରମା ମହାନ୍ତି, ରାଜ୍ୟସଭା ସାଂସଦ ସୁଜିତ କୁମାରଙ୍କ ସମେତ ରାଜ୍ୟ ତଥା ଜିଲ୍ଲାର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି।

## ହୀରାକୁଦରୁ ୧୭ ଗେଟ୍‌ଦେଇ ନିଷ୍କାସନ

# ପୁଣି ମହାନଦୀରେ ବନ୍ୟା ଆଶଙ୍କା

ସମ୍ବଲପୁର,୧୯।୮(ସମିସ): ହୀରାକୁଦ ଉପରମୁଣ୍ଡରେ ବର୍ଷା ଓ ଜଳଭଣ୍ଡାରକୁ ପ୍ରବେଶ ଜଳ ପରିମାଣ ପାଖାପାଖି ୪ ଲକ୍ଷ କ୍ୟୁସେକ୍ ହେବାପରେ ଆଜି ପର୍ଯ୍ୟାୟକ୍ରମେ ଆଉ ୨ଟି ଗେଟ୍ ଖୋଲାଯାଇଛି। ଗତକାଲି ୧୫ଟି ଗେଟ୍ ଖୋଲା ଥିବାବେଳେ ଆଜି ପୂର୍ବାହ୍ନ ସାଢ଼େ ୧୦ଟା ସମୟରେ ଆଉ ୨ଟି ଗେଟ୍ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବର୍ତ୍ତମାନ ମୋଟ୍ ୧୭ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଜଳଭଣ୍ଡାରର ଜଳସ୍ତର ୬୨୦ ଫୁଟ୍‌ରେ ପହଞ୍ଚିଲାଣି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୯ ତାରିଖ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିବାବେଳେ ଜୁଲାଇ ୧୯ ତାରିଖରେ ଦ୍ୱିତୀୟଥର ପାଇଁ ଗେଟ୍ ଖୋଲି ହୀରାକୁଦ ନଦୀବନ୍ଧରୁ ପାଣି ଛଡ଼ାଯାଉଛି। ବୁଧବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୦.୭୧ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୧୧ଟି ଏବଂ ଡାହାଣ ପାର୍ଶ୍ୱର ୬ଟି ଏହିଭଳି ମୋଟ ୧୭ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩,୯୧,୫୪୫ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୨,୯୭,୬୫୩ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨,୬୭,୨୪୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚ୍ୟାନେଲ ଦେଇ ୨୭୫୩୩ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୨୯ କ୍ୟୁସେକ୍, କେନାଲ ପାଇଁ ୨୬୫୧ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୨୬,୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୫୬,୮୯୨ କ୍ୟୁସେକ୍, ଖଇରମାଳଠାରେ ୪,୦୦,୦୦୦ କ୍ୟୁସେକ୍, ବାରମୁଲଠାରେ ୩,୮୫,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୨,୯୬,୧୩୭ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ବୁଧବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୧୭.୦୯ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୭.୨୩ ମିମି ବର୍ଷା ରେକର୍ଡ କରାଯାଇଛି। ହୀରାକୁଦର ୧୭ ଗେଟ୍ ଦେଇ ଜଳ ନିଷ୍କାସନ ହେଉଥିବାରୁ ମହାନଦୀର ତଳ ମୁଣ୍ଡରେ ବନ୍ୟା ଆଶଙ୍କା ଦେଖାଦେଇଛି।

**ପ୍ରବେଶ କରୁଛି ସେକେଣ୍ଡପ୍ରତି ୩.୯୧ ଲକ୍ଷ କ୍ୟୁସେକ୍ ଜଳ, ଜଳସ୍ତର ୬୨୦.୭୧ ଫୁଟ୍**

# ବାଲେଶ୍ୱର ବନ୍ୟା ମୁକାବିଲାରେ ସରକାର ସମ୍ପୂର୍ଣ୍ଣ ବିଫଳ: ବିଜେଡି

ବାଲେଶ୍ୱର,୧୯।୮(ସମିସ): ଲଗାଣ ବର୍ଷା ଯୋଗୁଁ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ନଦୀରେ ସୃଷ୍ଟି ହୋଇଥିବା ଭୟଙ୍କର ବନ୍ୟା ପରିସ୍ଥିତିକୁ ଆକଳନ କରିବାରେ ଏବଂ ମୁକାବିଲା କରିବାରେ ରାଜ୍ୟ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ବନ୍ୟା ଆସିବାର ଦୁଇ ସପ୍ତାହ ପରେ ବି ଏଯାଏ ଜିଲ୍ଲାର ବହୁ ସ୍ଥାନରେ ବନ୍ୟା ବିପନ୍ନଙ୍କ ନିକଟରେ ରିଲିଫ୍ ସାମଗ୍ରୀ ମଧ୍ୟ ପହଞ୍ଚି ନାହିଁ। ବନ୍ୟା ପାଣି ପଶି ଘର ଭାଙ୍ଗିଥିବା ଲୋକଙ୍କୁ ପଲିଥିନଟିଏ ମଧ୍ୟ ମିଳିନାହିଁ। କିଛି କିଛି ସ୍ଥାନରେ ଲୋକଙ୍କୁ ଚୁଡ଼ା ଗଣ୍ଡାଏ ଦେଇ ପ୍ରଶାସନ ନିଜ ଦାୟିତ୍ୱ ସାରିଦେଇଛି। ଆଜି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବାଲେଶ୍ୱର ଜିଲ୍ଲାର ବନ୍ୟାଞ୍ଚଳ ଗସ୍ତରେ ଆସିଥିବା ରାଜ୍ୟ ବିଜେଡି ଉପସଭାପତି ସଂଜୟ ଦାସବର୍ମା ଏଭଳି ଅଭିଯୋଗ ଆଣିଛନ୍ତି ଏବଂ ଏହି ବିଫଳତା ପାଇଁ ସରକାରୀ ଉଦାସୀନତା ଓ ପ୍ରଶାସନିକ ଅପାରଗତାକୁ ଦାୟୀ କରିଛନ୍ତି।

ଶ୍ରୀ ଦାସବର୍ମାଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ଦଳ ଆଜି ସକାଳେ ଭୋଗରାଇ ବ୍ଲକରୁ ବନ୍ୟାଞ୍ଚଳ ପରିଦର୍ଶନ ଆରମ୍ଭ କରିଥିଲେ। ଉଙ୍ଗାରେ ବିଭିନ୍ନ ପଞ୍ଚାୟତ ବୁଲି ଲୋକଙ୍କ ଦୁଃଖ ଦୁର୍ଦ୍ଦଶାକୁ ପ୍ରତ୍ୟକ୍ଷ ଭାବେ ଅନୁଭବ କରିଥିଲେ। ପରେ ବାଲିଆପାଳ ଓ ବସ୍ତା ବ୍ଲକ୍ ର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ବିପନ୍ନ ଲୋକଙ୍କ ଦୁର୍ଦ୍ଦଶା ଓ ସମସ୍ୟା ସଂପର୍କରେ ଅବଗତ ହୋଇଥିଲେ। ସନ୍ଧ୍ୟାରେ ବାଲେଶ୍ୱର ଷ୍ଟେସନ କ୍ଲବରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କୁ ଟାର୍ଗେଟ କରି ଶ୍ରୀ ଦାସବର୍ମା କହିଥିଲେ ଯେ ବାଲେଶ୍ୱରବାସୀଙ୍କ ପାଇଁ ବନ୍ୟା ନୂଆ ନୁହେଁ। କିନ୍ତୁ ଏ ସରକାର ପ୍ରବଳ ବର୍ଷା ଏବଂ ତଦଜନିତ ବନ୍ୟାକୁ ଠିକ୍ ଭାବେ ଆକଳନ କରିପାରିଲେ ନାହିଁ



କି ବନ୍ୟାକୁ ପରିଚାଳନା କରିପାରିଲେ ନାହିଁ। ବର୍ଷା ପାଣିରେ ବାଲେଶ୍ୱର ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଲାବେଳେ ଜଳ ନିଷ୍କାସନ ପାଇଁ ଉପଯୁକ୍ତ ପଦକ୍ଷେପ ମଧ୍ୟ ନେଇ ପାରିଲେ ନାହିଁ। ପରବର୍ତ୍ତୀ ସମୟରେ ବୁଢ଼ାବଳଙ୍ଗ, ସୋନ, ଗଙ୍ଗାହାର, କାଂଶବାଂଶ, ଜଳକା ଓ ସୁବର୍ଣ୍ଣରେଖାରେ ଆସିଥିବା ବନ୍ୟାକୁ ମୁକାବିଲା କରିବାରେ ବିଫଳ ହେଲେ। ଶ୍ରୀ ଦାସବର୍ମା ଆହୁରି କହିଲେ ଯେ ଚଳିତ ବର୍ଷାର ବନ୍ୟା ଯୋଗୁଁ ବାଲେଶ୍ୱର ଜିଲ୍ଲାର ଶହ ଶହ ଗାଁ ଏବେ ବି ପାଣି ଘେରରେ ଥିବା ବେଳେ ୫ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। କିନ୍ତୁ ସରକାରଙ୍କ ନିଦ ଭାଙ୍ଗୁ ନାହିଁ। ଏଯାଏ ଲୋକଙ୍କୁ ଚାଉଳ ଗଣ୍ଡେ ଦିଆଯାଇନି। ବନ୍ୟା ସମୟରେ ପ୍ରଭାବିତ ଲୋକଙ୍କ ପାଖରେ ରିଲିଫ ଓ ପଲିଥିନ ଆଦି ନ ପହଞ୍ଚିବା ସରକାରଙ୍କ ଚରମ ବିଫଳତାକୁ ପଦାରେ ପକାଇ ଦେଇଛି। ତେଣୁ ସରକାର ତୁରନ୍ତ ବନ୍ୟା ପ୍ରଭାବିତ ଅଞ୍ଚଳରେ ପହଞ୍ଚି ଶୁଖିଲା ଖାଦ୍ୟ, ଗୋଖାଦ୍ୟ ଓ ରନ୍ଧା ଖାଦ୍ୟ ଯୋଗାଇ ଦିଅନ୍ତୁ। ବନ୍ୟା ଯୋଗୁଁ ଦୁଇ ଦୁଇ ଥର ଚାଷ ସଂପୂର୍ଣ୍ଣ ଭାବେ ଉଜୁଡ଼ି ଯାଇଥିବାରୁ ତୁରନ୍ତ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ରିଲିଫ କୋର୍ଡ ଅନୁସାରେ କ୍ଷତିପୂରଣ ପ୍ରଦାନ ସହ କୃଷିଋଣ ଛାଡ଼ କରିବାକୁ ସେ ଦାବି କରିଥିଲେ। ଏହା ବ୍ୟତୀତ ବନ୍ୟା ଅଞ୍ଚଳରେ ବୁଡ଼ି ରହିଥିବା ଉଠାଜଳସେଚନ ପଏଣ୍ଟ, ବିଦ୍ୟୁତ ଭିତ୍ତିଭୂମିର ପୁନରୁଦ୍ଧାର କରିବା ସହ କ୍ଷତିଗ୍ରସ୍ତ ହୋଇଥିବା ରାସ୍ତାଘାଟ, ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବାକୁ ସେ ଦୃଢ ଦାବି କରିଥିଲେ। ଶେଷରେ ସେ ବାଲେଶ୍ୱର ଜିଲ୍ଲାରେ ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଉଚ୍ଚସ୍ତରୀୟ ବୈଠକ ମାଧ୍ୟମରେ ଆଲୋଚନା କରି ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଥିଲେ। ଆଜି ବନ୍ୟାଞ୍ଚଳ ଗସ୍ତ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜେଡି ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ସୋର ବିଧାୟକ ମାଧବ ଧଡ଼ା, ବରିଷ୍ଠ ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାର, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ଭୋଗରାଇ ବିଜେଡି ସଭାପତି ଗଣପତି ଗିରି, ବସ୍ତା ବିଜେଡି ସଭାପତି ମହାଦେବ ଦାସ, ବାଲିଆପାଳ ବିଜେଡି ସଭାପତି ଭଗବାନ ଗିରି ପ୍ରମୁଖ ଉପସ୍ଥିତ ଥିବାବେଳେ ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ବାଲେଶ୍ୱର ସଦରର ପୂର୍ବତନ ବିଧାୟକ ସ୍ୱରୂପ ଦାସ, ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗିରିଶ ଚନ୍ଦ୍ର ଦାଶ, ରାଜ୍ୟ ଯୁବ ବିଜେଡିର କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।

- ଶହ ଶହ ଗାଁ ପାଣି ଘେରରେ, ୫ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ
- ବର୍ଷା ଓ ବନ୍ୟାରେ ସଂପୂର୍ଣ୍ଣ ଉଜୁଡ଼ି ଯାଇଛି ଖରିଫ ଧାନଚାଷ
- ଦୁଇ ସପ୍ତାହ ପରେ ବି ଲୋକଙ୍କ ପାଖରେ ପହଞ୍ଚିନି ରିଲିଫ୍ କି ପଲିଥିନ୍
- ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ସହ କୃଷି ଋଣ ଛାଡ଼ କରିବାକୁ ଦାବି

## ଡେବ୍ରିଗଡ଼ର ବିକାଶ ପାଇଁ ୪୦ କୋଟି ଟଙ୍କାର ପ୍ରକଳ୍ପ

# ପର୍ଯ୍ୟଟକଙ୍କୁ ଟାଣୁଛି ଚିତାବାଘ

ସମ୍ବଲପୁର, ୧୯।୮ (ସମିସ)

ଡେବ୍ରିଗଡ଼ ଅଭୟାରଣ୍ୟକୁ ଏକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଭାବରେ ବିକଶିତ କରିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ଏଥିପାଇଁ ୪୦ କୋଟି ଟଙ୍କାର ଅନୁଦାନ ମଞ୍ଜୁର ହୋଇଥିବାବେଳେ ଭିତ୍ତିଭୂମି ବିକାଶ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସଫାରୀ ଜୋନ୍‌ରେ ଗତକାଲି ପର୍ଯ୍ୟଟକମାନେ ଏକ ଚିତାବାଘକୁ ସମ୍ବର ଶିକାର କରୁଥିବାର ପ୍ରତ୍ୟକ୍ଷ ଦୃଶ୍ୟ ଦେଖିବାକୁ ପାଇଥିଲେ। ଏହାର ଭିଡିଓ ମଧ୍ୟ କ୍ୟାମେରାରେ ଉତ୍ତୋଳନ କରିଥିଲେ। ବର୍ତ୍ତମାନ ସଫାରୀ ଜୋନରେ ପ୍ରାୟ ୪ ରୁ ୫ଟି ଚିତାବାଘ ନିୟମିତ ଦେଖାଯାଉଛନ୍ତି। ତିନି ବର୍ଷ ତଳେ ହୋଇଥିବା ଗଣନା ଅନୁଯାୟୀ, ସମ୍ପୂର୍ଣ୍ଣ ଅଭୟାରଣ୍ୟରେ ପ୍ରାୟ ୭୦ଟି ଚିତାବାଘ ରହିଥିବା ଆକଳନ କରାଯାଇଥିଲା। ଏହାସହିତ ଗୟଳ, ସମ୍ବର, କୁଟୁରା, ବାରାହା, ମୟୂର, ଏବଂ ତାଲୁ ପରି ବନ୍ୟପ୍ରାଣୀ ମଧ୍ୟ ବହୁ ସଂଖ୍ୟାରେ ପର୍ଯ୍ୟଟକଙ୍କୁ ଦୃଶ୍ୟମାନ ହେଉଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଅଭୟାରଣ୍ୟର ନିୟମାନୁସାରେ, ସଫାରୀ





ଗାଡ଼ିଗୁଡ଼ିକୁ କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ସର୍ବାଧିକ ୩୦ ସେକେଣ୍ଡ ପର୍ଯ୍ୟନ୍ତ ରହିବାକୁ ଅନୁମତି ଦିଆଯାଉଛି।

ଡେବ୍ରିଗଡ଼ ଅଭୟାରଣ୍ୟର ବଦଳୁଛି ଚେହେରା। ବଦଳିବ ଜିରୋ ପଏଣ୍ଟ ଓ ପାର୍ବତୀ ଟଙ୍ଗ କାୟାକଳ୍ପ। ସରକାରଙ୍କ ଦ୍ୱାରା ମଞ୍ଜୁର ୪୦ କୋଟି ଟଙ୍କାରେ ଭିତ୍ତିଭୂମି ବିକାଶକୁ ପ୍ରାଧାନ୍ୟ ଦିଆଯାଉଛି। ପର୍ଯ୍ୟଟକଙ୍କ ପାଇଁ ସମନ୍ୱିତ ହୀରାକୁଦ ବିକାଶ ଯୋଜନା ଅଧୀନରେ ଡେବ୍ରିଗଡ଼ ଅଭୟାରଣ୍ୟର ପ୍ରବେଶପଥ ନିକଟସ୍ଥ ଜିରୋ ପଏଣ୍ଟଠାରେ ଅତ୍ୟାଧୁନିକ ଭିତ୍ତିଭୂମିର ବିକାଶ କରାଯାଇଛି, ଯାହାଦ୍ୱାରା ଏକାସାଙ୍ଗରେ ୫୦୦ ରୁ ୮୦୦ ଜଣ ପର୍ଯ୍ୟଟକ ସୁବିଧା ପାଇପାରିବେ। ୭, ୨୦୦ ବର୍ଗଫୁଟ ଅଞ୍ଚଳରେ ନିର୍ମିତ ବୁକିଂ କାଉଣ୍ଟର ଓ ଇକୋଟୁରିଜମ୍ ସେଲ୍‌ଫରେ ଏକ ବିଶାଳ ଲାଉଞ୍ଜ ରହିଛି। ଏହି କାଉଣ୍ଟରରୁ ପର୍ଯ୍ୟଟକମାନେ ସଫାରୀ, କ୍ରୁଜ୍ ପ୍ୟାକେଜ୍, ନାଇଟ୍ ଷ୍ଟେ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ସହଜରେ ବୁକିଂ କରିପାରିବେ। ଏଠାରେ ସୋଭେନିଅର ସପ୍, ବୁକିଂ କାଉଣ୍ଟର, ରେଷ୍ଟୁରାଣ୍ଟ, ଟି-ସପ୍, ମିଟିଂ ହଲ୍, ଏବଂ ନେଚର ଏଜୁକେସନ ପ୍ରୋଗ୍ରାମ ପାଇଁ ସ୍ୱତନ୍ତ୍ର ହଲ୍ ନିର୍ମାଣ କରାଯାଇଛି। ଏହାସହିତ ସଫାରୀର ଶେଷ ପଏଣ୍ଟ 'ପାର୍ବତୀ ଟଙ୍ଗ'ର ବିକାଶ ଏବଂ ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ଦୁଇଟି କାଠର ଲଗ୍ ହାଉସ୍ ନିର୍ମାଣ କାର୍ଯ୍ୟ ମଧ୍ୟ ସରିବାକୁ ବସିଛି। ପ୍ରାୟ ୩.୫ କୋଟି ଟଙ୍କା ବ୍ୟୟରେ ୩୦୦ ଫୁଟ ଲମ୍ବ ଓ ୧୦୦ ଫୁଟ ଉଚ୍ଚତାର ଏକ 'କ୍ୟାନୋପି ୱାକ୍' ନିର୍ମାଣ କାର୍ଯ୍ୟ ଜାରି ରହିଛି, ଯାହା ଆସନ୍ତା ଏକ ରୁ ଦୁଇ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବ ବୋଲି ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି। ଏହାବ୍ୟତୀତ ଅଭୟାରଣ୍ୟରେ ପର୍ଯ୍ୟଟନକୁ ଆହୁରି ଆକର୍ଷଣୀୟ କରିବା ପାଇଁ ନୂତନ ସଫାରୀ ଗାଡ଼ି ଓ କ୍ରୁଜ୍ ବୋଟ୍‌ର ଫ୍ୟାବ୍ରିକେସନ୍ କାମ ମଧ୍ୟ ଦ୍ରୁତ ଗତିରେ ଚାଲିଛି।

# ପଶ୍ଚିମ ଓଡ଼ିଶାର ଖଣି ପ୍ରଭାବିତ ଲୋକେ ହେବେ ଅଧିକ କ୍ଷତିଗ୍ରସ୍ତ : ରୋହିତ

**ସମ୍ବଲପୁର, ୧୯।୮ (ସମିସ) :** ଏମ୍‌ଏମ୍‌ଡିଆର୍ ସଂଶୋଧନ ବିଲ୍, ୨୦୨୬କୁ ଦୃଢ଼ ବିରୋଧ କରି ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ଜିଲ୍ଲା ସଭାପତି ଇଂ ରୋହିତ ପୂଜାରୀ କହିଛନ୍ତି ଯେ, ଏହି ବିଲ୍ ଓଡ଼ିଶା ଭଳି ଖଣିଜ ସମୃଦ୍ଧ ରାଜ୍ୟର ଆର୍ଥିକ ଅଧିକାର, ସଂଘୀୟ ଅଧିକାର ଏବଂ ଭବିଷ୍ୟତ ବିକାଶ କ୍ଷମତାକୁ ଦୁର୍ବଳ କରିବାର ଏକ ବଡ଼ ପଦକ୍ଷେପ। ଇଂ ପୂଜାରୀ ଏହି ମର୍ମରେ କହିଛନ୍ତି ଯେ, ଦେଶର ଶିଳ୍ପାୟନ ପାଇଁ ଓଡ଼ିଶା ନିଜର ଖଣିଜ ସମ୍ପଦ ଦେଇଆସିଛି। ବିଶେଷକରି ପଶ୍ଚିମ ଓଡ଼ିଶାର ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, କଳାହାଣ୍ଡି ଓ ଅନ୍ୟାନ୍ୟ ଅଞ୍ଚଳ ଦେଶର ଶକ୍ତି ଓ ଶିଳ୍ପ ଅର୍ଥନୀତିକୁ ଇନ୍ଧନ ଯୋଗାଇଛନ୍ତି। କିନ୍ତୁ ଏହାର ମୂଲ୍ୟ ଆମ ଲୋକେ ବିସ୍ଥାପନ, ପ୍ରଦୂଷଣ, ପରିବେଶ ଧ୍ୱଂସ ଓ ଜୀବନ-ଜୀବିକାର କ୍ଷତି ଆକାରରେ ଦେଇଛନ୍ତି। ଏବେ ଯଦି ରାଜ୍ୟର ଖଣିଜ ଉପରେ ଥିବା ଆର୍ଥିକ ଅଧିକାରକୁ ମଧ୍ୟ ସୀମିତ କରାଯାଏ, ତେବେ ଏହା ପଶ୍ଚିମ ଓଡ଼ିଶା ପ୍ରତି ଦୁଇଗୁଣ ଅନ୍ୟାୟ ହେବ। ଏମ୍‌ଏମ୍‌ଡିଆର୍ ବିଲ୍ ସିଧାସଳଖ ଡିଏମ୍‌ଏଫ୍ କଣ୍ଟ୍ରିବ୍ୟୁସନ୍ ବନ୍ଦ କରୁନଥିବା କଥା ବିଲ୍ ରେ ରହିଛି। କିନ୍ତୁ ରାଜ୍ୟର ଖଣିଜ ରାଜସ୍ୱ ଉପରେ ଭବିଷ୍ୟତରେ ନୂଆ ଆର୍ଥିକ ପଦକ୍ଷେପ ନେବାର କ୍ଷମତାକୁ ସେଣ୍ଟ୍ରାଲ କଣ୍ଡିସନ୍‌ସ୍ ଅଧୀନ କରାଯିବା ଦ୍ୱାରା ଖଣିଜ ସମ୍ପଦ ଉପରେ ରାଜ୍ୟର ଦୀର୍ଘମିଆଦୀ ଫିସ୍‌କାଲ୍ ସ୍ପେସ୍ କମିବାର ଆଶଙ୍କା ରହିଛି। ଡିଏମ୍‌ଏଫ୍ କୌଣସି ସରକାରଙ୍କ ଦୟା ନୁହେଁ। ଖଣି ଯୋଗୁଁ ଯେଉଁ ଲୋକ ଓ ଅଞ୍ଚଳ ପ୍ରଭାବିତ ହେଉଛନ୍ତି, ସେମାନଙ୍କ ଜୀବନ, ଜୀବିକା ଓ ଭବିଷ୍ୟତ ବିକାଶ ପାଇଁ ଏହା ଏକ ଆଇନଗତ ବ୍ୟବସ୍ଥା। ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା, ଦକ୍ଷତା ବିକାଶ ଓ ଭିତ୍ତିଭୂମି ପାଇଁ ଏହି ଅର୍ଥର ଗୁରୁତ୍ୱ ଅପାର। ସେ କହିଛନ୍ତି ଯେ, ଓଡ଼ିଶାର ଖଣିଜ ସମ୍ପଦ ଦେଶର ବିକାଶର ମେରୁଦଣ୍ଡ ହୋଇପାରେ, କିନ୍ତୁ ଖଣିଜ ସମ୍ପଦର ଭାର ପଶ୍ଚିମ ଓଡ଼ିଶା ବହିବ ଏବଂ ତାହାର ଆର୍ଥିକ ଲାଭ ଓ ନିଷ୍ପତ୍ତିର ଅଧିକାର ଅନ୍ୟତ୍ର ରହିବଏହି ମଡେଲ୍ ଗ୍ରହଣୀୟ ନୁହେଁ। କେନ୍ଦ୍ର ସରକାର ପକ୍ଷରୁ ମାଇନିଂ ରିଲେଟେଡ୍ ଟେକ୍ସ ଓ ଷ୍ଟେଚ୍ୟୁଟାରୀ ପେମେଣ୍ଟର ପ୍ରାୟ ୯୦ ପ୍ରତିଶତ ରାଜ୍ୟଗୁଡ଼ିକ ପାଖରେ ରହିବ ବୋଲି ଯୁକ୍ତି ଦିଆଯାଉଛି। କିନ୍ତୁ ଆଜି କେତେ ପ୍ରତିଶତ ରାଜସ୍ୱ ରାଜ୍ୟ ପାଉଛି, ସେତିକି କହିଲେ ହେବ ନାହିଁ। ପଶ୍ଚିମ ଓଡ଼ିଶା ଦେଶକୁ ତାହାର ଖଣିଜ ସମ୍ପଦ ଦେଇଛି। ଏବେ ଏହି ଅଞ୍ଚଳକୁ ତାହାର ନ୍ୟାୟସଙ୍ଗତ ବିକାଶ, ଅଧିକାର ଓ ଭବିଷ୍ୟତ ମଧ୍ୟ ଦରକାର। ସେ କେନ୍ଦ୍ର ସରକାରଙ୍କୁ ଏମ୍‌ଏମ୍‌ଡିଆର୍ ସଂଶୋଧନ ବିଲ୍‌ର ପୁନଃବିଚାର କରିବା, ରାଜ୍ୟର ଆର୍ଥିକ ଓ ସାମ୍ବିଧାନିକ ଅଧିକାର ସୁରକ୍ଷିତ କରିବା ଏବଂ ଖଣି ପ୍ରଭାବିତ ଅଞ୍ଚଳ, ବିଶେଷକରି ପଶ୍ଚିମ ଓଡ଼ିଶାର ବିକାଶ ସ୍ୱାର୍ଥକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ଦାବି କରିଛନ୍ତି।

# ପ୍ଲାଷ୍ଟିକ ବିରୋଧରେ ଚଢ଼ଉ, ୧୨୫ କିଲୋ ଜବତ



**ସମ୍ବଲପୁର, ୧୯।୮ (ସମିସ) :** ସମ୍ବଲପୁର ମହାନଗର ନିଗମ ଏବଂ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଆଜି ବିଭିନ୍ନ ସ୍ଥାନରେ ମିଳିତ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ନିଷିଦ୍ଧ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ (ସିଙ୍ଗଲ୍-ୟୁଜ୍ ପ୍ଲାଷ୍ଟିକ୍) ପ୍ରାୟ ୧୨୫ କିଲୋଗ୍ରାମ ଜବତ କରାଯାଇଥିଲା। ନିୟମ ଉଲ୍ଲଂଘନକାରୀଙ୍କୁ ୩୫ ହଜାର ଟଙ୍କା ଜରିମାନା କରାଯାଇଛି। ସହରକୁ ପ୍ଲାଷ୍ଟିକମୁକ୍ତ ଓ ସ୍ୱଚ୍ଛ ରଖିବା ପାଇଁ ଆଗାମୀ ଦିନରେ ଏଭଳି ଚଢ଼ାଉ ଓ ଯାଞ୍ଚ ଜାରି ରହିବ ବୋଲି ମହାନଗର ନିଗମ ପକ୍ଷରୁ କୁହାଯାଇଛି। ସମସ୍ତ ବ୍ୟବସାୟୀ ଓ ସାଧାରଣ ଜନସାଧାରଣ ନିଷିଦ୍ଧ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକର ବ୍ୟବହାର ଓ ବିକ୍ରୟରୁ ନିବୃତ୍ତ ରହିବାକୁ ତାଗିଦ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତକାଲି ନିଷିଦ୍ଧ ସିଙ୍ଗଲ୍-ୟୁଜ୍ ପ୍ଲାଷ୍ଟିକ ଯାଞ୍ଚ ଅଭିଯାନ ସମୟରେ ମୋଟ ୩୦ କିଲୋଗ୍ରାମ୍ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ଜବତ କରାଯିବା ସହ ଉଲ୍ଲଂଘନକାରୀଙ୍କ ଠାରୁ ୧୪, ୧୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା।

# କୁଚିଣ୍ଡାରେ ପ୍ରବଳ ବର୍ଷା; ଜନଜୀବନ ଅସ୍ତବ୍ୟସ୍ତ

**କୁଚିଣ୍ଡା, ୧୯।୮ (ସମିସ):** କୁଚିଣ୍ଡା ଅଞ୍ଚଳରେ ଲଗାଣବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଅନେକ ଗରିବ ପରିବାରଙ୍କ ଘର ଭାଙ୍ଗି ଯାଇଥିବା ବେଳେ ଶହ ଶହ ଏକର ଚାଷୀ ଜମି ବି ପ୍ରଭାବିତ ହୋଇଛି। କୁଚିଣ୍ଡା ଅଞ୍ଚଳରେ ଗୋଟିଏ ପରେ ଗୋଟିଏ ଲଗାଣ ବର୍ଷାରେ ଗରିବ ପରିବାରଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଅନେକ ପରିବାର ମୁଣ୍ଡ ଗୁଞ୍ଜିବା ପାଇଁ ଥିବା ଘରଟି ମଧ୍ୟ ହରାଇ ବିପଦରେ ପଡ଼ିଥିବାବେଳେ କେତେକ ପରିବାର ଏବେ ଭଙ୍ଗା ଘର ମଧ୍ୟରେ ଦିନ କାଟୁଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ବକ୍ସମା ପଞ୍ଚାୟତ ଅନ୍ତର୍ଗତ ଠାକୁର ନିକ୍ରିମାଲ ଗ୍ରାମର ନିଖଣ୍ଡିଆଙ୍କ ଘର ଓ ଭେଲୁଆଁପାଲ ଗ୍ରାମର ଦାମ ମାଝୀ ଓ ଖୁଜାର ଠାକୁରଙ୍କ ଘର ବର୍ଷାରେ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଯାଇଛି। ସେହିପରି ଏହି ପଞ୍ଚାୟତର ଅନେକ ଗରିବ ପରିବାରଙ୍କ ଘରଦ୍ୱାର ବର୍ଷାରେ କ୍ଷତିଗ୍ରସ୍ତ ହୋଇଛି। ଘରର କାନ୍ଥ ଓ ଛାତ ଦୁର୍ବଳ ହୋଇପଡ଼ିବାରୁ ପରିବାରଗୁଡ଼ିକ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏଭଳି ପରିସ୍ଥିତିରେ ପ୍ରଶାସନ ପକ୍ଷରୁ ତୁରନ୍ତ କ୍ଷୟକ୍ଷତିର ସରଜମିନ ଆକଳନ କରାଯାଇ ପ୍ରଭାବିତ ପରିବାରଙ୍କୁ ଆବଶ୍ୟକ ସହାୟତା ଯୋଗାଇବା ସହ ଆବାସ ଅପେକ୍ଷାରେ ଥିବା ପରିବାରଙ୍କ ମାମଲାକୁ ଗୁରୁତ୍ୱ ଦେବାକୁ ଦାବି ହେଉଛି।

# ରେଢ଼ାଖୋଲରେ ହର୍‌ଘର୍ ତ୍ରିରଙ୍ଗା ଶୋଭାଯାତ୍ରା

**ରେଢ଼ାଖୋଲ, ୧୯।୮(ସମିସ):** ରେଢ଼ାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ହରଘର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ତ୍ରିରଙ୍ଗା ଶୋଭାଯାତ୍ରା ସାରା ଦେଶରେ ପାଳନ କରାଯାଉଥିବା ବେଳେ ଏହି ଅବସରରେ ରେଢ଼ାଖୋଲ ରେ ମଧ୍ୟ ପ୍ରଧାନମନ୍ତ୍ରୀ ଓ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ରେଢ଼ାଖୋଲ ରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ସହ ତ୍ରିରଙ୍ଗା ଶୋଭାଯାତ୍ରା କରାଯାଇଥିଲା। ଏହି ଅବସରରେ ୧୦୦ ମିଟର ବିଶିଷ୍ଟ ବିରାଟ ତ୍ରିରଙ୍ଗା ଧରି ଏକ ଭବ୍ୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

# ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଫଟୋ ପ୍ରଦର୍ଶନୀ

**ସମ୍ବଲପୁର, ୧୯।୮ (ସମିସ) :** ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ ସମ୍ବଲପୁର ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନଠାରେ ଏକ 'ଫଟୋ ପ୍ରଦର୍ଶନୀ' ଉଦ୍‌ଘାଟିତ ହୋଇଯାଇଛି। ଏହା ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ବରିଷ୍ଠ ସାମ୍ବାଦିକ ଅର୍ଜ୍ଜୁନ ରଞ୍ଜନ ପଣ୍ଡା ଏହି ଫଟୋ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ସୁବାସ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭା ପ୍ରାରମ୍ଭରେ ବରିଷ୍ଠ ଫଟୋଗ୍ରାଫର ତଥା ନଟରାଜ ଷ୍ଟୁଡିଓ ପ୍ରତିଷ୍ଠାତା ରାମକୃଷ୍ଣ ସାମନ୍ତରାୟଙ୍କ ବିୟୋଗରେ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟ ଅତିଥି ଶ୍ରୀ ପଣ୍ଡା କହିଲେ ଯେ, ଫଟୋ ଗୁଡିକ ଇତିହାସ, ସଂସ୍କୃତି ଓ ପରମ୍ପରାର କଥା କହେ। ତେଣୁ, ବିଭିନ୍ନ ମାଧ୍ୟମରେ ସେଗୁଡିକୁ ସଂରକ୍ଷଣ କରିବା ଫଟୋଗ୍ରାଫିର ଏକ ଗୁରୁ ଦାୟିତ୍ୱ। ସାମ୍ବାଦିକ ସୂର୍ଯ୍ୟ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ଶଙ୍କର ବେହେରା ବାସହ ଅତିଥି ପରିଚୟ ପ୍ରଦାନ ଏବଂ ଶେଷରେ ଉପସଭାପତି କିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଫଟୋ ପ୍ରଦର୍ଶନୀରେ ପ୍ରକୃତି, ଜୀବଜନ୍ତୁ, ଐତିହ୍ୟ ପରମ୍ପରା ତଥା ଇତିହାସର ଘଟଣାବଳୀ ଉପରେ ପର୍ଯ୍ୟବେକ୍ଷିତ ଅନେକ ଗୁଡିଏ ଫଟୋ ସ୍ଥାନିତ ହୋଇଛି। କେବଳ ସେତିକି ନୁହେଁ, ବିଭିନ୍ନ ଭାଷାର ଶତାଧିକ ସମ୍ବାଦ ପତ୍ର ମଧ୍ୟ ଏଠାରେ ପ୍ରଦର୍ଶିତ କରାଯାଇଛି। କାର୍ଯ୍ୟକ୍ରମ ଆୟୋଜନରେ ସମ୍ବଲପୁର ଚଢ଼େଇ କ୍ଲବର ସଭ୍ୟସଭ୍ୟାମାନେ ସହଯୋଗ କରିଥିଲେ।



# ବଜାରରେ ପିଡିଏସ୍ ଚାଉଳ ବିକ୍ରି; ଏକ କ୍ୱିଣ୍ଟାଲ ଜବତ

**ସମ୍ବଲପୁର, ୧୯।୮ (ସମିସ):** ବଜାରରେ ବିକ୍ରି ହେବା ପାଇଁ ଆସିଥିଲା ପିଡିଏସ୍ ଚାଉଳ। ହେଲେ ବିକ୍ରି କରିପାରିଲେନି ଦୋକାନୀ। ଦୋକାନୀ ବଜାରରେ ବିକିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଖବର ପାଇ ମାଡ଼ି ବସିଲା ବିଭାଗ। ସ୍ଥାନୀୟ ଗୋଲବଜାର ପ୍ରାଙ୍ଗଣରୁ ସମ୍ବଲପୁର ମହାନଗର ନିଗମର ଯୋଗାଣ ବିଭାଗ ଚଢ଼ଉ କରି ଏକ କ୍ୱିଣ୍ଟାଲ ପିଡିଏସ ଚାଉଳ ଜବତ କରିଛି। ଗୋଲବଜାରରେ ଥିବା ଏକ ଚାଉଳ ଦୋକାନରେ ପିଡିଏସ୍ ଚାଉଳ ବିକ୍ରି ହେଉଥିବା ଖବର ମିଳିଥିଲା। ପରେ ଯୋଗାଣ ନିରୀକ୍ଷକ ସୌରଭ କୁମାର ପଣ୍ଡା ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରଥମେ ସିଲ୍ ଥିବା ଗୋଟାଏ ବସ୍ତା ମିଳିଥିଲା। ପରେ ଦୋକାନୀ ଆଉ ଏକ, ମୋଟ ୨ଟି ବସ୍ତା ଜିମା ଦେଇଥିଲା। ଶ୍ରୀ ପଣ୍ଡା କହିଛନ୍ତି, ଏହି ଚାଉଳ ବାହାରେ ବିକ୍ରି ପାଇଁ ଅନୁମତି ନାହିଁ। ତେଣୁ କୌଣସି ପରିସ୍ଥିତିରେ ଏହା କିଣାବିକା ହୋଇପାରିବ ନାହିଁ। ସେପଟେ ବିକ୍ରି କରୁଥିବା ଦୋକାନୀ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ନେଇ ସୂଚନା ରହିଛି।

## ■ ସବୁଜ ଶକ୍ତି କ୍ଷେତ୍ରରେ ଟିପିଡବ୍ଲୁଓଡିଏଲ୍‌ର ନୂଆ ରେକର୍ଡ

# ଜୁଲାଇରେ ୮ ହଜାରରୁ ଅଧିକ ରୁଫଟପ୍ ସୋଲାର ସ୍ଥାପନ

**ସମ୍ବଲପୁର, ୧୯।୮ (ସମିସ):** ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ପଶ୍ଚିମ ଓଡ଼ିଶାରେ ସବୁଜ ଶକ୍ତି ବ୍ୟବହାରକୁ ପ୍ରୋତ୍ସାହିତ କରାଯିବା ଫଳରେ କମ୍ପାନୀ ଏକ ବଡ଼ ସଫଳତା ହାସଲ କରିପାରିଛି। କମ୍ପାନୀ ପକ୍ଷରୁ ଗତ ଜୁଲାଇ ମାସରେ ସର୍ବାଧିକ ୮, ୨୯୮ଟି ରୁଫ୍‌ଟପ୍ ସୋଲାର ପ୍ୟାନେଲ୍ ସ୍ଥାପନ କରାଯାଇ ଏକ ନୂଆ ରେକର୍ଡ ସୃଷ୍ଟି କରାଯାଇ ପାରିଛି। ଏହି ସଫଳତାରେ 'ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମୁଫ୍‌ତ ବିଜୁଳି ଯୋଜନା' ଅଧୀନରେ ୩, ୩୯୫ଟି ଏବଂ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ପ୍ରଚଳିତ ୟୁଟିଲିଟି-ଲେଡ୍ ଏଗ୍ରିଗେସନ୍ (ୟୁଏଲ୍‌ଏ) ମଡେଲ୍ ଜରିଆରେ ୪, ୯୦୩ଟି ରୁଫ୍‌ଟପ୍ ସୋଲାର ପ୍ୟାନେଲ୍ ସ୍ଥାପନ ସାମିଲ ରହିଛି। ଏହା ପୂର୍ବରୁ ମେ' ମାସରେ ୫, ୩୭୩ଟି ରୁଫ୍‌ଟପ୍ ସୋଲାର ପ୍ୟାନେଲ୍ ସ୍ଥାପନ ହୋଇଥିଲା। କେବଳ ୟୁଏଲ୍‌ଏ ମଡେଲ୍ ଅଧୀନରେ ଜୁଲାଇ ମାସରେ ୪, ୯୦୩ଟି ରୁଫ୍‌ଟପ୍ ସୋଲାର ସଂଯୋଗ କରାଯାଇଛି, ଯାହା ମେ ମାସର ୩, ୫୧୮ ରେକର୍ଡକୁ ପଛରେ ପକାଇ ଏହି ମଡେଲର ସଫଳତା ପ୍ରମାଣିତ କରିଛି। ଏହି ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ଟିପିଡବ୍ଲୁଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କହିଛନ୍ତି ଯେ, ଗୋଟିଏ ମାସରେ ୮, ୨୯୮ଟି ରୁଫ୍‌ଟପ୍ ସୋଲାର ସଂଯୋଗ ସ୍ଥାପନ କରିବା ଏକ ମାଇଲଖୁଣ୍ଟ।ଉପଭୋକ୍ତାଙ୍କ ସକ୍ରିୟ ଅଂଶଗ୍ରହଣ, ଆମ ଫିଲ୍ଡ ଟିମ୍, ସବୁଜ ଶକ୍ତି ଅଧିକାରୀ ଏବଂ ସହଯୋଗୀମାନଙ୍କ ନିରନ୍ତର ପରିଶ୍ରମ ଯୋଗୁଁ ଏହା ସମ୍ଭବ ହୋଇପାରିଛି। ବିଶେଷ କରି ଅଧିକ



ସଂଖ୍ୟକ ଉପଭୋକ୍ତାଙ୍କ ବିଜୁଳି ବିଲ୍ ଶୂନ ହେବା ପ୍ରମାଣ କରୁଛି ଯେ, ରୁଫ୍‌ଟପ୍ ସୋଲାର ସାଧାରଣ ଘରୋଇ ଖର୍ଚ୍ଚ କମାଇବାରେ କେତେ ପ୍ରଭାବଶାଳୀ। ଜିଲ୍ଲାସ୍ତରୀୟ ପ୍ରଦର୍ଶନରେ ନୂଆପଡ଼ା ଜିଲ୍ଲା ଶୀର୍ଷରେ ରହିଛି। ଜୁଲାଇ ମାସରେ ନୂଆପଡ଼ାରେ ୧, ୫୦୯ଟି ରୁଫ୍‌ଟପ୍ ସୋଲାର ସଂଯୋଗ ହୋଇଛି, ଯାହା ମେ ମାସର ୧, ୪୮୯ ରେକର୍ଡକୁ ଅତିକ୍ରମ କରିଛି। ଜୁଲାଇ ୨୦୨୬ ସୁଦ୍ଧା ନୂଆପଡ଼ା ଜିଲ୍ଲାରେ ମୋଟ ୭, ୬୪୩ ଉପଭୋକ୍ତା ରହିଥିବା ବେଳେ ସେଥିମଧ୍ୟରୁ ୟୁଏଲ୍‌ଏ ମଡେଲ୍ ଅଧୀନରେ ୫, ୫୧୯ଟି ସଂଯୋଗ ହୋଇ ଏହା ସମଗ୍ର ପଶ୍ଚିମ ଓଡ଼ିଶାରେ ଅଗ୍ରଣୀ ଜିଲ୍ଲା ପାଲଟିଛି।ଜୁଲାଇ ୨୦୨୬ ସୁଦ୍ଧା ସମଗ୍ର ବିତରଣ କ୍ଷେତରେ ମୋଟ ରୁଫ୍‌ଟପ୍ ସୋଲାର ଉପଭୋକ୍ତାଙ୍କ ସଂଖ୍ୟା ୪୫, ୧୦୩କୁ ବୃଦ୍ଧି ପାଇଛି, ଯେଉଁଥିରେ କେବଳ ୟୁଏଲ୍‌ଏ ମଡେଲ୍ ମାଧ୍ୟମରେ ୧୭, ୦୬୩ଟି ସ୍ଥାପନ ହୋଇଛି। ମୋଟ ରୁଫ୍‌ଟପ୍ ସୋଲାର ଉପଭୋକ୍ତାଙ୍କ ସଂଖ୍ୟା କ୍ଷେତ୍ରରେ ବରଗଡ଼ (୭, ୮୨୩) ଆଗରେ ରହିଥିବା ବେଳେ ଏହା ପଛକୁ ନୂଆପଡ଼ା (୭, ୬୪୩) ଏବଂ ସୁନ୍ଦରଗଡ଼ (୬, ୬୫୧) ରହିଛି। ରୁଫ୍‌ଟପ୍ ସୋଲାର ଆପଣାଇବା ଦ୍ୱାରା ଉପଭୋକ୍ତାମାନେ ସିଧାସଳଖ ଆର୍ଥିକ ଲାଭ ପାଉଛନ୍ତି। ଏପର୍ଯ୍ୟନ୍ତ 'ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମୁଫ ବିଜୁଳି ଯୋଜନା'ରେ ୮, ୨୫୭ ଜଣ ଏବଂ ୟୁଏଲ୍‌ଏ ମଡେଲ୍ ମାଧ୍ୟମରେ ୨, ୯୭୯ ଜଣ ଉପଭୋକ୍ତାଙ୍କ ବିଜୁଳି ବିଲ୍ ଶୂନ ହୋଇପାରିଛି। ଏହିପରି ମୋଟ ୧୧, ୦୦୦ରୁ ଅଧିକ ପରିବାର ଶୂନ ବିଲ୍‌ର ସୁବିଧା ପାଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ରାଜ୍ୟସ୍ତରୀୟ ଫଟୋ ପ୍ରଦର୍ଶନୀ 'ଝଲକି' ଉଦ୍‌ଘାଟିତ

**ସମ୍ବଲପୁର, ୧୯।୮ (ସମିସ) :** ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ ସମ୍ବଲପୁର ପ୍ରୋଫେସନାଲ ଫଟୋଗ୍ରାଫର୍ସ ଆସୋସିଏସନ (ଏସ୍‌ପିପିଏ) ପକ୍ଷରୁ ବଡ଼ବଜାର ରିଂରୋଡ୍‌ସ୍ଥିତ ଓଡ଼ିଶା ଲଳିତ କଳା ଏକାଡେମୀର ସମ୍ବଲପୁର ଆଞ୍ଚଳିକ ଆର୍ଟ ଗ୍ୟାଲେରୀରେ ଆୟୋଜିତ ବିଶେଷ ଫଟୋଗ୍ରାଫି ପ୍ରଦର୍ଶନୀ 'ଝଲକି' ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରଦର୍ଶନୀ ଅଗଷ୍ଟ ୧୯ ଏବଂ ୨୦ ତାରିଖ ଦୁଇ ଦିନ ଧରି ଚାଲିବ। ପ୍ରଦର୍ଶନୀରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୪୪ ଜଣ ଫଟୋଗ୍ରାଫରଙ୍କ ଦ୍ୱାରା ଉଠାଯାଇଥିବା ୧୪୭ଟି ଚିତ୍ତାକର୍ଷକ ଫଟୋ ସ୍ଥାନ ପାଇଛି। ଏଥିରେ ବନ୍ୟଜନ୍ତୁ, ପ୍ରକୃତି, ଷ୍ଟ୍ରିଟ ଫଟୋଗ୍ରାଫି, ଜୀବନଶୈଳୀ, ପର୍ଯ୍ୟଟନ ଏବଂ ସଂସ୍କୃତି ଭଳି ବିବିଧ ବିଷୟବସ୍ତୁକୁ ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଛି। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପ୍ରଦର୍ଶନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ବିଶିଷ୍ଟ ଫଟୋଗ୍ରାଫର ଶାଶ୍ୱତ ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଦର୍ଶିତ ଫଟୋଗୁଡ଼ିକର କଳାତ୍ମକ ମାନକୁ ପ୍ରଶଂସା କରିବାସହ ଓଡ଼ିଶାର ଲୋକକଳା, ଐତିହ୍ୟ ଓ ଜନଜୀବନର ପ୍ରକୃତ କାହାଣୀକୁ ନିରନ୍ତର କ୍ୟାମେରାରେ ସାଉଁଟିବାକୁ ଆହ୍ୱାନ ଦେଇଛନ୍ତି।



'ଝଲକି' ଓଡ଼ିଶାର ସମୃଦ୍ଧ ସଂସ୍କୃତି, ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ଜନଜୀବନର ଅଣକୁହା କାହାଣୀଗୁଡ଼ିକୁ କ୍ୟାମେରା ମାଧ୍ୟମରେ ଉପସ୍ଥାପନ କରିବା ପାଇଁ ଏକ ଅନନ୍ୟ କଳା ମଞ୍ଚ ସାଜିଛି। ଏହି ପ୍ରଦର୍ଶନୀରେ ରାଜ୍ୟର ମନୋରମ ସୌନ୍ଦର୍ଯ୍ୟ, ବିରଳ ବନ୍ୟଜନ୍ତୁ, ଚିରନ୍ତନ ଐତିହ୍ୟ, ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ଏବଂ ଦୈନନ୍ଦିନ ଜୀବନର ବିଭିନ୍ନ ଶୈଳୀ ପ୍ରଦର୍ଶିତ ହୋଇଛି। ଏସ୍‌ପିପିଏ ସଭାପତି ଆନନ୍ଦ ମୋହନ ଦାଶ, ସମ୍ପାଦକ ଶିଶିର କର, କୋଷାଧ୍ୟକ୍ଷ ସୁଦୀପ ପ୍ରଧାନ, ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଲଳିତ ରୋହିଦାସଙ୍କ ସହ କାର୍ଯ୍ୟକାରିଣୀ ସଭ୍ୟ ଦିଲ୍ଲୀପ ମେହେର, ପିଣ୍ଟୁ ଦେହେରୀ, ନିପୁନ ଜେନା, ଲଳିତ ରାୟ, ଅଭିଶେକ ବାଞ୍ଜି, ସୁଜିତ ପଟ୍ଟନାୟକ, ଦୀପେନ ପ୍ରଧାନ, ଅଂଶୁମାନ ବାରିକ, ପ୍ରକାଶ ନାୟକ, ନିତୁନ ପଣ୍ଡା, ଶିବ ମେହେର, ଆକାଶ ଦାଶ, ବିନୀତ ସାହୁ ପ୍ରମୁଖ ଆୟୋଜନ ଓ ପରିଚାଳନାରେ ସହଯୋଗ କରୁଛନ୍ତି।

# ଫଟୋଗ୍ରାଫି ଶିକ୍ଷାକୁ ଗୁରୁତ୍ୱାରୋପ




**ସମ୍ବଲପୁର, ୧୯।୮ (ସମିସ) :** ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ ଆଜି ସମ୍ବଲପୁର ଫଟୋଗ୍ରାଫର୍ସ ଆସୋସିଏସନ ତରଫରୁ ମା' ସମଲେଶ୍ୱରୀ ମନ୍ଦିରରେ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହାସହ ନୂତନ ପିଢ଼ି ଫଟୋଗ୍ରାଫି ଶିକ୍ଷା ଲାଭକରି ଏହାର ଦକ୍ଷତାକୁ ସମାଜର ହିତରେ ଉପଯୋଗ କରନ୍ତୁ ବୋଲି ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ସଂଘର କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟଜିତ ପଣ୍ଡା, ଅଶୋକ ପଟେଲ, ଅଶୋକ ରାଉତ, ଶମ୍ଭୁ ପାଢ଼ୀ, ମନୋଜ କଶ୍ୟପ, ଅକ୍ଷୟ ପଣ୍ଡା, ତପନ ଦାସ, ନିକେତ ମେହେତା, ନରେଶ ସିଂ, ନରେନ୍ଦ୍ର ପ୍ରଧାନ, ପିଣ୍ଟୁ ମିର୍ଦ୍ଧା, ନନ୍ଦୀଶ୍ୱର ପଧାନ, ବିଶ୍ୱଭୂଷଣ ବେହେରା, ପ୍ରିୟାଂଶୁ ପାଢ଼ୀ ପ୍ରମୁଖଙ୍କ ସହ ସଂଘର ନୂତନ ସଦସ୍ୟମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବରିଷ୍ଠ ଫୋଟୋଗ୍ରାଫର ରାମକୃଷ୍ଣ ସାମନ୍ତରାୟଙ୍କ ବିୟୋଗରେ ସଂଘ ତରଫରୁ ନିରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

# ମାଳଦ୍ୱୀପରେ ଟାଇଗର୍ ସାର୍କଙ୍କ ମଧ୍ୟରେ ପ୍ରିୟଦର୍ଶୀଙ୍କ ୧୦୦ତମ ସ୍କୁବା ଡାଇଭ୍

ସମ୍ବଲପୁର, ୧୯।୮ (ସମିସ)

ଦୁବାଇସ୍ଥିତ ଓଡ଼ିଆ ସ୍କୁବା ଡାଇଭର୍ ତଥା ବରିଷ୍ଠ କର୍ପୋରେଟ୍ ମୁଖ୍ୟ ପ୍ରିୟଦର୍ଶୀ ପାଣିଗ୍ରାହୀ ତାଙ୍କର ୧୦୦ତମ ସ୍କୁବା ଡାଇଭ୍ ସମ୍ପନ୍ନ କରିଛନ୍ତି। ଏହାସହିତ ଓଡ଼ିଶାର ଅନ୍ୟତମ ଅଭିଜ୍ଞ ରିକ୍ରିଏସନାଲ୍ ସ୍କୁବା ଡାଇଭର୍ ଭାବେ ତାଙ୍କର ଉଲ୍ଲେଖନୀୟ ଯାତ୍ରାରେ ଆଉ ଏକ ମାଇଲଖୁଣ୍ଟ ଯୋଡ଼ି ହୋଇଛି। ନିକଟରେ ମାଳଦ୍ୱୀପର ଫୁଭାମୁଲା ଦ୍ୱୀପର ଅତ୍ୟନ୍ତ ରୋମାଞ୍ଚକର ଟାଇଗର୍ ସାର୍କ୍ ଅଞ୍ଚଳରେ ସେ ଏହି ଐତିହାସିକ ଡାଇଭ୍ ସମ୍ପନ୍ନ କରିଥିଲେ। ଭୂମଧ୍ୟରେଖାର ଠିକ୍ ତଳେ ଅବସ୍ଥିତ ଫୁଭାମୁଲାକୁ ଆନ୍ତର୍ଜାତିକ ସ୍ତରରେ ବିଶ୍ୱର 'ଟାଇଗର୍ ସାର୍କ ରାଜଧାନୀ' ଭାବେ ପରିଚିତ ଏକ ପ୍ରମୁଖ ଡାଇଭିଂ ଗନ୍ତବ୍ୟସ୍ଥଳ ଭାବେ ଗଣାଯାଏ। ଏହି ମାଇଲଖୁଣ୍ଟ ଡାଇଭ୍‌ଟି ଆହୁରି ସ୍ମରଣୀୟ ହୋଇଥିଲା, କାରଣ ପ୍ରିୟଦର୍ଶୀଙ୍କ ସହ ତାଙ୍କ ୧୬ ବର୍ଷୀୟା ଝିଅ ତିସ୍ୟା ମଧ୍ୟ ଥିଲେ। ତିସ୍ୟା ନିଜେ ଜଣେ ରେକର୍ଡଧାରୀ ଆଡଭାନ୍ସଡ୍ ଓପନ୍ ୱାଟର୍ ଡାଇଭର୍। ସମୁଦ୍ରର ଗଭୀରତାକୁ ଅବତରଣ କରିବା ପରେ ପ୍ରିୟଦର୍ଶୀ ଓ ତିସ୍ୟା ବିଭିନ୍ନ ଆକାରର ଟାଇଗର୍ ସାର୍କମାନଙ୍କ ଦ୍ୱାରା ପରିବେଷ୍ଟିତ ହୋଇଥିଲେ।






ସେମାନଙ୍କ ମଧ୍ୟରୁ କେତୋଟିର ଲମ୍ବ ପ୍ରାୟ ୧୫ ଫୁଟ୍ ପର୍ଯ୍ୟନ୍ତ ଥିବାସହ ସେମାନଙ୍କ ଓଜନ କେତେଶହ କିଲୋଗ୍ରାମ ଥିଲା। ଅନେକ ସାର୍କ ଏହି ବାପ-ଝିଅ ଯୋଡ଼ିଠାରୁ ମାତ୍ର କେତେକ ସେଣ୍ଟିମିଟର୍ ଦୂରରେ ଥିଲେ। ୨୦୧୨ ମସିହାରୁ ସ୍କୁବା ଡାଇଭିଂକୁ ନିଜର ଏକ ଅନୁରାଗ ଭାବେ ଗ୍ରହଣ କରିଥିବା ପ୍ରିୟଦର୍ଶୀଙ୍କ ପାଇଁ ୧୦୦ଟି ଡାଇଭ୍ ସମ୍ପୂର୍ଣ୍ଣ କରିବା କେବଳ ଏକ ସଂଖ୍ୟାଗତ ମାଇଲଖୁଣ୍ଟ ନୁହେଁ। ସେ କହିଛନ୍ତି, ମୋର ୧୦୦ତମ ଡାଇଭ୍ ସମ୍ପୂର୍ଣ୍ଣ କରିବା ପାଇଁ ଏହାଠାରୁ ଭଲ ଉପାୟ ମୁଁ କଳ୍ପନା ମଧ୍ୟ କରିପାରିନଥିଲି। ତିସ୍ୟାଙ୍କ ସହ ସମୁଦ୍ର ତଳେ ଟାଇଗର୍ ସାର୍କମାନଙ୍କ ଦ୍ୱାରା ପରିବେଷ୍ଟିତ ହୋଇ ଡାଇଭ୍ କରିବା ଏକ ଅତ୍ୟନ୍ତ ଶକ୍ତିଶାଳୀ ଓ ନମ୍ର କରିଦେବା ଭଳି ଅନୁଭୂତି ଥିଲା। ତିସ୍ୟା କହିଛନ୍ତି, ବାପାଙ୍କ ୧୦୦ତମ ଡାଇଭ୍ ତାଙ୍କ ସହ କରିବା ମୋ ପାଇଁ ସତରେ ବହୁତ ବିଶେଷ ଥିଲା। ଆମେ ଟାଇଗର୍ ସାର୍କମାନଙ୍କ ଦ୍ୱାରା ଘେରି ରହିଥିଲୁ ଏବଂ ଏତେ ନିକଟରୁ ଏହି ଅଦ୍ଭୁତ ପ୍ରାଣୀମାନଙ୍କୁ ଦେଖିବା ଏକ ଅବିଶ୍ୱସନୀୟ ମୁହୂର୍ତ୍ତ ଥିଲା। ଫୁଭାମୁଲାର ଡାଇଭିଂ ସେଣ୍ଟର 'ସ୍କୁବା ବଟଲର୍' ର ମାଲିକ, ଖ୍ୟାତିପ୍ରାପ୍ତ ଡାଇଭିଂ ଇନଷ୍ଟ୍ରକ୍ଟର ତଥା ମାଳଦ୍ୱୀପର ନାଗରିକ ଶୁମି, ପ୍ରିୟଦର୍ଶୀଙ୍କ ଡାଇଭିଂ ଅନୁଭୂତିକୁ ସୁଗମ କରିଥିଲେ। ଶୁମି କହିଛନ୍ତି, ଫୁଭାମୁଲାରେ ଟାଇଗର୍ ଶାର୍କମାନଙ୍କ ମଧ୍ୟରେ ପ୍ରିୟଦର୍ଶୀଙ୍କ ୧୦୦ତମ ଡାଇଭ୍ ସମ୍ପୂର୍ଣ୍ଣ କରିବା ଏକ ଅତ୍ୟନ୍ତ ଚମତ୍କାର ମାଇଲ୍‌ଷ୍ଟୋନ୍। ଡାଇଭର୍‌ମାନଙ୍କ ପାଇଁ ଫୁଭାମୁଲା ଏକ ବିଶେଷ ସ୍ଥାନ, କାରଣ ଏଠାରେ ଟାଇଗର୍ ସାର୍କ୍‌ଙ୍କ ସହ ସାକ୍ଷାତକାର ଅତ୍ୟନ୍ତ ନିକଟ ଓ ସ୍ମରଣୀୟ ହୋଇପାରେ। ପ୍ରିୟଦର୍ଶୀ ପୂର୍ବତନ ମନ୍ତ୍ରୀ ତଥା ସାଂସଦ ସ୍ୱର୍ଗତ ଶ୍ରୀବଲ୍ଲଭ ପାଣିଗ୍ରାହୀ ଏବଂ ଶିକ୍ଷାବିତ୍ ସ୍ୱର୍ଗତ ସୁନନ୍ଦା ପାଣିଗ୍ରାହୀଙ୍କ ପୁତ୍ର। ଭୁବନେଶ୍ୱରରେ ଜନ୍ମଗ୍ରହଣ କରିଥିବା ପ୍ରିୟଦର୍ଶୀ ସମ୍ବଲପୁର ଓ ଦିଲ୍ଲୀରେ ବଢ଼ିଥିଲେ। ୨୦୧୨ ମସିହାରେ ସେ ସ୍କୁବା ଡାଇଭିଂ ଯାତ୍ରା ଆରମ୍ଭ କରିଥିଲେ। ଏହାର ମାତ୍ର ୧୬ ମାସ ପୂର୍ବରୁ, ମାର୍ଚ୍ଚ ୨୦୨୫ରେ ସେ ତାଙ୍କ ୭୫ତମ ଡାଇଭ୍ ସମ୍ପୂର୍ଣ୍ଣ କରିଥିଲେ। ତିସ୍ୟା ୨୦୨୦ ମସିହାରେ ମାତ୍ର ୧୦ ବର୍ଷ ବୟସରେ ଓଡ଼ିଶାର ସର୍ବକନିଷ୍ଠ ସ୍କୁବା ଡାଇଭର୍ ହୋଇଥିଲେ। ୨୦୨୨ରେ ୧୨ ବର୍ଷ ବୟସରେ ସେ ଓଡ଼ିଶାର ସର୍ବକନିଷ୍ଠ ଆଡଭାନ୍ସଡ୍ ଓପନ୍ ୱାଟର୍ ଡାଇଭର୍ ହୋଇଥିଲେ। ପୁଣି ୮ ଜୁନ୍ ୨୦୨୫ରେ ନିଜ ୧୫ତମ ଜନ୍ମଦିନରେ ୧୦୦ ଫୁଟ୍ ଗଭୀରତାକୁ ଡାଇଭ୍ କରି, ସେ ଏହି ଗଭୀରତାରେ ପହଞ୍ଚିଥିବା ସର୍ବକନିଷ୍ଠ ଓଡ଼ିଆ ହୋଇଥିଲେ।

### ଜମି ଚୋରି ମାମଲା

# ୭ ଦିନ ପରେ ବି ପୁଲିସର ହାତ ଖାଲି

**କୋମନା, ୧୯ ।୮ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ତହସିଲ ଅଧୀନ ଚାନ୍ଦୋପଲା ଗାଁର ସତ୍ୟନାରାୟଣ ପ୍ରଧାନୀଙ୍କ ନାମରେ ଥିବା ୪ ଏକର ୪୦ ଡିସିମିଲ ଜମିକୁ କୋମନା ସବ୍‌ରେଜିଷ୍ଟ୍ରାର ଅଫିସରେ ନକଲି କାଗଜପତ୍ର କରି ବିକି ଦେଇଥିବା ଅଭିଯୋଗ ହୋଇଛି ।ଏନେଇ ନକଲି କାଗଜାତ ପତ୍ରରେ ବିକି ଦେଇଥିଲେ। ଅସଲି ଜମି ମାଲିକ ଜାଣି ପାରିବା ପରେ କୋମନା ସବ୍‌ରେଜିଷ୍ଟ୍ରାର ଅଫିସରେ ଆସି ସତ୍ୟତା ଜାଣିପାରି ଥିଲେ। ପରେ ପ୍ରକୃତ ହିତାଧିକାରୀ କୋମନା ତହସିଲଦାର ତଥା ସବ୍‌ରେଜିଷ୍ଟରଙ୍କୁ ଜଣାଇଥିଲେ। ଗତ ୧୩ ତାରିଖ ଦିନ



ସବ୍‌ରେଜିଷ୍ଟ୍ରାର କୋମନା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। କୋମନା ଥାନାରେ ମାମଲା ରୁଜୁ ହୋଇଛି। ଏହି ଘଟଣାକୁ ୭ ଦିନ ବିତି ଯାଇଥିଲେ ମଧ୍ୟ ଅଭିଯୁକ୍ତକୁ ଗିରଫ କରି ପାରିନାହିଁ ପୁଲିସ। ଅନ୍ୟପକ୍ଷରେ ଜମି ଚୋରି ମାମଲାର ତଦନ୍ତ କରୁଥିବା ତତ୍କାଳୀନ କୋମନା ଥାନା ଅଧିକାରୀ ରଶ୍ମିତା ପ୍ରଧାନଙ୍କୁ ରାତାରାତି ବଦଳି କରାଯାଇଛି। କୋମନା ଥାନାରେ ତତ୍‌କାଳୀନ ସବରେଜିଷ୍ଟ୍ରାର କୋମନା ଥାନାରେ ଜମି ଜାଲିଆତି ସମ୍ପର୍କରେ ଏକ ଲିଖିତ ଅଭିଯୋଗ କରିଥିଲେ। ମାମଲା ରୁଜୁ ହେବାର ୭ ଦିନ ପରେ ବି ପୁଲିସର ହାତ ଖାଲି ରହିଛି। କୋମନା ତହସିଲ ଅଧୀନ ଚାନ୍ଦୋପଲା ଗାଁର ସତ୍ୟନାରାୟଣ ପ୍ରଧାନୀଙ୍କ ନାମରେ ଥିବା ୪ ଏକର ୪୦ ଡିସିମିଲ ଜମିକୁ ଅସଲି ନାମରେ ନକଲି ଲୋକ, ଶ୍ରୀବଲ୍ଲଭ ସାହୁ ନୂତନ ଆଇଆଇସି ଭାବେ ଯୋଗଦାନ କରିଛନ୍ତି। ପୁଣି କୋମନା ସବ୍ ରେଜିଷ୍ଟ୍ରାର ସର୍ବେଶ୍ୱର ଜାଲଙ୍କୁ ସବ୍ ରେଜିଷ୍ଟ୍ରାର ପଦରୁ ହଟାଇ ତାଙ୍କ ସ୍ଥାନରେ ଅତିରିକ୍ତ ତହସିଲଦାରଙ୍କୁ ସବ୍‌ରେଜିଷ୍ଟ୍ରାର ଦାୟିତ୍ୱ ଦିଆଯାଇଛି। କିନ୍ତୁ ପ୍ରକୃତ ଜମି ମାଲିକ ସତ୍ୟନାରାୟଣ ପ୍ରଧାନୀ ଓ ତାଙ୍କ ପରିବାରକୁ ନ୍ୟାୟ ମିଳିପାରି ନାହିଁ।

### ବନ୍ଧାଗାଁ ମେଗା ପାନୀୟଜଳ ପ୍ରକଳ୍ପ

# କୋଟି କୋଟି ଖର୍ଚ୍ଚ ପରେ ବି ଘରପାଖକୁ ପାଣି ନାହିଁ

**ଗୋଲାମୁଣ୍ଡା, ୧୯ ।୮ (ସମିସ)**

ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟଜଳ ଯୋଗାଣଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ କୋଟିକୋଟି ଟଙ୍କା ବ୍ୟୟରେ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ତେବେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ବନ୍ଧାଗାଁ ମେଗା ପାନୀୟଜଳ ପ୍ରକଳ୍ପକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକଳ୍ପ ପାଇଁ ବିପୁଳ ଅର୍ଥବ୍ୟୟ ହୋଇଥିଲେ ମଧ୍ୟ ଅନେକ ଘରକୁ ପାଣି ସଂଯୋଗ ହୋଇନଥିବା ନ ଥିବା ଅଭିଯୋଗ ହୋଇଛି।

ସୂଚନା ଅନୁସାରେ, ଗୋଲାମୁଣ୍ଡା ବ୍ଲକର ବିଭିନ୍ନ ଗ୍ରାମକୁ ପାନୀୟଜଳ ଯୋଗାଇବା ପାଇଁ ପ୍ରକଳ୍ପ ଅଧୀନରେ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ବଡ଼ ପାଇପ୍ ବିଛାଯାଇଛି। କେତେକ ସ୍ଥାନରେ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଷ୍ଟାଣ୍ଡପୋଷ୍ଟ ମଧ୍ୟ ସ୍ଥାପନ କରାଯାଇଛି। କିନ୍ତୁ ଗଳି ରାସ୍ତା ଦେଇ ଘର ନିକଟକୁ ପାଇପ୍ ସଂଯୋଗ ନେବା ପାଇଁ



ହିତାଧିକାରୀଙ୍କୁ ନିଜ ଖର୍ଚ୍ଚରେ ପାଇପ୍ କିଣିବାକୁ କୁହାଯାଉଥିବା ଲୋକେ ଅଭିଯୋଗ କରିଛନ୍ତି। ନିଜ ଖର୍ଚ୍ଚରେ ପାଇପ୍ କିଣିବା ବ୍ୟବସ୍ଥାକୁ ନେଇ ସ୍ଥାନୀୟଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ବିଶେଷକରି ଚାଷ ପାଇଁ ଋଣ କରୁଥିବା ଚାଷୀ ଓ ଦିନମଜୁରିଆ ପରିବାର ପାଇଁ ଏହା ଅତିରିକ୍ତ ଆର୍ଥିକ ବୋଝ ପାଲଟିଛି ବୋଲି ସେମାନେ କହିଛନ୍ତି। ଜଣେ ହିତାଧିକାରୀଙ୍କ କହିବାନୁଯାୟୀ, ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ପ୍ରକଳ୍ପ କରୁଛନ୍ତି। ହେଲେ ଘର ପାଖକୁ ପାଣି ପହଞ୍ଚାଇବା ପାଇଁ ଆମକୁ ପୁଣି ନିଜ ଟଙ୍କାରେ ପାଇପ୍ କିଣିବାକୁ ପଡୁଛି। ଏନେଇ ଜଳ ଯୋଗାଣ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ଜାଣିବା ପାଇଁ ଫୋନ୍ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା। ସୂଚନାଯୋଗ୍ୟ, ୨୦୨୧ ମସିହା ମାର୍ଚ୍ଚ ୩ ତାରିଖରେ ଗୋଲାମୁଣ୍ଡା ବ୍ଲକର ବନ୍ଧାଗାଁ ନିକଟ ତେଲ ନଦୀ କୂଳରେ ପ୍ରାୟ ୧୬୮ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ମେଗା ପାନୀୟଜଳ ପ୍ରକଳ୍ପର କାମ ଆରମ୍ଭ ହୋଇଥିଲା। ହାଇଦରାବାଦସ୍ଥିତ ମେଘା ଇଞ୍ଜିନିୟରିଂ ସଂସ୍ଥା ପକ୍ଷରୁ କାର୍ଯ୍ୟ କରାଯାଉଥିବା ବେଳେ ବୋରଗୁଡ଼ାଠାରେ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ କରାଯାଇଛି। ପ୍ରକଳ୍ପର ଉଦ୍ଦେଶ୍ୟ ଅନୁଯାୟୀ ଯୋଗ୍ୟ ହିତାଧିକାରୀଙ୍କ ଘର ନିକଟକୁ ପାନୀୟଜଳ ସଂଯୋଗ ସୁନିଶ୍ଚିତ କରିବା ସହ ନିଜ ଖର୍ଚ୍ଚରେ ପାଇପ୍ କିଣିବା ସମ୍ପର୍କିତ ଅଭିଯୋଗର ତଦନ୍ତ କରିବାକୁ ଦାବି ହୋଇଛି। ଏଥିସହ ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀ ତୁରନ୍ତ ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# କଳାହାଣ୍ଡି ଡିଷ୍ଟ୍ରିକ୍ଟ ଆସୋସିଏସନ୍ ଡିଫ ପକ୍ଷରୁ ସ୍ୱାଧୀନତା ଦିବସ

**ଭବାନୀପାଟଣା, ୧୯ ।୮ (ସମିସ):** କଳାହାଣ୍ଡି ଡିଷ୍ଟ୍ରିକ୍ଟ ଆସୋସିଏସନ୍ ଡିଫ ତରଫରୁ ସ୍ଥାନୀୟ ବୁରିହାରି ପଡ଼ାଠାରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ସୌରଭ କୁମାର ରଥ, ସଭାପତି ରାଜେଶ ଅଗ୍ରୱାଲ, ଉପସଭାପତି ଧିରଜ କୁମାର ଗୋୟଲ, ସାଧାରଣ ସମ୍ପାଦକ ଆଶିଷ ରାଉତ, କୋଷାଧ୍ୟକ୍ଷ ବଳରାମ ଡାକୁଆ ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ ସହିତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ ଓ ବଳିଦାନକୁ ମନେ ପକାଇଥିଲେ। ଏହି ଅବସରରେ ପୂର୍ବତନ ବୋର୍ଡ ସଦସ୍ୟ ଓ ବର୍ତ୍ତମାନ ବୋର୍ଡ ସଦସ୍ୟ ଉପସ୍ଥିତ ଥିଲେ।



# ପିଏମ୍ ବିଶ୍ୱକର୍ମା ଯୋଜନା ଉପରେ ସଚେତନତା କାର୍ଯ୍ୟକ୍ରମ

**ଖଡ଼ିଆଳ, ୧୯ ।୮ (ସମିସ):** ପାରମ୍ପରିକ କାରିଗର ଓ ଶିଳ୍ପୀଙ୍କୁ ସ୍ୱାବଲମ୍ବୀ ଏବଂ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟରେ ଖଡ଼ିଆଳ ଏନଏସିସ୍ଥିତ କଲ୍ୟାଣ ମଣ୍ଡପ-୨ ଠାରେ ପିଏମ ବିଶ୍ୱକର୍ମା ଯୋଜନା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ସହ ବ୍ରାଣ୍ଡିଂ ଓ ମାର୍କେଟିଂ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିଜସ୍ୱ ଉତ୍ପାଦକୁ କିପରି ବ୍ରାଣ୍ଡ କରିବା, ବଜାରରେ ଉପଯୁକ୍ତ ଭାବେ ପହଞ୍ଚାଇବା ଏବଂ ଅନଲାଇନ୍ ଓ ଅଫଲାଇନ୍ ବଜାର ମାଧ୍ୟମରେ ଅଧିକ ବିକ୍ରି କରି ଲାଭବାନ ହେବା ସମ୍ପର୍କରେ କାରିଗର ଓ ଶିଳ୍ପୀମାନଙ୍କୁ ସଚେତନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ଏନଏସି ଅଧ୍ୟକ୍ଷ ଉଜ୍ଜଳ ଗୁପ୍ତା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏମ୍‌ଏସ୍‌ଏମ୍‌ଇଏସ୍ ନିର୍ଦ୍ଦେଶକ ଏସ୍.କେ. ସାହୁ, ଡିଆଇସି ସାଧାରଣ ପରିଚାଳକ ସମୀର ମୁଦୁଲି, ଖଡ଼ିଆଳ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା, ଖଡ଼ିଆଳ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖା ପରିଚାଳକ ଦିନେଶ କୁମାର ମିଶ୍ର, ବିଶ୍ୱକର୍ମା କମିଟି ସଦସ୍ୟ ଅଜିତ କିଶୋର ଚଲାନ, ଏମ୍‌ଏସ୍‌ଏମ୍‌ଇ ବିଭାଗର ସହକାରୀ ନିର୍ଦ୍ଦେଶକ ଦିନେଶ କୁମାର ନାଏକ ଓ ଖଡ଼ିଆଳ ସହକାରୀ ଶିକ୍ଷ ଅଧିକାରୀ ଆନନ୍ଦ ବେହେରା ଉପସ୍ଥିତ ଥିଲେ। କୋମନା ସହକାରୀ ଶିକ୍ଷ ଅଧିକାରୀ ଶୁଭମ ସାଇ ଜେନା ଓ




ସିନାପାଲି ସହକାରୀ ଶିକ୍ଷ ଅଧିକାରୀ ସୁନିଲ କୁମାର ଓରାମ୍ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶାଖା ଏମ୍‌ଏସ୍‌ଏମ୍‌ଇ ବିକାଶ ଓ ସୁବିଧା କାର୍ଯ୍ୟାଳୟ, ରାଉରକେଲା ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଡିଆଇସି ନୂଆପଡ଼ାର ସହଯୋଗରେ ଭାରତ ସରକାରଙ୍କ ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟମ ମନ୍ତ୍ରଣାଳୟ ଅଧୀନରେ ଏହି ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ପିଏମ ବିଶ୍ୱକର୍ମା ଯୋଜନା ଅଧୀନରେ ସୂତ୍ରଧର, କମାର, ସୁନାର, କୁମ୍ଭାର ସମେତ ୧୮ ପ୍ରକାରର ପାରମ୍ପରିକ ବୃତ୍ତି ସହ ଜଡ଼ିତ କାରିଗରମାନଙ୍କୁ ବିଭିନ୍ନ ସହାୟତା ଯୋଗାଇ ଦିଆଯାଉଛି। ଏଥିରେ ଦକ୍ଷତା ବୃଦ୍ଧି ତାଲିମ, ଟୁଲ୍‌କିଟ୍ ସହାୟତା, ଋଣ ସୁବିଧା ଓ ଡିଜିଟାଲ ମାର୍କେଟିଂ ଭଳି ସୁବିଧା ସମ୍ପର୍କରେ ମଧ୍ୟ ଅବଗତ କରାଯାଇଥିଲା। ନିଜ ଉତ୍ପାଦର ଗୁଣବତ୍ତା ଓ ପରିଚୟ ବଢ଼ାଇ ଆଧୁନିକ ବଜାରରେ ଉପଯୁକ୍ତ ମୂଲ୍ୟରେ ବିକ୍ରି କରିବାକୁ କାରିଗରମାନଙ୍କୁ ଉତ୍ସାହିତ କରାଯାଇଥିଲା।

# ଦୀର୍ଘଦିନ ଧରି ରାସ୍ତା ଭାଙ୍ଗି ଯାତାୟାତ ଠପ୍



**ଖଡ଼ିଆଳ, ୧୯ ।୮ (ସମିସ):** ଜୁଲାଇ ମାସର ଶେଷ ସପ୍ତାହରେ ଲଘୁଚାପ ଜନିତ ଲଗାଣବର୍ଷା ସାଙ୍ଗକୁ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପରୁ ଜଳ ନିଷ୍କାସନ ଯୋଗୁଁ ଖଡ଼ିଆଳ ସୁନ୍ଦର ନଦୀ ତଳ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏଥିରେ ଖଡ଼ିଆଳ ବ୍ଲକ ଖୁଦପେଜ ଗ୍ରାମର ସରପଡ଼ା ଏବଂ ଖୁଦପେଜ ଠାରୁ ବରଗାଁକୁ ସଂଯୋଗ କରୁଥିବା ରାସ୍ତା ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାରୁ ଯାତାୟାତ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ଏହି ରାସ୍ତା ଦେଇ ପଲସଦା, ଖୁଦପେଜ ସମେତ ଆଖପାଖ ଅଞ୍ଚଳର ଲୋକେ ନୂଆପଡ଼ାକୁ ଯାତାୟାତ କରୁଥିବାରୁ ରାସ୍ତା ଭାଙ୍ଗିଯିବାପରେ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଛି। ବିଶେଷକରି ଛାତ୍ରଛାତ୍ରୀଙ୍କ ପାଠପଢ଼ା ଉପରେ ଏହାର ଗୁରୁତର ପ୍ରଭାବ ପଡ଼ିଛି। ଯାତାୟାତରେ ଅସୁବିଧା ଯୋଗୁଁ ପ୍ରାୟ ୨୦ ଦିନହେଲା ଅନେକ ଛାତ୍ରଛାତ୍ରୀ ବିଦ୍ୟାଳୟ ଯାଇ ପାରୁନଥିବା ଅଭିଯୋଗ ହୋଇଛି। ରାସ୍ତାର ଦୁରାବସ୍ଥା ସମ୍ପର୍କରେ ସ୍ଥାନୀୟଲୋକେ ଓ ସରପଞ୍ଚ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହ ଅନେକଥର ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳି ନ ଥିବା ପ୍ରକାଶ କରିଛନ୍ତି। ତେଣୁ ତୁରନ୍ତ ରାସ୍ତା ମରାମତି କିମ୍ବା ପୁନଃନିର୍ମାଣ କରି ଯାତାୟାତ ସ୍ୱାଭାବିକ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ଏନେଇ ବିଡିଓ ମିଳନ କୁମାର ଝାଙ୍କରଙ୍କୁ ଯୋଗାଯୋଗ କରାଯିବାରୁ ରାସ୍ତା ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

### ନୂଆପଡ଼ାରେ ମତ୍ସ୍ୟ ବିଭାଗ ସମୀକ୍ଷା ବୈଠକ

# ସଫଳ ମତ୍ସ୍ୟ ଚାଷୀଙ୍କୁ ମିଳିବ 'ମତ୍ସ୍ୟ ମିତ୍ର' ପୁରସ୍କାର

**ସିନାପାଲି, ୧୯ ।୮ (ସମିସ):** ନୂଆପଡ଼ା ଜିଲ୍ଲାରେ ମତ୍ସ୍ୟଚାଷର ବିକାଶ, ମତ୍ସ୍ୟଜୀବୀ ଓ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ଆୟ ବୃଦ୍ଧି ତଥା ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିବା ନେଇ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ବିଭାଗ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବିଭିନ୍ନ ଯୋଜନାର ଅଗ୍ରଗତି ସମୀକ୍ଷା ସହ ଜିଲ୍ଲାରେ ମତ୍ସ୍ୟଚାଷର ସମ୍ଭାବନାକୁ ଅଧିକ ଉପଯୋଗ କରିବା ଉପରେ ଆଲୋଚନା କରାଯାଇଥିଲା। ମତ୍ସ୍ୟ ପୋଖରୀ ଯୋଜନା ୧'ରେ ୬୦ଟି ପ୍ରକଳ୍ପକୁ ଅନୁମତି ମିଳିଥିବା ବେଳେ ୨୫ଟି ପ୍ରକଳ୍ପରେ ୯.୦୯ ହେକ୍ଟର ଜମିରେ ଅଗ୍ରଗତି ହାସଲ ହୋଇଛି। ସେହିପରି, 'ମତ୍ସ୍ୟ ପୋଖରୀ ଯୋଜନା୨'ରେ ୪୯ଟି ପ୍ରକଳ୍ପକୁ ଗୋ-ଅହେଡ୍ ଦିଆଯାଇଥିବାବେଳେ ୨୯ଟି ପ୍ରକଳ୍ପରେ ୨୬.୦୨ ହେକ୍ଟର ଜମିରେ କାମ ସମ୍ପୂର୍ଣ୍ଣ ହୋଇଛି। ବାୟୋଫ୍ଲକ୍ ଯୋଜନାରେ ୮ଟି ପ୍ରକଳ୍ପର ୪୬ଟି ଟ୍ୟାଙ୍କ କାମକ୍ଷମ ହୋଇଛି। 'ନେଟୱର୍କ ଅଫ୍ ଫିସ୍ ସିଡ୍ ଗ୍ରୋଅର' ଯୋଜନାରେ ୪୬ଟି ପ୍ରକଳ୍ପକୁ ଗୋ-ଅହେଡ୍ ଦିଆଯାଇଥିବାବେଳେ ୪୧ ଜଣ ହିତାଧିକାରୀଙ୍କ ୯୫.୨୬ ଏକର ଜମିରେ କାମ ସମ୍ପୂର୍ଣ୍ଣ ହୋଇଛି। ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ମତ୍ସ୍ୟ ଚାଷ ସହ ଯୋଡ଼ି ଆୟ ବୃଦ୍ଧି କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ସଫଳ ମତ୍ସ୍ୟ ଚାଷୀ




ଓ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଜିଲ୍ଲାପାଳ 'ମତ୍ସ୍ୟ ମିତ୍ର ପୁରସ୍କାର' ଘୋଷଣା କରିଥିଲେ। 'ଜିପି ଟ୍ୟାଙ୍କରେ ମତ୍ସ୍ୟ ଚାଷ ପାଇଁ ଡବ୍ଲୁଏସ୍‌ଏଚ୍‌ଜିକୁ ଇନ୍‌ପୁଟ୍ ସହାୟତା' ଯୋଜନାରେ ସଫଳତା ପାଇଁ ନୂଆପଡ଼ା ବ୍ଲକ ଲାଙ୍ଗିମାର ଗୋସ୍ୱାମୀ ଡବ୍ଲୁଏସ୍‌ଏଚ୍‌ଜି ଏବଂ 'ନେଟୱର୍କ ଅଫ୍ ଫିସ୍ ସିଡ୍ ଗ୍ରୋଅର' ଯୋଜନାରେ ସଫଳତା ପାଇଁ ସିଲ୍ଦାର ନିର୍ମଳାବାଇ ପାଣ୍ଡେଙ୍କୁ ସମ୍ମାନିତ କରାଯାଇଥିଲା। ସେମାନଙ୍କ ସଫଳତା ଅନ୍ୟ ମତ୍ସ୍ୟଚାଷୀଙ୍କ ପାଇଁ ପ୍ରେରଣାଦାୟକ ବୋଲି ଜିଲ୍ଲାପାଳ କହିଥିଲେ। ବୈଠକରେ ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲା ମତ୍ସ୍ୟଅଧିକାରୀ ତୁଷାର ଦୀପ, ଡିପିସି ସୁନୀଲ କୁମାର ମଲ୍ଲିକ, ସହକାରୀ ମତ୍ସ୍ୟ ଅଧିକାରୀ ସନ୍ତୋଷୀ ସାହୁଙ୍କ ସମେତ ସମସ୍ତ ବ୍ଲକସ୍ତରୀୟ ମତ୍ସ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ରିଷିଡ଼ା ଫାଣ୍ଡିରେ ସାଇବର ସଚେତନତା ଶିବିର

**କର୍ଲାମୁଣ୍ଡା, ୧୯ ।୮ (ସମିସ):** କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ପୁଲିସ ଫାଣ୍ଡି କାର୍ଯ୍ୟାଳୟ ପରିସରରେ କଳାହାଣ୍ଡି ପୁଲିସ ପକ୍ଷରୁ ଆଜି ସାଇବର ଅପରାଧକୁ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଫାଣ୍ଡି ଅଧିକାରୀ ମକରଧ୍ୱଜ ବିଷୋୟୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବରିଷ୍ଠ ନାଗରିକ, ଯୁବଗୋଷ୍ଠୀ ଯୋଗଦେଇଥିଲେ। ଫାଣ୍ଡି ଅଧିକାରୀ ଶ୍ରୀ ବିଷୋୟୀ, କନେଷ୍ଟବଳ ରଞ୍ଜନ କୁମାର ସାହୁ, ସୁନୀଲ କୁମାର ବାଗ ସାଇବର ଅପରାଧୀ ମାନେ କିପରି ଲୋକଙ୍କୁ ବଶିଭୂତ କରି ଠକେଇ କରିଥାନ୍ତି ସେ ସମ୍ପର୍କ ରେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ ଓ ପୀଡିତ ସାଙ୍ଗେ ସାଙ୍ଗେ ଟୋଲ୍ ଫ୍ରି ନମ୍ବରକୁ ଫୋନ କରିବା ସହ ନିକଟସ୍ଥ ଥାନା କୁ ଜଣାଇବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ସେବତୀ ରଣା, ଗ୍ରାମ ଉନ୍ନୟନ କମିଟି ସମ୍ପାଦକ ପ୍ରେମାନନ୍ଦ ପାତ୍ର, ପ୍ରେସ୍ କ୍ଲବ ସଭାପତି ନରୋତ୍ତମ ସେଲମା ପ୍ରମୁଖ ବକ୍ତବ୍ୟ ରଖି ନିଜେ ସଚେତନ ହୋଇ ପ୍ରଥମେ ନିଜ ପରିବାର ଓ ଗାଁ ଲୋକଙ୍କୁ ସଚେତନ କରିବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କନଷ୍ଟେବଳ ସଞ୍ଜୀବ କୁମାର ସାହୁ, ଗୃହରକ୍ଷୀ ଚକାମନ ଭୋଇ, କୈଳାସ ପୁଟେଲ ପ୍ରମୁଖ ସହଯୋଗ କରିଥିଲେ।

# କେବେ ଉଦ୍‌ଘାଟନ ହେବ ଶିଶୁ ଉଦ୍ୟାନ




**କେସିଙ୍ଗା, ୧୯ ।୮ (ସମିସ):** ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି ଶିଶୁ ଉଦ୍ୟାନ। କେସିଙ୍ଗା ଏନ୍‌ଏସିର ୨ ନମ୍ବର ୱାର୍ଡରେ ନିର୍ମିତ ହୋଇଥିବା ଶିଶୁ ଉଦ୍ୟାନ ବ୍ୟବହାରନ ହୋଇ ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଏହା ନିର୍ମିତ ହେବା ଦିନଠାରୁ ଉଦ୍‌ଘାଟିତ ହୋଇ ନ ଥିବା ସ୍ଥାନୀୟ ବାସିନ୍ଦା କହୁଥିବାବେଳେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଉଦ୍ୟାନ ନିର୍ମାଣ କରାଯାଇ କାହିଁକି ଉଦ୍‌ଘାଟିତ ହେଲା ନାହିଁ ତାହାକୁ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି। ଦୀର୍ଘଦିନରୁ ଅବ୍ୟବହୃତ ହୋଇ ପଡ଼ି ରହିଥିବାରୁ ଅନାବନା ଗଛ ଉଠି ଶିଶୁ ଉଦ୍ୟାନକ ଏକ ପ୍ରକାର ଜଙ୍ଗଲରେ ପରିଣତ ହୋଇଥିବା ବେଳେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଶିଶୁ ଉଦ୍ୟାନ ବର୍ତ୍ତମାନ ଏକ ପ୍ରକାର ଘଞ୍ଚ ଜଙ୍ଗଲରେ ପରିଣତ ହୋଇଥିବା ବେଳେ ଶିଶୁମାନେ ଏଠାକୁ ଆସୁନାହାନ୍ତି।

### ସମୃଦ୍ଧ ଡିଜିଟାଲ୍ ସେବା ପାଇଁ ବିଏସ୍‌ଏନ୍‌ଏଲ୍ ସଂକଳ୍ପବଦ୍ଧ

# କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାରେ ହେବ ନୂତନ ୩୭ ଟାୱାର

**ଭବାନୀପାଟଣା, ୧୯ ।୮ (ସମିସ)**

ଗତ ଦଶନ୍ଧି ଧରି ଦୂରସଞ୍ଚାର ସେବା ଯୋଗାଉଥିବା ବିଏସ୍‌ଏନ୍‌ଏଲ ସଂସ୍ଥା ପ୍ରତି ଗ୍ରାହକ ମୁହଁ ଫେରାଇ ଘୋରଇ କମ୍ପାନୀକୁ ଆଦରି ନେଇ ଚାଲିଛନ୍ତି। ତେବେ ବର୍ତ୍ତମାନ ଦୂରସଞ୍ଚାର ସେବା ପ୍ରଦାନକାରୀ

## ଅପହଞ୍ଚ ଇଲାକାରେ ଭରସା ସାଜିବ ବିଏସଏନ୍‌ଏଲ

ସଂସ୍ଥା ଭାବରେ, ବିଏସଏନଏଲ୍ ସାରା ଦେଶରେ ନିର୍ଭରଯୋଗ୍ୟ, ସୁରକ୍ଷିତ, ସୁଲଭ ଭାବେ ପରିଗଣିତ ହେବାପାଇଁ ବହୁ ସଂସ୍କାର ଆଣିଥିବା ଲକ୍ଷ୍ୟ କରାଯାଇଛି। ମୁଖ୍ୟତଃ ଯେଉଁ ଦୁର୍ଗମ ଅଞ୍ଚଳ ସମସ୍ତ ଯୋଗାଯୋଗ ସେବା ଉପଲବ୍ଧ ହେବାରୁ ବଞ୍ଚିତ ସେଠାରେ ବିଏସଏନ୍‌ଏଲ ଟାୱାର ପ୍ରତିଷ୍ଠା କରି ସେବା ଯୋଗାଇବାର ପ୍ରୟାସ କରିଆସୁଛି। ସମସ୍ତ ଗ୍ରାହକଙ୍କୁ ଯୋଡିବା ପାଇଁ ଡିଜିଟାଲ୍ ସଂଯୋଗୀକରଣ ପ୍ରଦାନ କରିବା ଆରମ୍ଭ କରିଛି। ଏପରିସ୍ଥଳେ ୮୦ତମ ସ୍ୱାଧୀନତା ଦିବସ ଅବସରରେ ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସଏନଏଲ୍) ନୂତନ ଗ୍ରାହକ କୈନ୍ଦ୍ରିକ ଡିଜିଟାଲ୍ ବିଭିନ୍ନ ପଦକ୍ଷେପ ଉପରେ ଘୋଷଣା କରିଛି। ଏ ନେଇ ଶୁକ୍ରବାର ଭବାନୀପାଟଣା ସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଏସଏନଏଲ୍ ଡିଜିଏମ ପୁରୁଷୋତ୍ତମ ମାଝୀ ସୂଚନା ଦେଇଛନ୍ତି। 'ଆତ୍ମନିର୍ଭର ଭାରତ' ଏବଂ 'ଡିଜିଟାଲ୍ ଇଣ୍ଡିଆ'ର ସ୍ୱପ୍ନ ଦ୍ୱାରା ଅନୁପ୍ରାଣିତ ହୋଇ, ବିଏସ୍‌ଏନ୍‌ଏଲ୍ ସ୍ୱଦେଶୀ ଜ୍ଞାନକୌଶଳ ଏବଂ ଗ୍ରାହକ-କୈନ୍ଦ୍ରିକ ନବସୃଜନ ସହାୟତାରେ ଏକ ସୁଦୃଢ଼ ତଥା ଭବିଷ୍ୟତ-ଉପଯୋଗୀ ଦୂରସଞ୍ଚାର ନେଟୱର୍କ ଗଠନ କରିବାକୁ ସଂକଳ୍ପ ନେଇଛି। କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାରେ ବହୁ ପୂର୍ବରୁ ବିଏସ୍‌ଏନଏଲ୍‌ର ୧୪୦ ଟି ଟାୱାର ଥିବାବେଳେ ପରବର୍ତ୍ତୀ ସମୟରେ ଡିଜିଟାଲ ଭାରତ ନିଧି (ଡିବିଏନ) ଯୋଜନାରେ କଳାହାଣ୍ଡି ଜିଲ୍ଲା ପାଇଁ ୧୦୧ ଟି ନୂଆପଡ଼ା ଜିଲ୍ଲା ପାଇଁ ୩୨ ଟି ଟାୱାର



କାର୍ଯ୍ୟକ୍ଷମ କରାଯାଇଛି। ବର୍ତ୍ତମାନ ନୂତନ ଭାବେ କଳାହାଣ୍ଡି ଜିଲ୍ଲାରେ ୩୧ଟି ଓ ନୂଆପଡ଼ା ଜିଲ୍ଲାରେ ଡିବିଏନ ଯୋଜନାରେ ୬ ଟି ଟାୱାର କାର୍ଯ୍ୟକ୍ଷମ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି ବୋଲି କହିଛନ୍ତି। ଏହାଦ୍ୱାରା ସ୍ଥାନୀୟ ଉପଭୋକ୍ତା ମାନେ ବିଏସଏନଏଲ୍ ସେବା ପାଇଁ ଉପକୃତ ହେବେ। ସେହିପରି ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ସ୍ୱାଧୀନତା ଦିବସର ସ୍ୱତନ୍ତ୍ର ଅଫର ଭାବେ ୧ ଟଙ୍କାରେ ସିମ ଦିଆଯିବା ସହ ଏଥିରେ ୨୪ ଦିନ ପ୍ରର୍ଯ୍ୟନ୍ତ ଦୈନିକ ୧ଜିବି ଡାଟା, ଶହେ ଏସଏମଏସ, ଅନ୍‌ଲିମିଟେଡ଼ ଭଏସ କଲ ସମେତ ୨୪ ଦିନ ଭେଲିଡିଟି ରହିଛି। ସେହିପରି ଫାଇବର ଅଫରରେ ମାସକୁ ୧୧୧୧ଟଙ୍କାରେ ଇଣ୍ଟରନେଟ ସ୍ପିଡ୍ ୨ ଶହ ଏମବିପିଏସ, ୫ହଜାର ଜିବି ଡାଟା ପ୍ରମୁଖ ସୁବିଧା ରହିଛି। ଏହି ଅଫର ଆସନ୍ତା ୧୨ ସେପ୍ଟେମ୍ବର ଯାଏ ରହିବ ବୋଲି ସୂଚନା ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିଏସଏନଏଲ୍ ଏଜିଏମ ବିପିନ ବିହାରୀ ପଟ୍ଟନାୟକ, ଏସଡିଇ କେବି ନାୟକ, ଜେଟିଓ ହିମାଂଶୁ କୁମାର ବେହେରା, ଅମ୍ରେଶ ପଣ୍ଡା ଓ ଜେଏଓ ପ୍ରମୋଦ କୁମାର କାଲୁ ପ୍ରମୁଖ ଉପସ୍ଥିତ ଥିଲେ।

# କଳାହାଣ୍ଡି ବିଭାଗ ଜିଲ୍ଲାଶଃ ଆଧାରସ୍ତର ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଯାପିତ

**ଭବାନୀପାଟଣା/ବୋର୍ଡ଼ା, ୧୯ ।୮ (ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କଳାହାଣ୍ଡି ବିଭାଗ ଜିଲ୍ଲାଶଃ ଆଧାରସ୍ତର ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟଶାଳା ପ୍ରମୁଖ ତଥା କଳାହାଣ୍ଡି ଜିଲ୍ଲା ନିରୀକ୍ଷକ ବିପିନ ବିହାରୀ ମିଶ୍ରଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି କାର୍ଯ୍ୟଶାଳାରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ୨୪୪ ଜଣ ଗୁରୁଜୀ ଓ ଗୁରୁମା ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ଡ଼. ପ୍ରିୟା ଶଶିଧରନ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରତାପ କିଶୋର ପଣ୍ଡା, ନବ ଜଗଦିଶଚନ୍ଦ୍ର ମୁଣ୍ଡ ଏବଂ ସଂଗ୍ରାମ କେଶରୀ ପ୍ରଧାନ ଉପସ୍ଥିତ ଥିଲେ। ଗତ ରବିବାର ଉଦ୍‌ଯାପନୀ ଉତ୍ସବରେ ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ କଳାହାଣ୍ଡି ଜିଲ୍ଲା ପ୍ରମୁଖ ମନ୍ମଥ ମିଶ୍ର, ବାଲାଜୀ ବିହାର ସମ୍ପାଦକ ପ୍ରତାପ କିଶୋର ପଣ୍ଡା ଏବଂ ବ୍ରଜବିହାର ସମ୍ପାଦକ ଅଶୋକ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ପରିଚୟ ବାଲାଜୀବିହାରର ପ୍ରଧାନ ଆଚାର୍ଯ୍ୟ ବିଶ୍ୱନାଥ ଠାକୁର ପ୍ରଦାନ କରିଥିବା ବେଳେ ବାଲାଜୀବିହାର ପରିଚାଳନା ସମିତି ଉପସଭାପତି ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ବିଳାସ ନୁହେଁ, ଭଲ ପାଇବା ହିଁ ମାନବ ସଭ୍ୟତାର ସୁସ୍ଥ ଭବିଷ୍ୟତ ପାଇଁ ଜରୁରୀ।
-ଦଲାଇ ଲାମା

## ଭଗବାନ ଭରସା

ଇତିମଧ୍ୟରେ ବ୍ୟବସ୍ଥା ଏତେ ବିଗିଡ଼ି ଗଲାଣି ଯେ ଲୋକେ ଆଉ ସରକାରୀ କଳ ଓ ବଳ ଉପରେ ଭରସା କରିପାରୁନାହାନ୍ତି। ବିଶେଷକରି ଜୀବନ-ମରଣ ସମସ୍ୟା ସହିତ ଜଡ଼ିତ ଥାନା ଓ ଡାକ୍ତରଖାନାରେ କେବଳ ଭାଗ୍ୟ ଓ ଭଗବାନ ଭରସା ବୋଲି ଧାରଣା କ୍ରମଶଃ ବଳବତ୍ତର ହେଉଛି। ଏହି ଧାରଣା ସତ୍ୟ ବୋଲି ପ୍ରମାଣ କରିଛି ସର୍ବୋତ୍ତମ ସରକାରୀ ଡାକ୍ତରଖାନା ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ)। ଆଦୌ ପରୀକ୍ଷା ନକରି ଜନୈକ ରୋଗୀଙ୍କୁ ଏଚ୍ଆଇଭି ପଜିଟିଭ୍ ରିପୋର୍ଟ ଦେଇଥିବା ଅଭିଯୋଗ ପ୍ରମାଣିତ ହେବା ପରେ ଉତ୍ତରାଖଣ୍ଡ ଖାଉଟି ବିବାଦ ସମାଧାନ ଆୟୋଗ ଏମ୍ସ-ଋଷିକେଶକୁ ୬୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିବା ପରେ ଡାକ୍ତରଖାନାଗୁଡ଼ିକର ବିଶ୍ୱସନୀୟତା ଉପରେ ପୁଣି ଥରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ମାମଲାର ବିବରଣୀ ଅନୁଯାୟୀ, ଜନୈକ ବ୍ୟକ୍ତି ୨୦୧୪ ଜୁଲାଇ ୧୫ ତାରିଖରେ ଚିକିତ୍ସା ପାଇଁ ଋଷିକେଶ ସ୍ଥିତ ଏମ୍ସ୍‌ରେ ଭର୍ତ୍ତି ହେଲେ। ପରୀକ୍ଷା ନିରୀକ୍ଷା ପରେ ସେ ଏଚ୍ଆଇଭି ପଜିଟିଭ୍ ବା ଏଡ୍ସ ଆକ୍ରାନ୍ତ ବୋଲି ପ୍ରମାଣପତ୍ର ଦେଇ ୧୬ ତାରିଖରେ ତାଙ୍କୁ ଡିସ୍‌ଚାର୍ଜ କରିଦିଆଗଲା। କିଛିଦିନ ପରେ ସେ ଆଉ ଏକ ବଡ଼ ଡାକ୍ତରଖାନାରେ ପରୀକ୍ଷା କରିବା ପରେ ଉପରୋକ୍ତ ପ୍ରମାଣପତ୍ର ଭୁଲ୍ ବା ସେ ଏଡ୍ସ ପୀଡ଼ିତ ନୁହନ୍ତି ବୋଲି ଜଣାପଡ଼ିଲା। ଦୁଇଟି ରିପୋର୍ଟରେ ସମ୍ପୂର୍ଣ୍ଣ ବିପରୀତ ତଥ୍ୟ ଥିବାରୁ ସମ୍ପୃକ୍ତ ବ୍ୟକ୍ତିଜଣକ ଆଉ ଏକ ବଡ଼ ଡାକ୍ତରଖାନାରେ ପରୀକ୍ଷା କରାଇବା ପରେ ସେ ଏଡ୍ସ ଆକ୍ରାନ୍ତ ନୁହନ୍ତି ବୋଲି ପ୍ରମାଣିତ ହେଲା। ଏହାପରେ ସେ ଖାଉଟି ଅଦାଲତର ଦ୍ୱାରସ୍ଥ ହେଲେ। ଅଦାଲତ ଉଭୟ ପକ୍ଷର ଜବାବ ସୁଆଲ୍ ଶୁଣିବା ପରେ ତଥ୍ୟ ଓ ପ୍ରମାଣ ଆଧାରରେ ଏମ୍ସ-ଋଷିକେଶକୁ ୬୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି।

ଏଡ୍ସ ବା ଏଚ୍ଆଇଭି ପଜିଟିଭ୍ ଚିହ୍ନଟ ବ୍ୟକ୍ତିମାନେ ଶାରୀରିକ ଓ ମାନସିକ ଯନ୍ତ୍ରଣା ସହିତ ସାମାଜିକ ବାସନ୍ଦ ଭଳି ନିର୍ଯାତନାରେ ପ୍ରତିମୁହୂର୍ତ୍ତ ପୀଡ଼ିତ ହୁଅନ୍ତି। ଏପରିକି ସେମାନଙ୍କ ପାରିବାରିକ ଜୀବନ ମଧ୍ୟ ଦୁର୍ବିସହ ହୋଇପଡ଼େ। ତେଣୁ ଏଚ୍ଆଇଭି ପରୀକ୍ଷା ବା ନିଦାନରେ ଅତିମାତ୍ରାରେ ସତର୍କତା ଓ ଯତ୍ନଶୀଳତା ଅବଲମ୍ବନ କରାଯାଏ। କିନ୍ତୁ ଏଚ୍ଆଇଭି ପୀଡ଼ିତ ନଥାଇ ମଧ୍ୟ ଯଦି କାହାକୁ ସେହି ପ୍ରାଣଘାତୀ ଭୂତାଣୁ ଆକ୍ରାନ୍ତ ବୋଲି ପ୍ରମାଣପତ୍ରଟିଏ ଦେଇଦିଆଯାଏ ଏବଂ ପରବର୍ତ୍ତୀ ସମୟରେ ସେହି ପ୍ରମାଣପତ୍ର ଭୁଲ୍ ବୋଲି ଜଣାପଡ଼େ ତେବେ ସମ୍ପୃକ୍ତ ବ୍ୟକ୍ତିଜଣକ ଭୋଗିଥିବା ଜୀବନଯନ୍ତ୍ରଣାର ମୂଲ୍ୟ କିଏ ଦେବ? ପୁଣି ଯଦି ସେହି ଭୁଲ୍ ପ୍ରମାଣପତ୍ର ଏମ୍ସ ଭଳି ଭରସାଯୋଗ୍ୟ ଡାକ୍ତରଖାନା ପକ୍ଷରୁ ଦିଆଯାଏ ଏବଂ ସାମଗ୍ରିକ ବ୍ୟବସ୍ଥା ଉପରୁ ଭରସା ତୁଟି ଯାଏ ତାହାର ମୂଲ୍ୟ କେତେ ହେବ? ସମ୍ପୃକ୍ତ ପୀଡ଼ିତ ଭୋଗିଥିବା ଜୀବନଯନ୍ତ୍ରଣାର ମୂଲ୍ୟ କ'ଣ ମାତ୍ର ୬୦ ହଜାର ଟଙ୍କା? ଏଭଳି ଅନେକ ପ୍ରଶ୍ନ ଉଠିଛି। ଆହୁରି ମଧ୍ୟ ବିଭିନ୍ନ ଏମ୍ସର ବହିର୍ବିଭାଗରେ ଏବେ କେବଳ ବ୍ୟାଟେରି ଚାଳିତ ରକ୍ତଚାପ ମାପକ ଯନ୍ତ୍ରମାନ ଦେଖିବାକୁ ମିଳୁଛି। ଉକ୍ତ ଯନ୍ତ୍ରର ଗୁଣବତ୍ତା ବା ସଠିକତା ଭେଷଜ ନିୟନ୍ତ୍ରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ଯାଞ୍ଚ ହେଉଛି କି ନାହିଁ ତାହାର ପ୍ରମାଣ ନାହିଁ। ଉକ୍ତ ଯନ୍ତ୍ରରେ ଉଚ୍ଚରକ୍ତଚାପ ଚିହ୍ନଟ ହୋଇଥିବା ରୋଗୀଟିଏ ବାହାରେ ପରୀକ୍ଷା ପରେ ସ୍ୱାଭାବିକ ଥିବାର ଅଭିଯୋଗ ମଧ୍ୟ ହେଉଛି। ଯନ୍ତ୍ରର ଭୁଲ୍ ଯୋଗୁଁ ଯଦି ରୋଗୀଟିଏ ଔଷଧ ଖାଇଚାଲେ ତେବେ ସେଥିରେ ସେ ସୁସ୍ଥ ହେବ ନା ଅଧିକ ରୋଗାକ୍ରାନ୍ତ ହେବ? ତେଣୁ ଭାଗ୍ୟ ଓ ଭଗବାନ ଭରସାରେ ଡାକ୍ତରଖାନା ଯିବା ହିଁ ସାର ହୋଇଛି।

## ଆମେରିକାର ଶୈନ୍ୟ ଦୃଷ୍ଟି

ଇରାନ୍ ଆକ୍ରମଣ ପଛରେ ଥିବା ଆମେରିକାର ଅସଲ ଉଦ୍ଦେଶ୍ୟ କ୍ରମେ ସ୍ପଷ୍ଟ ହୋଇଆସୁଛି। ଇରାନ୍‌କୁ ପରମାଣୁ ଅସ୍ତ୍ରବିହୀନ କରିବା ପାଇଁ ଆମେରିକା-ଇସ୍ରାଏଲ୍ ପକ୍ଷରୁ ଏହି ସାମରିକ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ସ୍ପଷ୍ଟୀକରଣ ଦିଆଯାଇଥିଲା। କିନ୍ତୁ ଏବେ ହର୍ମୁଜ୍ ସମୁଦ୍ର ପଥକୁ ଆମେରିକା ନିଜର ବୋଲି ଘୋଷଣା କରିବା ପରେ ଏହି ରାଷ୍ଟ୍ରର ଉପନିବେଶ ଆଭିମୁଖ୍ୟ ସାମ୍ନାକୁ ଆସିଛି। ଉଲ୍ଲେଖଯୋଗ୍ୟ, ୬୦ଦିନିଆ ଯୁଦ୍ଧବିରତି ଚୁକ୍ତିରେ ଇରାନ୍‌ର ପରମାଣୁ ଅସ୍ତ୍ର କାର୍ଯ୍ୟକ୍ରମକୁ ଆମେରିକା ସେତେଟା ଅଗ୍ରାଧିକାର ନ ଦେବା ପରେ ବିଶ୍ୱ କୂଟନୀତି ମହଲରେ ଯେଉଁ ସନ୍ଦେହର ବଳୟ ସୃଷ୍ଟି ହୋଇଥିଲା ତା' ଉପରୁ ଏବେ ଆମେରିକା ହିଁ ପରଦା ଉଠାଇଛି।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରୁ ଆମେରିକାର ପ୍ରତ୍ୟକ୍ଷ ଓ ପରୋକ୍ଷ ନେତୃତ୍ୱରେ ଯେତେସବୁ ଯୁଦ୍ଧ ସଂଘଟିତ ହୋଇଛି ସେ ସବୁ ପଛରେ ମୁଖ୍ୟ ଲକ୍ଷ୍ୟ ରହିଛି ବିଶ୍ୱ ତୈଳ ବଜାରରେ ଆଧିପତ୍ୟ ବିସ୍ତାର। ବିଶେଷକରି ବିଗତ ଶତାବ୍ଦୀର ଶେଷ ଦଶକରୁ ଇରାକ୍ ଉପରେ ଆକ୍ରମଣରୁ ଆରମ୍ଭ କରି ଚଳିତ ବର୍ଷ ଆରମ୍ଭରେ ଭେନେଜୁଏଲା ରାଷ୍ଟ୍ରପତିଙ୍କୁ ଅପହରଣ ଘଟଣାକ୍ରମରୁ ଏହା ହିଁ ପ୍ରମାଣିତ ହୋଇଛି। ଆମେରିକାର ଶୈନ୍ୟ ଦୃଷ୍ଟିର ସଦ୍ୟତମ ଶିକାର ହୋଇଛି ଇରାନ୍। ମୋଟ ବିଶ୍ୱ ତୈଳବାଣିଜ୍ୟର ୨୦-୨୫ % ଏବଂ ପ୍ରାକୃତିକ ବାଷ୍ପ ପରିବହନର ୨୦% ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଜରିଆରେ ସମ୍ପନ୍ନ ହେଉଛି। ଏହି ପଥରେ କର୍ତ୍ତୃତ୍ୱ ରହିଲେ ବାଣିଜ୍ୟ ଓ ପରିବହନ ଟିକସ ଆକାରରେ ଆମେରିକା ବିପୁଳ ପରିମାଣର ଡଲାର ରୋଜଗାର କରିପାରିବ। ଏଥିସହିତ ଇରାନ୍‌ର ତୈଳକୂପ ଓ ତୈଳଭଣ୍ଡାରଗୁଡ଼ିକୁ ମଧ୍ୟ ଦଖଲକୁ ନେଇହେବ। ଏହି ଯୋଜନାକୁ ଶେଷରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପରୋକ୍ଷ ମୋହର ମାରିଛନ୍ତି।

ଆମେରିକାର ଶୈନ୍ୟ ଦୃଷ୍ଟିକୁ ନିଷ୍ପ୍ରଭ କରିବାକୁ ହେଲେ ତା'କୁ କୃଷି ବାଣିଜ୍ୟରେ ଏକଘରକିଆ କରିବାକୁ ପଡ଼ିବ। ଆମେରିକା ସର୍ବବୃହତ୍ ସାମରିକ ଓ ଅର୍ଥନୈତିକ ଶକ୍ତି ହେଲେ ମଧ୍ୟ କୃଷି ବା ଖାଦ୍ୟଶସ୍ୟରେ ସ୍ୱାବଲମ୍ବୀ ନୁହେଁ। ତେଣୁ ଆମେରିକାକୁ କୃଷି ବଜାରରେ ବାସନ୍ଦ କଲେ ତା'ର ବଳ ଭାଙ୍ଗିଯିବ। ଏଥିପାଇଁ କିନ୍ତୁ ଅବଶିଷ୍ଟ ବିଶ୍ୱକୁ ଏକଜୁଟ୍ ହେବାକୁ ପଡ଼ିବ। ଏ ଦିଗରେ ବ୍ରିକ୍ସ ନେତୃତ୍ୱ ନେବାର ସମୟ ଉପଗତ।

# ବିଜ୍ଞାପନରେ ସୀମିତ ଭିଭି ଜୀ ରାମ୍ ଜୀ

ବିଭୂତି ଭୂଷଣ କର

ପ୍ରତିଦିନର କାମ ଗୁରୁତ୍ୱପୂର୍ଣ୍ଣ। କାମ ଦାବି କରୁଥିବା ପ୍ରତି ପରିବାର ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏହି ଜୀବନ୍ତ ବାସ୍ତବତାକୁ ତଥ୍ୟ ଓ ପରିସଂଖ୍ୟାନରେ ପରିଣତ କରିଦେଲେ ଲୋକଙ୍କ ଯନ୍ତ୍ରଣାକୁ କାଗଜ ତଳେ ଲୁଚାଇ ଦିଆଯାଇପାରେ, କିନ୍ତୁ ଜନକଲ୍ୟାଣର ଆଭିମୁଖ୍ୟ ସାଧିତ ହୋଇପାରେ ନାହିଁ। 'ବିକଶିତ ଭାରତ-ଗ୍ୟାରେଣ୍ଟି ରୋଜଗାର ଓ ଆଜୀବିକା ମିଶନ୍ (ଗ୍ରାମୀଣ) ଯୋଜନା(ଭିଭି ଜୀ-ରାମ୍ ଜୀ) ପ୍ରଣୟନ କଲାବେଳେ କେନ୍ଦ୍ର ସରକାର ଦାବି କରିଥିଲେ ଯେ ରଦ୍ଦ ହୋଇଥିବା 'ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ନିଶ୍ଚିତତା ଆଇନ(ଏମ୍‌ନରେଗା' ତୁଳନାରେ ଏହା ଏକ 'ଉନ୍ନତ' ସଂସ୍କରଣ। ସରକାରଙ୍କ ଦାବି ଅନୁଯାୟୀ, ଏଥିରେ ନିଶ୍ଚିତ ରୋଜଗାରର ଦିନ ବୃଦ୍ଧି କରାଯାଇଛି, ସମଗ୍ର ଗ୍ରାମୀଣ ଭାରତରେ ଏହାକୁ ଲାଗୁ କରାଯାଇଛି ଏବଂ କେନ୍ଦ୍ର ପକ୍ଷରୁ ସର୍ବାଧିକ ଅର୍ଥ ବରାଦ କରାଯାଇଛି। ଏହାସହିତ ରାଜ୍ୟଗୁଡ଼ିକ ପକ୍ଷରୁ ଅତିରିକ୍ତ ୪୦ ପ୍ରତିଶତ ଅର୍ଥ ଯୋଗାଣର ବ୍ୟବସ୍ଥା ମଧ୍ୟ ରହିଛି। ଏହା ଦେଖି ସ୍ୱାଭାବିକ ଭାବେ ମନେ ହେବ ଯେ ଶ୍ରମିକମାନେ ନିଜର ପୂରା ୧୨୫ ଦିନର କାମ ପାଇବା ପାଇଁ କାର୍ଯ୍ୟସ୍ଥଳକୁ ଧାଇଁ ଆସୁଥିବେ। କିନ୍ତୁ ବାସ୍ତବତା ଏହାର ସମ୍ପୂର୍ଣ୍ଣ ବିପରୀତ।

'ଭିଭି ଜୀ-ରାମ୍ ଜୀ' ଲାଗୁ ହେବାର ପ୍ରଥମ ମାସରେ ସରକାରଙ୍କ ନିଜସ୍ୱ ତଥ୍ୟରୁ ଜଣାପଡ଼ିଛି ଯେ ଯୋଗାଇ ଦିଆଯାଇଥିବା କାମରେ ହ୍ରାସ ଘଟିଛି। ଗତବର୍ଷର ସମାନ ସମୟ ତୁଳନାରେ ଏହା ପ୍ରାୟ ୫୦ ପ୍ରତିଶତ କମ୍। ୨୦୨୫ ଡିସେମ୍ବର ୧୯ରେ 'ଏମ୍‌ନରେଗା'କୁ ରଦ୍ଦ କରି ତା' ସ୍ଥାନରେ 'ଭିଭି ଜୀ-ରାମ୍ ଜୀ' ଆଣିବା ପରଠାରୁ ପ୍ରତିମାସରେ ସୃଷ୍ଟି ହେଉଥିବା ରୋଜଗାର ଏକ ଗୁରୁତ୍ୱପୂର୍ଣ୍ଣ ମାପକ ଭାବେ ଗ୍ରହଣ କରାଯାଏ। ଗତ ଜୁନ୍ ମାସରେ 'ଏମ୍‌ନରେଗା' କୃଷି ଶ୍ରମିକ ସଂଗଠନ ସମେତ ଅନ୍ୟାନ୍ୟ କୃଷି ଶ୍ରମିକ ଅଧିକାର ସଂଗଠନଗୁଡ଼ିକ ସାମ୍ବାଦିକ ସମ୍ମିଳନୀରେ ବିଭାଗୀୟ ତଥ୍ୟ ଦେଖାଇ କହିଥିଲେ ଯେ, ୨୦୨୫ ମସିହା ଜାନୁଆରୀରୁ ଜୁନ୍ ପର୍ଯ୍ୟନ୍ତ ପ୍ରାୟ ୩୩୫.୪ ନିୟୁତ ମାନବ ଦିବସ ଥିବା ବେଳେ ୨୦୨୬ର ସମାନ ସମୟରେ ତାହା ୨୧୫.୨ ନିୟୁତକୁ ଖସିଆସିଛି। ଅର୍ଥାତ୍ ପ୍ରାୟ ୩୫.୮ ପ୍ରତିଶତ ହ୍ରାସ ଘଟିଛି। ପୂର୍ବର ତିନିବର୍ଷର ହାରାହାରି ସହ ତୁଳନା କଲେ ମଧ୍ୟ ସମାନ ହ୍ରାସର ଚିତ୍ର ଦେଖିବାକୁ ମିଳୁଛି। ଏହାର ପ୍ରତିକ୍ରିୟାରେ ସରକାର କହିଥିଲେ ଯେ, ଜୁଲାଇ ୧ରୁ ନୂଆ ଆଇନ ଲାଗୁ ହେବା ପରେ ସବୁକିଛି ଠିକ୍ ହୋଇଯିବ। କିନ୍ତୁ ପରବର୍ତ୍ତୀ ରିପୋର୍ଟ ଦର୍ଶାଉଛି ଯେ ଜୁଲାଇରେ ପରିସ୍ଥିତି ଆହୁରି ଖରାପ ହୋଇଛି। ଗତବର୍ଷର ସମାନ ସମୟ ତୁଳନାରେ ରୋଜଗାର ଦିଆଯାଇଥିବା ମାନବ ଦିବସ ପ୍ରାୟ ୫୦ ପ୍ରତିଶତ କମିଯାଇଛି। କାମ ପାଇଁ ଆସୁଥିବା ପରିବାର ସଂଖ୍ୟା ମଧ୍ୟ ପ୍ରାୟ ୫୦ ପ୍ରତିଶତ ହ୍ରାସ ପାଇଛି। ଏହି ସମୟରେ ଦେଶ ବ୍ୟାପକ ବେକାରି ଏବଂ ମରୁଡ଼ିଜନିତ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛି। ୧୨୫ ଦିନର ନିଶ୍ଚିତ ରୋଜଗାରର ଧାରଣା ଏକ ଭ୍ରାନ୍ତିରେ ପରିଣତ ହୋଇଛି।

ଶାସକ ଦଳ ବ୍ୟତୀତ ଅନ୍ୟ କେହି ଏହି ନୂଆ ଆଇନକୁ ସ୍ୱାଗତ କରିନଥିଲେ। ଶ୍ରମିକ, ନିର୍ବାଚିତ ରାଜ୍ୟ ସରକାର, ରାଜନୈତିକ ଦଳ, ସଂସଦୀୟ ସ୍ଥାୟୀ କମିଟି କିମ୍ବା ସଂସଦ ଭିତରେ ମଧ୍ୟ ଆବଶ୍ୟକ ପରାମର୍ଶ କିମ୍ବା ଗଭୀର ବିଚାର ବିମର୍ଶ ବିନା ଏହି ଆଇନ ଗୃହୀତ କରାଯାଇଥିଲା। ବିରୋଧୀ ଦଳଗୁଡ଼ିକ ଏହାକୁ ପ୍ରତ୍ୟାହାର କରିବା କିମ୍ବା ଅନ୍ତତଃ ଆଲୋଚନା ଓ ପୁନଃପରୀକ୍ଷା ପାଇଁ ଦାବି କରିଥିଲେ। କିନ୍ତୁ ସରକାର ନିଜର ସଂଖ୍ୟାଗତ ଅଧିକତା ବ୍ୟବହାର କରି ଏହି ଆପତ୍ତିଗୁଡ଼ିକୁ ଅଣଦେଖା କରିଥିଲେ। ସରକାର ଜୋର ଦେଇ କହିଥିଲେ ଯେ, 'ଭିଭି ଜୀ-ରାମ୍ ଜୀ' ବାସ୍ତବରେ ଐତିହାସିକ ଏବଂ 'ଏମ୍‌ନରେଗା'ର ଏକ ଉନ୍ନତ ସଂସ୍କରଣ। ଏହା ଅଧିକ ମଜୁରି ସହିତ ୧୨୫ ଦିନର ନିଶ୍ଚିତ ରୋଜଗାର ଦେବ ଏବଂ ଉନ୍ନତ ଡିଜିଟାଲ୍ ଓ ପ୍ରଯୁକ୍ତିଭିତ୍ତିକ ନିରୀକ୍ଷଣ ବ୍ୟବସ୍ଥା ରହିବ। ଶ୍ରମିକ ସଂଗଠନ, ନାଗରିକ ସମାଜ ଏବଂ ବିରୋଧୀ ଦଳଗୁଡ଼ିକର ତୀବ୍ର ଆପତ୍ତି ସତ୍ତ୍ୱେ କେନ୍ଦ୍ର ସରକାର ଏହି ନୂଆ ଆଇନକୁ ଜୁଲାଇ ୧ରୁ ଲାଗୁ କରିଥିଲେ। ପ୍ରାୟ ୨୦ ବର୍ଷ ଧରି ଭାରତର ଗ୍ରାମୀଣ ଶ୍ରମିକମାନଙ୍କ ପାଇଁ ଏକ ଅସମ୍ପୂର୍ଣ୍ଣ, କିନ୍ତୁ ଅତ୍ୟନ୍ତ ଜରୁରୀ ଜୀବନଧାରଣର ଆଶ୍ରୟ ଭାବେ କାମ କରିଥିବା ରୋଜଗାର ନିଶ୍ଚିତତା ବ୍ୟବସ୍ଥାକୁ ନୂଆ ଆଇନ କିପରି ପ୍ରଭାବିତ କରୁଛି, ତାହା ବୁଝିବା ପାଇଁ ଏହାର ବ୍ୟବସ୍ଥା ଓ କାର୍ଯ୍ୟକାରିତାକୁ ଦେଖିବା ଆବଶ୍ୟକ।

କେନ୍ଦ୍ର ସରକାର ଏପରି ଏକ ଆଇନ କରିଛନ୍ତି, ଯେଉଁଥିରେ ରାଜ୍ୟ ସରକାରଙ୍କୁ ୧୨୫ ଦିନର କାମ 'ନିଶ୍ଚିତ' କରିବାକୁ ବାଧ୍ୟ କରାଯାଇଛି। କିନ୍ତୁ ଏହି ନିଶ୍ଚିତତାକୁ ବାସ୍ତବରେ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ବିପୁଳ ଆର୍ଥିକ ସମ୍ବଳ ଯୋଗାଇବାର ଦାୟିତ୍ୱ କେନ୍ଦ୍ର ନିଜ ଉପରକୁ ନେଇନାହିଁ। କେନ୍ଦ୍ର ସରକାର କହିଛନ୍ତି ଯେ ଚଳିତ ବର୍ଷ ସର୍ବାଧିକ ୯୫, ୬୯୨.୩୧ କୋଟି ଟଙ୍କା ବରାଦ କରାଯାଇଛି। ଏହାସହିତ ରାଜ୍ୟଗୁଡ଼ିକର ବାଧ୍ୟତାମୂଳକ ୪୦ ପ୍ରତିଶତ ଅବଦାନ ମିଶିଲେ ମୋଟ ସମ୍ବଳ ୧, ୫୫, ୦୦୦ କୋଟି ଟଙ୍କା ହେବ। କିନ୍ତୁ ଏହା କେବଳ କାଗଜରେ ଥିବା ଏକ ହିସାବ ମାତ୍ର। ଯଦି ଆବଶ୍ୟକୀୟ କାମ ଦିଆଯାଉନାହିଁ ଏବଂ ରାଜ୍ୟଗୁଡ଼ିକୁ ଏହି କାର୍ଯ୍ୟକ୍ରମ ଚଳାଇବା ପାଇଁ ଆବଶ୍ୟକ ପ୍ରୋତ୍ସାହନ ଦିଆଯାଉନାହିଁ, ତେବେ କାଗଜରେ ଯେତେ ଅର୍ଥ ବରାଦ ହେଲେ ମଧ୍ୟ ତାହାର କୌଣସି ବାସ୍ତବ ଅର୍ଥ ରହିବ ନାହିଁ। କେନ୍ଦ୍ର ସରକାର ଦିନକୁ ୩୦୦ ଟଙ୍କାର ଏକ ନ୍ୟୂନତମ ସ୍ତରର ମଜୁରି ଧାର୍ଯ୍ୟ କରିଛନ୍ତି। କିନ୍ତୁ ଏହି ମଜୁରି ଅଧିକାଂଶ ରାଜ୍ୟର ନ୍ୟୂନତମ ମଜୁରିଠାରୁ ମଧ୍ୟ କମ୍। ଏପରିକି ବିଜେପି ସରକାର ଦ୍ୱାରା ନିଯୁକ୍ତ 'ଶତପଥୀ କମିଟି' ଜୁନ୍ ୨୦୧୮ ମୂଲ୍ୟସ୍ତର ଆଧାରରେ ଦିନକୁ ୩୭୫ ଟଙ୍କା ନ୍ୟୂନତମ ମଜୁରି ସୁପାରିସ କରିଥିଲା। ତେଣୁ ୩୦୦ ଟଙ୍କାର ମଜୁରି ମଧ୍ୟ ଏହି ସୁପାରିସଠାରୁ ବହୁତ କମ୍।

ସେହିପରି ପ୍ରଯୁକ୍ତିଭିତ୍ତିକ 'ଭିଭି ଜୀ-ରାମ୍ ଜୀ' କାର୍ଯ୍ୟକାରିତା ବ୍ୟବସ୍ଥା ସାରା ଦେଶର ଶ୍ରମିକମାନଙ୍କ ପାଇଁ ବହୁତ ବଡ଼ ପ୍ରବଞ୍ଚନା ଓ ଯନ୍ତ୍ରଣା ସୃଷ୍ଟି କରିଛି। ଇ-କେୱାଇସି ବାଧ୍ୟତାମୂଳକ କରାଯିବା ଫଳରେ କୋଟି କୋଟି ଜବ୍ କାର୍ଡ ବାତିଲ୍ ହୋଇଛି। କାମ ପାଇଁ ଆସୁଥିବା ପରିବାର ସଂଖ୍ୟା ଏତେ ନାଟକୀୟ ଭାବେ କମିବାର ଏହା ଏକ ପ୍ରମୁଖ କାରଣ ହୋଇପାରେ। ଏହା ସହିତ ଏନ୍‌ଏମ୍‌ଏମ୍‌ଏସ୍ ମାଧ୍ୟମରେ ମୁହଁ ଚିହ୍ନଟ ବ୍ୟବସ୍ଥା ମଧ୍ୟ ଅନେକ ଶ୍ରମିକଙ୍କୁ କାମ ପାଇବା ପରେ ମଧ୍ୟ ବଞ୍ଚିତ କରୁଛି। ପ୍ରାୟ ୧୧ କୋଟି ପଞ୍ଜୀକୃତ ସକ୍ରିୟ ଶ୍ରମିକଙ୍କ ପ୍ରତ୍ୟେକଙ୍କର ଦିନକୁ ଦୁଇଥର ଫଟୋ ନେବା, ତାହାକୁ ଏକ ନିର୍ଦ୍ଦିଷ୍ଟ ସ୍ଥାନ ସହିତ 'ଜିଓଟ୍ୟାଗ୍' ଓ 'ଜିଓଫେନ୍‌ସଡ୍' କରିବା କେତେ କଷ୍ଟକର, ତାହା ବୁଝିବା ପାଇଁ ବିଶେଷ କଳ୍ପନାଶକ୍ତିର ଆବଶ୍ୟକତା ନାହିଁ। ଏମ୍‌ନରେଗାର ଶ୍ରମିକମାନେ ନିଜେ ଦାବି କରିଛନ୍ତି ଯେ, ଏହି ନିରୀକ୍ଷଣ ଓ ଉପସ୍ଥାନ ବ୍ୟବସ୍ଥା ସମସ୍ତ ସରକାରୀ କର୍ମଚାରୀଙ୍କ ଉପରେ ମଧ୍ୟ ଲାଗୁ କରାଯାଉ। ତାହାହେଲେ ସେମାନେ ବୁଝିପାରିବେ ଯେ ପ୍ରଯୁକ୍ତି ନାମରେ ହେଉଥିବା ଏପରି ହଇରାଣ ହରକତ ଏବଂ ଦରମା-ମଜୁରି ହରାଇବାର ଯନ୍ତ୍ରଣା କ'ଣ।

ସାମ୍ବିଧାନିକ ବ୍ୟବସ୍ଥା ଅନ୍ତର୍ଗତ କେନ୍ଦ୍ର ସରକାରଙ୍କ କୌଣସି ଆଇନ କାର୍ଯ୍ୟକାରୀ କରିବା ଫଳରେ ଯଦି ରାଜ୍ୟଗୁଡ଼ିକ ଉପରେ ଅତିରିକ୍ତ ଆର୍ଥିକ ଭାର ପଡ଼େ, ତେବେ ସେହି ଆର୍ଥିକ ଭାର ପାଇଁ କେନ୍ଦ୍ରକୁ ଅର୍ଥ ଯୋଗାଇବାକୁ ପଡ଼ିବ। ଆରମ୍ଭରେ ବିରୋଧୀ ଦଳ ଶାସିତ ରାଜ୍ୟଗୁଡ଼ିକ ଏହାକୁ ବିରୋଧ କରିଥିଲେ। କିନ୍ତୁ ପରେ ସେମାନେ ମଧ୍ୟ ଏହି ବ୍ୟବସ୍ଥାକୁ ଗ୍ରହଣ କରିନେଇଥିବା ଭଳି ଦେଖାଯାଉଛି। ରାଜନୈତିକ ବିରୋଧୀ ଶକ୍ତିମାନେ ମଧ୍ୟ କାମ କରୁଥିବା ଗରିବ ଲୋକଙ୍କ ସହିତ ଠିଆ ହେବାର ନୈତିକ ଦାୟିତ୍ୱରୁ ନିଜକୁ ଦୂରେଇ ରଖିଥିବା ଭଳି ଲାଗୁଛି। କେବଳ ପ୍ରତିବାଦର ସ୍ୱର ଉଠାଇବା ବ୍ୟତୀତ ସେମାନେ ପ୍ରତିବାଦକୁ ନିର୍ଣ୍ଣାୟକ ଭୂମିକାରେ ପରିବର୍ତ୍ତିତ କରିପାରି ନାହାନ୍ତି। ରାଜ୍ୟଗୁଡ଼ିକ ମଧ୍ୟ ଏହା ବିରୋଧରେ ଆବଶ୍ୟକ ଭାବରେ ସଂଗଠିତ ହୋଇନାହାନ୍ତି। ସେମାନେ 'ଭିଭି ଜୀ-ରାମ୍ ଜୀ' ବିରୋଧରେ ଆଇନଗତ ଆହ୍ୱାନ ମଧ୍ୟ କରିନାହାନ୍ତି। ନିଜ ନିଜ ରାଜ୍ୟରେ ଲୋକଙ୍କୁ କାମର ନିଶ୍ଚିତତା ଦେବା ପାଇଁ କୌଣସି ବିକଳ୍ପ ଆଇନ ଆଣିବାର ଚେଷ୍ଟା ମଧ୍ୟ କରାଯାଇନାହିଁ।

ଏହି ସମୟରେ ଭାରତର ସବୁଠାରୁ ଅସୁରକ୍ଷିତ ଶ୍ରମିକ ବର୍ଗ, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ମହିଳା, ଏହାର ମୂଲ୍ୟ ଦେଉଛନ୍ତି। କାମ କରିବାର ଅଧିକାର ମାଧ୍ୟମରେ ମିଳୁଥିବା ଏହି ଅସମ୍ପୂର୍ଣ୍ଣ କିନ୍ତୁ ଅତ୍ୟନ୍ତ ଜରୁରୀ ଜୀବନଧାରଣର ଆଶ୍ରୟଟି ମଧ୍ୟ ସେମାନଙ୍କ ହାତରୁ ଖସିଯାଉଛି। ଶାସକ ଦଳ ଏହା ମନେ ରଖିବା ଉଚିତ ଯେ, ରାସ୍ତାରେ ପ୍ରତିବାଦ କରୁଥିବା ଯୁବପିଢ଼ିର ଅସନ୍ତୋଷ ପଛରେ କେବଳ ରାଜନୈତିକ କିମ୍ବା ସାମାଜିକ ପ୍ରଶ୍ନ ନାହିଁ। ତାହାର ମୂଳରେ ରହିଛି ନିଯୁକ୍ତି ଓ ରୋଜଗାରର ଆବଶ୍ୟକତା। 'ଭିଭି ଜୀ-ରାମ୍ ଜୀ' ଭାରତରେ ଥିବା ଏକମାତ୍ର ନିଶ୍ଚିତ ରୋଜଗାର ବ୍ୟବସ୍ଥାକୁ ଦୁର୍ବଳ କରିଦେଇଛି। ଏଥିରୁ କିଏ ଲାଭବାନ ହେଉଛି ଏହା ଭାରତର ରାଜନୈତିକ ଓ ଆର୍ଥିକ ଶାସକ ବର୍ଗ ନିଜକୁ ପଚାରିବାକୁ ପଡ଼ିବ।

(ସଭାପତି, ଉତ୍କଳ ସାମ୍ବାଦିକ ସଂଘ)
ଭୁବନେଶ୍ୱର, ମୋ: ୯୪୩୭୦୦୬୩୬୩

# ଅପରାଧ ବଢୁଛି ନା ଆମେ ମଣିଷତ୍ୱ ହରାଉଛୁ?

ଦେବଦତ୍ତ ଦାଶ

ଓଡ଼ିଶା ବଦଳୁଛି। ରାସ୍ତା ବଢୁଛି, ସହର ବଢୁଛି, ଶିକ୍ଷାର ହାର ବଢୁଛି, ପ୍ରଯୁକ୍ତି ହାତପାଆନ୍ତାରେ ପହଞ୍ଚିଛି। ଆମେ ବିକାଶର କଥା କହୁଛୁ। କିନ୍ତୁ ଏହି ବିକାଶର ଭିଡ଼ ଭିତରେ ଏକ ପ୍ରଶ୍ନ ନିରବରେ ଆମ ପଛରେ ଚାଲିଛି - ଆମ ସମାଜ କ'ଣ ସତରେ ଆଗକୁ ବଢୁଛି? ଅପରାଧର ଖବର ଆଜି ଆଉ କେବଳ ସହରରେ ସୀମିତ ନାହିଁ। ଗ୍ରାମାଞ୍ଚଳରୁ ମଧ୍ୟ ହିଂସା, ନିଶା, ଚୋରି, ଠକେଇ ଓ ବିଭିନ୍ନ ଅପରାଧ ସମ୍ପର୍କିତ ଘଟଣା ସାମ୍ନାକୁ ଆସୁଛି। କେବଳ ପୁଲିସକୁ ଦୋଷ ଦେଇ ଆମେ ଆମ କର୍ତ୍ତବ୍ୟ ସାରିଦେଉଛୁ। ସମସ୍ୟାର ମୂଳକୁ ଆମେ ଛୁଇଁପାରୁନାହୁଁ। ଅପରାଧୀ ତିଆରି ହେଉଛି କେଉଁଠି? - ଏବେ ଏହି ପ୍ରଶ୍ନ ଅଧିକ ପ୍ରାସଙ୍ଗିକ।

ଆଜି ପଡ଼ୋଶୀ ଆଉ ପଡ଼ୋଶୀ ନୁହେଁ। ଆଜି ଆମଭିତରୁ ମାନବିକତା ଓ ସାମାଜିକତା ହଜିଯାଉଛି। ଦିନେ ଯେଉଁ ଗାଁରେ ଜଣଙ୍କ ଘରେ ଦୁଃଖ ହେଲେ ସାରା ଗାଁ ଠିଆ ହେଉଥିଲା, ଆଜି ସେଠାରେ ପଡ଼ୋଶୀ ଘରେ କ'ଣ ଘଟୁଛି ଜାଣିବାକୁ ଅନେକଙ୍କ ସମୟ ନାହିଁ। ସମ୍ପର୍କ ଭାଙ୍ଗୁଛି, ଭରସା କମୁଛି ଓ ସାମାଜିକ ଦାୟିତ୍ୱର ଭାବନା ଦୁର୍ବଳ ହେଉଛି। ଏହି ଶୂନ୍ୟସ୍ଥାନରେ ଅପରାଧୀ ମାନସିକତା ମୂଳ ଧରିବାର ସୁଯୋଗ ପାଉଛି। ଆମ ସମାଜର ଆଉ ଏକ ଗଭୀର ରୋଗ ଅସହିଷ୍ଣୁତା। ଜଣେ ଉଠିଲେ ଅନ୍ୟଜଣ ଗୋଡ଼ ଟାଣୁଛି। ଜଣେ ଯୁବକ ନିଜ ଉଦ୍ୟମରେ ବ୍ୟବସାୟ ଆରମ୍ଭ କଲେ, ଅନ୍ୟଜଣକ ତାଙ୍କ ବିଫଳତା ଚାହେଁ। କେହି ଚାକିରି ପାଇଲେ ଈର୍ଷା ଆରମ୍ଭ ହୁଏ। କେହି ସମାଜରେ ନାଁ କଲେ ତାଙ୍କୁ ତଳକୁ ଟାଣିବା ପାଇଁ ଚେଷ୍ଟା ହୁଏ। ଏହି ମାନସିକତା ଯଦି ପରିବାରରୁ ସମାଜ ଏବଂ ସମାଜରୁ କାର୍ଯ୍ୟକ୍ଷେତ୍ର ପର୍ଯ୍ୟନ୍ତ ପହଞ୍ଚେ, ତେବେ ସେଠାରେ ସୁସ୍ଥ ପ୍ରତିଯୋଗିତା ରହେ ନାହିଁ; ରହିଯାଏ ଅସହିଷ୍ଣୁତା।

ଆଜି ଶିକ୍ଷିତ ଯୁବକଙ୍କ ସଂଖ୍ୟା ବଢ଼ିଛି। କିନ୍ତୁ ଶିକ୍ଷା କେବଳ ମାର୍କସିଟ୍ ଓ ସାର୍ଟିଫିକେଟରେ ସୀମିତ ହୋଇଯାଇଛି। ଶିକ୍ଷା ଯଦି ମଣିଷକୁ ମଣିଷ ଭଳି ସମ୍ମାନ କରିବା ଶିଖାଇ ପାରୁନାହିଁ, ତେବେ ସେହି ଶିକ୍ଷାର ମୂଲ୍ୟ କେଉଁଠି? ଡିଗ୍ରୀ ବଢୁଛି, କିନ୍ତୁ ଚାକିରିର ସୁଯୋଗ ସେହି ଅନୁପାତରେ ବଢୁନାହିଁ। ଯୁବପିଢ଼ିର ଏକ ଅଂଶ ଦୀର୍ଘ ସମୟର ବେକାରି ଓ ଅନିଶ୍ଚିତତାରେ ହତାଶ ହେଉଛି। ଏହି ହତାଶାକୁ ଯଦି ସଠିକ୍ ଦିଗ ଦିଆ ନ ଯାଏ, ତେବେ ତାହାର ପରିଣାମ ସମାଜକୁ ଭୋଗିବାକୁ ପଡ଼ିପାରେ। ନିଶା ଆଗାମୀ ପିଢ଼ି ପାଇଁ ସବୁଠାରୁ ବଡ଼ ବିପଦ। ନିଶା ବିରୋଧରେ ଯେତେ ଅଭିଯାନ ହେଉ, ଯଦି ଗାଁର ଗଳିରେ ନିଶା ସହଜରେ ମିଳୁଛି, ତେବେ ଆମକୁ ଆତ୍ମସମୀକ୍ଷା କରିବାକୁ ହେବ। ଏହା କେବଳ ପୁଲିସର ସମସ୍ୟା ନୁହେଁ। ଏହା ଘରର ସମସ୍ୟା, ବିଦ୍ୟାଳୟର ସମସ୍ୟା, ସମାଜର ସମସ୍ୟା। ଯେଉଁ ଯୁବକଙ୍କ ହାତରେ ପୁସ୍ତକ, କମ୍ପ୍ୟୁଟର କିମ୍ବା ରୋଜଗାରର ସାଧନ ରହିବା କଥା, ତାଙ୍କ ହାତ ଯଦି ନିଶାରେ ବନ୍ଧା ପଡ଼େ, ତେବେ ଏହା କେବଳ ଜଣେ ଯୁବକର ପତନ ନୁହେଁ, ଏହା ଏକ ପରିବାର, ଏକ ପିଢ଼ି ଓ ଏକ ସମାଜର ପରାଜୟ।

ଅପରାଧ ରୋକିବା ପାଇଁ କଠୋର ଆଇନ ଆବଶ୍ୟକ। କିନ୍ତୁ ଆଇନ ଥିବା ଯଥେଷ୍ଟ ନୁହେଁ। ଆଇନର ନିଷ୍ପକ୍ଷ ଓ ଦ୍ରୁତ ପ୍ରୟୋଗ ଉପରେ ଲୋକଙ୍କ ଆସ୍ଥା ରହିବା ମଧ୍ୟ ଆବଶ୍ୟକ। ଅନ୍ୟପଟେ, ଅପରାଧର ସାକ୍ଷୀମାନେ ଯଦି ଭୟରେ ଚୁପ୍ ରହନ୍ତି, ତେବେ ନ୍ୟାୟ ପ୍ରକ୍ରିୟା ଦୁର୍ବଳ ହୋଇପାରେ। ତେଣୁ ପ୍ରଶ୍ନ କେବଳ 'ପୁଲିସ କ'ଣ କରୁଛି?' ନୁହେଁ। ପ୍ରଶ୍ନ ହେଉଛି ସାକ୍ଷୀ କାହିଁକି ଭୟ କରୁଛନ୍ତି? ଲୋକେ ଆଇନ ଉପରେ କେତେ ଭରସା କରୁଛନ୍ତି? ଏବଂ ଅପରାଧୀଙ୍କ ମନରେ ଆଇନର ଭୟ କେତେ ଅଛି? କେବଳ ସରକାରକୁ ଦୋଷ ଦେଲେ ହେବ ନାହିଁ। ଅପରାଧ ବଢ଼ିଲେ ସରକାରକୁ ପ୍ରଶ୍ନ କରିବା ଗଣତନ୍ତ୍ରର ଅଧିକାର। ପୁଲିସ ବ୍ୟବସ୍ଥାକୁ ପ୍ରଶ୍ନ କରିବା ମଧ୍ୟ ଆବଶ୍ୟକ। କିନ୍ତୁ ସମାଜ ନିଜକୁ ମଧ୍ୟ ପ୍ରଶ୍ନ କରିବା ଦରକାର। ଅପରାଧୀ ଜନ୍ମରୁ ଅପରାଧୀ ହୁଏ ନାହିଁ। ପରିବାର, ପରିବେଶ, ନିଶା, ବେକାରି, ଅସାମାଜିକ ସଙ୍ଗତି, ଲୋଭ, ଅସହିଷ୍ଣୁତା ଓ ଅନେକ ସାମାଜିକ କାରଣ ତାର ମାନସିକତାକୁ ପ୍ରଭାବିତ କରିପାରେ। ତେଣୁ ସମାଧାନ ମଧ୍ୟ ବହୁମୁଖୀ ହେବା ଦରକାର।

ଓଡ଼ିଶାକୁ କେବଳ ଭୌତିକ ଭାବେ ବିକଶିତ ରାଜ୍ୟ କରିବା ଯଥେଷ୍ଟ ନୁହେଁ। ଆମକୁ ଏକ ସୁରକ୍ଷିତ, ସମ୍ବେଦନଶୀଳ, ଦାୟିତ୍ୱବାନ ଓ ମାନବିକ ସମାଜ ଗଢ଼ିବାକୁ ପଡ଼ିବ। ଯୁବକଙ୍କୁ ନିଶାରୁ ଦୂରେଇ ଦକ୍ଷତା ଓ ରୋଜଗାରର ସୁଯୋଗ ଦେବାକୁ ହେବ। ଶିକ୍ଷାକୁ କେବଳ ପରୀକ୍ଷା ଓ ପାସ୍-ଫେଲ୍‌ରେ ସୀମିତ ନରଖି ଚରିତ୍ର ଗଠନ ସହ ଯୋଡ଼ିବାକୁ ହେବ। ନିଶା କାରବାର ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହିତ ପୁନର୍ବାସ ଓ ସଚେତନତାକୁ ମଧ୍ୟ ଗୁରୁତ୍ୱ ଦେବାକୁ ହେବ। ସାକ୍ଷୀଙ୍କ ସୁରକ୍ଷା ଓ ଆଇନ ପ୍ରତି ଆସ୍ଥାକୁ ମଜବୁତ କରିବାକୁ ହେବ। ସବୁଠାରୁ ବଡ଼ କଥା - ଆମ ମାନସିକତା ବଦଳାଇବାକୁ ହେବ। ଜଣେ ଆଗକୁ ବଢ଼ିଲେ ତାଙ୍କ ଗୋଡ଼ ଟାଣିବା ନୁହେଁ, ତାଙ୍କ ହାତ ଧରିବାକୁ ହେବ। ପଡ଼ୋଶୀର ଦୁଃଖରେ ପଡ଼ୋଶୀ ଠିଆ ହେବାକୁ ହେବ। ଅନ୍ୟାୟ ଦେଖି ଚୁପ୍ ରହିବା ନୁହେଁ, ନିରାପଦ ଭାବେ ତାହାର ପ୍ରତିବାଦ କରିବାକୁ ହେବ। କାରଣ ଆଜି ଯେଉଁ ଅପରାଧ ଅନ୍ୟ ଜଣଙ୍କ ଘରେ ଘଟୁଛି, କାଲି ସେହି ଅପରାଧ ଆମ ଦ୍ୱାରରେ ପହଞ୍ଚିପାରେ। ଓଡ଼ିଶାର ଭବିଷ୍ୟତ କେବଳ ସରକାରଙ୍କ ହାତରେ ନୁହେଁ, ଆମ ସମସ୍ତଙ୍କ ହାତରେ। ଆଜି ଯଦି ସମାଜ ଚୁପ୍ ରହିବ, କାଲି ଇତିହାସ ଆମକୁ ପଚାରିବ - 'ସମସ୍ୟା ଆସୁଥିବା ବେଳେ ତୁମେ କେଉଁଠି ଥିଲ?'

କେନ୍ଦ୍ରାପଡ଼ା, ମୋ: ୯୯୩୭୨୨୭୯୯୪

# ନବୀନ କୁମାରଙ୍କ ପ୍ରାଚୀନ-ଚିନ୍ତନ

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପ୍ରତିଷ୍ଠିତ 'ଡକ୍ଟର ନବୀନ କୁମାର ସାହୁ ମ୍ୟୁଜିୟମ' ମଧ୍ୟକୁ ପ୍ରବେଶ କରିବାର ଅନୁଭୂତି କି ଅପୂର୍ବ! ଶତସହସ୍ର ବର୍ଷ ତଳର 'ମାଟି, ମଣିଷ ଓ ସମୟ'ର କମ୍ପନରେ ଥରି ଉଠେ ଛାତି। ନବୀନ କୁମାର ସାହୁ କେବଳ ଓଡ଼ିଶାର ନୁହନ୍ତି ସମଗ୍ର ଭାରତବର୍ଷର ଜଣେ ସୁବିଖ୍ୟାତ ଐତିହାସିକ, ପ୍ରତ୍ନତତ୍ତ୍ୱବିତ ଓ ଶିକ୍ଷାବିତ - ଏକଥା ଜାଣନ୍ତି ସମସ୍ତେ; ମାତ୍ର ତାଙ୍କ 'ଐତିହାସିକ'ର ପରିଚୟ ଭିତରେ ସାହିତ୍ୟିକ ପ୍ରତିଭା କିପରି ପ୍ରଚ୍ଛନ୍ନ ଓ ପରିଚ୍ଛନ୍ନ - ତାହା ହିଁ ଏ ପ୍ରସଙ୍ଗରେ ତାତ୍ପର୍ଯ୍ୟପୂର୍ଣ୍ଣ।

ବିଭିନ୍ନ ଅଞ୍ଚଳରୁ ସଂଗୃହୀତ ପ୍ରାଗୈତିହାସିକ ହାତହତିଆର, ମୃତ୍ପାତ୍ର ଓ ପ୍ରତ୍ନତାତ୍ତ୍ୱିକ ସାମଗ୍ରୀ, ମୁଦ୍ରା, ଭାସ୍କର୍ଯ୍ୟ, ତାମ୍ରପଟ୍ଟ, ପ୍ରସ୍ତର ଅଭିଲେଖ ଏଠାରେ କିପରି କଥା କହି ଉଠନ୍ତି, ତାହା ଅନୁଭବୀ ଦର୍ଶକ ହିଁ ବୁଝିପାରେ। ଆଦିବାସୀ ଜନଜୀବନ ସହ ସମ୍ପୃକ୍ତ ବାଦ୍ୟଯନ୍ତ୍ର ହେଉ କି ବିଶିଷ୍ଟ ବ୍ୟକ୍ତିଙ୍କ ତୈଳଚିତ୍ର ପ୍ରତି ଦୃଷ୍ଟି ନିକ୍ଷେପ କଲେ ଅନୁଭୂତ ହୁଏ ସେମାନେ ସତେଯେମିତି ହୋଇ ଉଠୁଛନ୍ତି ଜୀବନ୍ତ। ଆଉ ଦର୍ଶକ ବିସ୍ମୟାଭିଭୂତ ହୋଇ ପରିଣତ ହୋଇଯାଉଛି ନିର୍ବାକ ପ୍ରସ୍ତରମୂର୍ତ୍ତିରେ। ପରମକାରୁଣିକ ବୁଦ୍ଧଦେବ, ମହାତ୍ମା ଗାନ୍ଧୀ, ବୀର ସୁରେନ୍ଦ୍ର ସାଏ, କବି ଗଙ୍ଗାଧର ମେହେରଙ୍କ ସହିତ ଅବାଧ ଭାବାଳାପରେ ଧ୍ୟାନମଗ୍ନ ହୋଇଯିବାର ସ୍ୱତନ୍ତ୍ର ଏକ ଜଗତ ଏହା। ଇତିହାସର ସତେ କି ସୁସଜ୍ଜିତ ସାହିତ୍ୟିକ ରୂପାୟନ! ପ୍ରତିଟି ସଂଗ୍ରହ ଓ ସଂରକ୍ଷଣ ମଧ୍ୟରେ ଶୁଣିହୁଏ ଡକ୍ଟର ସାହୁଙ୍କ ଦଶନ୍ଧି ଦଶନ୍ଧି ବ୍ୟାପୀ ନିରବଚ୍ଛିନ୍ନ ସାଧନାର ସ୍ପନ୍ଦନ।

'ଓଡ଼ିଶାରେ ବୌଦ୍ଧ ଧର୍ମ' ସମ୍ପର୍କରେ ସେ ଜଣେ ଶ୍ରେଷ୍ଠ ଗବେଷକ। ସୁବୃହତ ଇଂରାଜୀ ଗ୍ରନ୍ଥର ସଂକ୍ଷିପ୍ତ ରୂପ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ। ଅନେକ ପ୍ରବନ୍ଧ ତାଙ୍କର ଓଡ଼ିଶାର ପତ୍ରପତ୍ରିକାର ପୃଷ୍ଠାମଣ୍ଡନ କରିଛି। ତା' ମଧ୍ୟରେ ପୁଣି ଅନ୍ତର୍ଭୁକ୍ତ ଅନେକ ରଚନା, ଯାହା ଐତିହାସିକ ସତ୍ୟ ସହ ସାହିତ୍ୟିକ ସୌନ୍ଦର୍ଯ୍ୟର ଅପୂର୍ବ ସମନ୍ୱୟ। ବୁଦ୍ଧଦେବଙ୍କ ପ୍ରଥମ ଦୁଇଶିଷ୍ୟ ହେଉଛନ୍ତି ଓଡ଼ିଶାର-'ତପସୁ' ଓ 'ବହ୍ଲିକ'। ଉଭୟଙ୍କୁ ନେଇ ସେ ଯେଉଁ କ୍ଷୁଦ୍ରଗଳ୍ପ ରଚନା କରିଛନ୍ତି ତାହା ପାଠକଲେ ଅନୁଭୂତ ହୁଏ ତାଙ୍କ ପ୍ରାଣରେ ଭରି ରହିଛି ବୌଦ୍ଧ-ଚେତନା-ସିକ୍ତ ଶାଶ୍ୱତ ସ୍ୱଚ୍ଛତା। ସତେ କି ସେ ଥିଲେ ବୁଦ୍ଧ-ଶିଷ୍ୟ ଆନନ୍ଦ! ସେଥିପାଇଁ ବୁଦ୍ଧପୂର୍ଣ୍ଣିମା ଦିନ ପ୍ରତିବର୍ଷ ଉପବାସ ଓ ପ୍ରାର୍ଥନାରେ ବିତାଉଥିଲେ। ଓଡ଼ିଶାର ମହିମାକୁ ସେ ନାନା ଭାବରେ କରି ଦେଇଛନ୍ତି ସମୁଜ୍ଜ୍ୱଳ। 'ଓଡ଼ିଶା ସହିତ ସମ୍ବଲପୁର ମିଶ୍ରଣ' ପ୍ରବନ୍ଧଟି ଏ ଦୃଷ୍ଟିରୁ ଉଲ୍ଲେଖନୀୟ।

ଡକ୍ଟର ସାହୁଙ୍କ ଏକାନ୍ତ ସ୍ମରଣୀୟ ଲେଖା ମଧ୍ୟରେ ରହିଛି, 'ଜାତୀୟ ବୀର ସୁରେନ୍ଦ୍ର ସାଏ', 'ପ୍ରଥମ ବୌଦ୍ଧ' ଗଳ୍ପ, 'ହୀରାଖଣ୍ଡ' ଗଳ୍ପ, 'କୀର୍ତ୍ତିଶାଳିନୀ ନାରୀ', ପ୍ରାଚୀନ ଭାରତରେ ଗଣତନ୍ତ୍ର ଶାସନ, 'ମଧୁସୂଦନ ଦାସ ' 'ଉତ୍କଳ', 'ଭାରତୀୟ ପରମ୍ପରା: କଳା ଓ ସ୍ଥାପତ୍ୟ', 'ପଦ୍ମସମ୍ଭବ', 'ଆଦିନାଥ ଋଷଭ କି ଜଗନ୍ନାଥ?', 'କାଳିଦାସଙ୍କ କାବ୍ୟରେ ଓଡ଼ିଶା', 'ସହିଦ ମାଧୋ ସିଂହ', 'ପଶ୍ଚିମ ଓଡ଼ିଶାର ରମଣୀୟ ସ୍ଥାନ', 'ଓଡ଼ିଶାରେ ବୌଦ୍ଧ ସଂସ୍କୃତି', 'ବୁଢ଼ାରଜା ମନ୍ଦିର', ' କଳିଙ୍ଗ ସମ୍ରାଟ ଖାରବେଳଙ୍କ ସମୟ ନିରୂପଣ' ଆଦି।

ସୁରେନ୍ଦ୍ର ମହାନ୍ତିଙ୍କ ସହିତ ମିଶି ସେ ରଚନା କରନ୍ତି 'ସିନ୍ଧୁ ସଭ୍ୟତା ଓ ଜୈନଧର୍ମ'। ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ଥିବା ସମୟରେ 'ସପ୍ତର୍ଷି' ପତ୍ରିକାର ମୁଖ୍ୟ ସମ୍ପାଦକ ଭାବରେ ସେ ରଚନା କରିଥିବା ସମ୍ପାଦକୀୟଗୁଡ଼ିକ ଚିନ୍ତା ଉଦ୍ରେକକାରୀ ପ୍ରବନ୍ଧର ମର୍ଯ୍ୟାଦା ଲାଭ କରିବା ସ୍ୱାଭାବିକ। ଡକ୍ଟର ସାହୁଙ୍କ ମଧ୍ୟରେ ଯେଉଁ ଆବେଗାତ୍ମକ ଅନୁଭବ ଥିଲା ସଂରକ୍ଷିତ, ତାହା ଏହିସବୁ ସାହିତ୍ୟିକ ରଚନାରେ ପ୍ରତିଫଳିତ ହୋଇଛି ମର୍ମସ୍ପର୍ଶୀ ଭାବରେ। ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଯେଉଁଦିନ ଗୁଳିବିଦ୍ଧ କରାଯାଇଥିଲା, ସେତେବେଳେ ଡକ୍ଟର ସାହୁ ଥିଲେ ଆହ୍ଲାବାଦ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଶ୍ରେଣୀର ଛାତ୍ର। ତାଙ୍କ ହୃଦୟର ଗଭୀର ବ୍ୟଥା ବ୍ୟକ୍ତ କରି ଜନ୍ମଭୂମିର ପ୍ରିୟ କବି ଗଙ୍ଗାଧର ମେହେରଙ୍କ ସୁପୁତ୍ର ଭଗବାନ ମେହେରଙ୍କ ନିକଟକୁ ସେ ଲେଖିଛନ୍ତି ଏକ ଦୀର୍ଘ ପତ୍ର।

ଡକ୍ଟର ସାହୁଙ୍କ ବାହ୍ୟ ଗାଠନିକ ରୂପଟି ଐତିହାସିକର। ଅନ୍ତଃରୂପ ସାହିତ୍ୟ ଶିଳ୍ପୀର। ଶ୍ରେଣୀ କକ୍ଷରେ ଶିକ୍ଷା ଦାନ ବେଳେ ସେ ଇତିହାସକୁ ଏତେ ପ୍ରାଞ୍ଜଳ, ଚିତ୍ତସମ୍ମୋହକ ଶୈଳୀରେ ବ୍ୟାଖ୍ୟା କରନ୍ତି ଯେ, ତାହା ରୂପାନ୍ତରିତ ହୋଇଯାଏ ସାହିତ୍ୟରେ। ଚରମ ଆର୍ଥିକ ଦାରିଦ୍ର୍ୟ ମଧ୍ୟରୁ ସେ ଆରୋହଣ କରିପାରିଥିଲେ ପ୍ରଜ୍ଞାର ପରମ ଐଶ୍ୱର୍ଯ୍ୟ ମଧ୍ୟକୁ। ପ୍ରାଚୀନ ସ୍ମୃତି ସଂରକ୍ଷଣ ଓ ବିଶ୍ଳେଷଣ ହିଁ ଯେ ନବୀନ ଚେତନାର ପରିଚୟ - ତାହା ପ୍ରମାଣିତ କରିଦେଲେ ସ୍ୱକୀୟ ସୁଦୃଢ଼ ସଂକଳ୍ପ ଆଉ ସାଧନା ବଳରେ। ଯାହା ପାଖରେ ପୁରୁଣା ଜିନିଷ ନାହିଁ ତା'ର ବୁନିୟାଦି ନାହିଁ ବୋଲି ଚକ୍ରବର୍ତ୍ତୀ ରାଜଗୋପାଳଚାରୀଙ୍କ ଉଚ୍ଚାରିତ ବାକ୍ୟଟି ଆମ ହୃଦୟରେ ତେଣୁ ପ୍ରତିଧ୍ୱନିତ ହୋଇଉଠେ ମହିମ୍ନ ନବୀନ କୁମାର ସାହୁ ସଂଗ୍ରହାଳୟ ଦର୍ଶନମାତ୍ରେ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପାରାଦୀପ ବନ୍ଦରରେ ଜାହାଜ ଗିରଫ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୧୯।୮(ସମିସ): ପାରାଦୀପ ବନ୍ଦରରେ ଏମଟି ୟୁନିଟି (ଆଇଏମଓ ୯୩୮୮୭୯୨) ଜାହାଜକୁ ଗିରଫ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୋଗ୍ଲାସି ଇନସ୍ୟୁରାନ୍ସ କମ୍ପାନି ଲିମିଟେଡ ପକ୍ଷରୁ ଦାୟର ସାମୁଦ୍ରିକ ବିବାଦ ସଂପର୍କିତ ଅନ୍ତରୀଣ ଆବେଦନର ହାଇକୋର୍ଟ ଶୁଣାଣି କରି ଜଷ୍ଟିସ ଭି.ନରସିଂହ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟ ପକ୍ଷରେ ଏ ସଂକ୍ରାନ୍ତ ମୂଳ ସାମୁଦ୍ରିକ ବିବାଦ ମାମଲାରେ ପ୍ରତିପକ୍ଷ ଏମଟି ୟୁନିଟି (ଆଇଏମଓ ୯୩୮୮୭୯୨) କୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି। ସେପ୍ଟେମ୍ବର ୯କୁ ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରାଯାଇଛି। ମାମଲାରୁ ପ୍ରକାଶ ଯେ ଜାହାଜଠାରୁ ୩କୋଟି ୧ଲକ୍ଷ ୯୮ ହଜାର ୪୮୩ ଟଙ୍କା ଦାବି କରି ଆବେଦନକାରୀ ସଂସ୍ଥା ଏହି ମାମଲା ଦାୟର କରିଛି। ମୂଳ ସାମୁଦ୍ରିକ ବିବାଦ ମାମଲା ବିଚାରାଧୀନ ଥିବା ବେଳେ ଜାହାଜକୁ ଗିରଫ କରାଯାଉ ବୋଲି ଦର୍ଶାଇ ଆବେଦନକାରୀ ଅନ୍ତରୀଣ ଆବେଦନ ଦାୟର କରିଥିଲେ। ପ୍ରତିପକ୍ଷ ଜାହାଜଟି ଖୁବ ଶୀଘ୍ର ପାରାଦୀପ ବନ୍ଦର ଛାଡି ଚାଲିଯାଇ ପାରେ ବୋଲି ଆବେଦନକାରୀ ଦର୍ଶାଇଥିଲେ। ଯଦି ପାରାଦୀପ ବନ୍ଦରରୁ ଜାହାଜ ଅନ୍ୟତ୍ର ଚାଲିଯାଏ ତେବେ ଏହି ମାମଲା ଅପ୍ରାସଂଗିକ ହୋଇଯିବ ବୋଲି ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ଏହାପରେ ହାଇକୋର୍ଟ ଜାହାଜକୁ ପାରଦୀପ ବନ୍ଦରରେ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ୩୦ ବର୍ଷ ପରେ ବି ରାଜ୍ୟରେ କାର୍ଯ୍ୟକାରୀ ହେଉନି ପେସା ଆଇନ

## ସତ୍ୟପାଠ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୧୯।୮(ସମିସ): ପଞ୍ଚାୟତ ଏକ୍ସଟେନସନ ଟୁ ସିଡ୍ୟୁଲ୍ଡ ଏରିଆଜ ଆକ୍ଟ ବା ପେସା ଆଇନ-୧୯୯୬ ରାଜ୍ୟରେ କାର୍ଯ୍ୟକାରୀ କରାଯାଉ ନଥିବା ପ୍ରସଂଗକୁ ନେଇ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ହାଇକୋର୍ଟ। ପୁରୁଷୋତ୍ତମ ହିକକା ଓ ଅନ୍ୟ ତିନି ଜଣଙ୍କ ତରଫରୁ ଦାୟର ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସେପ୍ଟେମ୍ବର ୩କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ଆବେଦନକାରୀ ଦର୍ଶାଇଛନ୍ତି ଯେ ଅନୁସୂଚିତ ଅଞ୍ଚଳ ଓ ଅନୁସୂଚିତ ଜନଜାତିଙ୍କ ପାଇଁ ସମ୍ବିଧାନ ସ୍ୱତନ୍ତ୍ର ସୁରକ୍ଷା ପ୍ରଦାନ କରିଛି। ଏଥିପାଇଁ ୧୯୯୬ରେ ପେସା ଆଇନ ପ୍ରଣୟନ ହୋଇଥିଲା। ଦୀର୍ଘ ୩୦ବର୍ଷ ପରେ ମଧ୍ୟ ରାଜ୍ୟ ସରକାର ପେସା ଆଇନ କାର୍ଯ୍ୟକାରୀ ପାଇଁ ନିୟମାବଳୀ ପ୍ରଣୟନ କରି ନାହାନ୍ତି। ପେସା ଆଇନରେ ଗ୍ରାମସଭାକୁ ଅନୁସୂଚିତ ଜନଜାତିଙ୍କ ପରମ୍ପରା, ପ୍ରଥା, ସାଂସ୍କୃତିକ ପରିଚୟ, ଗୋଷ୍ଠୀ ସମ୍ବଳ ସୁରକ୍ଷା ଓ ସଂରକ୍ଷଣ ପାଇଁ କ୍ଷମତା ଦିଆଯାଇଛି। ଅନୁସୂଚିତ ଅଞ୍ଚଳରେ ବେଆଇନ ଜମି ହସ୍ତାନ୍ତର ଉପରେ ଗ୍ରାମସଭା ଅଙ୍କୁଶ ଜାରି କରି ପାରିବ ବୋଲି ଆଇନରେ କୁହାଯାଇଛି। ମୟୂରଭଞ୍ଜ, ସୁନ୍ଦରଗଡ, କୋରାପୁଟ, ମାଲକାନଗିରି, ରାୟଗଡା, କେନ୍ଦୁଝର ସଂପୂର୍ଣ୍ଣ ଭାବେ ଓ ସମ୍ବଲପୁର, ବୌଦ୍ଧ, କନ୍ଧମାଳ, ଗଞ୍ଜାମ, କଳାହାଣ୍ଡି, ବାଲେଶ୍ୱର ଜିଲ୍ଲାର ଆଂଶିକ ଭାବେ ଅନୁସୂଚିତ ଅଞ୍ଚଳ ହୋଇଥିବା ବେଳେ ଏହି ଅଞ୍ଚଳବାସୀ ଉକ୍ତ ଆଇନର ସୁଫଳରୁ ବଞ୍ଚିତ ହେଉଛନ୍ତି ବୋଲି ଅଭିଯୋଗ କରାଯାଇଛି। ମାମଲାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହିତ ନ୍ୟାସନାଲ କମିସନ ଫର ଏସଟିଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଅନୁପ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।


**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1103, dated 13.08.2026, I, KAMALA BHATRA, Daughter of - Kamallochan Bhatra & Wife of - Sanu Bhatra, permanent resident of Village - Makaput, PO - Chitra, PS - Kotpad, Dist - Koraput, Odisha, Pin - 764056, declare that I have changed my name from KAMALA CHAN BHATARA to KAMALA BHATRA. Henceforth, I shall be known as **KAMALA BHATRA** for all purposes.

**Sd/- Kamala Bhatra**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 920, dated 11.08.2026, I, DURYADHAN MALI, Son of - Pitabas Mali, permanent resident of Village- Siuni, PO - Bhatrasiuni, PS - Nabarangpur, Dist - Nabarangpur, Odisha, Pin - 764063, declare that I have changed my name from DURJYAN MALI to DURYADHAN MALI. Henceforth, I shall be known as **DURYADHAN MALI** for all purposes.

**Sd/- Duryadhan Mali**

**AFFIDAVIT**

By virtue of an affidavit sworn before the Executive Magistrate, Pipili, dated 19.08.2026, I, Suban Khan, S/o Rahematul Khan, resident of Vill-Baunsachali, PO-Odia Bazar, PS-Dargha Bazar, Dist-Cuttack, PIN-753002, declare that I have changed my name from Shashibhusan Bhoi to Suban Khan. Henceforth, I shall be known as **Suban Khan** for all purposes.

**Sd/- Suban Khan**

**Lost of Original Land ROR / Patta**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଯାଉଛି ଯେ ମୌଜା-ପଟିଆ ଅବସ୍ଥିତ ପ୍ଲଟ୍ ନଂ- ୩୯୪/୩୨୮୮, ଖାତା ନଂ- ୪୭୪/୪୯୬୨ ଏବଂ ପ୍ଲଟ୍ ନଂ- ୩୯୪/୩୨୮୯, ଖାତା ନଂ- ୪୭୪/୪୯୬୩, ପିପୁଲ୍ସ ଫୋରମ୍ (ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ) ନାମରେ ଥିବା ମୂଳ ପଟ୍ଟା, ତଥା ମୌଜା-ପଟିଆ ଅବସ୍ଥିତ ପ୍ଲଟ୍ ନଂ-୩୯୪/୩୨୮୯, ଖାତା ନଂ-୪୭୪/୩୯୯୫ ଏବଂ ପ୍ଲଟ୍ ନଂ- ୩୯୪/୩୨୮୮, ଖାତା ନଂ- ୪୭୪/୪୦୬୬, ସଜଳ ଶିବଦର୍ଶନଙ୍କ ନାମରେ ଥିବା ମୂଳ ପଟ୍ଟା ତା. ୦୩.୦୭.୨୦୨୬ରିଖ ପ୍ରାୟ ସକାଳ ୧୧.୦୦ଘଟିକା ସମୟରେ ଖଣ୍ଡଗିରି, ଭୁବନେଶ୍ୱର ଅଞ୍ଚଳରେ ହଜିଯାଇଛି । ଏହି ସମ୍ପର୍କରେ ଖଣ୍ଡଗିରି ଥାନାରେ ଅଭିଯୋଗ ଦାଖଲ କରାଯାଇଛି, (G.D. No. 014, Dated: 07/08/2026) ଉକ୍ତ ଦସ୍ତାବିଜ କାହାରି ନିକଟରେ ଥିଲେ କିମ୍ବା ମିଳିଥିଲେ ନିମ୍ନଲିଖିତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ ।

ପ୍ରମୋଦ କୁମାର ପଣ୍ଡା
ମୋବାଇଲ: ୯୯୩୭୧୧୫୧୧୧

**PUBLIC NOTICE**

The original Title Deed bearing no. 10061108960 dt. 11.11.2011 executed before R.O., Balasore, with respect to Plot no. 768/1785, Khatian no. 476/1714, A.O.05 dc., Mouza: Sahadebkhunta, P.S.: Balasore Town, P.S. no. 2, Dist: Balasore, Executed in favour of Smt. Sanjulata Nayak, W/O: Bijay Kumar Nayak, is lost. No Equitable Mortgage / Charge with any Bank / Financial Institution is created by depositing the said original Regd. Sale Deed as security against any loan. If any Individual / Bank / Financial Institution is holding the said original Sale Deed, is requested to inform State Bank of India, F.M. Square Branch, Balasore (Mobile no. 7978013993) within 7 days from the date of this notice, where the present title holder thereof Prabir Kumar Das proposed to avail a loan against mortgage of Khatian no. 476/2083, Plot no. 768/1785, A.O.05 dc. by depositing the said deed as link document. Sri Prabir Kumar Das, S/o: Late Prasanta Kumar Das, resident of Village/ P.O.: Gopalgaon, P.S.: Balasore Town, Dist. Balasore. Mobile no. 9338704122.

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.: ST-OT-LHS-02-KUR-582, ତା.13.08.2026 ରିଖ

**କାର୍ଯ୍ୟର ନାମ :** Siemens ଦ୍ୱାରା ନିର୍ମିତ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ୍ (EI) କାର୍ଯ୍ୟ ସହିତ ଖୋର୍ଦ୍ଧା ରୋଡ୍ (KUR) ମଣ୍ଡଳର ବିଭିନ୍ନ ଷ୍ଟେସନ/ସେକ୍ସନଗୁଡ଼ିକ ମଧ୍ୟରେ କି.ମି. 140/29-31 ସ୍ଥିତ ଅନଧିକୃତ ପ୍ରବେଶ ସ୍ଥାନଗୁଡ଼ିକ ଠାରେ ଏବଂ କି.ମି. 424/14-16 ସ୍ଥିତ ବର୍ତ୍ତମାନର ଜଗୁଆଳୀ ଥିବା ଲେଭେଲ କ୍ରସିଙ୍ଗ୍ ନଂ. CT-29, କି.ମି. 473/29-31 ସ୍ଥିତ ସଂ. CT-65, କି.ମି.438/14-16 ସ୍ଥିତ ସଂ. JB-12, କି.ମି. 449/9-11 ସ୍ଥିତ ସଂ. CT-42 ପରିବର୍ତ୍ତେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ବ୍ୟବସ୍ଥା ଏବଂ ନିର୍ମାଣ ।

**ଟେଣ୍ଡର ମୂଲ୍ୟ (₹) :** 2,14,33,436.10, EMD(₹) : 4,28,700.00 ।

ବିଡିଙ୍ଗ୍ ଆରମ୍ଭ ତାରିଖ : ତା.21.08.2026 ରିଖ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.04.09.2026 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ(Firm)ର ଲେଟର ହେଡ୍ସରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ସଙ୍କେତ ଏବଂ ଦୂରସଞ୍ଚାର)/ ଖୋର୍ଦ୍ଧା ରୋଡ୍

PR-376/R/26-27

**AFFIDAVIT**

By virtue of an affidavit sworn before Executive Magistrate, Sukinda, Jajpur Affidavit S.L.No. 1465 on dated 08/06/2026, I **KARTIKA OJHA**, S/o Bidyadhar Ojha resident of At.- Rajagola, Po- Atta, P.S: Sukinda, Dist: Jajpur, Odisha, PIN: 755018, declare that I have changed my minor son's name from **SAI SUBHASISH OJHA (Old Name)** to **SAIASISHE OJHA (New Name)**. Henceforth, he shall be known as **SAIASISHE OJHA** for all future purposes.

Sd- **KARTIKA OJHA**

**AFFIDAVIT**

I, **Rekharani Panda**, W/o- Birendra Prasad Mishra, residing currently at Plot No.16, 1st Floor, Versha Village, Near Damana High School, Pin-751016, Odisha and Permanent Resident of At/Po- Arei, PS-Binjharpur, Dist-Jajpur, Pin-755027, Odisha declare by this Affidavit, dtd-03/08/2026 that **Rekharani Panda** and **Rekha Rani Mishra** is one and same person. Now onwards I shall be known as **Rekharani Panda** for all future purposes.

**ପୂର୍ବ ତଟ ରେଳପଥ**

ଶୁଦ୍ଧିପତ୍ର

ଇ-ଟେଣ୍ଡର ବିଜ୍ଞପ୍ତି ସଂ. 40266092

**ବିବରଣୀ :** ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ପ୍ରକାଶିତ ଅନୁଯାୟୀ: ତା.17.08.2026 ରିଖ 1500 ଘଟିକା । ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ : ତା.24.08.2026 ରିଖ 1500 ଘଟିକା ।

ବିସ୍ତୃତ ବିବରଣୀ ପାଇଁ ଟେଣ୍ଡରଦାତାଙ୍କୁ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ / ସମ୍ବଲପୁର

PR-377/R/26-27

**ପଶ୍ଚିମ ରେଳବାଇ - ରତଲାମ ମଣ୍ଡଳ**

**ଟେଣ୍ଡର ବିଜ୍ଞପ୍ତି**

ଡିଭିଜନାଲ୍ ରେଳୱେ ମ୍ୟାନେଜର୍ (ଇଲେକ୍ଟ୍ରିକାଲ୍ / ପାୱାର୍), ରତଲାମଙ୍କ ପକ୍ଷରୁ www.ireps.gov.in ୱେବସାଇଟ୍‌ରେ ଇ-ଟେଣ୍ଡର ମାଧ୍ୟମରେ "ଖୋଲା ଟେଣ୍ଡର" ଆମନ୍ତ୍ରଣ କରାଯାଇଛି । ବିବରଣୀ ନିମ୍ନରୂପ:- କ୍ରମିକ ନଂ. ୧ - ଇ-ଟେଣ୍ଡର ନଂ.: EL-2025-26-26R2, କାର୍ଯ୍ୟର ନାମ: ରତଲାମ ଡିଭିଜନ୍: ରତଲାମ ଡିପୋରେ ପ୍ଲାଟଫର୍ମ ନଂ. ୦୪ ଏବଂ ପ୍ଲାଟଫର୍ମ ନଂ. ୦୭ରେ ୦୬ଟି ଏସ୍କାଲେଟର୍ ଏବଂ ଇନ୍ଦୋର ଷ୍ଟେସନର P F - ୦୫/୦୬ର ସର୍କୁଲେଟିଂ ଏରିଆରେ ୦୧ଟି ଏସ୍କାଲେଟର୍ ବ୍ୟବସ୍ଥା। (ଇଲେକ୍ଟ୍ରିକାଲ୍ + ସିଭିଲ୍), ଆନୁମାନିକ ମୂଲ୍ୟ: ଟ. ୪୦,୫୯,୪୧୭.୭୮, ଜମା କରିବାକୁ ଥିବା ବଇନା ରାଶି: ଟ.୧୪,୮୧,୨୦୦.୦୦, କାର୍ଯ୍ୟ ସମାପ୍ତି ଅବଧି: ୧୨ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୧୪.୦୮.୨୦୨୬, ଟେଣ୍ଡର ଖୋଲିବା ତାରିଖ: ୦୮.୦୯.୨୦୨୬। କ୍ରମିକ ନଂ. ୨ - ଇ-ଟେଣ୍ଡର ନଂ.: EL-2026-27-14, କାର୍ଯ୍ୟର ନାମ: ରତଲାମ ଡିଭିଜନ୍‌ରେ ଷ୍ଟାଫ୍ କ୍ୱାର୍ଟର୍‌ଗୁଡ଼ିକର ପୁନଃ ତାରଯୋଗ (Rewiring) ସହିତ ପମ୍ପ ବ୍ୟବସ୍ଥାର ଉନ୍ନତି ସମ୍ବନ୍ଧୀୟ ବିଦ୍ୟୁତ କାର୍ଯ୍ୟ। ଆନୁମାନିକ ମୂଲ୍ୟ: ଟ. ୧,୯୭,୮୭,୫୫୬.୭୧, ଜମା କରିବାକୁ ଥିବା ବଇନା ରାଶି: ଟ. ୩,୯୫,୮୦୦.୦୦, କାର୍ଯ୍ୟ ସମାପ୍ତି ଅବଧି: ୧୨ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୧୪.୦୮.୨୦୨୬, ଟେଣ୍ଡର ଖୋଲିବା ତାରିଖ: ୦୮.୦୯.୨୦୨୬। ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, ଯୋଗ୍ୟତା ମାନଦଣ୍ଡ ଏବଂ ଟେଣ୍ଡର ସର୍ତ୍ତାବଳୀ www.ireps.gov.in ୱେବସାଇଟ୍‌ରେ ଉପଲବ୍ଧ। ଟେଣ୍ଡର ଫର୍ମର ମୂଲ୍ୟ ଶୂନ୍ୟ (NIL)।

Apex/211

Like us on: facebook.com/WesternRly

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 934, dated 12.08.2026, I, Smt. DAIMATI PAIKA, W/o TIKI CHARAN PAIKA, resident of - Bhatisalguda, Nabarangpur, PO/PS/ Dist - Nabarangpur, Odisha, declare that I have changed my name from DAMAYANTI RANA to DAIMATI PAIKA, W/o TIKI CHARAN PAIKA. Both names refer to one and the same person, i.e., myself. Henceforth, I shall be known as DAIMATI PAIKA for all purposes.

**Sd/- Daimati Paika**

**AFFIDAVIT**

I, **Laxmikanta Giri**, S/o Purna Chandra Giri, At./Po. Kushadiha, P.S. Basta, Dist. Balasore-756029, Odisha declare by this affidavit sl No. 3441 DT. 08.05.2026 that I want to change my mother's name from **Basanti Mani Giri** to **Basanti Giri** for issuance of Passport. Henceforth, I shall be known and called as **Basanti Giri** for all purposes.

**AFFIDAVIT**

By virtue of an affidavit (SL No. A/35, dtd- 03/08/2026) sworn before The Executive Magistrate, Panposh, Rourkela. I, **Phoolmoti** (new name), W/o Late Ramavatar, permanent & presently resident of At- House No. C/29, Diesel Colony, K Cabin Basti, Bondamunda, Dist: Sundargarh, Odisha, PIN- 770032 declare that I have changed my name from **Fulamati Devi** (old name) to **Phoolmoti** (new name). Henceforth, I shall be known as **Phoolmoti** (new name) for all purposes.

**Phoolmoti**

**AFFIDAVIT**

By virtue of an affidavit sworn before the Executive Magistrate, Titilagarh, dated 19.08.2026, We, Madhusudan Behera and Truptimayee Behera, At-Titilagarh (Sargiguda), P.S. Titilagarh, Dist. Balangir declare that we have changed the name of our minor daughter from MANOSWINI BEHERA to MANASWINE BEHERA. Henceforth, she shall be known as **MANASWINE BEHERA** for all purposes.

**Sd/- Madhusudan Behera**
**Sd/- Truptimayee Behera**


GOVERNMENT OF ODISHA 34001/659/2627

**OFFICE OF THE SUPERINTENDING ENGINEER NATIONAL HIGHWAY DIVISION, KATAKA-I**

E-mail Id: nhcuttack@gmail.com

No: 3425 // Dated: 18/08/2026

**INVITATION FOR BIDS (IFB)**

Identification No. 01 / SE NH, KATAKA of 2026-27

1. The Superintending Engineer, NH Division, Kataka on behalf of Governor of Odisha invites **percentage rate bid** in **single cover system on online mode** for construction of works detailed in the table given below from **Bidders as mentioned in column-8** registered with the State Government and Contractors of equivalent grade/class registered with other State Govt. / MES/ Railways / CPWD for execution of Civil works on production of definite proof from the appropriate authority. The successful bidder who has not registered under State Government has to register under the State PWD in appropriate class of eligibility before signing of the agreement.

| SL No | Name of work | Value of work (Approx.) (Rs. in lakh) (Excluding GST) | Concern-ed T.I.A. | Concern-ed Division | Bid Security Amount (Rs.) (Online) | Cost of Bid documents (Rs.) (Online) | Class of Bidder | Period of completion |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 01 | Construction of Pedestrian Guard railing with paver block and safety kerb on canal Embankment between Manasapolo to Chek Gate on NH-20 Ch. 189/680 to Ch. 190/093 Km. for the year 2026- 27 | 26.80 | SE, NH DIVISION, KATAKA | NH Division Kataka | 26800/- | 6,000/- | 'C' & 'B' | 1 (One) Calendar Month |

2. Bid documents will be available in website **www.tendersodisha.gov.in** from **10.00 hours of 21.08.2026 to 17.30 hours of 31.08.2026** for online bidding. The bidders must possess compatible Digital Signature Certificate (DSC) of Class-I or Class-III.
3. The Addendum/ Corrigendum of tender, if required subsequently shall be available in above mentioned website.
4. The authority reserves the right to cancel any/all bids without assigning any reason / reasons thereof.

Sd/-
**Superintending Engineer,**
NH Division kataka.

OIPR-34001/34194/1/26-27/0001


**AFFIDAVIT**

By virtue of an affidavit before the **Notary Public, Malkangiri**, dated 07th July, 2026, I, **Jeetu Burudi**, residing at village: **Chitapari-I, Po.: Balimela Chowk, Ps.: Orkel, Dist.: Malkangiri- 764051** declare that I have changed the name of my son from **Jitendra Burudi** to **Jaidev Burudi**. Henceforth, he shall be known as **Jaidev Burudi** for all purposes.

Sd/- Jeetu Burudi

**AFFIDAVIT**

I, SHAIKH NABIRUDDIN, aged about 42 years /O-SHAIKH MANGALU, AT-DEVOG,PO-GOPINATHPUR,SINGLA,DIST-BALESWAR-756030, ODISHA, declared by this Affidavit No.943, Dated.18.06.2026, That now onwards I shall Be Known as **SK.NABIRUDDIN** for all future Purposes.

**AFFIDAVIT**

I, **Niaz Ahammad,** aged about 64 years, **S/o- Md. Kalan,** Resident of AT/PO- Lane No-2 Gandhinagar, Belpahar, Lakhanpur, Jharsuguda,768217, ODISHA, declared by this Affidavit No.890 /2026, Dated. 09.08.2026, That now onwards I shall Be Known as **NIAZ AHMAD** for all future Purposes.

UNITY Small Finance Bank

**ୟୁନିଟି ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ୍ ଲିମିଟେଡ୍**

କର୍ପୋରେଟ୍ କାର୍ଯ୍ୟାଳୟ: ସେଣ୍ଟ୍ରମ୍ ହାଉସ, ବିଦ୍ୟାନଗରୀ ମାର୍ଗ, କାଲିନା, ସାନ୍ତାକ୍ରୁଜ୍ (ପୂର୍ବ), ମୁମ୍ବାଇ - ୪୦୦ ୦୯୮

**ସର୍ବସାଧାରଣ ବିଜ୍ଞପ୍ତି**

**ଇଚ୍ଛାକୃତ ଋଣ ଖିଲାପକାରୀଙ୍କ ଫଟୋ ଓ ବିବରଣୀ ପ୍ରକାଶନ**

ଭାରତୀୟ ରିଜର୍ଭ ବ୍ୟାଙ୍କ (Small Finance Banks – Treatment of Wilful Defaulters and Large Defaulters) ନିର୍ଦ୍ଦେଶାବଳୀ, ତାରିଖ ୨୮ ନଭେମ୍ବର ୨୦୨୫, ଏବଂ ୟୁନିଟି ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍‌ର ନିର୍ଦ୍ଦେଶକ ମଣ୍ଡଳୀ ଦ୍ୱାରା ଅନୁମୋଦିତ ନୀତି ଅନୁଯାୟୀ, ଯଥାବିଧି ପ୍ରକ୍ରିୟା ସମ୍ପନ୍ନ କରିବା ପରେ ନିମ୍ନଲିଖିତ ଋଣଗ୍ରାହକ ଏବଂ ସହ-ଋଣଗ୍ରାହକମାନଙ୍କୁ ଇଚ୍ଛାକୃତ ଋଣ ଖିଲାପକାରୀ (Wilful Defaulters) ଭାବେ ଘୋଷଣା କରାଯାଇଛି। ଏହି ପ୍ରକ୍ରିୟାରେ କାରଣ ଦର୍ଶାଅ ନୋଟିସ୍ ପ୍ରଦାନ ଏବଂ ବ୍ୟକ୍ତିଗତ ଶୁଣାଣିର ସୁଯୋଗ ଦେବା ସହିତ R B I ନିର୍ଦ୍ଦେଶାବଳୀ ପାଳନ କରାଯାଇଛି। ଏହି ସାର୍ବଜନୀନ ବିଜ୍ଞପ୍ତି ସାଧାରଣ ଜନତାଙ୍କୁ ଅବଗତ କରାଇବା ଏବଂ ଅନ୍ୟାନ୍ୟ ଆର୍ଥିକ ସଂସ୍ଥାଗୁଡ଼ିକୁ ସତର୍କ କରାଇବା ଉଦ୍ଦେଶ୍ୟରେ ପ୍ରକାଶ କରାଯାଉଛି।

**ଋଣଗ୍ରାହକଙ୍କ ନାମ: ମେସର୍ସ ଆଦିତ୍ୟ ଟ୍ରେଡର୍ସ**
**ଠିକଣା: ପ୍ଲଟ୍ ନଂ. ୧୦୮୧, ଲେନ୍ ନମ୍ବର ଆର୍୨, ଭୁବନେଶ୍ୱର, ଓଡ଼ିଶା - ୭୫୧୦୩୦**

| | |
|---|---|
| **ଋଣଗ୍ରହୀତାଙ୍କ ନାମ: ମେସର୍ସ ଆଦିତ୍ୟ ଟ୍ରେଡର୍ସ, ଏହାର ପ୍ରୋପ୍ରାଇଟର ଶ୍ରୀ ସତ୍ୟବ୍ରତ ନାୟକଙ୍କ ମାଧ୍ୟମରେ** ଠିକଣା: ପ୍ଲଟ୍ ନଂ. ୧୦୩୪, ଜଗମୋହନ ନଗର, ଖଣ୍ଡଗିରି, ଭୁବନେଶ୍ୱର, ଖଣ୍ଡଗିରି, ଖୋର୍ଦ୍ଧା, ଓଡ଼ିଶା – ୭୫୧୦୩୦ |  |
| **ସହ-ଋଣଗ୍ରହୀତାଙ୍କ ନାମ: ଶ୍ରୀମତୀ ସୁଦୀପ୍ତା ଜେନା** ଠିକଣା: ପ୍ଲଟ୍ ନଂ. ୧୦୩୪, ଜଗମୋହନ ନଗର, ଖଣ୍ଡଗିରି, ଭୁବନେଶ୍ୱର, ଖଣ୍ଡଗିରି, ଖୋର୍ଦ୍ଧା, ଓଡ଼ିଶା – ୭୫୧୦୩୦ |  |
| **ସହ-ଋଣଗ୍ରହୀତାଙ୍କ ନାମ: ଶ୍ରୀ ପର୍ଶୁରାମ ନାୟକ** ଠିକଣା: ପ୍ଲଟ୍ ନଂ. ୧୦୩୪, ଜଗମୋହନ ନଗର, ଖଣ୍ଡଗିରି, ଭୁବନେଶ୍ୱର, ଖଣ୍ଡଗିରି, ଖୋର୍ଦ୍ଧା, ଓଡ଼ିଶା – ୭୫୧୦୩୦ |  |
| **ସହ-ଋଣଗ୍ରହୀତାଙ୍କ ନାମ: ଶ୍ରୀ ପୁରୁଷୋତ୍ତମ ନାୟକ** ଠିକଣା: ପ୍ଲଟ୍ ନଂ. ୧୦୩୪, ଜଗମୋହନ ନଗର, ଖଣ୍ଡଗିରି, ଭୁବନେଶ୍ୱର, ଖଣ୍ଡଗିରି, ଖୋର୍ଦ୍ଧା, ଓଡ଼ିଶା – ୭୫୧୦୩୦ |  |

| କ୍ର.ନଂ. | ଋଣ ଆକାଉଣ୍ଟ ନଂ. | ୩୧.୦୭.୨୦୨୬ ସୁଦ୍ଧା ବକେୟା ଦେୟ ଏବଂ ସେବାବଦ ସୁଧ |
|---|---|---|
| ୧ | USFBBHUMSME000000972 | ଟ.୨୭,୩୧,୩୦୦/- |

**ଇଚ୍ଛାକୃତ ଋଣ ଖିଲାପକାରୀ ଭାବେ ଘୋଷଣା ତାରିଖ: ୨୪.୦୭.୨୦୨୬**
**ଶାଖା/ଅଞ୍ଚଳ: ଓଡ଼ିଶା**

ଏହି ପ୍ରକାଶନ ଭାରତୀୟ ରିଜର୍ଭ ବ୍ୟାଙ୍କର Small Finance Banks – Treatment of Wilful Defaulters and Large Defaulters ନିର୍ଦ୍ଦେଶାବଳୀ ସର୍କୁଲାର RBI/DoR/2025-26/197 (DoR. FIN. REC.No. 116/20.16.003/2025-26), ତାରିଖ ୨୮ ନଭେମ୍ବର ୨୦୨୫, ଅନୁଯାୟୀ କରାଯାଉଛି।

**ଜାରି କର୍ତ୍ତା: ୟୁନିଟି ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍**

**ପଞ୍ଜିକୃତ ଠିକଣା:** ୟୁନିଟ୍ ନଂ. ୧୨୦୧, ୧୨୦୨ ଏବଂ ୧୨୦୩, ୧୨ତମ ମହଲା, ଅନସଲ୍ ଭବନ, ୧୬, କେ.ଜି. ମାର୍ଗ, ନୂଆଦିଲ୍ଲୀ-୧୧୦୦୦୧।

**କର୍ପୋରେଟ୍ ଠିକଣା:** ସେଣ୍ଟ୍ରମ୍ ହାଉସ, CST ରୋଡ୍, ବିଦ୍ୟାନଗରୀ ମାର୍ଗ, କାଲିନା, ସାନ୍ତାକ୍ରୁଜ୍ (ପୂର୍ବ), ମୁମ୍ବାଇ–୪୦୦୦୯୮।

(କୌଣସି ସ୍ପଷ୍ଟୀକରଣ ପାଇଁ: ୟୁନିଟି ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍–କର୍ପୋରେଟ୍ ରିକଭରି ଟିମ୍ ସହ ଯୋଗାଯୋଗ କରନ୍ତୁ।)


13001/1578/2627

**OFFICE OF THE NOTIFIED AREA COUNCIL, DHARMAGADA (Dt.)-KALAHANDI**

No. 2966 /DMH Dated: 18.08.2026

**QUOTATION CALL NOTICE**

| | |
|---|---|
| Name of the work | Supply, transportation, fixing of all 11 (Eleven) no's of Lifesize sculptures as per Quotation Call Notice. |
| No. of works | 01 No. |
| Tender notice No. & Date | 2962/DMH, Dt. 18.08.2026 |
| Agency | As per eligibility |
| Period of Tender | 3 Months |
| Availability of Documents | Dt. 18.08.2026 to Dt. 02.09.2026 (In Office Hours) at NAC Office, Dharmagada |
| Tender Paper Cost | Rs. 5000.00 |
| Last date of receipt of bid documents | Up to 1:00 PM of Dt 02.09.2026 |
| Date of opening of Bid | 03:00 PM of Dt 02.09.2026 |
| Name and address of the Officer inviting the notice | Executive Officer, NAC, Dharmagada, Kalahandi |

**Executive Officer**
NAC, Dharmagada

OIPR-13001/13163/1/26-27/0012

34001/655/2627 E-mail ID: eepwddeogarh@gmail.com

**OFFICE OF THE SUPERINTENDING ENGINEER DEBAGADA (R&B) DIVISION, DEBAGADA**

**INVITATIONS FOR BIDS (IFB)**

Letter No. 2981 Dtd. 17.08.2026

Invitation for Bids

Bid Identification No. SE PWD DGR No. 05 of 2026-27

1. The Superintending Engineer, Debagada (R&B) Division, Debagada, on behalf of Government of Odisha, invites percentage rate bids in Double cover system in ONLINE MODE only, for STMC Road Work as detailed below.

| | | | |
|---|---|---|---|
| 2. | Nature of work | : | Road work |
| 3. | No. of works | : | Road 01 No. |
| 4. | Bid Cost. | : | Rs.10,000/- |
| 5. | Class of Contractor | : | "B" Class |
| 6. | Availability of Bid Documents in the website | : | From dt. 24.08.2026 to 17:00 hours of dt. 07.09.2026 |
| 7. | Date of Opening of Technical Bid | : | Dt. 08.09.2026 at 11:30 AM. |
| 8. | The Bidders have to participate in ONLINE bidding only. Further details can be seen from the website: http://www.tendersorissa.gov.in. Any addendum / corrigendum / cancellation of tender can also be seen in the said website only. | | |

**Superintending Engineer**
Debagada (R&B) Division

OIPR-34001/34061/1/26-27/0005

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି

## (ଭୂ- ଅର୍ଜନ ଉପବିଭାଗ)

(ଭାରତ ସରକାରଙ୍କ ରାଜପତ୍ର , ଅସାଧାରଣ ଭାଗ -୨ , ଖଣ୍ଡ -୩ (ii)ରେ ପ୍ରକାଶ ନିମନ୍ତେ)

**ଭାରତ ସରକାର**

(ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ)

**ଅଧିସୂଚନା**

ନୂଆଦିଲ୍ଲୀ ୧୦.୦୭ .୨୦୨୬

ସଂଖ୍ୟା: ୭୫୮୪ /୨୦୨୬ ତାରିଖ:୦୬ / ୦୮ /୨୦୨୬

S.O. ୩୮୩୯ (E).- ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ବିଜ୍ଞପ୍ତି S.O. ନମ୍ବର 3733 (E), ତାରିଖ ୧୩.୦୮.୨୦୨୫, ଭାରତର ଅସାଧାରଣ ରାଜପତ୍ର, ଭାଗ-II, ଧାରା-୩, ଉପଧାରା-(ii) ରେ ପ୍ରକାଶିତ ହୋଇଥିବା ଏବଂ ଜାତୀୟ ରାଜପଥ ଅଧିନିୟମ, 1956 (1956 ର 48) (ପରବର୍ତ୍ତୀରେ 'ଉକ୍ତ ଅଧିନିୟମ' ଭାବେ ଅଭିହିତ) ର ଧାରା 3A ର ଉପଧାରା (୧) ଅନୁଯାୟୀ ଜାରି କରାଯାଇଥିବା ଉକ୍ତ ବିଜ୍ଞପ୍ତି ମାଧ୍ୟମରେ, ଭାରତ ସରକାର ଓଡ଼ିଶାରେ 'NH-326 (ମାଲକାନଗିରି-ମୋଟୁ ରୋଡ୍) ର ଚେନେଜ୍ 379/00 କି.ମି. ଠାରେ ଗାରିଆ ନଦୀ ଉପରେ (ପାଙ୍ଗାମ ବ୍ରିଜ୍), କି.ମି. 439/410 ଠାରେ ପୋଟେରୁ ନଦୀ ଉପରେ ଏବଂ କି.ମି. 444/237, କି.ମି. 457/075 ଓ କି.ମି. 468/150 ଠାରେ ଥିବା ୦୫ ଗୋଟି ଉଚ୍ଚସ୍ତରୀୟ ସେତୁ (H.L. Bridges) ର ପୁନଃନିର୍ମାଣ' ଉଦ୍ଦେଶ୍ୟରେ, ଉକ୍ତ ବିଜ୍ଞପ୍ତି ସହ ସଂଲଗ୍ନ ଅନୁସୂଚୀରେ ଉଲ୍ଲେଖିତ ଜମି ଅଧିଗ୍ରହଣ କରିବା ପାଇଁ ନିଜର ଅଭିପ୍ରାୟ ଘୋଷଣା କରିଥିଲେ।

ଏବଂ, ଉକ୍ତ ବିଜ୍ଞପ୍ତିର ବିଷୟବସ୍ତୁ ଉକ୍ତ ଅଧିନିୟମର ଧାରା 3A ର ଉପଧାରା (3) ଅନୁଯାୟୀ ଉଭୟ 'ପ୍ରମେୟ' ଏବଂ 'ସମାଜ' ଦୈନିକ ସମ୍ବାଦପତ୍ରରେ ତାରିଖ ୦୭.୦୯.୨୦୨୫ ରେ ପ୍ରକାଶିତ ହୋଇଥିଲା ।

ଏବଂ, ସକ୍ଷମ କର୍ତ୍ତୃପକ୍ଷଙ୍କ ନିକଟରେ ଧାରା 3-C ଅନୁଯାୟୀ କୌଣସି ଆପତ୍ତି ଦାଖଲ ହୋଇନାହିଁ ।

ଏବଂ, ଉକ୍ତ ଅଧିନିୟମର ଧାରା ୩ଉ ର ଉପଧାରା (1) ଅନୁଯାୟୀ, ସକ୍ଷମ କର୍ତ୍ତୃପକ୍ଷ ନିଜର ରିପୋର୍ଟ କେନ୍ଦ୍ର ସରକାରଙ୍କ ନିକଟରେ ଦାଖଲ କରିଛନ୍ତି ।

ଏଣୁ, ସକ୍ଷମ କର୍ତ୍ତୃପକ୍ଷଙ୍କ ଉକ୍ତ ରିପୋର୍ଟ ପ୍ରାପ୍ତ ହେବା ପରେ ଏବଂ ଉକ୍ତ ଅଧିନିୟମର ଧାରା ୩ଉ ର ଉପଧାରା (1) ଦ୍ୱାରା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି, କେନ୍ଦ୍ର ସରକାର ଏତଦ୍ୱାରା ଘୋଷଣା କରୁଛନ୍ତି ଯେ, ଉକ୍ତ ଅନୁସୂଚୀରେ ନିର୍ଦ୍ଦିଷ୍ଟ ଜମିକୁ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ କରାଯିବ।

ଏବଂ, ଉକ୍ତ ଅଧିନିୟମର ଧାରା 3D ର ଉପଧାରା (2) ଅନୁଯାୟୀ, କେନ୍ଦ୍ର ସରକାର ଏତଦ୍ୱାରା ଘୋଷଣା କରୁଛନ୍ତି ଯେ, ଏହି ବିଜ୍ଞପ୍ତି ସରକାରୀ ରାଜପତ୍ରରେ ପ୍ରକାଶିତ ହେବା ମାତ୍ରେ, ଉକ୍ତ ଅନୁସୂଚୀରେ ନିର୍ଦ୍ଦିଷ୍ଟ ଜମି ସମସ୍ତ ପ୍ରକାରର ଦାୟବଦ୍ଧତାରୁ ମୁକ୍ତ ଭାବରେ ସମ୍ପୂର୍ଣ୍ଣରୂପେ କେନ୍ଦ୍ର ସରକାରଙ୍କ ନିକଟରେ ନ୍ୟସ୍ତ ହେବ।

ସ୍ୱା/-
ଡେପୁଟି କଲେକ୍ଟର ତଥା କ୍ଷମତା ପ୍ରାପ୍ତ ଭୂ -ଅର୍ଜନ ଅଧିକାରୀ,
ଉଚ୍ଚସ୍ତରୀୟ ସେତୁ,ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି

**ଅନୁସୂଚୀ**

ଓଡ଼ିଶା ରାଜ୍ୟରେ 'NH-326 (ମାଲକାନଗିରି-ମୋଟୁ ରୋଡ୍) ର ଚେନେଜ୍ 379/00 କି.ମି. ଠାରେ ଗାରିଆ ନଦୀ ଉପରେ (ପାଙ୍ଗାମ ବ୍ରିଜ୍), କି.ମି. 439/410 ଠାରେ ପୋଟେରୁ ନଦୀ ଉପରେ ଏବଂ କି.ମି. 444/237, କି.ମି. 457/075 ଓ କି.ମି. 468/150 ଠାରେ ଥିବା 5ଟି ଉଚ୍ଚସ୍ତରୀୟ ସେତୁର ପୁନଃନିର୍ମାଣ' ପ୍ରକଳ୍ପ ଅଧୀନରେ ଅଧିଗ୍ରହଣ କରାଯିବାକୁ ଥିବା ଜମିର ସଂକ୍ଷିପ୍ତ ବିବରଣୀ, ଯେଉଁଥିରେ ଗଠନାବଳୀ (Structures) / ଗଛ ସହିତ କିମ୍ବା ବିନା ଗଠନାବଳୀ / ଗଛ ଥିବା ଜମି, ଯାହା NH-326 ଅଧୀନସ୍ଥ ଉକ୍ତ ଭୂଖଣ୍ଡରେ ଅବସ୍ଥିତ।

**ସମ୍ପୂର୍ଣ୍ଣ ବିବରଣୀ ପାଇଁ ନିମ୍ନଲିଖିତ କ୍ୟୁଆର୍ କୋଡ୍‌କୁ ସ୍କାନ୍ କରି ଦେଖନ୍ତୁ।**

# ହସ ଫୁଟାଇଲା ବିଦ୍ୟୁତ୍ ସଂଯୋଗ

ବୌଦ୍ଧ, ୧୯ ।୮ (ସମିସ)



ବୌଦ୍ଧ ଜିଲ୍ଲାର ଗୁନ୍ଦୁଳିଆ ପଞ୍ଚାୟତ ଅଧୀନ ଭରୁଆ ଗାଁର ୨୩ଟି ଗରିବ ପରିବାରଙ୍କ ଘରେ ବିଦ୍ୟୁତ୍ ସଂଯୋଗ ହୋଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ପ୍ରଚେଷ୍ଟାରେ 'ବିଜୁ ଗ୍ରାମ୍ୟ ଜ୍ୟୋତି ଯୋଜନା' ଅଧୀନରେ ଏହି ପରିବାରଗୁଡ଼ିକୁ ମାଗଣାରେ ବିଦ୍ୟୁତ ସଂଯୋଗ କରାଯାଇଛି। ଜିଲ୍ଲାପାଳ ଏହି ଗାଁକୁ ଗସ୍ତ କରି ହିତାଧିକାରୀଙ୍କ ଘରକୁ ଘର ଯାଇଥିଲେ। ବିଦ୍ୟୁତ ସଂଯୋଗ ବାସ୍ତବରେ ପହଞ୍ଚିଛି କି ନାହିଁ ଏବଂ ଏହା ଠିକ୍ ଭାବେ କାର୍ଯ୍ୟକ୍ଷମ ଅଛି କି ନାହିଁ ତାହା ନିଜେ ଯାଞ୍ଚ କରିଥିଲେ। ଦୀର୍ଘଦିନ ପରେ ଘରେ ବିଦ୍ୟୁତ୍ ପାଇଥିବାରୁ ଗ୍ରାମବାସୀ ଜିଲ୍ଲାପାଳଙ୍କୁ କୃତଜ୍ଞତା ଜଣାଇଥିଲେ। ଗୁନ୍ଦୁଳିଆ ଅଞ୍ଚଳରେ ଦୀର୍ଘଦିନ ଧରି ଲୋ-ଭୋଲ୍‌ଟେଜ୍ ସମସ୍ୟା ରହିଥିବା ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାର ସ୍ଥାୟୀ ସମାଧାନ ପାଇଁ ନିର୍ମାଣାଧୀନ ୩୩/୧୧ କେଭି ପାୱାର ଟ୍ରାନ୍ସଫର୍ମର/ଗ୍ରିଡ୍ କାର୍ଯ୍ୟକୁ ଅତିଶୀଘ୍ର ସମାପ୍ତ କରି କାର୍ଯ୍ୟକ୍ଷମ କରିବାକୁ ଜିଲ୍ଲାପାଳ ଉପସ୍ଥିତ ବିଦ୍ୟୁତ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରାଇମେରୀ ସବ୍‌ଷ୍ଟେସନ୍, ପାୱାର ଟ୍ରାନ୍ସଫର୍ମର ଓ ୪ଟି ଫିଡର୍‌କୁ ଶୀଘ୍ର କାର୍ଯ୍ୟକ୍ଷମ କରି ଅଞ୍ଚଳବାସୀଙ୍କ ଲୋ-ଭୋଲ୍‌ଟେଜ୍ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ବିଭାଗୀୟ ଯନ୍ତ୍ରୀ ଏବଂ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ନରେନ୍ଦ୍ର ଆଚାର୍ଯ୍ୟଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଥିଲା। ଭରୁଆ ଗାଁକୁ ଯାତାୟାତ କରୁଥିବା ରାସ୍ତା ବର୍ଷାଦିନେ କାଦୁଅ ଓ କର୍ଦ୍ଦମାକ୍ତ ହୋଇଯାଉଥିବାରୁ ଗ୍ରାମବାସୀ ରାସ୍ତା ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ। ଏଥିସହିତ ଭରୁଆ ଗାଁର ଲିଫ୍ଟ ଇରିଗେସନ୍ ପଏଣ୍ଟ ଦୀର୍ଘଦିନ ଧରି ବିଦ୍ୟୁତ ଅଭାବରୁ ଅଚଳ ରହିଥିବା ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏସବୁ ସମସ୍ୟାର ଶୀଘ୍ର ସମାଧାନ ପାଇଁ ଜିଲ୍ଲାପାଳ ସେମାନଙ୍କୁ ଆଶ୍ୱାସନା ଦେଇଥିଲେ। ଏହି ଅବସରରେ ଜିଲ୍ଲାପାଳ ଗ୍ରାମବାସୀଙ୍କ ସହିତ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ସୁବିଧା-ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ସେମାନେ ନିୟମିତ ଭାବେ ଭତ୍ତା ଓ ଖାଉଟି ସାମଗ୍ରୀ ପାଉଛନ୍ତି କି ନାହିଁ, ସେ ସମ୍ପର୍କରେ ମଧ୍ୟ ଜିଲ୍ଲାପାଳ ତଥ୍ୟ ନେଇଥିଲେ।

# ଲଖନପୁର ଖଣିକ୍ଷେତ୍ର ଜିଏମ୍ ଅଫିସ ସମ୍ମୁଖରେ ଅନଶନ

**ଇବ୍‌ଥର୍ମାଲ, ୧୯ ।୮ (ସମିସ):** ଝାରସୁଗୁଡା ଜିଲ୍ଲା ଲଖନପୁର ଖଣିକ୍ଷେତ୍ର ଜିଏମ ଅଫିସ ସମ୍ମୁଖରେ ଶ୍ରମିକମାନେ ବର୍ଷାରେ ଭିଜି ଭିଜି ଅନଶନ କରିଛନ୍ତି। ଅନୁମତି ନ ଥିବାରୁ ଟେଣ୍ଟ ଲଗାଇ ଅନଶନ କରାଯାଇପାରିବ ନାହିଁ ବୋଲି



ପୁଲିସ କହିଥିଲା। ଏଣୁ ସେମାନେ ଟେଣ୍ଟ ଖୋଲି ଦେଇ ବର୍ଷାରେ ଭିଜି ଭିଜି ଅନଶନରେ ବସିଥିଲେ। ଲଖନପୁର ଖୋଲାମୁହଁ କୋଇଲା ଖଣିରେ କାର୍ଯ୍ୟରତ ବିଭିନ୍ନ ଠିକା କମ୍ପାନୀର ଶ୍ରମିକମାନେ ଏହି ଆମରଣ ଅନଶନରେ ବସିଥିଲେ। କେନ୍ଦ୍ର ସରକାରଙ୍କ ନିୟମ ଅନୁଯାୟୀ ସେମାନଙ୍କୁ ଦରମା ପ୍ରଦାନ କରାଯାଉନାହିଁ। ଯେଉଁ ଶ୍ରମିକଙ୍କ ଦରମା ୩୦ରୁ ୪୫ ହଜାର ଟଙ୍କା ଯାଏଁ ହେବା କଥା ସେମାନଙ୍କୁ ୧୩ରୁ ୧୮ ହଜାର ଟଙ୍କା ପର୍ଯ୍ୟନ୍ତ ଦରମା ଦେଇ ବାକି ଲୁଟ୍ କରାଯାଉଛି। ୨ ବର୍ଷ ଲେଖାଏଁ କାମ କରି ସାରିଥିଲେ ହେଁ କମ୍ପାନୀ ପରିଚୟ ପତ୍ର ପ୍ରଦାନ କରୁନାହିଁ। ମେଡିକାଲ କାର୍ଡ, ଭିଟି ଟ୍ରେନିଂ, ସିଏଏମପିଏଫ ପ୍ରଦାନ କରାଯାଉନି। ସ୍ଥାନୀୟ ନିଯୁକ୍ତି ମଧ୍ୟ ଦିଆଯାଉନାହିଁ। ଏନେଇ ପୂର୍ବରୁ ଅନଶନ କରାଯାଇଛି। ଏମସିଏଲ ଲଖନପୁର କୋଇଲା କ୍ଷେତ୍ର ଅଧିକାରୀ ଜୁନ୍ ୧୬ରେ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏ ପର୍ଯ୍ୟନ୍ତ କିନ୍ତୁ ଦାବି ପୂରଣ ହୋଇନି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଶେଷରେ ଶ୍ରମିକ ବାଧ୍ୟ ହୋଇ ବର୍ଷାରେ ଭିଜି ଅନଶନ କରିବାକୁ ପଛାଇ ନ ଥିଲେ।

# ଗଞ୍ଜେଇ କାରବାରରେ ୨ ଗିରଫ



**ମନମୁଣ୍ଡା, ୧୯ ।୮ (ସମିସ):** ବୌଦ୍ଧ ଜିଲ୍ଲା ଅବକାରୀ ବିଭାଗ ପାଟ୍ରୋଲିଂ ବେଳେ ମନମୁଣ୍ଡା ଗାନ୍ଧୀ ଛକରେ ଏକ ବୋଲେରୋରୁ ୬୦ କେଜି ଗଞ୍ଜେଇ ଜବତ କରିଛି। ଗାଡ଼ିର ଡ୍ରାଇଭର ଅନିକେତ (୨୪) ଏବଂ ଜସଦୀପ ସିଂ (୨୪) ଗିରଫ ହୋଇଛନ୍ତି। ପଞ୍ଜାବ ରାଜ୍ୟ ଲୁଧିଆନା ଜିଲ୍ଲା ଶିମଲାପୁରୀ ଥାନା ଅଧୀନ ସତଗୁରୁ ନଗରରେ ଉଭୟଙ୍କ ଘର।

# ନିର୍ବାଚନୀ ସାକ୍ଷରତା କ୍ଲବ୍ କାର୍ଯ୍ୟକ୍ରମ

**ବୌଦ୍ଧ, ୧୯ ।୮ (ସମିସ):** ବୌଦ୍ଧ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଆଜି ନିର୍ବାଚନୀ ସାକ୍ଷରତା କ୍ଲବ୍ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଓ ସଚେତନତା ସଭା ଆୟୋଜିତ ହୋଇଯାଇଛି। ଯୁବପିଢ଼ି ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିର୍ବାଚନ ପ୍ରକ୍ରିୟା, ମତଦାତାଙ୍କ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି କରି ସେମାନଙ୍କୁ ଦାୟିତ୍ୱବାନ ଓ ସକ୍ରିୟ ଗଣତାନ୍ତ୍ରିକ ନାଗରିକ ଭାବେ ପ୍ରସ୍ତୁତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଆଜି ବାଉଁଶୁଣୀସ୍ଥିତ ସଂସ୍କାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଦହ୍ୟାସ୍ଥିତ ଜୀବନ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସଚେତନତା ସଭା ଓ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୮୫-କଣ୍ଟାମାଳ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ବୌଦ୍ଧ ବିଡିଓ ଯୁଗଳ କିଶୋର ବିଶ୍ୱାଳ ଏବଂ ଏଇଆରଓ ସୁଦାମ ସାମଲ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ନିର୍ବାଚନୀ ସାକ୍ଷରତା ସମ୍ପର୍କରେ ପ୍ରଶିକ୍ଷଣ ଓ ସଚେତନ କରାଇଥିଲେ। ସଭାରେ ମତଦାତା ଭାବେ ପଞ୍ଜିକରଣ ପ୍ରକ୍ରିୟା, ମତଦାତାଙ୍କ ଅଧିକାର ଓ ଦାୟିତ୍ୱ, ନୈତିକ ମତଦାନ,




ପ୍ରାର୍ଥୀଙ୍କ ସମ୍ପର୍କରେ ଠିକ୍ ତଥ୍ୟ ଜାଣି ସଚେତନ ନିଷ୍ପତ୍ତି ନେବା ଏବଂ ନିର୍ବାଚନରେ ସକ୍ରିୟ ଅଂଶଗ୍ରହଣର ଗୁରୁତ୍ୱ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଲୋଚନା, ପ୍ରଶ୍ନୋତ୍ତର, ମତଦାତା ଶପଥ, ପୋଷ୍ଟର ପ୍ରସ୍ତୁତି ଆଦି ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକଳାପ କରାଯାଇଥିଲା। ଏହା ମାଧ୍ୟମରେ ଛାତ୍ରଛାତ୍ରୀ ଗୋଟିଏ ଭୋଟର ମୂଲ୍ୟ ଓ ଗଣତନ୍ତ୍ରରେ ମତଦାତାଙ୍କ ଭୂମିକା ବିଷୟରେ ଅବଗତ ହୋଇଥିଲେ। ଛାତ୍ରଛାତ୍ରୀଙ୍କୁ ନିଜ ପରିବାର, ବନ୍ଧୁବର୍ଗ ଓ ସମାଜ ମଧ୍ୟରେ ନିର୍ବାନୀ ସାକ୍ଷରତାର ବାର୍ତ୍ତା ପହଞ୍ଚାଇବା ପାଇଁ 'ଗଣତନ୍ତ୍ରର ଦୂତ' ଭାବେ କାର୍ଯ୍ୟ କରିବାକୁ ପ୍ରେରିତ କରାଯାଇଥିଲା। ଜିଲ୍ଲା ନିର୍ବାଚନ ବିଭାଗ ପ୍ରଶାସନ, ଶିକ୍ଷାନୁଷ୍ଠାନ ଏବଂ ନିର୍ବାଚନୀ ସାକ୍ଷରତା କ୍ଲବ୍‌ଗୁଡ଼ିକର ସହଯୋଗ ଓ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ବୌଦ୍ଧ ଜିଲ୍ଲାରେ ସଚେତନ, ଦାୟିତ୍ୱବାନ ଓ ସକ୍ରିୟ ମତଦାତା ସୃଷ୍ଟି ସହ ଗଣତାନ୍ତ୍ରିକ ଅଂଶଗ୍ରହଣକୁ ଆହୁରି ସୁଦୃଢ଼ କରିବା ଦିଗରେ ଏକ ସାର୍ଥକ ପଦକ୍ଷେପ ଭାବେ ପରିଗଣିତ ହୋଇଛି। ମୋ ଭୋଟ୍, ମୋ ଅଧିକାର ପ୍ରତ୍ୟେକ ଭୋଟ୍ ମହତ୍ତ୍ୱପୂର୍ଣ୍ଣ। ଏହି ବାର୍ତ୍ତା ପ୍ରତି ଘରେ ପହଞ୍ଚିବା ଲକ୍ଷ୍ୟ ରହିଛି।

# ନୂଆ ଏଆରସିଏସଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ବୌଦ୍ଧ, ୧୯ ।୮ (ସମିସ):** ବୌଦ୍ଧରେ ନୂତନ ଭାବେ ଯୋଗ ଦେଇଥିବା ବୌଦ୍ଧ ସର୍କଲ ସମବାୟ ସମିତି ସମୂହର ସହକାରୀ ନିର୍ଦ୍ଦେଶକଙ୍କୁ ଜିଲ୍ଲା ପ୍ରାଥମିକ କୃଷି ସମବାୟ ସମିତି ସଭାପତି ସଂଘ ସ୍ୱାଗତ କରିଛି। ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟରେ ନୂତନ ଏଆରସିଏସ ପ୍ରୀତିଶ ଦାଶଙ୍କୁ ଉତ୍ତରୀୟ ଦେଇ ସଂଘ ପକ୍ଷରୁ ସ୍ୱାଗତ କରାଯାଇଥିଲା। ସଂଘର ସଭାପତି ତଥା ବହିରା ପାକ୍ସ ସଭାପତି ପୟୋଧର ମହାକୁଳ, ସମ୍ପାଦକ ତଥା ବୌଦ୍ଧ ପାକ୍ସ ସଭାପତି ସତ୍ୟଜିତ ପଣ୍ଡା, ସାଂପୋଚ ପାକ୍ସ ସଭାପତି ବିଶ୍ୱଜିତ ମିଶ୍ର, ବାଉଁଶୁଣୀ ପାକ୍ସ ସଭାପତିଙ୍କ ସମେତ ବଘିଆପଡ଼ା, କୁଶଙ୍ଗ, ହରଭଙ୍ଗା, ରାମଗଡ଼, ମଥୁରା, ଆଡେଣୀଗଡ଼ର ପାକ୍ସ ସଭାପତି ଉପସ୍ଥିତ ଥିଲେ।

# ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ

**ମନମୁଣ୍ଡା, ୧୯ ।୮ (ସମିସ):** ଶଗଡ଼ାସ୍ଥିତ ସିଦ୍ଧେଶ୍ୱର ବାବା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଶା ନିବାରଣ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶଗଡ଼ା ଫାଣ୍ଡି ଅଧିକାରୀ ନୃସିଂହ ମହାପାତ୍ର କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମନମୁଣ୍ଡା ଥାନା ଅଧିକାରୀ ଚିରଞ୍ଜିବି ବେହେରା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଅଧ୍ୟକ୍ଷା ସୁମିତ୍ରା ଭଟ୍ଟାଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପକ ସୁଶୀଲ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଇତିହାସ ଅଧ୍ୟାପକ ବିଭତି ଭୂଷଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ମିଶନ ଏ-୧ପାଇଁ ଅଭିଭାବକ-ଶିକ୍ଷକ ବୈଠକ

**ବୌଦ୍ଧ, ୧୯ ।୮ (ସମିସ):** ବୌଦ୍ଧସ୍ଥିତ ଯୋଗୀନ୍ଦ୍ର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟରେ ମିଶନ ଏ-୧ ନେଇ ଅଭିଭାବକ–ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ସାହୁ ଅଧ୍ୟକ୍ଷତା କରିଥିଲେ। ଛାତ୍ରମାନଙ୍କ ଶୈକ୍ଷିକ ଉନ୍ନତି, ନିୟମିତ ଉପସ୍ଥାନ, ଅଧ୍ୟୟନ ଅଭ୍ୟାସ ଏବଂ ପରୀକ୍ଷା ପ୍ରସ୍ତୁତି ସମ୍ପର୍କରେ ଅଭିଭାବକଙ୍କୁ ଅବଗତ କରାଯାଇଥିଲା। ଶିକ୍ଷକ ବିଜୟଖେତି ମିଶନ ଏ-୧ ନିମନ୍ତେ ଚୟନ ହୋଇଥିବା ୧୦ ଜଣ ଛାତ୍ରଙ୍କ ଶୈକ୍ଷିକ ସ୍ଥିତି, କାର୍ଯ୍ୟକ୍ରମର ଲକ୍ଷ୍ୟ, ଶିକ୍ଷଣ ଅଗ୍ରଗତି, ଦୁର୍ବଳତା ଚିହ୍ନଟ ଏବଂ ଦୁର୍ବଳତା ଦୂରୀକରଣ ପାଇଁ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଛାତ୍ରମାନଙ୍କ ଉତ୍ତମ ଫଳାଫଳ ପାଇଁ ବିଦ୍ୟାଳୟ ସହିତ ଅଭିଭାବକମାନେ ନିରନ୍ତର ସହଯୋଗ କରିବାକୁ ଆହ୍ୱାନ ଦିଆଯାଇଥିଲା। ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମିଶ୍ର ଛାତ୍ରମାନଙ୍କ ସ୍ୱ-ଅଧ୍ୟୟନ, ନିୟମିତ ଅଧ୍ୟୟନ ଅଭ୍ୟାସ ଓ ସନ୍ତୁଳିତ ଆହାର ଆଦି ବିଷୟରେ ଉପସ୍ଥାପନା କରିଥିଲେ। ଶିକ୍ଷକ ମନଜିତ୍ ମୋହନ ଚାନ୍ଦ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଅଧୀନରେ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ଉତ୍କୃଷ୍ଟ ଫଳାଫଳ କରିଥିବା ମେଧାବୀ ଛାତ୍ରମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ପୁରସ୍କାର ରାଶି ଓ ସୁଯୋଗ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବୈଠକରେ ଅଭିଭାବକମାନେ ମଧ୍ୟ ନିଜର ମତାମତ ଓ ପରାମର୍ଶ ପ୍ରଦାନ କରିଥିଲେ। ଛାତ୍ରମାନଙ୍କ ଶୈକ୍ଷିକ ମାନ ବୃଦ୍ଧି ଏବଂ ମିଶନ ଏ-୧ ଲକ୍ଷ୍ୟ ହାସଲ ପାଇଁ ବିଦ୍ୟାଳୟ ଓ ଅଭିଭାବକଙ୍କ ମଧ୍ୟରେ ସମନ୍ୱୟକୁ ଆହୁରି ସୁଦୃଢ଼ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସଞ୍ଜ୍ଞା ପୁରୋହିତ, ଅର୍ପିତା ପଣ୍ଡା ଓ ସୁଜାତା ପ୍ରଧାନଙ୍କ ସମେତ ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ-ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ସଞ୍ଜୀବ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଗନ୍ଧମାର୍ଦ୍ଦନ ସୁରକ୍ଷା ଆକ୍ସନ୍ କମିଟି ବାର୍ଷିକ ସମାବେଶ

**ଖପ୍ରାଖୋଲ, ୧୯ ।୮ (ସମିସ):** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଭାନପୁରରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଆକ୍ସନ୍ କମିଟିର ୪୫ ତମ ବାର୍ଷିକ ସମାବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସରକାର ଶତ ଚେଷ୍ଟା କଲେ ମଧ୍ୟ କୌଣସି କମ୍ପାନୀକୁ ଗନ୍ଧମାର୍ଦ୍ଦନ ପର୍ବତକୁ ଟେକି ଦିଆଯିବ ନାହିଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଗନ୍ଧମାର୍ଦ୍ଦନ ସୁରକ୍ଷା ଆକ୍ସନ୍ କମିଟିର ଆବାହକ ଶଶିକାନ୍ତ ଧାରୁଆ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମାବେଶରେ ମୁଖ୍ୟ ଅତିଥି ରୂପେ ପାଟଣାଗଡ଼ ପୂର୍ବତନ ବିଧାୟକ ସରୋଜ ମେହେର, ସମ୍ମାନିତ ଅତିଥି ରୂପେ ବରଗଡ଼ ଜିଲ୍ଲା ପଦ୍ମପୁରର ଅବସରପ୍ରାପ୍ତ ତହସିଲଦାର ରାଜେନ୍ଦ୍ର ରାଉତ, ଯୁଗ୍ମ



ଆବାହକ ସୁବାସ ଧରୁଆ, ରଜତ ସିଂ ବରିହା, ବିପ୍ର ବିଶି, ଗଜରାଜ ସିଂ ପୁଟା, ମନୋରଞ୍ଜନ ବରିହା, ସୁଶୀଲ ନାୟକ, ଟିକେଶ୍ୱର୍ ଧାରୁଆ, ଜଳନ୍ଧର ତାଣ୍ଡି, ସଞ୍ଜୀବ ବରିହା, ରଘୁନାଥ ସିଂ ବରିହା, ଟେକେନ୍ଦ୍ର ଜାଲ ଯୋଗ ଦେଇଥିଲେ। ଏହି ଅବସରରେ ଗନ୍ଧମାର୍ଦ୍ଦନ ପର୍ବତର ସୁରକ୍ଷା ନେଇ ଆଲୋଚନା ହୋଇଥିଲା।

# ବିସିସିବି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ମିତାଶ୍ରୀ ସାହୁ ନିଲମ୍ବିତ

**ବୌଦ୍ଧ, ୧୯ ।୮ (ସମିସ):** ବୌଦ୍ଧ ସମବାୟ କେନ୍ଦ୍ର ବ୍ୟାଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ମିତାଶ୍ରୀ ସାହୁଙ୍କୁ ବ୍ରହ୍ମପୁର କେନ୍ଦ୍ର ବ୍ୟାଙ୍କର ନିଯୁକ୍ତି ତଥା ଶୃଙ୍ଖଳା କର୍ତ୍ତୃପକ୍ଷ ନିଲମ୍ବିତ କରିଛନ୍ତି। ବ୍ରହ୍ମପୁର କେନ୍ଦ୍ର ବ୍ୟାଙ୍କର ଏଜିଏମ ଥିବା ଶ୍ରୀମତୀ ସାହୁ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ୍ରମେ ଗତ ୨ ବର୍ଷ ଧରି ଡେପୁଟେସନରେ ଆସି ବୌଦ୍ଧ ସମବାୟ କେନ୍ଦ୍ର ବ୍ୟାଙ୍କର ସମ୍ପାଦକ ବା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ସେ ବ୍ରହ୍ମପୁରଠାରେ ଏଜିଏମ ଭାବେ କାର୍ଯ୍ୟ କରିଥିବା ବେଳେ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକଙ୍କ ବିନା ଅନୁମୋଦନରେ ଅନୈତିକ ଭାବେ କିଛି କାର୍ଯ୍ୟ କରିଥିବା ଅଭିଯୋଗରେ



ତାଙ୍କୁ ନିଲମ୍ବନ କରାଯାଇଥିବା ସୂଚନା ମିଳିଛି। ନିଲମ୍ବନ ସମୟରେ ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କର ଛତ୍ରପୁର ଶାଖାକୁ ତାଙ୍କ ହେଡ୍‌କ୍ୱାର୍ଟର ଧାର୍ଯ୍ୟ କରାଯାଇଛି। ବୌଦ୍ଧରେ କାର୍ଯ୍ୟ କରୁଥିବା ସମୟରେ ମଧ୍ୟ ସେ ବିଭିନ୍ନ ପ୍ରସଙ୍ଗରେ ବିବାଦରେ ରହିଥିଲେ। ତାଙ୍କର କାର୍ଯ୍ୟ କରିବାରେ ଅନାଗ୍ରହ ଓ ପରିଚାଳନା କମିଟିକୁ ଅବମାନନା ଆଦି ଅଭିଯୋଗ ତାଙ୍କ ନାମରେ ରହିଛି।

# ଏଡ୍‌ସ ସଚେତନତା କୁଇଜ୍ ପ୍ରତିଯୋଗିତା



**ବୌଦ୍ଧ, ୧୯ ।୮ (ସମିସ):** ବୌଦ୍ଧ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଜି ଜିଲ୍ଲାସ୍ତରୀୟ ଏଡ୍‌ସ ସଚେତନତା କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏ ସମ୍ପର୍କରେ ଠିକ୍ ଜ୍ଞାନ ଓ ସଚେତନତା ସୃଷ୍ଟି କରିବା ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. ନାରାୟଣ ପଶାୟତ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଡ. ଯୋଗ୍ୟତା ରାଣୀ କହଁର, ପ୍ରଜ୍ଞା ପରମିତା ରଥ, ନବ କିଶୋର ଦୀପ, ପ୍ରମୋଦ ମହାରଣା, ବନୋଜ ପ୍ରଧାନ, ଗୀତାଞ୍ଜଳି ସାହୁ ପ୍ରମୁଖ ଯୋଗ ଦେଇଥିଲେ। ୧୫ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ରାମଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଛି। ମଣିପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଦ୍ୱିତୀୟ ହୋଇଥିବାବେଳେ ବୌଦ୍ଧ ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଛି। ପ୍ରଥମ ସ୍ଥାନ ଅଧିକାର କରିଥିବା ରାମଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଶ୍ରୀନିବାସ ନାୟକ ଓ ନିଶିକାନ୍ତ ପ୍ରଧାନ ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ବୌଦ୍ଧ ଜିଲ୍ଲାକୁ ପ୍ରତିନିଧିତ୍ୱ କରିବେ।

# ଖରିଫ ଧାନ ସଂଗ୍ରହ ପଞ୍ଜୀକରଣ ପ୍ରଚାର ରଥର ଶୁଭାରମ୍ଭ



**ବୌଦ୍ଧ, ୧୯ ।୮ (ସମିସ):** ବୌଦ୍ଧ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ ପ୍ରଚାର ରଥ ଶୁଭାରମ୍ଭ କରାଯାଇଛି। ବୌଦ୍ଧ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ତଥା ଉପ ସହକାରୀ ନିବନ୍ଧକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସମବାୟ ସମିତି ସମୂହର ଉପ ନିବନ୍ଧକ ଫକିର ମୋହନ ବାଘ ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଜାନକୀ ଭୂଷଣ ହାବଡା ସିଂ ଯୋଗ ଦେଇ ସବୁଜ ପତାକା ଦେଖାଇ ପ୍ରଚାର ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲ୍ଲାର ବିଭିନ୍ନ ଗ୍ରାମ ପରିକ୍ରମା କରି ଚାଲିଥିବା ଖରିଫ ଧାନ ପଞ୍ଜିକରଣ ସମ୍ପର୍କରେ ଚାଷୀଙ୍କୁ ସଚେତନ କରିବ। ରଥ ଶୁଭାରମ୍ଭ ଅବସରରେ ସମବାୟ ସମିତି ସମୂହର ଉପ ସହକାରୀ ନିବନ୍ଧକ ସଞ୍ଜୀବ ପଣ୍ଡା ଓ ଗଙ୍ଗାଧର କହଁର, ସମବାୟ ନିରୀକ୍ଷକ ରାଜେଶ ପ୍ରଧାନ ଓ ସ୍ୱର୍ଣ୍ଣଲତା ପ୍ରଧାନଙ୍କ ସମେତ ବୌଦ୍ଧ ନିୟନ୍ତ୍ରିତ ବଜାର କମିଟିର କର୍ମଚାରୀ ଉପସ୍ଥିତ ଥିଲେ।

# ତରଭାରେ ଡିଏଏ ସିନିଅର ଫୁଟବଲ ଲିଗ୍



**ତରଭା, ୧୯ ।୮ (ସମିସ):** ତରଭା ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ଡିଏଏ ସିନିଅର ଫୁଟବଲ ଲିଗ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍ କମସରା ଏଫସି ଓ କରଲାମୁହାଣ ଫୁଟବଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କମସରା ଏଫସି ଟାଇବ୍ରେକରରେ ୨-୧ ଗୋଲରେ କରଲାମୁହାଣ ଦଳକୁ ପରାସ୍ତ କରି ସେମି ଫାଇନାଲକୁ ପ୍ରବେଶ କରିଥିଲା। ଦ୍ୱିତୀୟ ମ୍ୟାଚ କମସରା ଏମଏମଏଫସି ଓ ସିଂହାରୀ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କମସରା ଏମଏମଏଫସି ୧-୦ ଗୋଲରେ ସିଂହାରୀ ଦଳକୁ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଥିଲା। ଉଦ୍‌ଘାଟନୀ ମ୍ୟାଚରେ ଜନାର୍ଦ୍ଦନ ଥାନାପତି ମୁଖ୍ୟ ଅତିଥି, ଆକାଶ ସାହୁ, ୱାର୍ଡ ସଭ୍ୟ ଆକବର ଅଲ୍ଲୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପିଇଟି ସଞ୍ଜୀବ ସାହୁ, ନରେନ୍ଦ୍ର ରଣା, ଅନିତା ମହାନନ୍ଦ, କୁଝାର ମହମ୍ମଦ ଖେଳ ପରିଚାଳନା କରିଥିଲେ। ହିରଣ୍ମୟ ପଟ୍ଟନାୟକ, ନୌସାଦ ମହମ୍ମଦ ଧାରା ବିବାରଣୀ ପ୍ରଦାନ କରିଥିଲେ। ଶଙ୍ଖନାଦ ମହଲା, ରାମ ନାଏକ, ରବିନାରାୟଣ ତାଣ୍ଡି, ବିଜୟ ନାଏକ, ମୁନୁ ନାଏକ ପ୍ରମୁଖଙ୍କ ସହ ତରଭା ମାର୍ଣ୍ଣିଙ୍ଗ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ପୁଆ ଗାଁକୁ ମଦମୁକ୍ତ କରିବା ପାଇଁ ସଂକଳ୍ପ

ତରଭା, ୧୯ ।୮ (ସମିସ)

ତରଭା ବ୍ଲକ ପୁଆ ଗ୍ରାମକୁ ମଦମୁକ୍ତ କରିବା ଲୋକେ ସଂକଳ୍ପ ନେଇଛନ୍ତି। ପୁଆ ପତିତପାବନ ଯୁବକ ସଂଘ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବହୁତ ଦିନ ହେବ ମଦ ବିକ୍ରି ବନ୍ଦ କରିବାକୁ ପ୍ରତିବାଦ କରି ଆସୁଛନ୍ତି; ହେଲେ ସୁଫଳ ମିଳୁନାହିଁ। ପୁଆ ଗାଁରେ ଥିବା ପଞ୍ଚାୟତ କାର୍ଯ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ସହ ବିଭିନ୍ନ ଅନୁଷ୍ଠାନ ଅଛି। ଏହାର ଆଖପାଖରେ କୁଚିଆ ମଦ ଅବାଧ ବିକ୍ରି ଚାଲିଛି। ଏହାକୁ ନେଇ ଗାଁରେ ଅସନ୍ତୋଷ ଦେଖା ଦେଇଛି। ଆଜି ଅଭିନବ ପ୍ରୟାସ କରି ପୁଆ ହାଇସ୍କୁଲଠାରୁ ଗାଁ ପରିକ୍ରମା ପୂର୍ବକ ପୁଆ ପ୍ରହରୀ ମଣ୍ଡପ ପର୍ଯ୍ୟନ୍ତ ଶୋଭାଯାତ୍ରା କରାଯାଇଥିଲା। ପୁଆରେ ବହୁ ଲୋକ ମଦ ପିଇ ଅକାଳରେ ମୃତ୍ୟୁ ମୁଖରେ




ପଡ଼ିଛନ୍ତି। ବହୁ ଧନଜୀବନ ନଷ୍ଟ ହୋଇଛି। ତେଣୁ ଗ୍ରାମର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗ୍ରାମରେ ମଦ ବିକ୍ରି ନ କରାଇ ଦେବା ପାଇଁ ବହୁତ ଥର ମେଣ୍ଡା ଫାଣ୍ଡିରେ ଅଭିଯୋଗ କରିସାରିଛନ୍ତି; ହେଲେ କୌଣସି ସୁଫଳ ମିଳି ନାହିଁ। ଲୁଚିଛପି ବାହାରୁ ମଦ ଆସୁଛି। ପୁଆର ଯୁବଗୋଷ୍ଠୀ ମଧ୍ୟ ବିଭିନ୍ନ ମାଦକ ଦ୍ରବ୍ୟ ସେବନ କରି ନିଶାସକ୍ତ ହୋଇ ପଥଭ୍ରଷ୍ଟ ହେବା ନଜରକୁ ଆସୁଛି। ତେଣୁ ଆଜି ବହୁ ମହିଳା ଗୋଷ୍ଠୀ ଶୋଭାଯାତ୍ରାରେ ଭାଗ ନେଇ ଗାଁ ପରିକ୍ରମା କରିଥିଲେ। ସରପଞ୍ଚ ପ୍ରଭୁଦତ୍ତ ଡାଙ୍ଗ, ପୁଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦ୍ୟୁମ୍ନ ମହାନ୍ତି, ପୁଆ ରାମକୃଷ୍ଣ ବେଜ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜବଦୁ ମହାନନ୍ଦ ଅତିଥିଛ ଭାବେ ଯୋଗ ଦେଇଥିଲେ। ଦୁଇ ଅତିଥି ନିଶା ସେବନର କୁପ୍ରଭାବ ଓ ଏହାର ପ୍ରଭାବରୁ ନିଜ ପରିବାରବର୍ଗଙ୍କୁ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସମସ୍ତଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଗ୍ରାମରେ ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିବା ସହ ନିଶାଠାରୁ ଦୂରେଇ ରହିବାକୁ ସମସ୍ତେ ଶପଥ ପାଠ କରିଥିଲେ। ଏଥିରେ ଚତୁର୍ଭୁଜ ଷାଣ୍ଢ, ଦେବାଶିଷ ଥନାପତି, ଦିନେଶ ନାଏକ, ଉତ୍ତମ ନାଏକ, ନିମାଇଁ ଚରଣ ଖଣ୍ଡଗିରି, ମୁନୁ ଭୋଇ, ନାରାୟଣ ଦାଣ୍ଡିଆ, ନରେଶ ନାଏକ, ଶତ୍ରୁଘ୍ନ କ୍ଷେତିଙ୍କ ସମେତ ଗ୍ରାମବାସୀ ସାମିଲ ଥିଲେ।

# ବଇଦପାଲି ବିଦ୍ୟାଳୟ ପରିସରରେ ଜମୁଛି ବର୍ଷା ପାଣି



**ପାଇକମାଲ, ୧୯ ।୮ (ସମିସ):** ବରଗଡ଼ ଜିଲ୍ଲା ପାଇକମାଲ ବ୍ଲକର ବଇଦପାଲି (ନୂଆଗାଁ) ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୂରବସ୍ଥା ଏବେ ଚିନ୍ତାର କାରଣ ପାଲଟିଛି । ବିଦ୍ୟାଳୟରେ ଶିଶୁ ବାଟିକାଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶତାଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ବର୍ଷା ଦିନେ ସେମାନଙ୍କୁ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ଓ ସନ୍ତସନ୍ତିଆ ପରିବେଶରେ ପାଠ ପଢ଼ିବାକୁ ପଡୁଛି । ବର୍ଷା ହେଲେ ବିଦ୍ୟାଳୟ ପରିସର ଜଳାଶୟ ପାଲଟୁଛି । ବର୍ଷାଜଳ ନିଷ୍କାସନ ପାଇଁ ଆବଶ୍ୟକ ବ୍ୟବସ୍ଥା ନଥିବାରୁ ଏଭଳି ସ୍ଥିତି ଉପୁଜୁଚି । ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସ୍ଥାନୀୟ ଲୋକେ ପାଇକମାଲ ବିଡିଓଙ୍କୁ ଗୁହାରି କରିଥିଲେ ମଧ୍ୟ କୌଣସି ଠୋସ୍ ପଦକ୍ଷେପ ନିଆଯାଇନଥିବା ଅସନ୍ତୋଷ ବଢ଼ୁଛି । ତୁରନ୍ତ ପାଣି ନିଷ୍କାସନ ବ୍ୟବସ୍ଥା ସହ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନ ଶୀଘ୍ର ପଦକ୍ଷେପ ନେଉ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# ଭାଗଚାଷୀ ପଞ୍ଜୀକରଣ ନିୟମ ବଦଳାଇବାକୁ ଦାବି

## ପଞ୍ଜୀକରଣ ଅବଧି ସେପ୍ଟେମ୍ବର ୨୦ ପର୍ଯ୍ୟନ୍ତ ବଢ଼ାଯାଉ

**ପଦ୍ମପୁର, ୧୯।୮ (ସମିସ)**

ଚଳିତ ଖରିଫ ଋତୁ ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଜୋରଦାର ଚାଲିଥିବା ବେଳେ ପଞ୍ଜୀକରଣ ଅବଧି ଶେଷ ହେବାକୁ ଆଉ ମାତ୍ର ୧୧ ଦିନ ବାକି ରହିଛି । ହେଲେ ପଦ୍ମପୁର ଉପଖଣ୍ଡରେ ଏପର୍ଯ୍ୟନ୍ତ ପ୍ରାୟ ୫୦ ପ୍ରତିଶତ ଚାଷୀଙ୍କ ପଞ୍ଜୀକରଣ ହୋଇପାରିନାହିଁ । ଏପରି ସ୍ଥିତିରେ ଭାଗଚାଷୀଙ୍କ ପଞ୍ଜୀକରଣକୁ ନେଇ ଦେଖାଦେଇଥିବା ଜଟିଳତା ଚାଷୀଙ୍କ ଚିନ୍ତାକୁ ଆହୁରି ବଢ଼ାଇଛି ।

ଚଳିତବର୍ଷ ଭାଗଚାଷୀଙ୍କ ପଞ୍ଜୀକରଣ ପାଇଁ ନୂଆ ନିୟମ ଲାଗୁ ହୋଇଥିବାରୁ ଅନେକ ପ୍ରକୃତ ଭାଗଚାଷୀ ପଞ୍ଜୀକରଣରେ ସମସ୍ୟା ହେଉଛି । ପଦ୍ମପୁର ଉପଖଣ୍ଡରେ ବହୁ ଚାଷୀ ଅନ୍ୟମାନଙ୍କ ଜମି ଭାଗରେ ନେଇ ଚାଷ କରୁଛନ୍ତି । ଅନ୍ୟପକ୍ଷରେ ଅନେକ ଜମିମାଲିକ ଚାକିରି, ବ୍ୟବସାୟ କିମ୍ବା ଅନ୍ୟ କାରଣରୁ ରାଜ୍ୟ ବାହାରେ ରହୁଛନ୍ତି । ଫଳରେ ପଞ୍ଜୀକରଣ ସମୟରେ ଜମିମାଲିକଙ୍କ ଉପସ୍ଥିତି କିମ୍ବା ଆବଶ୍ୟକ ପ୍ରକ୍ରିୟା ପୂରଣ କରାଇବା ସମ୍ଭବ ହେଉନାହିଁ ।

ଭାଗଚାଷୀଙ୍କ ଏହି ସମସ୍ୟାର ସମାଧାନ ପାଇଁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଆପ୍ଲିକେସନ ଆଣିବାକୁ କୁହାଯାଇଥିଲା । ଏହି ଆପ୍ ଜରିଆରେ ଭାଗଚାଷୀଙ୍କ ପଞ୍ଜୀକରଣ ସହଜ ହେବ ବୋଲି ଆଶା କରାଯାଇଥିଲା । ହେଲେ ପଞ୍ଜୀକରଣ ଆରମ୍ଭ ହୋଇ ଇତିମଧ୍ୟରେ ୧୫ ଦିନ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସ୍ୱତନ୍ତ୍ର ଆପ୍ ଉପଲବ୍ଧ ହୋଇନାହିଁ । ଏହାକୁ ନେଇ ଭାଗଚାଷୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି । ଏପଟେ ପଞ୍ଜୀକରଣ ପାଇଁ ସମୟ ସରୁଥିବାରୁ ବହୁ ସଂଖ୍ୟକ ଭାଗଚାଷୀ ପଞ୍ଜୀକରଣରୁ ବଞ୍ଚିତ ହେବା ଆଶଙ୍କା ରହିଛି ।

ତେଣୁ ସରକାର ତୁରନ୍ତ ପଞ୍ଜୀକରଣ ନିୟମରେ ଆବଶ୍ୟକ ପରିବର୍ତ୍ତନ ସହ ସ୍ୱତନ୍ତ୍ର ଆପ୍ ଆଣିବାକୁ ଚାଷୀ ମହଲରେ ଦାବି ହେଉଛି । ଏଥିସହ ପଞ୍ଜୀକରଣ ଅବଧିକୁ ସେପ୍ଟେମ୍ବର ୨୦ ପର୍ଯ୍ୟନ୍ତ ବୃଦ୍ଧି କରିବା ଏବଂ ପଞ୍ଜୀକରଣରୁ ବାଦ ପଡ଼ିଥିବା ପ୍ରକୃତ ଚାଷୀଙ୍କ ପାଇଁ ସରଳ ବିକଳ୍ପ ବ୍ୟବସ୍ଥା କରିବାକୁ ମଧ୍ୟ ଦାବି ହେଉଛି ।

# ରକ୍ଷୁଡ଼ା ହାଇସ୍କୁଲ ପରିଦର୍ଶନ କରି ପାଠ ପଢ଼ାଇଲେ ବିଡିଓ



**ଭେଡେନ, ୧୯।୮ (ସମିସ):** ଭେଡେନ ବ୍ଲକ ଅନ୍ତର୍ଗତ ରକ୍ଷୁଡା ଗ୍ରାମପଞ୍ଚାୟତ ସ୍ଥିତ ରକ୍ଷୁଡ଼ା ହାଇସ୍କୁଲକୁ ଅଚାନକ ବିଡ଼ିଓ ଦେବାଶିଷ ସିହ୍ନା ପରିଦର୍ଶନ କରି ନବମ ଶ୍ରେଣୀ ପିଲାଙ୍କୁ ପାଠ ପଢ଼ାଇବା ସହ କିପରି ଶିକ୍ଷା ଗ୍ରହଣ କରୁଛନ୍ତି ସେ ଉପରେ କିଛି ପ୍ରଶ୍ନ ପଚାରିଥିଲେ । ପରେ ସ୍କୁଲ ପରିସର ପରିଷ୍କାର ପରିଚ୍ଛନ୍ନତା ସହିତ ଦିଆ ଯାଉଥିବା ଖାଦ୍ୟର ମାନ ପରଖି ଥିଲେ । ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଏହି ସମୟରେ ଜୁନିୟର ଇଞ୍ଜିନିଅର ପ୍ରଦୀପ ପଧାନ, ପ୍ରଧାନ ଶିକ୍ଷକ ଫକୀର ମୋହନ ସାହୁ, ସରପଞ୍ଚ ସୁରେନ୍ଦ୍ର କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ ।

### ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ରର ସିଇଓ ଚୟନ କମିଟି

# ସଚିବ ଭାବେ ନିଯୁକ୍ତ ହେଲେ ସମୀର ପଣ୍ଡା



**ବରଗଡ଼, ୧୯।୮ (ସମିସ):** ଅଯୋଧ୍ୟା ସ୍ଥିତ 'ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଚୟନ କମିଟିର ସଚିବ ଭାବରେ ସର୍ଯାଁ ଗ୍ରାମର ମୂଳ ନିବାସୀ ସମୀର ପଣ୍ଡା ନିଯୁକ୍ତ ହୋଇଛନ୍ତି । ଏଭଳି ଏକ ଦାୟିତ୍ୱପୂର୍ଣ୍ଣ ପଦବୀରେ ବରଗଡ଼ ମାଟିର ପୁଅ ମନୋନୀତ ହେବା କେବଳ ଜିଲ୍ଲା ନୁହେଁ ବରଂ ସମଗ୍ର ପଶ୍ଚିମ ଓଡ଼ିଶା ତଥା ରାଜ୍ୟ ପାଇଁ ଏକ ଗର୍ବ ଓ ଗୌରବର ବିଷୟ ।

ପ୍ରାପ୍ତ ସୂଚନା ଅନୁଯାୟୀ, ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ରର ମହାସଚିବ କୃଷ୍ଣ ମୋହନଙ୍କ ସ୍ୱାକ୍ଷରିତ ପତ୍ର ମାଧ୍ୟମରେ ଏହି ନିଯୁକ୍ତି ପ୍ରଦାନ କରାଯାଇଛି । ବରଗଡ଼ ଉପକଣ୍ଠ ସର୍ଯାଁ ଗ୍ରାମର ମୂଳନିବାସୀ ତଥା ବର୍ତ୍ତମାନ ନୂଆଦିଲ୍ଲୀ ଓ ଫରିଦାବାଦରେ ନିଜସ୍ୱ ବ୍ୟବସାୟ କରୁଥିବା ସମୀର ପଣ୍ଡାଙ୍କୁ ଚୟନ କମିଟିର ସମସ୍ତ କାର୍ଯ୍ୟକ୍ରମ, ବୈଠକ ଓ ସମ୍ଭାବ୍ୟ ପ୍ରାର୍ଥୀମାନଙ୍କ ସହ ସମନ୍ୱୟ ରକ୍ଷା କରିବା ଦାୟିତ୍ୱ ଦିଆଯାଇଛି ।

# ଚାଷ ଜମିରୁ ୧୧ ଫୁଟିଆ ଅଜଗର ଉଦ୍ଧାର



**ପାଇକମାଲ, ୧୯।୮ (ସମିସ):** ପାଇକମାଲ ବ୍ଲକ ଭୂତମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଇଚ୍ଛାପୁର ଗ୍ରାମର ଏକ ଚାଷ ଜମିରୁ ପ୍ରାୟ ୧୧ ଫୁଟ ଲମ୍ବର ଏକ ଅଜଗର ଉଦ୍ଧାର ହୋଇଛି । ଗ୍ରାମର ଜଣେ ଚାଷୀ ସକାଳୁ ନିଜ କ୍ଷେତକୁ ଝୁଡ଼ଙ୍ଗ ତୋଳିବାକୁ ଯାଇଥିବା ବେଳେ ଅଜଗରଟିକୁ ଦେଖିଥିଲେ । ତୁରନ୍ତ ବନବିଭାଗକୁ ସୂଚନା ଦେଇଥିବାବେଳେ କର୍ମଚାରୀମାନେ ପହଞ୍ଚି ସାପଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରି ଗନ୍ଧମାର୍ଦ୍ଦନ ଜଙ୍ଗଲରେ ଛାଡ଼ିଥିଲେ ।

# ବିଜେପୁର ପଞ୍ଚାୟତ ସମିତି ବୈଠକ

**ବିଜେପୁର, ୧୯।୮ (ସମିସ):** ବିଜେପୁରର ସାମଗ୍ରିକ ବିକାଶକୁ ନୂଆ ଗତି ଦେବା ସହ ଦୀର୍ଘଦିନର ବିଭିନ୍ନ ଜନସମସ୍ୟାର ସମାଧାନ ଦିଗରେ ଏକ ସମନ୍ୱିତ ପଦକ୍ଷେପ ନେଇଛି ବିଜେପୁର ପଞ୍ଚାୟତ ସମିତି । ଏନେଇ ବ୍ଲକର ବିକାଶ ଯୋଜନା, ଭିତ୍ତିଭୂମି ଓ ଜନସମସ୍ୟାକୁ ନେଇ ଆୟୋଜିତ ସମୀକ୍ଷା ବୈଠକରେ ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ଯୋଗଦେଇ ବିଭିନ୍ନ ପ୍ରସଙ୍ଗର ସମୀକ୍ଷା କରିଥିଲେ । ବୈଠକରେ ବିଜେପୁର ବ୍ଲକର ରାସ୍ତାଘାଟ, ଜଳସେଚନ, ବନ୍ଧ ଓ ଜଳାଶୟର ପୁନରୁଦ୍ଧାର, ସ୍ୱାସ୍ଥ୍ୟସେବା, ଶିକ୍ଷା ବ୍ୟବସ୍ଥା ସମେତ ବିଭିନ୍ନ ଭିତ୍ତିଭୂମି ସମସ୍ୟା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ବିଶେଷକରି ଅଞ୍ଚଳର କେତେକ ପ୍ରମୁଖ ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧୀନରେ ସାମିଲ ସହ କେତେକ ପଞ୍ଚାୟତ ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ନେଇ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ନେଇ ଆଲୋଚନା ହୋଇଥିଲା । ସେହିପରି ବିଭିନ୍ନ ଅଞ୍ଚଳରେ ଥିବା ବନ୍ଧ ଓ ଜଳାଶୟଗୁଡ଼ିକର ସ୍ଥିତି, ପୁନରୁଦ୍ଧାରର ଆବଶ୍ୟକତା ଏବଂ ଜଳସେଚନ ସମ୍ପର୍କିତ ସମସ୍ୟା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ବୈଠକରେ ପଞ୍ଚାୟତର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ଅଂଶଗ୍ରହଣ କରି ନିଜ ନିଜ ପଞ୍ଚାୟତର ସମସ୍ୟା ଉପସ୍ଥାପନ କରିଥିଲେ । ଜନସାଧାରଣଙ୍କ ଆବଶ୍ୟକତାକୁ ଆଧାର କରି ପ୍ରସ୍ତାବଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା । ପ୍ରସ୍ତାବଗୁଡ଼ିକୁ ଚୂଡ଼ାନ୍ତ କରି ସମ୍ପୃକ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଇବା ସହ ପରବର୍ତ୍ତୀ ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଛି । ବୈଠକର ସବୁଠାରୁ ଉଲ୍ଲେଖନୀୟ ଦିଗ ଥିଲା ଦଳମତ ନିର୍ବିଶେଷରେ ବିଜେପୁରର ବିକାଶ ପାଇଁ ଜନପ୍ରତିନିଧିମାନଙ୍କ ଏକାଠି ହେବା ।



ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟକୃଷ୍ଣ ଡନସନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ ବିଶ୍ୱାଳ, ନରସିଂହ ପୂଜାହାରୀ ପ୍ରମୁଖଙ୍କ ସମେତ ଜିଲ୍ଲା ପରିଷଦ ସଭ୍ୟ, ସମିତି ସଭ୍ୟ ଓ ସରପଞ୍ଚମାନେ ଉପସ୍ଥିତ ଥିଲେ । ବ୍ଲକ କାର୍ଯ୍ୟାଳୟର ବିଭିନ୍ନ ବିଭାଗର ପଦାଧିକାରୀମାନେ ମଧ୍ୟ ଉପସ୍ଥିତ ରହି ବିଭାଗୀୟ ତଥ୍ୟ ରଖିଥିଲେ ।

### ■ ରେଳମନ୍ତ୍ରୀଙ୍କୁ ଚିଠି ଲେଖିଲେ ସାଂସଦ

# ବରଗଡ଼ ରୋଡ ଷ୍ଟେସନକୁ ଧନୁଯାତ୍ରା ରାଜଦରବାର ଢାଞ୍ଚାରେ କରିବାକୁ ଦାବି

**ବରଗଡ଼, ୧୯।୮ (ସମିସ):** ଭାରତୀୟ ରେଳବିଭାଗ ଦ୍ୱାରା ଦେଶର ସମସ୍ତ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ଗୁଡ଼ିକରେ ଅମୃତ ଭାରତ ଷ୍ଟେସନ ସ୍କିମ (ଏବିଏସଏସ)ରେ ଉତ୍ତମ ଯାତ୍ରୀ ସୁବିଧା ଯୋଗାଇବା ସହିତ ଷ୍ଟେସନଗୁଡ଼ିକର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚାଲିଛି । ଏବେ ବରଗଡ଼ ରୋଡ଼ ଷ୍ଟେସନରେ ବିକାଶ କାର୍ଯ୍ୟ ଚାଲିଛି । ଏହାକୁ ଧନୁଯାତ୍ରା ରାଜଦରବାର ଡିଜାଇନ୍ କରିବାକୁ ସାଂସଦ ପ୍ରଦୀପ ପୁରୋହିତ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଏକ ପତ୍ର ଲେଖିଛନ୍ତି । ରାଜଦରବାର ଡିଜାଇନ୍ କରିବା ସହିତ ନୃସିଂହନାଥ ମନ୍ଦିର, ବାରପାହାଡ ଅଭୟାରଣ୍ୟ, ସହିଦ ମାଧୋ ସିଂହ, ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ବିଷୟ ସ୍ଥାନ ଦେବାକୁ ସାଂସଦ ଶ୍ରୀ ପୁରୋହିତ ଅନୁରୋଧ କରିଛନ୍ତି । ଏହାର ଏକ କପି ସାଂସଦ ପ୍ରତିନିଧି ସୁରେଶ୍ୱର ଶତପଥୀ ବରଗଡ଼ ଜିଲ୍ଲା ରେଳ ଉପଭୋକ୍ତା ସଂଘର କାର୍ଯ୍ୟକାରୀ ସଭାପତି କୃଷ୍ଣ ଚନ୍ଦ୍ର ପଣ୍ଡା ଓ ସମ୍ପାଦକ କମଳ ଯୋଶୀଙ୍କୁ ପ୍ରଦାନ କରିଥିଲେ ।



# ଶୁଣ୍ଠି ସମାଜ ପକ୍ଷରୁ ଚାରା ରୋପଣ

**ବରଗଡ଼, ୧୯।୮ (ସମିସ):** ବରଗଡ଼ ଶୁଣ୍ଠି ସମାଜ ପକ୍ଷରୁ ବାରହଗୋଡା ଶିବ ମନ୍ଦିର ରାସ୍ତାରେ ଦ୍ୱିତୀୟ ପର୍ଯ୍ୟାୟ ଚାରାରୋପଣ କରାଯାଇଅଛି । ଗ୍ରାମବାସୀ ଓ ମନ୍ଦିର ପୂଜକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ସମସ୍ତ ବୃକ୍ଷର ରକ୍ଷଣାବେକ୍ଷଣ ଗ୍ରାମବାସୀ ଓ ସମାଜର ସଭ୍ୟ ମାନେ ମିଳିତ ଭାବେ କରିବାକୁ ସହମତ ହୋଇଥିଲେ । ସମାଜର ସଭାପତି ଉଦ୍ଧବ ଚରଣ ବେହେରା ଓ ଉପଦେଷ୍ଟା ଡ଼ ପାଣ୍ଡବ ବେହେରାଙ୍କ ସହିତ ଅଶୋକ ପରିଡ଼ା, ନିରଞ୍ଜନ ବେହେରା, ଶରତ ବେହେରା, ସୁନୀତା ବେହେରା, ସୁଜାତା ବେହେରା, ଦୀପ୍ତିଲତା ବେହେରା ଓ ସମ୍ପାଦିକା ରୀତା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ପ୍ରବେଶ ଉତ୍ସବ

**ପାଇକମାଲ, ୧୯।୮ (ସମିସ):** ପାଇକମାଲ ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଲୋହିତ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ନବାଗତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ 'ପ୍ରବେଶ ଉତ୍ସବ' ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ନବାଗତ ଛାତ୍ରଛାତ୍ରୀଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରି ମହାବିଦ୍ୟାଳୟର ଶୃଙ୍ଖଳିତ ପରିବେଶ ସମ୍ପର୍କରେ ଅବଗତ କରାଇଥିଲେ । ପ୍ରାଧ୍ୟାପକ ପ୍ରଦୀପ୍ତ କୁମାର ସାହୁ ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ନିର୍ଦ୍ଧାରିତ ପାଠ୍ୟକ୍ରମ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସୂଚନା ଦେଇଥିଲେ । ଏହି ଅବସରରେ ନିଶା ନିବାରଣ ଓ ଭୋଟର ସଚେତନତା କାର୍ଯ୍ୟକ୍ରମ ମଧ୍ୟ ହୋଇଥିଲା । ପାଇକମାଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଫୁଲ୍ଲ କୁମାର ଉଦ୍ଗୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମତଦାନର ଗୁରୁତ୍ୱ ବୁଝାଇଥିଲେ । ବ୍ଲକ ପ୍ରଶାସନର କର୍ମଚାରୀ ଓ ବିଏଲଓମାନେ ଉପସ୍ଥିତ ରହି ଭୋଟର ତାଲିକାରେ ନାମ ପଞ୍ଜୀକରଣ ଓ ମତଦାନ ପ୍ରକ୍ରିୟା ସମ୍ପର୍କରେ ସଚେତନ କରିଥିଲେ । ଏହି ଅବସରରେ ନିଶା ନିବାରଣ ଓ ସଚେତନ ନାଗରିକ ଭାବେ ଦାୟିତ୍ୱ ପାଳନ ପାଇଁ ଶପଥ ଗ୍ରହଣ କରାଯାଇଥିଲା ।

# ସାଇନିଂ ଷ୍ଟାର କାର୍ଯ୍ୟକ୍ରମ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ

## ଅଗଷ୍ଟ ୨୨ ପ୍ରବେଶିକା ପରୀକ୍ଷା; ୨୭ରେ ଫଳ ପ୍ରକାଶ ନିଷ୍ପତ୍ତି

**ବରଗଡ଼, ୧୯।୮ (ସମିସ):** ବରଗଡ଼ ଶିକ୍ଷା ଜିଲ୍ଲା ବିଭାଗ ଆନୁକୂଲ୍ୟରେ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଜିଲ୍ଲାରେ ଏ ୱାନ ଛାତ୍ରଛାତ୍ରୀ ସଂଖ୍ୟା ବୃଦ୍ଧି ସହିତ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ରୋଡ ମ୍ୟାପ ପ୍ରସ୍ତୁତ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଜର୍ଜ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶଙ୍କ ପ୍ରାରମ୍ଭିକ ସୂଚନା ପରେ ଏଡିଇଓ ଅମୃତା ସାହୁ ଉଦ୍ଦେଶ୍ୟ ଜ୍ଞାପନ ସହ କାର୍ଯ୍ୟକ୍ରମର ଲକ୍ଷ୍ୟ ସମ୍ବନ୍ଧରେ ଅବଗତ କରାଇଥିଲେ । ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ କୁମାର ଭୁଏ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୟ କୁମାର ସୟ, ଭେଡେନ ବିଇଓ ମଛିନ୍ଦ୍ର ମଲ୍ଲିକ, ଅତାବିରା ବିଇଓ ମିଶ୍ରାଣୀ କୁମ୍ଭାର, ବିଜେପୁର ବିଇଓ ବଲ୍ଲଭ ମେହେର, ବରପାଲି ବିଇଓ ଆଲୋକ ପ୍ରଧାନ, ବରଗଡ଼ ବିଇଓ ଜତିନ୍ଦ୍ର ସେଟ୍, ଝାରବନ୍ଧ ବିଇଓ ଶୁଭମ୍ କୁମାର ପତି, ପଦ୍ମପୁର ବିଇଓ ଲୋକନାଥ ଭୋଇ, ସୋହେଲା ବିଇଓ ସନୋଜ କୁମାର ସେଠି, ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମୁକୁନ୍ଦ ମାହାରାଙ୍କ ସମେତ ଜିଲ୍ଲାର ସମସ୍ତ ବିଇଓ ଉପସ୍ଥିତ ରହି କିପରି ଏହି ଯୋଜନାର ସଫଳ ରୂପାୟନ ହୋଇପାରିବ ଆଲୋଚନା କରିଥିଲେ । ଚଳିତ ମାସ ୨୨ ତାରିଖ ଶନିବାର ପ୍ରତି ବ୍ଲକର ନୋଡାଲ ହାଇସ୍କୁଲ ସେଣ୍ଟର ଗୁଡ଼ିକରେ ଦୁଇଟି ସିଟିଂରେ ସାଇନିଙ୍ଗ ଷ୍ଟାର ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବାବେଳେ ଚଳିତ ମାସ ୨୭ରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରେ ଯୋଗ୍ୟ ଛାତ୍ରଛାତ୍ରୀଙ୍କ ମେଧା ତାଲିକା ପ୍ରକାଶ ପାଇବ ବୋଲି ଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ତେବେ ଚଳିତବର୍ଷ ପ୍ରଥମଥର ପାଇଁ ବ୍ଲକସ୍ତରରେ ପ୍ରତି ନୋଡାଲ ସେଣ୍ଟର୍‌ରେ ପ୍ରତି ରବିବାର ସାଇନିଂ ଷ୍ଟାର ଛାତ୍ରଛାତ୍ରୀଙ୍କ ପାଇଁ ଅଭିଜ୍ଞ ସାଧନକର୍ମୀଙ୍କ ଦ୍ୱାରା ପାଠ୍ୟଦାନ ଜାରି ରହିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଭୁଏ ଉଲ୍ଲେଖ କରିଛନ୍ତି । ବୈଠକରେ ୫୦ରୁ ଉର୍ଦ୍ଧ୍ୱ ସାଧନକର୍ମୀ ଓ ନୋଡାଲ ସ୍କୁଲ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ।




# ଜିଲ୍ଲା ଜୁନିୟର ଦଳ ଖେଳିବ ଏଆଇଏଫ୍ଏଫ୍ ଜାତୀୟ ଜୁନିୟର ଲିଗ୍

**ବରଗଡ଼, ୧୯।୮ (ସମିସ):** ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ତଥା ଫୁଟବଲ୍ ଆସୋସିଏସନ୍ ଅଫ୍ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଦ୍ୱିତୀୟ ସିଏମ୍ ଟ୍ରଫି ଫୁଟବଲ୍ ପ୍ରତିଯୋଗିତାରେ ଚଳିତ ବର୍ଷ ପୁଣି ବରଗଡ଼ ଜୁନିୟର ଦଳ ଚାମ୍ପିଅନ ହୋଇଥିଲେ । ଏଥି ସକାଶେ ଏଆଇଏଫ୍ଏଫ୍ ବରଗଡ଼ ଜିଲ୍ଲାକୁ ଚଳିତ ବର୍ଷ ହେବାକୁ ଥିବା ଏଆଇଏଫ୍ଏଫ୍ ଜାତୀୟ ଜୁନିୟର ଲିଗ୍ ଚାମ୍ପିଅନସିପରେ ଅଂଶଗ୍ରହଣ କରିବାକୁ ସିଧା ସୁଯୋଗ ଦେଇଛି । ଏହି ପ୍ରତିଯୋଗିତାରେ ବରଗଡ଼ ଜିଲ୍ଲା ଦଳରୁ ପ୍ରତିନିଧିତ୍ୱ କରିବା ପାଇଁ ଆସନ୍ତା ୨୧ ଓ ୨୨ ଅଗଷ୍ଟରେ ଦୁଇ ଦିନ ଧରି ଚୟନ ଶିବିର ବରଗଡ଼ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହେବ । ଏଥିରେ ଭାଗ ନେବାକୁ ଇଚ୍ଛୁକ ଥିବା ୧୭ ବର୍ଷରୁ କମ ବୟସ ଓଡ଼ିଶାର ଫୁଟବଲ୍ ଖେଳାଳୀ ଉକ୍ତ ଦିନ ସକାଳ ୮ରେ ପହଞ୍ଚି ବୟସ ପ୍ରମାଣ ପତ୍ର ଓ ଆଧାର କାର୍ଡ ନେଇ ଉପସ୍ଥିତ ରହିବାକୁ ଜିଲ୍ଲା କ୍ରୀଡା ସଂସଦ ପକ୍ଷରୁ ସୂଚନା ଦିଆଯାଇଛି ।

# ପାଇକମାଲ ରାସ୍ତା କଡ଼ରେ କୁଢ଼କୁଢ଼ ଆବର୍ଜନା



**ପାଇକମାଲ, ୧୯।୮ (ସମିସ):** ବରଗଡ଼ ଜିଲ୍ଲାର ଏକ ପ୍ରମୁଖ ତୀର୍ଥକ୍ଷେତ୍ର ନୃସିଂହନାଥ । ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ପ୍ରବେଶପଥ ପାଇକମାଲ ରାସ୍ତା କଡ଼ରେ କୁଢ଼ କୁଢ଼ ଆବର୍ଜନା ଜମା ହୋଇଥିବାରୁ ଦୁର୍ଗନ୍ଧରେ ନାକ ଫାଟି ପଡୁଛି । ଫଳରେ ପର୍ଯ୍ୟଟକ ଏକ ନକାରାତ୍ମକ ଅନୁଭୂତି ନେଇ ଫେରୁଛନ୍ତି । ଏନେଇ ସ୍ଥାନୀୟ ଲୋକେ ବି ଅତିଷ୍ଠ ହୋଇଗଲେଣି ।

ସହରର ବିଭିନ୍ନ ସ୍ଥାନରେ ଲୋକମାନେ ଘର ଓ ଦୋକାନରୁ ବାହାରୁଥିବା ଆବର୍ଜନା ଆଣି ରାସ୍ତା ଏଠାରେ ପକାଇ ଚାଲିଯାଉଛନ୍ତି । ଫଳରେ ଆବର୍ଜନା ପାହାଡ଼ ହେଲାଣି । ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ପାଇକମାଲ ସହରରେ ଏକ ନିର୍ଦ୍ଦିଷ୍ଟ ଡମ୍ପିଂ ୟାର୍ଡ ନଥିବାରୁ ଆବର୍ଜନାର ସୁବ୍ୟବସ୍ଥିତ ନିଷ୍କାସନ ହୋଇପାରୁନାହିଁ । ଫଳରେ ରାସ୍ତାକଡ଼ ଓ ଖାଲି ସ୍ଥାନ ଡମ୍ପିଂୟାର୍ଡ ପାଲଟିଲାଣି । ନିର୍ଦ୍ଦିଷ୍ଟ ଡମ୍ପିଂୟାର୍ଡ ବ୍ୟବସ୍ଥା ସହ ନିୟମିତ ଭାବେ ଆବର୍ଜନା ସଂଗ୍ରହ ଓ ନିଷ୍କାସନ କରିବାକୁ ଓ ରାସ୍ତାକଡ଼ରେ ଆବର୍ଜନା ପକାଇବା ଉପରେ ରୋକ୍ ଲଗାଇବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# ମରଣଯନ୍ତା ସାଜିଛି ପାଇକମାଲ-ଝାରବନ୍ଧ ରାସ୍ତା



**ପାଇକମାଲ, ୧୯।୮ (ସମିସ)**

ବରଗଡ଼ ଜିଲ୍ଲାର ପାଇକମାଲ-ଝାରବନ୍ଧ ପୂର୍ତ୍ତ ବିଭାଗ ଅଧୀନସ୍ଥ ରାସ୍ତା ଏବେ ମରଣଯନ୍ତା ପାଲଟିଛି । ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଚାଳକ ଦୈନନ୍ଦିନ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ପ୍ରଶାସନ ଏ ଦିଗରେ ଆଖି ବୁଜି ଦେଇଛି ।

ପ୍ରକାଶ ଯେ, ପାଇକମାଲରୁ ଝାରବନ୍ଧକୁ ସଂଯୋଗ କରୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତା ଦେଇ ପ୍ରତିଦିନ ଶତାଧିକ ଛୋଟବଡ଼ ଯାନବାହନ ଚଳାଚଳ କରୁଛି । କିନ୍ତୁ ରାସ୍ତାରେ ସୃଷ୍ଟି ହୋଇଥିବା ଗର୍ତ୍ତ ଯୋଗୁଁ ଯାତ୍ରୀ ଓ ଯାନଚାଳକମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ରାତି ସମୟରେ ଆଲୋକ ଅଭାବରୁ ରାସ୍ତାର ଗର୍ତ୍ତଗୁଡ଼ିକ ସ୍ପଷ୍ଟ ଦେଖାଯାଉନଥିବାରୁ ସ୍ଥିତି ଆହୁରି ଗମ୍ଭୀର ହୋଇପଡୁଛି । ବର୍ତ୍ତମାନ ବର୍ଷା ଋତୁ ଚାଲିଥିବାରୁ ରାସ୍ତାର ଗର୍ତ୍ତଗୁଡ଼ିକରେ ପାଣି ଜମି ରହୁଛି । ଫଳରେ ଗର୍ତ୍ତର ଗଭୀରତା ଜାରି ନପାରି ଚାଳକମାନେ ପଡୁଛନ୍ତି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତାର ଦୟନୀୟ ଅବସ୍ଥା ଦୀର୍ଘଦିନ ଧରି ରହିଥିଲେ ମଧ୍ୟ ସ୍ଥାୟୀ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉନାହିଁ । ପୂର୍ତ୍ତ ବିଭାଗ ଓ ପ୍ରଶାସନ ତୁରନ୍ତ ରାସ୍ତାର ସ୍ଥିତି ଯାଞ୍ଚ କରି ଗର୍ତ୍ତଗୁଡ଼ିକର ମରାମତି କରିବା ସହ ଆବଶ୍ୟକ ସ୍ଥାନରେ ରାସ୍ତାର ପୁନରୁଦ୍ଧାର କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି ।

# ଆଶ୍ରା ବୃଦ୍ଧାଶ୍ରମର ପ୍ରଥମ ବାର୍ଷିକୋତ୍ସବ

**ସୋହେଲା, ୧୯।୮ (ସମିସ):** ସୋହେଲା ନିକଟସ୍ଥ ଦଶମାଇଲ ଛକ ପାଖରେ ଥିବା ଅଭିଜିତ୍ ଫାଉଣ୍ଡେସନ୍ ଦ୍ୱାରା ପରିଚାଳିତ 'ଆଶ୍ରା' ବୃଦ୍ଧାଶ୍ରମର ପ୍ରତିଷ୍ଠା ଦିବସ ତଥା ପ୍ରଥମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି । ସମାଜସେବୀ ତଥା ସାମ୍ବାଦିକ ଅସିତ୍ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅବସରପ୍ରାପ୍ତ ପ୍ରଫେସର ଟେକଚାନ୍ଦ ଦୁଆନ ମୁଖ୍ୟ ବକ୍ତା, ବରଗଡ଼ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଆମ୍ରୁଜାକ୍ଷ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ଗିରିଜା ଶଙ୍କର ଆଚାର୍ଯ୍ୟ, ଶିକ୍ଷାପ୍ରେମୀ ନରେନ୍ଦ୍ର ହୋତା, ଯୁବନେତା ସୁବ୍ରତ ସିଂ ଓ ସାମ୍ବାଦିକ ରଞ୍ଜନ ଦେବତା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସଭା ପ୍ରାରମ୍ଭରେ ରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ 'ଆଶ୍ରା'ର ଉଦ୍ଦେଶ୍ୟ ଓ କାର୍ଯ୍ୟଧାରା ସମ୍ପର୍କରେ କହିଥିଲେ । ଅଭିଜିତ୍ ଫାଉଣ୍ଡେସନ୍‌ର ସମ୍ପାଦକ ଲୀଳାମୟ ବେହେରା ବାର୍ଷିକ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ସଂସ୍ଥାର କୋଷାଧ୍ୟକ୍ଷ ତଥା ଶ୍ରୀଗିଡ଼ା ସରପଞ୍ଚ ଲୋକେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସଭାକାର୍ଯ୍ୟକୁ କେଦାରନାଥ ସାହୁ ସଂଯୋଜନା କରିଥିଲେ । ଏହି ଅବସରରେ 'ଆଶ୍ରା' ବୃଦ୍ଧାଶ୍ରମ ପାଇଁ ନିଃଶୁଳ୍କରେ ଘର ଯୋଗାଇ ଦେଇଥିବା ସାହିନ୍ ବାନୋ ଏବଂ ପ୍ରକୃତି ବନ୍ଧୁ ତଥା ଶିକ୍ଷକ ବୈଲୋଚାନ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା । ବୃଦ୍ଧାଶ୍ରମର କାର୍ଯ୍ୟରେ ସହଯୋଗ ଓ ସମର୍ଥନ ଯୋଗାଇ ଆସୁଥିବା ବିଭିନ୍ନ ଅନୁଷ୍ଠାନକୁ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ କରା ଯାଇଥିଲା । ସନ୍ଧ୍ୟାରେ ପାଣିମୋରା ସତ୍ୟ ସାଇ ଭଜନ ମଣ୍ଡଳୀ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା ।



**ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬**

# ଶେଷ ହେଲା ଦାବି, ଆପତ୍ତି ସମୟସୀମା

## ସେପ୍ଟେମ୍ବର ୨୧ରେ ପ୍ରକାଶ ପାଇବ ଚୂଡ଼ାନ୍ତ ଭୋଟର ତାଲିକା

ଭୁବନେଶ୍ୱର,୧୯।୮ (ସମିସ): ରାଜ୍ୟରେ ଭୋଟର ତାଲିକା ର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପଞ୍ଜୀକରଣ ଓ ସଂଶୋଧନ ପାଇଁ ନିର୍ଦ୍ଧାରିତ ଦାବି ଓ ଆପତ୍ତି ଦାଖଲ ସମୟସୀମା ବୁଧବାର ସମାପ୍ତ ହୋଇଛି। ଆସନ୍ତା ସେପ୍ଟେମ୍ବର ୧୭ ତାରିଖ ସୁଦ୍ଧା ନୋଟିସ ପର୍ଯ୍ୟାୟ ସହ ସମସ୍ତ ଦାବି ଓ ଆପତ୍ତିର ଅନ୍ତିମ ଫଇସଲା କରାଯିବ। ସେପ୍ଟେମ୍ବର ୨୧ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଆସନ୍ତା ସେପ୍ଟେମ୍ବର ୧୭ ତାରିଖ ସୁଦ୍ଧା ସମସ୍ତ ନୋଟିସ ପର୍ଯ୍ୟାୟ ଶେଷ ହେବା ସହ ଦାଖଲ ହୋଇଥିବା ସମସ୍ତ ଦାବି ଓ ଆପତ୍ତିଗୁଡ଼ିକର ଅନ୍ତିମ ଫଇସଲା କରାଯିବ। ଏହି ସମସ୍ତ ଶୁଣାଣି ଓ ଯାଞ୍ଚ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ସେପ୍ଟେମ୍ବର ୨୧ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ଆନୁଷ୍ଠାନିକ ଭାବେ ପ୍ରକାଶ ପାଇବ। ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତଥ୍ୟ ଅନୁଯାୟୀ ଆଜି ସୁଦ୍ଧା ମୋଟ ୫୮ ଲକ୍ଷ ୩୬ ହଜାର ୪୩୦ ଜଣ ଭୋଟରଙ୍କ ନାମରେ ନୋଟିସ ଜାରି କରାଯାଇଥିଲା। ସେଥିମଧ୍ୟରୁ ପ୍ରଶାସନିକ ତତ୍ପରତା ଯୋଗୁଁ ୫୮ ଲକ୍ଷ ୩୬ ହଜାର ୩୭୪ ଜଣ ଭୋଟରଙ୍କ ନିକଟରେ ସଫଳତାର ସହ ନୋଟିସ ପହଞ୍ଚାଯାଇ ସାରିଛି। ବର୍ତ୍ତମାନ ସୁଦ୍ଧା ନୋଟିସ ପାଇଥିବା ଭୋଟରମାନଙ୍କ ଶୁଣାଣି ଶେଷ କରାଯାଇ, ସେଥି ମଧ୍ୟରୁ ୫୪ ଲକ୍ଷ ୨୧ ହଜାର ୮୭୨ ଜଣ ଭୋଟରଙ୍କୁ ଭୋଟର ତାଲିକାରେ ବଜାୟ ରଖାଯାଇଛି। ଏବେ ସୁଦ୍ଧା ରାଜ୍ୟରେ ମୋଟ ୩କୋଟି ୯ଲକ୍ଷ ୭୧ହଜାର ୯୪୧ ଜଣ ଯୋଗ୍ୟ ଭୋଟର ଚୂଡାନ୍ତ ଭୋଟର ତାଲିକାରେ ସାମିଲ ହେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ,ଯେହେତୁ ଶୁଣାଣି ପ୍ରକ୍ରିୟା ଚାଲୁରହିଛି ଆଗକୁ ଶୁଣାଣି କରାଯାଇ ଯୋଗ୍ୟ ଭୋଟରଙ୍କ ସଂଖ୍ୟା ଆହୁରି ବଢ଼ିବ। ନୋଟିସ ଜାରି କରାଯାଇଥିବା ଭୋଟରମାନଙ୍କ ମଧ୍ୟରୁ ଯେଉଁମାନେ ଆବଶ୍ୟକୀୟ ବୈଧ ପ୍ରମାଣପତ୍ର କିମ୍ବା ସଠିକ ତଥ୍ୟ ଦାଖଲ କରିବାରେ ଅସମର୍ଥ ହୋଇଛନ୍ତି, ସେମାନଙ୍କ ନାମ ଭୋଟର ତାଲିକାରୁ ବାଦ୍ ଦିଆଯିବ। ଯୋଗ୍ୟ ନୂତନ ନାଗରିକ ଓ ଯୁବ ଭୋଟରମାନଙ୍କୁ ଭୋଟର ତାଲିକାରେ ଯୋଡ଼ିବା ପାଇଁ ବ୍ୟାପକ ଉତ୍ସାହ ଦେଖିବାକୁ ମିଳିଛି। ଫର୍ମ-୬ ଜରିଆରେ ମୋଟ ୨,୭୯,୩୧୫ ଜଣ ନୂତନ ନାମ ପଞ୍ଜୀକରଣ ପାଇଁ ଆବେଦନ କରିଛନ୍ତି। ଯେଉଁ ଭୋଟର ମାନଙ୍କ ନାମ ଦୁଇଟି ସ୍ଥାନରେ ଅଛି ସେମାନେ ଗୋଟିଏ ସ୍ଥାନରୁ ନାମ ହଟାଇ ଅନ୍ୟ ସ୍ଥାନରେ ରଖିବା, ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ନାମ ବାଦ୍ ଦେବା ପାଇଁ ଫର୍ମ-୭ ଜରିଆରେ ୫୩,୬୨୫ ଟି ଆବେଦନ ପ୍ରାପ୍ତ ହୋଇଛି। ଭୋଟର ତାଲିକାରେ ଥିବା ନାମ, ଠିକଣା, ବୟସ କିମ୍ବା ଅନ୍ୟାନ୍ୟ ସଂଶୋଧନ ସହ ଗୋଟିଏ ପରିବାରର ସମସ୍ତ ସଦସ୍ୟଙ୍କ ନାମକୁ ଏକାଠି ଗୋଟିଏ ମତଦାନ କେନ୍ଦ୍ରରେ ରଖିବା ପାଇଁ ଫର୍ମ-୮ ମାଧ୍ୟମରେ ୧,୯୭,୯୫୨ ଜଣ ଭୋଟର ଆବେଦନ କରିଛନ୍ତି।

**ଏସଆଇଆର ଆପତ୍ତି ଅବଧି ବୃଦ୍ଧି ଲାଗି ବିଜେଡିର ଦାବି**

# ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କଲେ ବିଜେଡି ପ୍ରତିନିଧି

ଭୁବନେଶ୍ୱର,୧୯।୮ (ସମିସ): ଓଡ଼ିଶାରେ ବର୍ତ୍ତମାନ ବନ୍ୟା, ଲଗାଣ ବର୍ଷା ପରିସ୍ଥିତି ଜାରି ରହିଛି। ଯାହାକୁ ନେଇ ଜନଜୀବନ ବ୍ୟାହତ ହୋଇଥିବା ବେଳେ ପରିସ୍ଥିତିକୁ ଧ୍ୟାନରେ ରଖି ବିଜେଡି ଏସଆଇଆର-୨୦୨୬ ପ୍ରକ୍ରିୟା ଅବଧି ଅନ୍ୟୁନ ୩୦ ଦିନ ବୃଦ୍ଧି ପାଇଁ ଦାବି କରିଛି। ପ୍ରତ୍ୟେକ ଯୋଗ୍ୟ ମତଦାତା ଯେପରି ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ନ୍ୟାୟସଙ୍ଗତ ସୁଯୋଗ ପାଇବେ ଏବଂ କୌଣସି ପ୍ରକୃତ ମତଦାତା ତାଙ୍କର ମତଦାନ ଅଧିକାରରୁ ବଞ୍ଚିତ ନ ହେବେ, ସେଥିପାଇଁ ଏହି ସମୟସୀମା ବୃଦ୍ଧି ଜରୁରୀ ବୋଲି ଦଳ ଅନୁରୋଧ କରିଛି।

ବିଜେଡି ପ୍ରଦାନ କରିଥିବା ସ୍ମାରକପତ୍ରରେ କୁହାଯାଇଛି ଯେ ଏସ୍ଆଇଆର-୨୦୨୬ର ପ୍ରକ୍ରିୟା ଜାରି ରହିଛି। ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଲଗାଣ ବର୍ଷା ଓ ବନ୍ୟା ପରିସ୍ଥିତି ଯୋଗୁଁ ଯାଞ୍ଚ ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇଛି। ଏହି ପରିସ୍ଥିତିରେ ନିର୍ବାଚନ ଅଧିକାରୀ, ମତଦାତା ଓ ବୁଥ୍ ଲେଭେଲ୍ ଏଜେଣ୍ଟମାନଙ୍କ ପକ୍ଷରେ ବର୍ତ୍ତମାନର ସମୟସୀମା ମଧ୍ୟରେ ଯାଞ୍ଚ ସମ୍ପୂର୍ଣ୍ଣ କରି ଦାବି ଓ ଆପତ୍ତି ଦାଖଲ କରିବା ଅତ୍ୟନ୍ତ କଷ୍ଟସାଧ୍ୟ । ବନ୍ୟା ସ୍ଥିତି ନେଇ ଅବଧି ବୃଦ୍ଧି ପାଇଁ ପୂର୍ବରୁ ବିଜେଡି



ପକ୍ଷରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାବି ଉପସ୍ଥାପନ କରିଥିଲେ। ଯାହାକୁ ନେଇ ଅଗଷ୍ଟ ୧୯ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। କିନ୍ତୁ ବର୍ତ୍ତମାନର ପ୍ରାକୃତିକ ବିପର୍ଯ୍ୟୟ ପରିସ୍ଥିତି ଯୋଗୁଁ ହଜାର ହଜାର ଭୋଟର, ବିଏଲଏ ଓ ନିର୍ବାଚନ ଅଧିକାରୀଙ୍କ ପାଇଁ ଆବଶ୍ୟକୀୟ ଯାଞ୍ଚ ଓ ଦାଖଲ କାର୍ଯ୍ୟ କରିବା ଅସମ୍ଭବ ହୋଇପଡ଼ିଛି। ରାଜ୍ୟର ଅନେକ ଜିଲ୍ଲାରେ ନିରନ୍ତର ପ୍ରବଳ ବର୍ଷା, ବନ୍ୟା ଯୋଗୁଁ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡ଼ିଛି। ଏଭଳି ଗମ୍ଭୀର ପରିସ୍ଥିତିରେ ପ୍ରକ୍ରିୟାରେ ବାଧା ସୃଷ୍ଟି ହେଉଛି । ନିରପେକ୍ଷତା ଓ ନ୍ୟାୟସଙ୍ଗତାକୁ ଦୃଷ୍ଟିରେ ରଖି ଦାବି ଓ ଆପତ୍ତି ଦାଖଲ ସମୟସୀମାକୁ ଅତି କମରେ ୩୦ ଦିନ ବୃଦ୍ଧି କରାଯାଉ। ଯାହାଦ୍ୱାରା ବୁଥ୍ ଲେଭେଲ୍ ଏଜେଣ୍ଟ

**ଯୋଗ୍ୟ ମତଦାତା ପ୍ରକ୍ରିୟାରେ ନ୍ୟାୟସଙ୍ଗତ ସୁଯୋଗ ଦେବାକୁ ଦାବି**

ମାନେ ପ୍ରତ୍ୟେକ ମାମଲାର ଯାଞ୍ଚ କରି ପ୍ରକୃତ ମତଦାତାଙ୍କ ଅଧିକାରର ସୁରକ୍ଷା କରିପାରିବେ ବୋଲି ଦଳ କହିଛି। ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଉପସଭାପତି ପ୍ରତାପ ଜେନା, ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନି ଛୁରିଆ, ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର, ସାଧାରଣ ସମ୍ପାଦକ ବିଜୟ କୁମାର ନାୟକ, ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ ଲେନିନ ମହାନ୍ତି, ଡ. ପ୍ରିୟବ୍ରତ ମାଝୀ, ମିହିର ରାୟ, ନାରାୟଣ ଜେନା ଓ ନନ୍ଦଲାଲ ସିଂ ପ୍ରମୁଖ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି।

**ରାଉରକେଲା ସର୍କିଟ ହାଉସ୍‌ରୁ ୨ ଅପରାଧୀ ଗିରଫ ସହ ବନ୍ଧୁକ ଜବତ ମାମଲା**

# ଗିରଫ ୩ ଜଣଙ୍କୁ ରିମାଣ୍ଡରେ ନେଲା ପୁଲିସ

ରାଉରକେଲା,୧୯।୮ (ସମିସ): ବହୁ ଚର୍ଚ୍ଚିତ ରାଉରକେଲା ସର୍କିଟ ହାଉସରୁ ୨ ଦୁର୍ଦ୍ଧାନ୍ତ ଅପରାଧୀ ଗିରଫ ସହ ରିଭଲଭର ଜବତ ମାମଲାରେ ରଘୁନାଥପାଲି ପୁଲିସ ପୂର୍ବରୁ ଗିରଫ ହୋଇଥିବା ୭ ଦୁର୍ଦ୍ଧାନ୍ତ ଅପରାଧୀଙ୍କ ମଧ୍ୟରୁ ଆଜି ୩ ଜଣଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରୁଛି। ପୁଲିସର ଏହି ତଦନ୍ତ ବେଳେ ପାନପୋଷ ସର୍କିଟ ହାଉସ୍‌ର ୧୦୭ ଓ ୧୧୧ ନମ୍ବର ରୁମ ବୁକ୍ କରିଥିବା ବିଜେପି ଯୁବନେତା ତଥା ଅନ୍ୟ ବିଜେପି ନେତାଙ୍କ ଲିଙ୍କ୍‌ର ଗୁମର ପଦାକୁ ଆସିପାରେ। ସେପଟେ ପାନପୋଷ ସର୍କିଟ ହାଉସର ସିସିଟିଭି ଫୁଟେଜ ଓ ଚେକ୍ ଆଉଟ, ଚେକ୍ ଇନ୍ ଲଗ୍ ରେକର୍ଡ ବୁକକୁ ପୁଲିସ ଜବତ କରିବା ସହ ସମ୍ପୃକ୍ତ ଦଳୀୟ ଯୁବ ନେତାଙ୍କୁ କିପରି ୨୫ ଦିନରୁ ଅଧିକ ଦିନ ଧରି ଏହି ରୁମ୍ ଦିଆଗଲା ଓ ସେଠାରେ ରହୁଥିବା ଅସାମାଜିକ ଯୁବକଙ୍କୁ କିପରି ଏବଂ କିଏ ଖାଇବା, ପିଇବା ତଥା ଅନ୍ୟାନ୍ୟ ଆତିଥ୍ୟ ଯୋଗାଇ ଆସୁଥିଲେ ତାର ତଦନ୍ତ ଆରମ୍ଭ କରିଛି ପୁଲିସ।

ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ଭିଭିଆଇପି ସରକାରୀ ବାବୁଙ୍କ ବିଶ୍ରାମ ଲାଗି ନିର୍ମିତ ରାଉରକେଲାର ପାନପୋଷ ସର୍କିଟ ହାଉସ୍‌ର ଏକ ରୁମରୁ ଗତ ୧୧/୧୨ ରାତିରେ ବିକାଶ ଡୁଙ୍ଗୁରି ଏବଂ ନାରାୟଣ ନାମକ ୨ ଜଣ ହାର୍ଡକୋର୍ ଅପରାଧୀଙ୍କୁ ୨ଟି ଲୋଡେଡ୍ ମାଉଜର ସହ ଗିରଫ କରାଯାଇଥିଲା। ଏହି ଘଟଣା ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ବିଜେପି ସରକାର ଗୁଣ୍ଡା ଓ ଅପରାଧୀମାନଙ୍କୁ ପ୍ରଶ୍ରୟ ଦେଇଥିବା ସ୍ପଷ୍ଟ ହୋଇଛି। ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ସାମାଜିକ ଗଣମାଧ୍ୟମରେ ଚାରିଆଡୁ ଚାପ ସୃଷ୍ଟି ହେବା ପରେ ଏ ସଂକ୍ରାନ୍ତରେ ମୋଟ ୭ ଜଣଙ୍କୁ ମଧ୍ୟରୁ ୩ ଜଣଙ୍କୁ ପୁଲିସ ଆଜି ରିମାଣ୍ଡରେ ଆଣି ପଚରାଉଚରା ଚଳାଇଛି। ରିମାଣ୍ଡରେ ଆସିଥିବା ଅପରାଧୀ ୩ ଜଣ ହେଉଛନ୍ତି ପ୍ଲାଣ୍ଟସାଇଟ୍ ଅଞ୍ଚଳର ବିକାଶ ଡୁଙ୍ଗୁରି, ରାଜେଶ ସାହୁ ଏବଂ ସାଗର ସାହୁ।

ଉଲ୍ଲେଖଯୋଗ୍ୟ ଯେ କେନ୍ଦ୍ର ମନ୍ତ୍ରୀଙ୍କର ଅତ୍ୟନ୍ତ ସହଯୋଗୀ, ପ୍ରତିନିଧି ତଥା ସହରର ଜଣାଶୁଣା ବିଜେପି ଯୁବ ନେତାଙ୍କ ଜରିଆରେ ପାନପୋଷ ସ୍ଥିତ ସମ୍ଭ୍ରାନ୍ତ ସରକାରୀ ଗେଷ୍ଟ ହାଉସ ସର୍କିଟ ହାଉସରେ ଦୁଇ ଜଣ କୁଖ୍ୟାତ ଅପରାଧୀ ଦୀର୍ଘ ୨୫ ଦିନ ଧରି ଅବାଧରେ ଗୁଳିଗୋଳା ଏବଂ ବନ୍ଧୁକ ନେଇ ରହିବା ଏବେ ସରକାରୀ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**■ ବାହାରି ପାରେ ବିଜେପି ଯୁବନେତା ତଥା ଅନ୍ୟ ନେତାଙ୍କ ଲିଙ୍କ୍ ଗୁମର**
**■ ସର୍କିଟ ହାଉସ୍‌ର ସିସିଟିଭି ଫୁଟେଜ ଓ ରେକର୍ଡ ବୁକ୍ ଜବତ କଲା ପୁଲିସ**

୨୫ ଦିନ ଧରି ଦୁଇ ଅପରାଧୀ ରାଉରକେଲା ସର୍କିଟ ହାଉସ ରେ ରହିଥିଲେ ମଧ୍ୟ ପାନପୋଷ ଉପଜିଲ୍ଲାପାଳ ଓ ଆଉଟସୋର୍ସିଂ ଦାୟିତ୍ୱରେ ଥିବା ଯୁଟେକ ସର୍ଭିସେସ୍ ସଂସ୍ଥା କିପରି ଜାଣି ପାରିଲେ ନାହିଁ ସେନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ବିଶେଷ କରି ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ମୁଖ୍ୟ ବିଚାରପତି, ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ଭିଭିଆଇପି ମାନଙ୍କ ସରକାରୀ ଗସ୍ତ ସମୟରେ ସାମୟିକ ରହଣି ପାଇଁ ଉଦ୍ଦିଷ୍ଟ ପାନପୋଷ ସର୍କିଟ ହାଉସ କିପରି ନିର୍ଭୟ ଏବଂ ଅବାଧରେ ଦୁର୍ଦ୍ଧାନ୍ତ ଅପରାଧୀମାନେ ମାରଣାସ୍ତ୍ର ଧରି ୨୫ ଦିନ ରହିଥିଲେ ତାକୁ ନେଇ ଖୋଳତାଡ ଆରମ୍ଭ କରିଛି ପୁଲିସ। କେଉଁ ବରିଷ୍ଠ ବିଜେପି ନେତାଙ୍କ ଚାପରେ ରହି ପାନପୋଷ ଉପଜିଲ୍ଲାପାଳ ଦଳୀୟ ଅପରାଧୀମାନଙ୍କୁ ସର୍କିଟ ହାଉସରେ ଦୀର୍ଘ ୨୫ ଦିନ ଧରି ରହିବାକୁ ଅନୁମତି ଦେଇଥିଲେ ତାକୁ ନେଇ ଉଠିଛି ପ୍ରଶ୍ନ।

ସୂଚନାଯୋଗ୍ୟ ଯେ ରାଉରକେଲା ପାନପୋଷ ସର୍କିଟ ହାଉସର ୧୦୭ ନମ୍ବର ରୁମରୁ ଗତ ୧୨ ତାରିଖ ରାତିରେ ଦୁଇଜଣ ଅପରାଧୀ ଦୁଇଟି ବନ୍ଧୁକ ସହ ଗିରଫ ହେବା ପରେ ପୁଲିସ ପକ୍ଷରୁ ରାକେଟକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ପରେ ଏହି ଲିଙ୍କରେ ବନ୍ଧୁକ ଚୋରା କାରବାର କରୁଥିବା ଓ ବନ୍ଧୁକ ରଖି ଅପରାଧୀକ କାର୍ଯ୍ୟକଳାପ କରିବା ପାଇଁ ଉଦ୍ୟମ କରୁଥିବା ଅଭିଯୋଗରେ ମୋଟ ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ସେମାନଙ୍କ ନିକଟରୁ ୪ଟି ବନ୍ଧୁକ ଓ ୧୧ଟି ଗୁଳି ଜବତ କରାଯାଇଥିଲା। ପାନପୋଷ ସର୍କିଟ ହାଉସରୁ ଗୁଳି ଭର୍ତ୍ତି ବନ୍ଧୁକ ସହ ଅପରାଧୀ ଗିରଫ ହେବା ପରେ ଏବେ ସର୍କିଟ ହାଉସ ଅପରାଧୀଙ୍କ ପେଣ୍ଠସ୍ଥଳୀ ପାଲଟିଥିବା ଅଭିଯୋଗ ହୋଇଛି। ଯାହାକି ସରକାରୀ ଭିଭିଆଇପିଙ୍କ ପାଇଁ ଅସୁରକ୍ଷିତ ସ୍ଥାନ ପାଲଟି ଯାଇଛି ବୋଲି ଅଭିଯୋଗ ହୋଇଛି। କୌଣସି ମୁହୂର୍ତ୍ତରେ ଜାତୀୟ ସ୍ତରର ଅପରାଧୀ, ମାଓବାଦୀ ଓ ଆତଙ୍କବାଦୀ ମଧ୍ୟ ସର୍କିଟ ହାଉସରେ ରହିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଅପରାଧୀଙ୍କୁ ସର୍କିଟ ହାଉସରେ ରହିବା ପାଇଁ ସହାୟତା କରିଥିବା ବିଜେପି ଯୁବନେତା ଙ୍କୁ ବଞ୍ଚାଇବାକୁ ଉଦ୍ୟମ କରାଯାଉଥିବା ମଧ୍ୟ ଅଭିଯୋଗ ହୋଇଛି।

## କେନ୍ଦ୍ରମନ୍ତ୍ରୀଙ୍କ ସମେତ ବିଜେପି ନେତା ଚୁପ୍

ରାଉରକେଲାର ପାନପୋଷ ସ୍ଥିତ ସରକାରୀ ସର୍କିଟ୍ ହାଉସ୍‌ରୁ ମାରଣାସ୍ତ୍ର ସହ ଅପରାଧୀ ଗିରଫ ହେବା ତା ପୁଣି ଏଥିରେ ବିଜେପି ଯୁବନେତାଙ୍କ ଲିଙ୍କ ସାମ୍ନାକୁ ଆସୁଥିବା ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ଜୋରସୋରରେ ଆରମ୍ଭ ହୋଇଥିଲା ବେଳେ ଏ ନେଇ କେନ୍ଦ୍ରମନ୍ତ୍ରୀ କିମ୍ବା କୌଣସି ବିଜେପି ନେତା ମୁହଁ ନ ଖୋଲିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଜେପି ସରକାରର ଶାସନରେ ଓଡ଼ିଶା ପରି ଶାନ୍ତିପୂର୍ଣ୍ଣ ରାଜ୍ୟରେ ଏଭଳି ଘଟଣା ସମଗ୍ର ରାଜ୍ୟବାସୀଙ୍କୁ ଚିନ୍ତିତ କରିଛି।

ସରକାରୀ ସର୍କିଟ୍ ହାଉସ୍ ଭଳି ଏକ ସୁରକ୍ଷିତ ସରକାରୀ ଅତିଥିଗୃହରେ ଅପରାଧୀମାନେ ଦୀର୍ଘଦିନ ଧରି କିପରି ରହିପାରିଲେ? କିଏ ସେମାନଙ୍କୁ ପ୍ରବେଶ ଓ ରହିବାର ସୁଯୋଗ ଦେଲା? ସରକାରୀ ବ୍ୟବସ୍ଥାର ଦାୟିତ୍ୱରେ ଥିବା ଅଧିକାରୀମାନେ କ'ଣ କରୁଥିଲେ ? ତାକୁ ନେଇ ଏବେ ନାନା ପ୍ରଶ୍ନ ଉଠିଛି।

ଏହି ଘଟଣା ପରେ ରାଉରକେଲାରେ ସାଧାରଣ ଲୋକଙ୍କ ସୁରକ୍ଷା ନେଇ ଗମ୍ଭୀର ପ୍ରଶ୍ନ ଉଠୁଛି। ସରକାରୀ ଅତିଥିଗୃହ ଯଦି ଅପରାଧୀମାନଙ୍କ ଆଶ୍ରୟସ୍ଥଳୀରେ ପରିଣତ ହୁଏ, ତେବେ ସାଧାରଣ ଲୋକ କାହା ଉପରେ ଭରସା କରିବେ ବୋଲି ମତ ପ୍ରକାଶ ପାଇଛି। ତେବେ ରିମାଣ୍ଡରେ ଆସିଥିବା ୩ ଅପରାଧୀଙ୍କୁ ପଚରାଉଚରା ପରେ ହିଁ ଘଟଣା ଉପରୁ ପର୍ଦ୍ଦା ଉଠିବ ବୋଲି କୁହାଯାଉଛି।

**■ କୁଆଁରୀକୁ ନେଇ ବଢ଼ିଲା ବିବାଦ**

# ବିଜେପି ନେତ୍ରୀ ବଟି ମାଗୁଥିବା ଅଭିଯୋଗ

ପୋଲସରା,୧୯।୮ (ସମିସ): ପଥର କୁଆଁରୀକୁ ନେଇ ପୋଲସରା ଅଞ୍ଚଳରେ ବିବାଦ ତୀବ୍ର ହୋଇଛି। ଢୁଙ୍କାପଡ଼ା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବିଜେପି ନେତ୍ରୀ ଆରତୀ ଦେବୀ (ଭୂୟାଁ)ଙ୍କ ନାମରେ ପୋଲସରା ଥାନାରେ ଅଭିଯୋଗ ହୋଇଛି। ବଟି ଦାବି, କୁଆଁରୀରେ ଭଙ୍ଗାରୁଜା, ଶ୍ରମିକଙ୍କ ସହ ମାରପିଟ ଓ ଟଙ୍କା ନେଇଯିବା ଭଳି ଅଭିଯୋଗ ରହିଛି। ଅଭିଯୋଗକାରିଣୀ ଅନୀତା ନାହାକଙ୍କ ଏତଲା ଅନୁଯାୟୀ, ଢୁଙ୍କାପଡା ମୌଜାର ଦହିମୁଣ୍ଡିଆ ପାହାଡ଼ରେ ପଥର କୁଆଁରୀ ପାଇଁ ଏମ୍/ଏସ୍ ଅନ୍ନପୂର୍ଣ୍ଣା ଡେକୋରେଟରକୁ ୮ ସେପ୍ଟେମ୍ବର ୨୦୨୨ରେ ଲିଜ୍ ପ୍ରଦାନ କରାଯାଇଥିଲା। ଏହାପରେ ସେଠାରେ କୁଆଁରୀ କାର୍ଯ୍ୟ ଚାଲିଥିଲା। ଏତଲାରେ ଉଲ୍ଲେଖ ଅନୁଯାୟୀ, ଅଗଷ୍ଟ ୧୫ ତାରିଖରେ ଆରତୀ ପ୍ରାୟ ୩୦ ଜଣ ଯୁବକଙ୍କ ସହ କୁଆଁରୀକୁ ଯାଇ ପରିଚାଳକ ପ୍ରଭାକର ପଣ୍ଡାଙ୍କୁ ଖୋଜିଥିଲେ। ସେ ନମିଳିବାରୁ କର୍ମଚାରୀ ଅନୀତା ନାହାକଙ୍କୁ କୁଆଁରୀ ମାଲିକଙ୍କୁ ମାସିକ ୨ ଲକ୍ଷ ଟଙ୍କା ଦେବାକୁ କହିଥିବା ଅଭିଯୋଗ ରହିଛି। ପରେ କୁଆଁରୀରେ ଭଙ୍ଗାରୁଜା କରାଯିବା ସହ ପ୍ରାୟ ୪୦୦ ଲିଟର ଡିଜେଲ ଢାଳି ଦିଆଯାଇଥିବା ଏତଲାରେ ଦର୍ଶାଯାଇଛି। ଏହାକୁ ଶ୍ରମିକମାନେ ବିରୋଧ କରିବାରୁ ସେମାନଙ୍କ ସହ ମାରପିଟ ହୋଇଥିବା ଅଭିଯୋଗ ହୋଇଛି। ଏଥିସହ ମଜୁରି ପ୍ରଦାନ ପାଇଁ ରଖାଯାଇଥିବା ୩ ଲକ୍ଷ ଟଙ୍କା ନେଇଯିବାର ଅଭିଯୋଗ ମଧ୍ୟ ରହିଛି। ଅନୀତାଙ୍କ ଅଭିଯୋଗ ଆଧାରରେ ପୋଲସରା ଥାନାରେ ୪୭୨/୨୦୨୬ ନମ୍ବର ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ଘଟଣାରେ ପୋଲିସ ତଦନ୍ତ ଜାରି ରହିଛି। ଅନ୍ୟପକ୍ଷରେ, ଦହିମୁଣ୍ଡିଆ ପାହାଡ଼ରେ ପଥର କୁଆଁରୀ ଯୋଗୁଁ ପରିବେଶ ପ୍ରଦୂଷଣ ଓ ଜଙ୍ଗଲୀ ପଶୁପକ୍ଷୀଙ୍କ ଉପରେ ପ୍ରଭାବ ପଡ଼ିବା ଆଶଙ୍କା କରି ଆରତୀ ଦେବୀ ଉଚ୍ଚ ନ୍ୟାୟାଳୟରେ ମାମଲା କରିଥିବା ତାଙ୍କ ସମର୍ଥକମାନେ କହିଛନ୍ତି। ଉକ୍ତ ମାମଲା ବିଚାରାଧୀନ ଥିବା ସୂଚନା ମିଳିଛି।ତେବେ ଥାନାରେ ହୋଇଥିବା ଅଭିଯୋଗର ସତ୍ୟାସତ୍ୟ ପୋଲିସ ତଦନ୍ତ ପରେ ସ୍ପଷ୍ଟ ହେବ। ମାମଲାକୁ ନେଇ ଉଭୟ ପକ୍ଷର ମତାମତ ଓ ତଦନ୍ତର ଫଳାଫଳ ଉପରେ ଏବେ ନଜର ରହିଛି। ଅନ୍ୟପଟେ କିନ୍ତୁ ବିଜେପି ନେତ୍ରୀ ଆରତୀ ଦେବୀ ଏଭଳି ଘଟଣା ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ମୋ ବିରୁଦ୍ଧରେ ଜାଣିଶୁଣି ମିଥ୍ୟା ଅଭିଯୋଗ କରାଯାଇଥିବା କହିବା ସହ ପୋଲସରା ଥାନାରେ ପାଲଟା ଅଭିଯୋଗ କରିବେ ବୋଲି ସୂଚନା ଦେଇଛନ୍ତି। ଗାଁ ମାଟି ଏବଂ ବନ୍ୟ ଜନ୍ତୁଙ୍କ ସୁରକ୍ଷା ପାଇଁ ନିସ୍ୱାର୍ଥପର ଭାବେ କାମ କରିବି ବୋଲି କହିଛନ୍ତି।

**ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ**

## କୋଲକାତା ହୋଟେଲରେ...

ହୋଇପଡ଼ିଥିବା ୯ ଜଣଙ୍କୁ ହସ୍ପିଟାଲକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ସେମାନଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ପ୍ରାଥମିକ ତଦନ୍ତରୁ ହୋଟେଲରେ ଅଗ୍ନି ନିର୍ବାପକ ସୁରକ୍ଷା ବ୍ୟବସ୍ଥାର ଅଭାବ ଥିବା ଜଣାପଡ଼ିଛି। ବର୍ତ୍ତମାନ ଫେରାର ଥିବା ହୋଟେଲ ମାଲିକ ଏବଂ କର୍ମଚାରୀଙ୍କୁ ପୁଲିସ ଖୋଜିବା ଆରମ୍ଭ କରିଛି। ପଶ୍ଚିମବଙ୍ଗ ପ୍ରଶାସନ ପକ୍ଷରୁ ଏହି ଘଟଣାର ଏକ ବିସ୍ତୃତ ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ଅନୁସନ୍ଧାନ ଦଳ (ଏସ୍ଆଇଟି) ଗଠନ କରାଯାଇଛି। ଦୁଇ ଦିନ ମଧ୍ୟରେ ରାଜ୍ୟରେ ଏପରି ଦ୍ୱିତୀୟ ବଡ଼ ହୋଟେଲ ଅଗ୍ନିକାଣ୍ଡ ଘଟିଥିବାରୁ ହୋଟେଲଗୁଡ଼ିକର ସୁରକ୍ଷା ବ୍ୟବସ୍ଥା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଶାସନ ଏହି ମାମଲାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛି।

## ଦିଲ୍ଲୀରେ ସିଏନ୍‌ଜି...

ଅନୁଯାୟୀ, ବିସ୍ଫୋରଣ ପରେ ମନୀଷ ପ୍ରାୟ ୩୦ ମିନିଟ୍ ପର୍ଯ୍ୟନ୍ତ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ରହିଥିଲେ। ସେ ଦାବି କରିଛନ୍ତି ଯେ ଦୁର୍ଘଟଣା ପରେ ପମ୍ପର ଅନ୍ୟ ସମସ୍ତ କର୍ମଚାରୀ ଭୟରେ ସେଠାରୁ ପଳାଇ ଯାଇଥିଲେ। ତାଙ୍କୁ ଡାକ୍ତରଖାନା ନେବା ପାଇଁ କେହି ଆଗେଇ ଆସିନଥିଲେ। ପ୍ରଚୁର ରକ୍ତସ୍ରାବ ଯୋଗୁଁ ହିଁ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ କୁହାଯାଇଛି। ଦିଲ୍ଲୀ ଅଗ୍ନିଶମ ସେବା ଘଟଣାସ୍ଥଳକୁ ୬ଟି ଦମକଳ ଗାଡ଼ି ପଠାଇଥିଲା। ଆହତ ସୁରଜିତ, ସଞ୍ଜୟ ଏବଂ ବିପିନଙ୍କୁ ତୁରନ୍ତ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେଠାରେ ସୁରଜିତ ଏବଂ ସଞ୍ଜୟଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି। ପୁଲିସର ବରିଷ୍ଠ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିର ଅନୁଧ୍ୟାନ କରିଛନ୍ତି। ବିସ୍ଫୋରଣର ପ୍ରକୃତ କାରଣ ଜାଣିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି।

## ଶେଷ ନିଶ୍ୱାସ ଯାଏଁ...

ବର୍ଷ ଧରି ମୁଁ ଓଡ଼ିଶାର ସ୍ୱାର୍ଥକୁ ଜଗିଥିଲି। କେନ୍ଦ୍ରରେ ବିଭିନ୍ନ ଦଳର ସରକାର ଥିଲେ ମଧ୍ୟ ଓଡ଼ିଶାର ଅଧିକାରରେ କ୍ଷତି ଆଣିବାକୁ କେହି ସାହସ କରି ନଥିଲେ। ଆପଣମାନେ ୨୦୨୪ରେ ପରିବର୍ତ୍ତନ କରି ନୂଆ ବିଜେପି ସରକାର ଆଣିଲେ। ମାତ୍ର ଦୁଇ ବର୍ଷ ଭିତରେ ସବୁ ପରିବର୍ତ୍ତନ ହୋଇଗଲା। ଓଡ଼ିଶାକୁ ଏବେ କେନ୍ଦ୍ରର ଦୟା ଉପରେ ନିର୍ଭର କରିବାକୁ ହେବ। ଆପଣମାନେ ଓଡ଼ିଶାରୁ ଲୋକସଭାକୁ ୨୦ ଜଣ ବିଜେପି ସାଂସଦ ଦେଲେ; କିନ୍ତୁ ଏ ମାଟି ପାଇଁ କେହିବି ପାଟି ଖୋଲିଲେନି। ରାଜ୍ୟ ପ୍ରତି ନିଜର ଦାୟିତ୍ୱ ଏବଂ କର୍ତ୍ତବ୍ୟ ନିର୍ବାହ କରିବାରେ ସେମାନେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। କେବଳ ବିଜେଡି ହିଁ ରାଜ୍ୟସଭାରେ ଏ ସଂଶୋଧନ ବିଲକୁ ଦୃଢ଼ ବିରୋଧ କରିଥିଲା। ନବୀନ କହିଛନ୍ତି ଯେ ବିଜୁ ବାବୁ ସବୁବେଳେ ରାଜ୍ୟର ବିକାଶ ପାଇଁ ଆର୍ଥିକ ସ୍ୱାୟତ୍ତତା ଉପରେ ଜୋର ଦେଉଥିଲେ । ମାତ୍ର ଏବେ ଖଣି ଆଇନ ସଂଶୋଧନ ଦ୍ୱାରା ଓଡ଼ିଶାର ରାଜସ୍ୱ ଉତ୍ସ ବହୁତ କମିଯିବ। ପ୍ରତି ବର୍ଷ ଆମେ ହଜାର ହଜାର କୋଟି ଟଙ୍କାର କ୍ଷତି ସହିବା। ଏହି ଟଙ୍କାରେ ଓଡ଼ିଶାରେ ଅନେକ ସ୍କୁଲ, କଲେଜ ଓ ହସ୍ପିଟାଲ ହୋଇଥାନ୍ତା। ରାସ୍ତା, ସେତୁ ବିଦ୍ୟୁତ୍ ଓ ଅନ୍ୟାନ୍ୟ ଭିତ୍ତିଭୂମିର ବିକାଶ ହୋଇଥାନ୍ତା। ନୂଆ ନୂଆ କଲ୍ୟାଣ କାମ ହୋଇଥାନ୍ତା। ଚାଷୀ ଉପକାର ପାଇଥାନ୍ତା, ଗରିବ ଲୋକଙ୍କର ଉପକାର ହୋଇଥାଆନ୍ତା। ଏତେବଡ଼ କ୍ଷତି ଓଡ଼ିଶା ସହି ପାରିବ ତ? ଆମ ପିଲାମାନଙ୍କୁ, ଆମ ଭବିଷ୍ୟତ ପିଢ଼ିକୁ ଆମେ କଣ ଜବାବ ଦେବା? ଜେନ-ଜିର ଭବିଷ୍ୟତ କଣ ହେବ? ଓଡ଼ିଶାକୁ ଦୁର୍ବଳ କରିବାକୁ ଚାଲିଥିବା ଏହି ଭୟଙ୍କର ଚକ୍ରାନ୍ତକୁ ଓଡ଼ିଶାବାସୀ କେବେ ବରଦାସ୍ତ କରିବେନି ବୋଲି ନବୀନ କ୍ଷୋଭ ପ୍ରକାଶ କରିଛନ୍ତି।

## ସୂତାରଙ୍କୁ ୧୦...

କରାଯାଇଥିଲା। ଟେଷ୍ଟ କ୍ରିକେଟ୍ ଇତିହାସରେ ଭାରତର ଏହା ୬୦୦ତମ ମ୍ୟାଚ୍ ଥିଲା। ଏହି ମ୍ୟାଚକୁ ବିଜୟୀ ହୋଇ ଟିମ୍ ଇଣ୍ଡିଆ ଏହାକୁ ସ୍ମରଣୀୟ କରିନେଇଛି। ଦୁଇ ମ୍ୟାଚବିଶିଷ୍ଟ ଟେଷ୍ଟ ସିରିଜରେ ଅନ୍ତିମ ତଥା ଦ୍ୱିତୀୟ ମ୍ୟାଚ୍ ଅଗଷ୍ଟ ୨୩ରୁ କଲମ୍ବୋର ସିଂହଳୀଜ ସ୍ପୋର୍ଟ୍ସ କ୍ଲବରେ ଆରମ୍ଭ ହେବ।

## ଡ. ଆଶୁତୋଷ ପରିଡ଼ା...

ଉତ୍ସବରେ ଲେଖକଙ୍କୁ ମାନପତ୍ର, ତାମ୍ରଫଳକ ଏବଂ ୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ।

ଏହି ବିଚାର ପ୍ରକ୍ରିୟାର ଚୂଡ଼ାନ୍ତ ପର୍ଯ୍ୟାୟକୁ ସ୍ଥାନ ପାଇଥିବା ସାତୋଟି ବହି ହେଉଛି-ଅପର୍ଣ୍ଣା ମହାନ୍ତିଙ୍କ 'ଅପର୍ଣ୍ଣା ମହାନ୍ତିଙ୍କ ପାଇଁ କବିତା', ପଦ୍ମଜା ପାଳଙ୍କ 'ଡାହାଣ ପାଦ ବାମ ପାଦ', ଆଶୁତୋଷ ପରିଡ଼ାଙ୍କ 'ବିଶ୍ୱାସ ଦେ ପୃଥିବୀ', ଅର୍ଚ୍ଚନା ନାୟକଙ୍କ 'ସୀତା', ବିଜୟ ନାୟକଙ୍କ 'ମାୟାବାର୍ତ୍ତା', ପ୍ରକାଶ ମହାପାତ୍ରଙ୍କ 'ମୋକ୍ଷ ମୁଦ୍ରା' ଏବଂ ରମେଶ ପ୍ରସାଦ ପାଣିଗ୍ରାହୀଙ୍କ 'କବିଙ୍କ ନାମ ବେଦବ୍ୟାସ'। ୨୦୨୬ ମସିହାର ଏହି ମନୋନୟନ ପ୍ରକ୍ରିୟାରେ କବିତା, ଗଳ୍ପ, ଉପନ୍ୟାସ, କ୍ଷୁଦ୍ରଗଳ୍ପ ଏବଂ ନାଟକ ଭଳି ବିଭିନ୍ନ ବିଭାଗର ପୁସ୍ତକ ସାମିଲ ରହିଥିଲା। ପୁସ୍ତକ ମନୋନୟନ କମିଟିରେ ଡ. ଇନ୍ଦିରା ଦାଶ, ପ୍ରତୀକ୍ଷା ଜେନା, ଅମିୟ ବେଜ, ପ୍ରଦୀପ କୁମାର ପଣ୍ଡା ଏବଂ ଶ୍ରୀ ଅଭୟ ନାୟକ ସଦସ୍ୟ ଥିବାବେଳେ ବିଚାରକ ମଣ୍ଡଳୀରେ ଡ. ସୁଚେତା ମିଶ୍ର, ଡ. ହୃଷୀକେଶ ମଲ୍ଲିକ, ସଂଗ୍ରାମ ଜେନା,ସ୍ୱପ୍ନା ମିଶ୍ର, ପ୍ରଫେସର ଡ. ନଟବର ଶତପଥୀ, ଡ. ସରୋଜିନୀ ସାହୁ ଏବଂ ଅଜୟ କୁମାର ମହାପାତ୍ର ସାମିଲ ଥିଲେ।

ସେହିପରି କଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ଓଡ଼ିଶୀ ନୃତ୍ୟ ଗୁରୁ ତଥା ପଦ୍ମଶ୍ରୀ ଦୁର୍ଗା ଚରଣ ରଣବୀର ଏବଂ ଭାସ୍କର ଓ କଳା ଶିକ୍ଷାବିତ୍ ଦାମୋଦର ବେହେରାଙ୍କୁ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ' ପ୍ରଦାନ କରାଯିବ। ଉଭୟଙ୍କୁ ମାନପତ୍ର, ତାମ୍ରଫଳକ ସହ ଅଢ଼େଇ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯିବ। ପ୍ରଦର୍ଶନୀ କଳା ପାଇଁ ଗୁରୁ ପୁଷ୍ପିତା ମିଶ୍ର, ଡ. ନାଜିଆ ଆଲାମ ଓ ସୁରମଣି ଅଭିରାମ ନନ୍ଦ ବିଚାରକ ଥିବା ବେଳେ ଦୃଶ୍ୟ କଳା ପାଇଁ ପଞ୍ଚମୀ ମାନୁ ଉକିଲ, ସଙ୍ଗୀତା ପଟ୍ଟନାୟକ ଏବଂ ବୈଜୟନ୍ତ କୁମାର ଦାଶ ବିଚାରକ ଭାବେ ଚୟନ ପ୍ରକ୍ରିୟା ପରିଚାଳନା କରିଥିଲେ। ସୂଚନା ଅନୁସାରେ, ୧୯୮୦ ମସିହାରେ ଶ୍ରୀମତୀ ଇଲା ପଣ୍ଡା ଏବଂ ଡ. ବଂଶୀଧର ପଣ୍ଡାଙ୍କ ଦ୍ୱାରା ପ୍ରତିଷ୍ଠିତ ଇମ୍ପାକ୍ଟ, ଓଡ଼ିଆ ସାହିତ୍ୟ ଏବଂ ରାଜ୍ୟର ସମୃଦ୍ଧ ସାଂସ୍କୃତିକ କଳା, ସଙ୍ଗୀତ ଓ ନୃତ୍ୟର ପ୍ରସାର ଦିଗରେ ନିରନ୍ତର କାର୍ଯ୍ୟ କରିଆସୁଛି। ଏହା ସହିତ ୧୯୯୩ ମସିହାରେ ଟ୍ରଷ୍ଟ ପକ୍ଷରୁ 'ଏକଲବ୍ୟ ପୁରସ୍କାର' ମଧ୍ୟ ପ୍ରତିଷ୍ଠା କରାଯାଇଥିଲା, ଯାହା ଜାତୀୟ ସ୍ତରର ପୁରସ୍କାର ଭଳି ଓଡ଼ିଶାର ଅନ୍ୟତମ ପ୍ରତିଷ୍ଠିତ କ୍ରୀଡ଼ା ପୁରସ୍କାର ଭାବେ ପରିଗଣିତ ହୋଇଛି।

## ବାଲେଶ୍ୱରକୁ ଚିନ୍ତା...

ମଧ୍ୟମଧରଣର ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି ବୋଲି ରାଜ୍ୟ ସରକାର କହିଛନ୍ତି। ବର୍ଷା କମିଥିଲେ ବି ଝାଡ଼ଖଣ୍ଡ କ୍ୟାଚ୍‌ମେଣ୍ଟରୁ ପାଣି ରିଲିଜ ହେଉଛି। ଫଳରେ ସୁବର୍ଣ୍ଣରେଖା ନଦୀର ଅନେକ ସ୍ଥାନରେ ଜଳପତ୍ତନ ବଢ଼ିବ। ମଧ୍ୟରାତିରେ ଆହୁରି ଅଧିକ ପାଣି ବଢ଼ିବା ଆଶଙ୍କା ରହିଛି।

ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ରାଜ୍ୟରେ ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ନଦୀ ଓ ଜଳଭଣ୍ଡାରର ଜଳସ୍ତର ଉପରେ ନଜର ରଖାଯାଇଛି। ତେବେ ଝାଡ଼ଖଣ୍ଡର ଜଳଗ୍ରହଣ ଅଞ୍ଚଳରେ ପ୍ରବଳ ବର୍ଷା ହେବାରୁ ଗାଲୁଡିହି ବ୍ୟାରେଜରୁ ସୁବର୍ଣ୍ଣରେଖା ନଦୀକୁ ବହୁ ପରିମାଣରେ ଜଳ ଛଡ଼ାଯାଇଛି। ଗାଲୁଡିହିରୁ ପ୍ରତି ସେକେଣ୍ଡରେ ୬,୬୧୬.୦୧ କ୍ୟୁସେକ୍ ଜଳ ଛଡ଼ାଯାଉଥିବା ରେକର୍ଡ ହୋଇଛି। ସନ୍ଧ୍ୟା ସୁଦ୍ଧା ରାଜଘାଟଠାରେ ଜଳସ୍ତର ୧୧.୨୨ ମିଟର ରହିଛି। ଏଠାରେ ବିପଦ ସଙ୍କେତ ସ୍ତର ୧୦.୩୬ ମିଟର ରହିଛି। ଏଠାରେ ରାତି ସୁଦ୍ଧା ଜଳସ୍ତର ୧୧.୪୦ ମିଟର ପର୍ଯ୍ୟନ୍ତ ପହଞ୍ଚିବାର ସମ୍ଭାବନା ରହିଛି। ପ୍ରଭାବରେ ବାଲେଶ୍ୱର ଜିଲ୍ଲାର ତଳମୁଣ୍ଡ ଅଞ୍ଚଳରେ ସନ୍ଧ୍ୟା ସମୟରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ତେଣୁ ନଦୀକୂଳବର୍ତ୍ତୀ ଓ ତଳିଆ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ସତର୍କ ନଜର ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ ଜଳକା ନଦୀ ମଥାନୀ ନିକଟରେ ଏବେ ବି ବିପଦସଂକେତ ଉପରେ ପ୍ରବାହିତ ହେଉଛି। ଯଦିଓ ବୈତରଣୀରେ ବନ୍ୟା ସ୍ଥିତି ହ୍ରାସ ପାଉଛି; ତଥାପି ଆଖୁଆପଦାଠାରେ ଏବେ ସତର୍କ ସଂକେତ ଉପରେ ବନ୍ୟା ପାଣି ପ୍ରବାହିତ ହେଉଛି। ରାଜ୍ୟରେ ଅନ୍ୟ ଜିଲ୍ଲାରେ ବନ୍ୟା ପରିସ୍ଥିତିରେ ସୁଧାର ଆସିଛି ବୋଲି ମନ୍ତ୍ରୀ କହିଛନ୍ତି।

ଏବେ ସୁଦ୍ଧା ବନ୍ୟାରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ ଓ କେନ୍ଦ୍ରାପଡ଼ା ଜିଲ୍ଲାର ୬୮ଟି ବ୍ଲକ, ୪୬୯ଟି ଗ୍ରାମପଞ୍ଚାୟତ, ୧,୫୭୯ଟି ଗାଁ, ୧୦ଟି ସହରାଞ୍ଚଳର ୬୪ଟି ୱାର୍ଡ ପ୍ରଭାବିତ ହୋଇଛି। ବନ୍ୟା ଯୋଗୁଁ ୬ଟି ଜିଲ୍ଲାରେ ମୋଟ ୧୧,୬୫,୮୩୭ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ବାଲେଶ୍ୱରରେ ୨,୧୮,୫୬୭, ଭଦ୍ରକରେ ୨,୭୯,୬୦୪, ଯାଜପୁରରେ ୩,୯୮,୧୩୮, କେନ୍ଦୁଝରରେ ୧,୨୭,୯୫୫, ମୟୂରଭଞ୍ଜରେ ୩୩,୧୦୪ ଏବଂ କେନ୍ଦ୍ରାପଡ଼ାରେ ୨,୩୫,୧୫୯ ଜଣ ପ୍ରଭାବିତ ହୋଇଛନ୍ତି। ୪.୨୭ ଲକ୍ଷ ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି। ଏବେ ବି ୨୩୫ଟି ଗାଁ ଜଳବନ୍ଦୀ ହୋଇ ରହିଛି ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଜଣାପଡ଼ିଛି।

## ଓଡ଼ିଶାକୁ ୭୨୨୧...

ମା' ଭଦ୍ରକାଳୀ ମନ୍ଦିର, ମା' ଧାମରାଇ ମନ୍ଦିର, ପଞ୍ଚଲିଙ୍ଗେଶ୍ୱର ମନ୍ଦିର, ତାଳସରୀ-ଉଦୟପୁର ଏବଂ ଚାନ୍ଦିପୁର ବେଳାଭୂମି, ଗଡ଼ କୁଜଙ୍ଗ ଜଗନ୍ନାଥ ମନ୍ଦିର, ସାରଳା ମନ୍ଦିର, ଧବଳେଶ୍ୱର ମନ୍ଦିର, ଲଳିତ ଗିରି ବୌଦ୍ଧ ଐତିହ୍ୟ ସ୍ଥଳୀକୁ ରେଳ ଯୋଗାଯୋଗରେ ସୁଧାର ଆସିବ ।

ଏସବୁ ପ୍ରକଳ୍ପ ପାଇଁ ମୋଟ୍ ୯,୪୫୦କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀ ଗତି ଶକ୍ତି ଜାତୀୟ ମାଷ୍ଟର ପ୍ଲାନର ଅଂଶବିଶେଷ, ଯାହାର ଲକ୍ଷ୍ୟ ହେଉଛି ସମନ୍ୱିତ ଯୋଜନା ପ୍ରସ୍ତୁତି ଏବଂ ଅଂଶୀଦାରଙ୍କ ପରାମର୍ଶ ମାଧ୍ୟମରେ ବହୁମୁଖୀ ଯୋଗାଯୋଗ ଓ ଲଜିଷ୍ଟିକ୍ସ ଦକ୍ଷତା ବୃଦ୍ଧି କରିବା। ଏହି ପ୍ରକଳ୍ପଗୁଡ଼ିକ ସାଧାରଣ ଯାତ୍ରୀ, ସାମଗ୍ରୀ ଏବଂ ସେବାର ସୁଗମ ପରିବହନ ସୁନିଶ୍ଚିତ କରିବ। ଏହି ୪ଟି ପ୍ରକଳ୍ପ ଭାରତୀୟ ରେଳବାଇର ବର୍ତ୍ତମାନର ନେଟୱାର୍କକୁ ପ୍ରାୟ ୪୧୦ କିଲୋମିଟର ପର୍ଯ୍ୟନ୍ତ ବିସ୍ତାର କରିବ। ପ୍ରସ୍ତାବିତ ସମ୍ପ୍ରସାରଣ ପ୍ରକଳ୍ପଗୁଡ଼ିକ ପ୍ରାୟ ୬୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ପ୍ରାୟ ୬,୪୪୮ ଗ୍ରାମକୁ ଯୋଗାଯୋଗରେ ସୁଧାର ଆଣିବ। ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ କୋଇଲା, ଲୁହାପଥର, ସିମେଣ୍ଟ, ଲୁହା ଏବଂ ଇସ୍ପାତ, କଣ୍ଟେନର୍, ଅଟୋମୋବାଇଲ, ଶସ୍ୟ ଇତ୍ୟାଦି ସାମଗ୍ରୀ ପରିବହନ ପାଇଁ ଅତ୍ୟାବଶ୍ୟକ ମାର୍ଗ ହୋଇଥିବା କାରଣରୁ ଏହାର ନିର୍ମାଣ ଦ୍ୱାରା ବାର୍ଷିକ ୭୬ ନିୟୁତ ଟନ୍ ଅତିରିକ୍ତ ମାଲ ପରିବହନ କ୍ଷମତା ବୃଦ୍ଧି ପାଇବ। ଭାରତୀୟ ରେଳବାଇର ପରିବେଶ ଅନୁକୂଳ ଏବଂ ଶକ୍ତି-ଦକ୍ଷ ପରିବହନ ପଦ୍ଧତି ଜଳବାୟୁ ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ। ଏଥିସହିତ ଦେଶର ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବାରେ ସାହାଯ୍ୟ କରିବ। ଏହାଦ୍ୱାରା ତୈଳ ଆମଦାନୀ ପ୍ରାୟ ୧୩୦ ନିୟୁତ ଲିଟର ଏବଂ ଅଙ୍ଗାରକାମ୍ଳ ନିର୍ଗମନ ପ୍ରାୟ ୬୫୦ ନିୟୁତ କିଲୋଗ୍ରାମ ହ୍ରାସ ପାଇବ। ଏହା ୨ କୋଟି ୬୦ ଲକ୍ଷ ଗଛ ଲଗାଇବା ସହିତ ସମାନ।

## କେଉଁଠି ବଢ଼ି ତ...

ଭୟଙ୍କର ବଢ଼ି ହେବ ତ କେଉଁଠି ସ୍ୱଳ୍ପ ବର୍ଷା କାରଣରୁ ମରୁଡ଼ି ଦେଖାଦେବ। ଏଥିସହିତ ଗ୍ରୀଷ୍ମ ଋତୁରେ ମଧ୍ୟ ତାପମାତ୍ରାରେ ଗଭୀର ତାରତମ୍ୟ ଦେଖାଦେବା ନେଇ ଆକଳନ କରାଯାଇଛି। ସିଇଇଡବ୍ଲୁ ଦ୍ୱାରା ବିକଶିତ 'କ୍ରାଭିସ୍.ଏଆଇ, ଜଳବାୟୁ ଇଣ୍ଟେଲିଜେନ୍ସ ପ୍ଲାଟଫର୍ମ ୪୦ ବର୍ଷର ଐତିହାସିକ ଜଳବାୟୁ ତଥ୍ୟ ସହ ୨୦୩୦-୨୦୫୦ ଏବଂ ୨୦୫୧-୨୦୭୦ ପର୍ଯ୍ୟନ୍ତର ଆକଳନକୁ ଏକତ୍ର କରାଯାଇଛି। ବିଭିନ୍ନ ଗ୍ୟାସ୍ ନିର୍ଗମନ ଓ ବିଶ୍ୱ ଉଷ୍ମାୟନ ପରିସ୍ଥିତି ଅନୁଯାୟୀ, ୨୭୯ଟି ସୂଚକ ମାଧ୍ୟମରେ ଜିଲ୍ଲାସ୍ତରୀୟ ବିଶ୍ଳେଷଣ କରାଯାଇ ଏପରି ଏକ ନିର୍ଯ୍ୟାସ ମିଳିଛି।

ବୁଧବାର ଭୁବନେଶ୍ୱରଠାରେ ସଂସ୍ଥା ପକ୍ଷରୁ "ଏଆଇ-ଚାଳିତ ଜଳବାୟୁ ନିଷ୍ପତ୍ତି ଓ କାର୍ଯ୍ୟ ପଦକ୍ଷେପ ମାଧ୍ୟମରେ ଜଳବାୟୁ ସହନଶୀଳତା ସୁଦୃଢ଼ କରିବା" ଶୀର୍ଷକ ଏକ ଜ୍ଞାନ ଆଦାନପ୍ରଦାନ ଗୋଲ୍‌ଟେବୁଲ୍ ବୈଠକରେ ସିଇଇଡବ୍ଲୁର ଗବେଷକମାନେ କହିଛନ୍ତି ଯେ ଓଡ଼ିଶାରେ ହାରାହାରି ମୌସୁମୀ ବର୍ଷାର ପରିମାଣ ବୃଦ୍ଧି ପାଇଛି। ତେବେ ପରିବର୍ତ୍ତିତ ଜଳବାୟୁ ପରିସ୍ଥିତି ଯୋଗୁଁ ଓଡ଼ିଶାର ମୌସୁମୀ ବର୍ଷାର ସାମଗ୍ରିକ ଧାରାରେ ବ୍ୟାଘାତ ଦେଖାଦେଇପାରେ। କେତେକ ଜିଲ୍ଲାରେ ମୌସୁମୀ ବର୍ଷା ଅନିୟମିତ ହୋଇପାରେ, ଅନ୍ୟ କେତେକ ଜିଲ୍ଲାରେ ତୁଳନାତ୍ମକ ଭାବେ ଅଧିକ ବର୍ଷା ଜାରି ରହିପାରେ। ଆଉ କେତେକ ଅଞ୍ଚଳରେ ଜଳବାୟୁର ମୂଳ ଅବସ୍ଥା ତୁଳନାରେ ବର୍ଷା ପରିମାଣରେ ଅପେକ୍ଷାକୃତ ସ୍ଥିରତା ରହିପାରେ।

## ଶିକ୍ଷା ପାଇଁ...

ଦେଖାଇ କଡ଼ା ସମାଲୋଚନା କରୁଥିବାରୁ ସରକାର ହରଡ଼ଘଣାରେ ପଡ଼ିଛନ୍ତି। ଅଧିକାରୀଙ୍କ ସହ ଆଲୋଚନା ପରେ ମଧ୍ୟ ଶିକ୍ଷକ ଓ ଅଧ୍ୟାପକମାନେ ଆନ୍ଦୋଳନ ସ୍ଥଗିତ ରଖିବାକୁ ନାରାଜ ହେଉଥିବାରୁ ମନ୍ତ୍ରୀଙ୍କ ଉପରେ ମଧ୍ୟ ଚାପ ବଢ଼ିଛି।

ପିଲାଙ୍କ ପଢ଼ାବହିରେ ମାଳମାଳ ତ୍ରୁଟି ଘଟଣାରେ ଗଣଶିକ୍ଷା ମନ୍ତ୍ରୀଙ୍କ ଅଡୁଆ ଦିନକୁଦିନ ବଢୁଥିବାବେଳେ ପିଲାଙ୍କୁ ତ୍ରୁଟିଶୂନ୍ୟ ପୁସ୍ତକ ଯୋଗାଇଦେବାକୁ ଓଡ଼ିଶା ଅଭିଭାବକ ମହାସଂଘ ଧାରଣା ଦେଇଛି। ସଂଘର ସଭାପତି ବାସୁଦେବ ଭଟ୍ଟ ଆମରଣ ଅନଶନରେ ବସିଛନ୍ତି। ଅଭିଭାବକଙ୍କ ଆନ୍ଦୋଳନ ମଧ୍ୟ ଆଜି ତୃତୀୟ ଦିନରେ ପହଞ୍ଚିଥିବାବେଳେ ବହୁ ଅଭିଭାବକ ଆନ୍ଦୋଳନ ସହ ଯୋଡ଼ି ହେଉଛନ୍ତି।

## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବୃଷ:** ଦିନଟି ଚିନ୍ତାଜନକ ରହିବ। କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ। ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିବେ। ପ୍ରିୟଜନଙ୍କଠାରୁ ଉପହାର ପାଇବେ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଶୁଭ ସମ୍ବାଦ ମିଳିବ। ଜମି ବିବାଦ ମାମଲା ସମାଧାନ ହେବ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ। କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** କିଛି କ୍ଷେତ୍ରରେ ଅସଫଳ ରହିବେ। କାଳୀ ମା'ଙ୍କ ପୂଜା କରନ୍ତୁ। ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଯୋଗ, ଏକ୍ସରସାଇଜ୍ ପ୍ରତି ଆଗ୍ରହ ପ୍ରକାଶ କରିବେ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ। ଅଫିସ୍‌ରେ ନୂଆ ପ୍ରୋଜେକ୍ଟରେ ସାମିଲ ହେବେ।

**ତୁଳା:** ବ୍ୟବସାୟରୁ ଲାଭ ମିଳିବ। ପରିବାର ସଦସ୍ୟଙ୍କ ସହ ମତାନ୍ତର ଦୂର ହେବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ। ଋଣ ସମସ୍ୟା ଦୂର ହେବ।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। କମ୍ ସମୟରେ ଅଧିକ କାମ କରିବେ। ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ। ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ।

**ମକର:** ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ। ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦାମ୍ପତ୍ୟ ଜୀବନ ହସଖୁସିରେ କଟିବ। ନିବେଶ ପାଇଁ ଅନୁକୂଳ ସମୟ।


**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଛାତ୍ରଛାତ୍ର ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ। ଅଫିସ୍ କାମରେ ବିଦେଶ ଯାତ୍ରା ଯୋଗ ରହିବ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଅଫିସ୍‌ରେ ନୂଆ କାମ ଆରମ୍ଭ କରିବେ। ବିବାହ ପ୍ରସ୍ତାବ ଆସିବ।

## ଆଜିର ଇତିହାସ


- ୧୫୯୭-ପୂର୍ବ ଏସିଆରୁ ଡଚ୍ ଇଷ୍ଟ ଇଣ୍ଡିଆ କମ୍ପାନି ତା'ର ପ୍ରଥମ ଜାହାଜ ଫେରାଇ ନେଲା।
- ୧୬୪୧- ଇଂଲଣ୍ଡ ଓ ସ୍କଟ୍‌ଲାଣ୍ଡ ମଧ୍ୟରେ ଶାନ୍ତି ବୁଝାମଣା।
- ୧୯୨୧- କେରଳର ମାଲାବାରରେ ମୋପଲା ବିଦ୍ରୋହ ଆରମ୍ଭ।
- ୧୯୭୯- ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହ ତାଙ୍କ ପଦବୀରୁ ଇସ୍ତଫା ଦେଲେ।
- ୨୦୧୧- ଐତିହାସିକ ରାମଶରଣ ଶର୍ମାଙ୍କ ବିୟୋଗ।

## ଜାତୀୟ ସଦ୍‌ଭାବନା ଦିବସ



ପ୍ରତିବର୍ଷ ଅଗଷ୍ଟ ୨୦ରେ ଦେଶବ୍ୟାପୀ ସଦ୍‌ଭାବନା ଦିବସ ପାଳନ କରାଯାଇଥାଏ। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜନ୍ମ ଦିବସକୁ ୨୦୦୮ଠାରୁ ସଦ୍‌ଭାବନା ଦିବସ ଭାବେ ପାଳନ କରାଯିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହାପରେ ଏହି ଦିବସ ପାଳିତ ହୋଇଆସୁଛି। ଜାତୀୟ ଏକତା ସୃଷ୍ଟି ସଦ୍‌ଭାବନା ଦିବସର ମୁଖ୍ୟ ଲକ୍ଷ୍ୟ। ଏହି ଦିନ ସାରା ଦେଶର ଲୋକମାନେ ଏକାଠି ହୋଇ ଜାତି, ଧର୍ମ, ବର୍ଣ୍ଣ ଏବଂ ଭାଷାଗତ ଭେଦଭାବ ଭୁଲି ଦେଶର ପ୍ରଗତି ପାଇଁ କାମ କରିବାକୁ ସଦ୍‌ଭାବନା ଶପଥ ନିଅନ୍ତି। ରାଜୀବ ଗାନ୍ଧୀ ୧୯୪୪ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ଜବାହରଲାଲ ନେହରୁଙ୍କ ପରେ ତାଙ୍କ ଝିଅ ଇନ୍ଦିରା ଗାନ୍ଧୀ ମଧ୍ୟ ଦେଶର ପ୍ରଧାନମନ୍ତ୍ରୀ ହୋଇଥିଲେ ଏବଂ କଂଗ୍ରେସର ଦାୟିତ୍ୱ ଗ୍ରହଣ କରିଥିଲେ। ରାଜୀବଙ୍କର କିନ୍ତୁ ରାଜନୀତିରେ ଆଗ୍ରହ ନ ଥିଲା। ରାଜନୀତିରେ ଯୋଗଦେବା ପୂର୍ବରୁ ସେ ଜଣେ ପେସାଦାର ପାଇଲଟ୍ ଥିଲେ। ୧୯୮୪ ମସିହା ଅକ୍ଟୋବର ମାସରେ ଇନ୍ଦିରା ଗାନ୍ଧୀଙ୍କୁ ହତ୍ୟା କରାଯିବା ପରେ ସାରା ଦେଶରେ ଏକପ୍ରକାର ବିଷାଦର ଛାୟା ଖେଳିଯାଇଥିଲା। ଲୋକମାନେ ଏପରି ପରିସ୍ଥିତିରୁ ବାହାରିବା ପାଇଁ ଚେଷ୍ଟା କରୁଥିଲେ ଏବଂ ସେ ସମୟରେ ଲୋକସଭା ନିର୍ବାଚନର ଫଳାଫଳ କଂଗ୍ରେସ ପକ୍ଷରେ ଆସିଥିଲା। ଦେଶବାସୀ ରାଜୀବ ଗାନ୍ଧୀଙ୍କୁ ଇନ୍ଦିରା ଗାନ୍ଧୀଙ୍କ ଉତ୍ତରାଧିକାରୀ ତଥା ପ୍ରଧାନମନ୍ତ୍ରୀ ଭାବେ ବାଛିଥିଲେ। ୪୦ ବର୍ଷ ବୟସରେ ପ୍ରଧାନମନ୍ତ୍ରୀ ପଦ ସମ୍ଭାଳି ସେ ଦେଶର ସବୁଠାରୁ କମ୍ ବୟସ୍କ ପ୍ରଧାନମନ୍ତ୍ରୀ ପାଲଟିଥିଲେ। ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ହେବା ପରେ ୫ ବର୍ଷରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହାତକୁ ନେଇଥିଲେ। ନିର୍ବାଚନରେ ମତଦାନ କରିବାର ବୟସ ସୀମାକୁ ୨୧ବର୍ଷରୁ ୧୮ବର୍ଷକୁ କମାଇବା ହେଉ କି ପଞ୍ଚାୟତିରାଜ ମାଧ୍ୟମରେ ଶାସନର ବିକେନ୍ଦ୍ରୀକରଣ ଦ୍ୱାରା ଯୁବକ ଆଉ ମହିଳାମାନଙ୍କୁ ଶାସନକଳର ଅଭିନ୍ନ ଅଙ୍ଗ ଭାବେ ସ୍ଥାପିତ କରିବାର ସମସ୍ତ ଶ୍ରେୟ ରାଜୀବ ଗାନ୍ଧୀଙ୍କୁ ଯାଏ। ରାଜୀବ ଗାନ୍ଧୀ ଭାରତର ସୂଚନା କ୍ରାନ୍ତିର ଜନକ ଭାବେ ପରିଚିତ। ଦେଶର କମ୍ପ୍ୟୁଟରାଇଜେସନ୍ ଏବଂ ଟେଲିକମ୍ୟୁନିକେସନ୍ କ୍ରାନ୍ତିର ଶ୍ରେୟ ତାଙ୍କୁ ମଧ୍ୟ ଯାଏ। ୧୯୯୧ ମେ' ୨୧ରେ ତାମିଲନାଡୁର ଶ୍ରୀପେରୁମ୍ବୁଦୁରଠାରେ ନିର୍ବାଚନ ପ୍ରଚାର ସମୟରେ ଏଲ୍‌ଟିଟିଇର ଆତ୍ମଘାତୀ ବୋମା ବିସ୍ଫୋରଣରେ ତାଙ୍କର ପ୍ରାଣହାନି ଘଟିଥିଲା। ସେହିପରି ବାୟୋଗ୍ୟାସ, ସୋଲାର ଶକ୍ତି, ପବନ ବା ୱିଣ୍ଡ ପାୱାର ଭଳି ଅକ୍ଷୟ ଶକ୍ତିର ମହତ୍ତ୍ୱ ଏହାର ବ୍ୟବହାର ବିଷୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ମଧ୍ୟ ରାଜୀବ ଗାନ୍ଧୀଙ୍କ ଜନ୍ମ ବାର୍ଷିକୀକୁ ଅକ୍ଷୟ ଉର୍ଜା ଦିବସ ଭାବେ ମଧ୍ୟ ପାଳନ କରାଯାଇଥାଏ। ଏହି ଅବସରରେ ଦେଶର ବିଭିନ୍ନ ସ୍ଥାନରେ ସଦ୍‌ଭାବନାକୁ ନେଇ ଆଲୋଚନା ସଭା, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୁଏ।

## 'ପ୍ରଳୟ'ର ସୁଟିଂ ଆରମ୍ଭ କଲେ ରଣବୀର



ଅଭିନେତା ରଣବୀର ସିଂ ନିକଟରେ ମୁମ୍ବାଇରେ ତାଙ୍କର ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ପ୍ରଳୟ'ର ସୁଟିଂ ଆରମ୍ଭ କରିଛନ୍ତି। ଚଳଚ୍ଚିତ୍ରର କାହାଣୀ ମୁମ୍ବାଇ ସହରର ପୃଷ୍ଠଭୂମି ଉପରେ ଆଧାରିତ, ଯେଉଁଥିରେ ମହାବିନାଶ ମଧ୍ୟରେ ମାନବ ଜୀବନକୁ ବଞ୍ଚାଇବାର ସଂଘର୍ଷ ଦେଖାଯିବ। ଏହି ପ୍ରୋଜେକ୍ଟରେ ରଣବୀର ଲିଡ୍ ରୋଲରେ ନଜର ଆସିବା ସହିତ ସହ-ପ୍ରଯୋଜକର ଦାୟିତ୍ୱ ମଧ୍ୟ ତୁଲାଇବେ। ଏଥିରେ ରଣବୀରଙ୍କ ବିପକ୍ଷରେ ସାଉଥ୍‌ର ଲୋକପ୍ରିୟ ଅଭିନେତ୍ରୀ କଲ୍ୟାଣୀ ପ୍ରିୟଦର୍ଶନ ନଜର ଆସିବେ। ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦାୟିତ୍ୱରେ 'ସ୍କାମ ୧୯୯୨: ଦ ହର୍ଷଦ ମେହେଟ୍ଟା ଷ୍ଟୋରୀ' ଏବଂ 'ଲୁଟେରେ' ଫେମ୍ ନିର୍ଦ୍ଦେଶକ ଜୟ ମେହେଟ୍ଟା ଅଛନ୍ତି। ଚଳଚ୍ଚିତ୍ରକୁ ରିଅଲିଷ୍ଟିକ ରୂପ ଦେବା ପାଇଁ ମୁମ୍ବାଇ ଏବଂ ଏହାର ଆଖପାଖର ସ୍ଥାନଗୁଡ଼ିକରେ ସୁଟିଂ କରାଯାଉଛି। ଏହାର ପ୍ରଥମ ପର୍ଯ୍ୟାୟର ସୁଟିଂ ଦୀପାବଳି ପୂର୍ବରୁ ଶେଷ କରିବାକୁ ନିର୍ଦ୍ଦେଶକ ଲକ୍ଷ୍ୟ ରଖିଛନ୍ତି। କାରଣ ଏହାପରେ ରଣବୀର ପିତୃତ୍ୱ ଅବକାଶରେ ଯିବେ। 'ଧୁରନ୍ଧର' ଓ 'ଧୁରନ୍ଧର: ଦ ରିଭେଞ୍ଜ' ପରେ ରଣବୀରଙ୍କର ଏହା ପରବର୍ତ୍ତୀ ବଡ଼ ଫିଲ୍ମ ଅଟେ। 'ପ୍ରଳୟ'ର କାହାଣୀ ବହୁ ପରିମାଣରେ ଭିଜୁଆଲ୍ ଇଫେକ୍ଟସ୍ ଉପରେ ନିର୍ଭର କରିବ। ଏଥିରେ ଜବରଦସ୍ତ ଆକ୍ସନ୍ ସିନ୍ ମଧ୍ୟ ରହିବ। ପ୍ରାୟ ୩୦୦ କୋଟି ଟଙ୍କାର ବଜେଟ୍‌ରେ ତିଆରି ହେବାକୁ ଥିବା 'ପ୍ରଳୟ', ରଣବୀର ସିଂଙ୍କ କ୍ୟାରିୟରର ସବୁଠାରୁ ମହଙ୍ଗା ଏକକ ଚଳଚ୍ଚିତ୍ର ହୋଇପାରେ।

## ବିଶ୍ୱ ମଶା ଦିବସ



ମଶା କାମୁଡ଼ିବା ଦ୍ୱାରା ହେଉଥିବା ମାରାତ୍ମକ ରୋଗଗୁଡ଼ିକ ବିଷୟରେ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ୨୦ ତାରିଖକୁ ବିଶ୍ୱ ମଶା ଦିବସ ଭାବେ ପାଳନ କରାଯାଏ। ୧୮୯୭ ଅଗଷ୍ଟ ୨୦ରେ ସାର୍ ରୋନାଲ୍‌ଡ ରସ୍ ମାଈ ଏନୋଫିଲିସ୍ ମଶା କାମୁଡ଼ିଲେ ହିଁ ମ୍ୟାଲେରିଆ ରୋଗ ହୋଇଥାଏ ବୋଲି ଆବିଷ୍କାର କରିଥିଲେ। ଏହି ତଥ୍ୟ ଆବିଷ୍କାର ପାଇଁ ତାଙ୍କୁ ୧୯୦୨ ମସିହାରେ ତାଙ୍କୁ ସମ୍ମାନଜନକ ନୋବେଲ ପୁରସ୍କାର ମିଳିଥିଲା। ତାଙ୍କ ଅବଦାନକୁ ମନେ ପକାଇବା ପାଇଁ ବିଶ୍ୱ ମଶା ଦିବସ ପାଳନ କରାଯାଉଛି। ମଣିଷ ପାଇଁ ବିଶ୍ୱର ସବୁଠାରୁ ବିପଜ୍ଜନକ କୀଟ ହେଉଛି ମଶା। ସାରା ବିଶ୍ୱ ଏହାର ବାସସ୍ଥାନ। ମଶାମାନେ କାମୁଡ଼ିବାର ଏକ ସମୟ ଏବଂ କୌଶଳ ରହିଥାଏ। ମାଈ ମଶାମାନେ ରକ୍ତକୁ ଖାଦ୍ୟ ଭାବେ ଗ୍ରହଣ କରିଥାଆନ୍ତି। ତେଣୁ ମଣିଷ ଏବଂ ପଶୁମାନଙ୍କଠାରୁ ରକ୍ତ ଶୋଷି ଥାଆନ୍ତି। ଅନ୍ୟପଟେ ଅଣ୍ଡିରା ମଶା ଫୁଲର ପରାଗକୁ ଖାଦ୍ୟ ଭାବେ ଗ୍ରହଣ କରିଥାଆନ୍ତି। ମାଈ ଏନୋଫିଲିସ୍ ମଶା କାମୁଡ଼ିବା ଦ୍ୱାରା ମ୍ୟାଲେରିଆ ହୋଇଥାଏ। ତେବେ ଏହି ମଶା କାମୁଡ଼ିବାର ଏକ ନିର୍ଦ୍ଦିଷ୍ଟ ସମୟ ରହିଥାଏ। ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତ ମଧ୍ୟରେ ଏହି ମଶା କାମୁଡ଼ିଥାଏ। ଏଡିସ୍ ମଶା ସୂର୍ଯ୍ୟୋଦୟ ପୂର୍ବରୁ କିମ୍ବା ସନ୍ଧ୍ୟାରେ କାମୁଡ଼ନ୍ତି। ମାଈ ମଶାଙ୍କ ମାଧ୍ୟମରେ ମ୍ୟାଲେରିଆ, ଚିକନଗୁନିଆ, ଡେଙ୍ଗୁ, ଜିକା ଭଳି ଏକାଧିକ ରୋଗ ବ୍ୟାପିଥାଏ। ଠିକ୍ ସମୟରେ ଚିକିତ୍ସା କରା ନ ଗଲେ ଏଥିଯୋଗୁଁ ମଣିଷଙ୍କ ପ୍ରାଣ ଯାଉଛି। ମଶାମାନଙ୍କ ଦ୍ୱାରା ହେଉଥିବା ରୋଗଗୁଡ଼ିକର ମୁଖ୍ୟତଃ ବର୍ଷାଦିନେ ଦେଖାଯାଏ। ଏହି ସମୟରେ ମଶାମାନେ ଜନ୍ମ ନେଇଥାନ୍ତି। ଏହାଛଡ଼ା ଘର ଆଖପାଖରେ ପାଣି ଜମି ରହିଲେ ମଶା ସଂଖ୍ୟା ବୃଦ୍ଧି ପାଏ। ମଶାଜନିତ ରୋଗରୁ ରକ୍ଷା ପାଇବା ପାଇଁ ଘର ଚାରିପଟକୁ ସଫାସୁତୁରା ରଖିବା ସହ ପାଣି ଜମା ହେବାକୁ ଦେବା ଉଚିତ୍ ନୁହେଁ। ଏହାଛଡ଼ା ଘରେ ନିମ୍ବପତ୍ରର ଧୂଆଁ ଦେଇ ମଶା ନିବାରଣ କରାଯାଇ ପାରିବ। ସବୁଠୁ ବଡ଼ କଥା ହେଉଛି ରାତିରେ ଶୋଇବାବେଳେ ମଶାରି ଟାଣି ଶୋଇବା ଉଚିତ। ମଶାମାନଙ୍କ କବଳରୁ ବଞ୍ଚିବା ପାଇଁ ସଚେତନତା ହିଁ ଏକମାତ୍ର ଶ୍ରେଷ୍ଠ ଉପାୟ।

## ରୁପା ଚଟଣୀ

ଲୋକେ ଧନିଆ, ପୁଦିନା, ଟମାଟୋ ଭଳି ଅନେକ ଚଟଣୀ ପ୍ରସ୍ତୁତ କରିଛନ୍ତି ଓ ଖାଇଛନ୍ତି। ହେଲେ କେହି କେବେ ରୁପା ଚଟଣୀ ବାବଦରେ ଜାଣି ନ ଥିବେ। ରିଆଲିଟି ଶୋ' ମାଷ୍ଟରସେଫ୍ ମଞ୍ଚରେ ଜଣେ ପ୍ରତିଯୋଗୀ ରୁପା ଚଟଣୀ ପ୍ରସ୍ତୁତ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଜୟପୁରର ସବୁଠାରୁ ମହଙ୍ଗା ଏବଂ ଦୁର୍ଲଭ ରୁପା ଚଟଣି ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କୁ ପରଷା ଯାଇଥିଲା। ଯାହାର ନାଁ ଶୁଣି ହିଁ ସେ ପ୍ରଥମେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। କେବଳ ସେତିକି ନୁହେଁ, ଏହାର ନିଆରା ରେସିପି ପଛରେ ରାଜକୀୟ ଶୈଳୀ ଥିବା ଜାଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇଥିଲେ। ଜୟପୁର ସିଟି ପ୍ୟାଲେସର ସେଫ୍ ଚାରୁ ସୋନି ରୁପା ଚଟଣୀ ବାବଦରେ କହିଛନ୍ତି। ଏହି ଚଟଣୀର ଇତିହାସ ରାଜସ୍ଥାନର ରାଜା ମହାରାଜାଙ୍କ ସହିତ ଜଡ଼ିତ। ସେଫ୍ ଚାରୁଙ୍କ ମତରେ ତାଙ୍କୁ ଏହି ଚଟଣୀ ପ୍ରସ୍ତୁତ କରିବାର ପ୍ରେରଣା ଜଣେ ବୈଦ୍ୟଙ୍କଠାରୁ ମିଳିଥିଲା। ପୁରାତନ କାଳରେ ରାଜପ୍ରାସାଦରେ ରାଜାମାନଙ୍କର ସ୍ୱାସ୍ଥ୍ୟ, ଶକ୍ତି ଏବଂ ପାଚନକ୍ରିୟାକୁ ଧ୍ୟାନରେ ରଖି ଏହି ସ୍ୱତନ୍ତ୍ର ଚଟଣି ପ୍ରସ୍ତୁତ କରାଯାଉଥିଲା। ତେବେ ଚାରୁ ଏହି ପାରମ୍ପରିକ ଚଟଣୀକୁ ଆଧୁନିକ ଶୈଳୀରେ ତିଆରି କରିଥିଲେ। ଏହି ଚଟଣିକୁ ତିଆରି କରିବା ପାଇଁ କିଲୋପ୍ରତି ୬୦ରୁ ୭୦ ହଜାର ଟଙ୍କା ଲାଗିଥାଏ। ତେଣୁ ଏହା ବଜାରରେ ସାଧାରଣ ଦୋକାନରେ ବିକ୍ରି ହୋଇ ନ ଥାଏ, ବରଂ ଏହାକୁ ବିଶେଷ ରାଜକୀୟ ଅବସରରେ ପ୍ରସ୍ତୁତ କରାଯାଏ। ଏଥିରେ ରୁପା ଏବଂ ସୁନାର ଭସ୍ମକୁ ବ୍ୟବହାର କରାଯାଏ। ସେଥିପାଇଁ ଏହା ଆୟୁର୍ବେଦିକ ଦୃଷ୍ଟିକୋଣରୁ ଲାଭଦାୟକ ଓ ସ୍ୱାସ୍ଥ୍ୟକର ବୋଲି ବିଚାର କରାଯାଏ। ସାଧାରଣ ମସଲା ପରିବର୍ତ୍ତେ ଏଥିରେ ଆଲମଣ୍ଡ, କିସ୍‌ମିସ୍ ଏବଂ ଅନ୍ୟ ଡ୍ରାଏଫ୍ରୁଟ୍ ମିଶାଯାଏ। ଏହି ଚଟଣିକୁ କେବଳ ରୂପା ଜିନିଷରେ ତିଆରି କରାଯାଏ ତାହା ନୁହେଁ, ଏହାକୁ ରୁପା ପାତ୍ରରେ ରଖାଯାଏ ଓ ପରଷା ଯାଏ।

# ସୁଶ୍ରୀ

## ମିନିମଲ୍ ମେକ୍‌ଅପ୍ ଲୁକ୍



**ମେକ୍‌ଅପ୍ ତ୍ୱଚାର ପ୍ରାକୃତିକ ସୁନ୍ଦରତା ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଏଥିରେ ହାଲ୍‌କା ଫାଉଣ୍ଡେସନ, ଟିଣ୍ଟେଡ୍ ମଏଶ୍ଚରାଇଜର, ନ୍ୟୁଡ୍ ଲିପ୍ସ ଏବଂ ଆଖିରେ ହାଲ୍‌କା ମେକ୍‌ଅପ୍ କରାଯାଏ। ଭାରି ମେକଅପ୍ ବଦଳରେ ମହିଳାମାନେ ଏବେ ଏହି ସହଜ ସରଳ ଲୁକ୍ ଆପଣାଉଛନ୍ତି।**

- ଭାରି ମେକ୍‌ଅପ୍‌ରେ ତ୍ୱଚାରେ ଲୋମଛିଦ୍ର ବନ୍ଦ ହୋଇଯାଏ। ଫଳରେ ବ୍ରଣ, ଦାଗ, ବ୍ରେକ୍‌ଆଉଟ୍ସ ଭଳି ସମସ୍ୟା ଦେଖାଯାଏ। ତ୍ୱଚାକୁ ନେଇ ସମ୍ବେଦନଶୀଳ ଥିବା ମହିଳାଙ୍କ ପାଇଁ ଏହି ମିନିମଲ୍ ମେକ୍‌ଅପ୍ ଲୋକପ୍ରିୟ ରହିଛି।
- ଏହି ମେକ୍‌ଅପ୍ ସୁନ୍ଦର ଏବଂ କମ୍ ସମୟ ମଧ୍ୟରେ ହୋଇଥାଏ। ମଏଶ୍ଚରାଇଜର୍, ଲିପ୍‌ବାମ, କନ୍ସିଲର୍, ମସ୍କାରା ସାହାଯ୍ୟରେ ସତେଜ ଏବଂ ଆକର୍ଷଣୀୟ ଲୁକ୍ ମିଳିଥାଏ।
- ସୋସିଆଲ ମିଡିଆ ଇନ୍‌ଫ୍ଲୁଏନସର୍‌ଠୁ ନେଇ ସିନେ ତାରକା ସମସ୍ତେ ଏହି ମେକ୍‌ଅପ୍ ଆପଣାଉଛନ୍ତି। ସେମାନଙ୍କ ଫଟୋ ଭିଡିଓ ଲକ୍ଷ ଲକ୍ଷ ଲୋକ ପ୍ରେରିତ ହେଉଛନ୍ତି।

## ବବ୍ କଟ୍ ଟ୍ରେଣ୍ଡ



ମେକ୍‌ଅପ୍ ଭଳି ହେୟାର୍‌କଟ୍‌କୁ ନେଇ ମହିଳାମାନେ ବହୁ ପରୀକ୍ଷାନିରୀକ୍ଷା କରିଥାନ୍ତି। ଏହି କ୍ରମରେ ଏବେ ବବ୍ ହେୟାରକଟ୍ ଲୋକପ୍ରିୟ ରହିଛି। ଏହା ଉଭୟ ପାରମ୍ପରିକ ଏବଂ ଆଧୁନିକ ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ। ସେହିପରି ଏହା ଅଫିସ୍, ପାର୍ଟି ଫଙ୍କସନ୍ ତଥା ଶାଢ଼ି ଲୁକ୍‌କୁ ଆକର୍ଷଣୀୟ କରିଥାଏ।

**ଗୋଲ ଚେହେରାକୁ ସଫ୍ଟ ଲେୟାର୍**

ଗୋଲାକାର ମୁହଁକୁ ବିଶେଷ କରି ହାଲ୍‌କା ଲେୟାର୍ ବବ୍ ସୁନ୍ଦର ଦିଶିଥାଏ। ଏହା ଷ୍ଟାଇଲିଶ୍ ଦିଶିବା ସହ ଭଲ ମାନିଥାଏ।

**ଅଣ୍ଡାକୃତିକୁ ସବୁ ବବ୍ କଟ୍**

ଅଣ୍ଡାକୃତି ଚେହେରାକୁ ପାଖାପାଖି ସବୁ ପ୍ରକାର ବବ୍ କଟ୍ ଭଲ ମାନେ। କ୍ଲାସିକ୍, ଫ୍ରେଞ୍ଚ, ବେବି ବବ୍ ଆଦି ସୁନ୍ଦର ଲାଗିଥାଏ। ତେବେ ପ୍ରଥମ ଥର ବବ୍ କଟ୍ କରୁଥିଲେ ଥୋଡ଼ି ଯାଏ କେଶ ପଡ଼ିଲେ ଏହା ସୁନ୍ଦର ଦିଶିଥାଏ।

**ଲମ୍ବା ତ୍ୱଚା ପାଇଁ ଚିନ୍- ଲେଙ୍ଗ୍‌ଥ ବବ୍**

ଲମ୍ବା ତ୍ୱଚାକୁ ଲମ୍ବା ବବ୍ ହେୟାର ଭଲ ଲାଗେନି। ଏଥିପାଇଁ ଥୋଡ଼ି ଲେଙ୍ଗ୍‌ଥ ଅନୁସାରେ କେଶ କାଟିବା ଭଲ। ଏଥିରେ ଚେହେରାର ସନ୍ତୁଳନ ବଜାୟ ରହିବା ସହ କେଶରେ ଭଲ୍ୟୁମ୍ ଆସିଥାଏ।

## ପିଆଜରେ ଚମକିବ ଝରକା କାଚ

**ସାମାଜିକ ଗଣମାଧ୍ୟମରେ ସଫା ସହ ଜଡ଼ିତ ଅନେକ ଖବର ଦେଖିବାକୁ ମିଳିଥାଏ। କେହି ବେକିଂ ସୋଡ଼ା ଉପଯୋଗ କରି ଘର ପରିଷ୍କାର କରିଥାନ୍ତି ତ ପୁଣି କେହି ଲେମ୍ବୁରେ ଭିନେଗାର ମିଶାଇ ପରିଷ୍କାର କରନ୍ତି। ସେହିପରି ପିଆଜରୁ ଝରକା କାଚ ସଫା କରିପାରିବେ। ଏହା ଝରକା କାଚକୁ ଚମକାଇ ଥାଏ।**



- ଏଥିପାଇଁ ପିଆଜ ନେଇ ଏଥିରୁ ଚୋପା ଛଡ଼େଇ ମଝିରୁ ଦୁଇଫାଳ କରି କାଟନ୍ତୁ। ଏହି କଟା ଅଂଶକୁ ଦାଗ ଥିବା କାଚରେ ଧୀରେ ଧୀରେ ଘଷନ୍ତୁ।
- ଏହାପରେ ମାଇକ୍ରୋ ଫାଇବର୍ କପଡ଼ାକୁ ଓଦା କରି କାଚକୁ ପୋଛନ୍ତୁ। ଏହାକୁ ଏକ ଶୁଖିଲା କପଡ଼ାରେ ପୋଛନ୍ତୁ।
- ଏପରି କରିବା ଦ୍ୱାରା କାଚରେ ଲାଗିଥିବା ପାଣି ଦାଗ ମଧ୍ୟ ଦୂର ହୋଇଥାଏ।

## ରୋଜଗାର ଦେଇଛି ତାଳପତ୍ର ରାକ୍ଷୀ



**ଦିନ କେଇଟା ପରେ ରାକ୍ଷୀ ପୂର୍ଣ୍ଣିମା। ଓଡ଼ିଆ ସଂସ୍କୃତି, ପରମ୍ପରାରେ ଏହିଦିନ ଭାଇ ହାତରେ ଭଉଣୀ ରାକ୍ଷୀ ବାନ୍ଧି ତା'ର ମଙ୍ଗଳ କାମନା କରିଥାଏ। ଏଥିସହ ଭାଇ ଭଉଣୀକୁ ସୁରକ୍ଷାର ପ୍ରତିଶ୍ରୁତି ଦେଇଥାଏ। ଏହି ରାକ୍ଷୀ ବିଶ୍ୱାସ, ଭଲପାଇବାର ବନ୍ଧନ ହେବା ସହ ଏବେ ରୋଜଗାରର ମାଧ୍ୟମ ପାଲଟିଛି। ଏହାଦ୍ୱାରା ଛତିଶଗଡ଼ ଦନ୍ତେୱାଡ଼ାର ମହିଳାମାନେ ତାଳପତ୍ରରୁ ଭଳିକି ଭଳି ପାରମ୍ପରିକ ରାକ୍ଷୀ ପ୍ରସ୍ତୁତ କରି ରୋଜଗାରକ୍ଷମ ହୋଇଛନ୍ତି।**



ତାରା ସ୍ୱୟଂ ସହାୟକ ଗୋଷ୍ଠୀ ସହ ଯୋଡ଼ି ହୋଇ ମହିଳାମାନେ ରାକ୍ଷୀ ପ୍ରସ୍ତୁତ କରୁଛନ୍ତି। ଗୋଷ୍ଠୀରେ ସାମିଲ ହେବା ପରେ ମହିଳାମାନେ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏଥିରେ ଖଜୁରୀ, ତାଳପତ୍ରରୁ ଭଳିକି ଭଳି ଜିନିଷ ପ୍ରସ୍ତୁତି ପ୍ରକ୍ରିୟା ଶିଖିଥିଲେ। ପରବର୍ତ୍ତୀ ସମୟରେ ଏହାକୁ ଋତୁକାଳୀନ ବ୍ୟବସାୟ ଏବଂ କୁଟୀର ଶିଳ୍ପ କରିଥିଲେ। ପର୍ବପର୍ବାଣି, ବଜାର ଚାହିଦା ଅନୁସାରେ ଭିନ୍ନ ଉତ୍ପାଦ ପ୍ରସ୍ତୁତ କରି ବାରମାସ ରୋଜଗାରରେ ରୂପାନ୍ତର କରିଛନ୍ତି। ଏଥିପାଇଁ ପ୍ରଥମେ ମହିଳାମାନେ କଞ୍ଚା ତାଳ ପତ୍ର ସଂଗ୍ରହ କରନ୍ତି। ଏହାକୁ ଧୋଇ ଶୁଖାଇ ପତ୍ରକୁ ମୋଡ଼ି ସେଥିରେ ବେଣୀ କରି ପାରମ୍ପରିକ ରାକ୍ଷୀ ପ୍ରସ୍ତୁତ କରନ୍ତି। ଏହି ରାକ୍ଷୀ ସୁନ୍ଦର, ଆକର୍ଷଣୀୟ ହେବା ସହ ବଜାରରେ ଏହାର ଖୁବ୍ ଚାହିଦା ରହିଛି। ଛତିଶଗଡ଼ ଦାନ୍ତେୱାଡ଼ା ସମେତ ବିଭିନ୍ନ ଜିଲ୍ଲାରେ ଏହି ରାକ୍ଷୀ ଲୋକପ୍ରିୟ। ଏଥିରେ ସଂସ୍କୃତି ଓ ପରମ୍ପରାର ଝଲକ୍ ଦେଖିବାକୁ ମିଳିଥାଏ। ଏହା ପ୍ଲାଷ୍ଟିକ୍ ଭଳି ପରିବେଶ ପାଇଁ କ୍ଷତିକାରକ ହୋଇ ନ ଥାଏ।

କେବଳ ସେତିକି ନୁହେଁ ଦିଲ୍ଲୀରେ ମଧ୍ୟ ଏହି ରାକ୍ଷୀ ଲୋକପ୍ରିୟ। ପ୍ରତିବର୍ଷ ଗୋଷ୍ଠୀର ମହିଳାମାନେ ଏହାକୁ ଦିଲ୍ଲୀ ପଠାନ୍ତି। ଏହି ପତ୍ରରୁ ରାଖି ସମେତ ଦନା, ଫୁଲଦାନୀ ମଧ୍ୟ ପ୍ରସ୍ତୁତ ହୋଇଥାଏ। ଏହା ସମ୍ପୂର୍ଣ୍ଣ ପ୍ରାକୃତିକ ହୋଇଥିବାବେଳେ ପରିବେଶ ଉପରେ କୌଣସି ନକାରାତ୍ମକ ପ୍ରଭାବ ପଡ଼େନି। ଏହା ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ସହ ନୂଆ ପରିଚୟ ଦେଇଛି। ପର୍ବପର୍ବାଣିରେ ରାକ୍ଷୀ ପ୍ରସ୍ତୁତ କରି ମହିଳାମାନେ ଭଲ ବ୍ୟବସାୟ କରୁଛନ୍ତି। ଗୋଷ୍ଠୀର ମୁଖ୍ୟ ରାମବତୀ ଏହି ବ୍ୟବସାୟକୁ ଆଗାମୀ ଦିନରେ ବଡ଼ କରିବା ପାଇଁ ଆଶା ରଖିଛନ୍ତି। ତାଳ ଏବଂ ଖଜୁରୀ ପତ୍ର ଆଦିବାସୀ ଲୋକଙ୍କ ପାଇଁ ରୋଜଗାରର ମାଧ୍ୟମ। ଏହାର ପ୍ରତ୍ୟେକ ଅଂଶ କାର୍ଯ୍ୟରେ ଲାଗିଥାଏ। ଏଥିରୁ ମହିଳା ଗୃହସାଜପୋକରଣ ସହ ଝାଡୁ ପ୍ରସ୍ତୁତ କରିଥାନ୍ତି। ତାଳପତ୍ରରୁ ଏହି ରାଖି ପ୍ରସ୍ତୁତି କାର୍ଯ୍ୟ ତିନି ଚାରିବର୍ଷ ଧରି କରି ଆସୁଛନ୍ତି। ଏହା ରୋଜଗାରର ମାଧ୍ୟମ ସହ ସ୍ଥାନୀୟ ଅଞ୍ଚଳର ପରିଚୟ ପାଲଟିଛି।

## ହଜିଯାଉଥିବା ସ୍ୱାଦ

## ନଡ଼ିଆ ବର୍‌ଫି



**ଆବଶ୍ୟକ ସାମଗ୍ରୀ**

ଖଜୁରୀ – ଏକ କପ୍, ଶୁଖିଲା ନଡ଼ିଆ – ଦୁଇ ଫାଳ, ଦୁଗ୍ଧ – ଏକ ଲିଟର, ପିସ୍ତା, କାଜୁ– ଅଧା କପ୍ , ସୁଜି – ତିନି, ଚାରି କପ୍, ଅଳେଇଚ ଗୁଣ୍ଡ- ଅଧା ଚାମଚ, ଚିନି – ଅଧା କପ୍, ମିଲ୍କ ପାଉଡର୍ – ଚାରି ଚାମଚ, ଘିଅ – ଆବଶ୍ୟକତା ଅନୁସାରେ।

**ପ୍ରସ୍ତୁତି ପ୍ରଣାଳି**

ପ୍ରଥମେ ଖଜୁରୀରୁ ମଞ୍ଜି ବାହାର କରନ୍ତୁ। ଏହାପରେ ନଡ଼ିଆକୁ ଦୁଇଫାଳ କରି ଖଣ୍ଡ ଖଣ୍ଡ କରି କାଟନ୍ତୁ। ଗ୍ୟାସ୍ ଲଗାଇ କଡ଼େଇ ବସାଇ ସେଥିରେ କ୍ଷୀର ଦେଇ ମିଡିୟମ୍ ଆଞ୍ଚରେ ବସାନ୍ତୁ। ଦୁଇତିନି ଫୁଟଣ ଆସିବା ପରେ ଖଜୁରୀ, ନଡ଼ିଆ ଦେଇ ଢାଙ୍କୁଣି ଘୋଡ଼ାନ୍ତୁ। ୧୦ ମିନିଟ୍ ପରେ ଢାଙ୍କୁଣି ଖୋଲି ମିଶ୍ରଣକୁ ଚଲାନ୍ତୁ। କ୍ଷୀର ମରିଗଲେ ଗ୍ୟାସ୍ ବନ୍ଦ କରନ୍ତୁ। ଥଣ୍ଡା ହୋଇଗଲେ ଜାର୍‌ରେ ଦେଇ ଗ୍ରାଇଣ୍ଡିଂ କରନ୍ତୁ। ଏହାପରେ କଡ଼େଇ ବସାଇ ଘିଅ ଗରମ କରନ୍ତୁ। ଏଥିରେ ସୁଜି ଦେଇ ହାଲୁକା ସୁନେଲି ରଙ୍ଗ ହେବା ଯାଏ ଭାଜନ୍ତୁ। ପରେ ଏଥିରେ ଗୁଜରାଟି ଗୁଣ୍ଡ, ଚିନି, ଡ୍ରାଏଫ୍ରୁଟ୍ସ ଏବଂ ମିଲ୍‌କ ପାଉଡର୍ ଗୋଳାଇ ଗ୍ୟାସ ବନ୍ଦ କରନ୍ତୁ। ଗୋଟିଏ ଥାଳିରେ ଘିଅ ଲଗାଇ ମିଶ୍ରଣ ଢାଳି ସମାନ୍ତରାଳ କରନ୍ତୁ। ଏହାପରେ ଏଥିରେ କଟା ଡ୍ରାଏଫ୍ରୁଟ୍ସ ଦେଇ ପସନ୍ଦ ଅନୁସାରେ କାଟନ୍ତୁ। ଉପରେ ନଡ଼ିଆ କୋରା ଦେଇ ପରଷନ୍ତୁ ସ୍ୱାଦିଷ୍ଟ 'ନଡ଼ିଆ ବର୍‌ଫି'।

## ଗଲ୍ ଟେଷ୍ଟରେ ଶ୍ରୀଲଙ୍କାର ବୃହତ୍ ପରାଜୟ

# ୭୦୦ତମ ଟେଷ୍ଟରେ ଭାରତର ସ୍ମରଣୀୟ ବିଜୟ

ଗଲ୍, ୧୯ ।୮ (ଏଜେନ୍ସି)




ସ୍ଥାନୀୟ ଗଲ୍ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଘରୋଇ ଶ୍ରୀଲଙ୍କା ବିପକ୍ଷରେ ଚାଲିଥିବା ପ୍ରଥମ ଟେଷ୍ଟରେ ଭାରତ ୧୬୫ ରନର ବୃହତ୍ ବ୍ୟବଧାନରେ ବିଜୟୀ ହୋଇଛି। ଫଳରେ ଦୁଇ ମ୍ୟାଚବିଶିଷ୍ଟ ଟେଷ୍ଟ ସିରିଜରେ ଭାରତ ୧-୦ରେ ଅଗ୍ରଣୀ ହାସଲ କରିଛି। ସିରିଜର ଅନ୍ତିମ ତଥା ଦ୍ୱିତୀୟ ମ୍ୟାଚ୍ ଅଗଷ୍ଟ ୨୩ରୁ କଲମ୍ବୋର ସିଂହଳୀଜ ସ୍ପୋର୍ଟ୍ସ କ୍ଲବରେ ଆରମ୍ଭ ହେବ। ଅପରପକ୍ଷରେ ଟେଷ୍ଟ କ୍ରିକେଟ୍ ଇତିହାସରେ ଭାରତର ଏହା ୭୦୦ତମ ମ୍ୟାଚ୍ ଥିଲା। ଏହି ମ୍ୟାଚକୁ ବଡ଼ ବ୍ୟବଧାନରେ ବିଜୟୀ ହୋଇ ଟିମ୍ ଇଣ୍ଡିଆ ଏହାକୁ ସ୍ମରଣୀୟ କରିନେଇଛି।

ଏହି ମ୍ୟାଚରେ ଭ୍ରମଣକାରୀ ଭାରତ ପକ୍ଷରୁ ୩୭୨ ରନର ଚ୍ୟାଲେଞ୍ଜିପୂର୍ଣ୍ଣ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ଶ୍ରୀଲଙ୍କା ଦଳ ବୁଧବାର ଅନ୍ତିମ ତଥା ପଞ୍ଚମ ଦିବସରେ ୨୦୬ ରନ କରି ଦ୍ୱିତୀୟ ପାଳିରେ ଅଲ୍‌ଆଉଟ୍ ହୋଇଯାଇଥିଲା। ପୂର୍ବ ଦିନର ସ୍କୋର (୮୪/୪)ରେ ଶ୍ରୀଲଙ୍କା ଆଜି ଆଉ ୧୨୨ ରନ ଯୋଡ଼ି ବଳକା ୬ ୱିକେଟ ହରାଇଥିଲା। ବାମହାତୀ ସ୍ପିନର ମାନବ ସୁତାର ସର୍ବାଧିକ ୬ଟି ୱିକେଟ ନେଇ ଭାରତକୁ ବଡ଼ ବିଜୟ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସିଂହଳୀ ଦଳ ପକ୍ଷରୁ ପ୍ରଥମ ପାଳି ଭଳି ସୋନାଲ ଦିନୁଶା ଦ୍ୱିତୀୟ ପାଳିରେ ମଧ୍ୟ ଏକାକୀ ଲଢ଼େଇ କରିଥିଲେ। ସେ ସର୍ବାଧିକ ୮୪ ରନ କରିଥିଲେ ମଧ୍ୟ ଦଳକୁ ପରାଜୟରୁ ରକ୍ଷା କରିପାରି ନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଧନଞ୍ଜୟ ଡି ସିଲଭା ୧୫୧ ବଲରେ ୫୯ ରନ କରି ଲଢ଼େଇ କରିଥିଲେ। ପଞ୍ଚମ ୱିକେଟ ଯୋଡ଼ିରେ ଏହି ଦୁଇ ବ୍ୟାଟର୍ ୨୦୨ ବଲରେ ୯୫ ରନର ଭାଗୀଦାରି କରି ବିଜୟକୁ ବିଳମ୍ବ କରିଥିଲେ। ଏହି ଦୁଇଜଣ ବ୍ୟାଟରଙ୍କୁ ଛାଡ଼ିଦେଲେ ଅନ୍ୟ କେହି ଆଖିଦୃଶିଆ ସ୍କୋର କରିପାରି ନ ଥିଲେ। ଏପରିକି ୪ଜଣ ବ୍ୟାଟର ଖାତା ଖୋଲିପାରି ନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କେଶରା ନୁୱାନ୍ଥା ୨୦, ଲାହିରୁ ଉଦରା ୧୬, କାମିନ୍ଦୁ ମେଣ୍ଡିସ ୨, ନିରୋଶାନ ଡିକୱେଲା ୧୦ ରନ କରିଥିଲେ।

ଭାରତ ପକ୍ଷରୁ ମାନବ ସୁତାର ୨୩.୪ ଓଭର ବୋଲିଂ କରି ୨ ମେଡେନ ସହ ୫୫ ରନ ବ୍ୟୟରେ ସର୍ବାଧିକ ୬ଜଣ ସିଂହଳୀ ବ୍ୟାଟରଙ୍କୁ ଆଉଟ୍ କରିଥିଲେ। ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ୨ଟି ଏବଂ ମହମ୍ମଦ ସିରାଜ ଓ ରବୀନ୍ଦ୍ର ଜାଡେଜାଙ୍କୁ ଗୋଟିଏ ଲେଖାଏ ୱିକେଟ୍ ମିଳିଥିଲା। ସୁତାର ଏଥିସହ ଗଲ୍ ଟେଷ୍ଟରେ ମୋଟ୍ ୧୦ ୱିକେଟ୍ ସଫଳତା ପାଇଛନ୍ତି। ପୂର୍ବରୁ ସେ ଶ୍ରୀଲଙ୍କାର ପ୍ରଥମ ଇନିଂସରେ ୪ଟି ୱିକେଟ ନେଇଥିଲେ। କ୍ୟାରିୟରର ଦ୍ୱିତୀୟ ଟେଷ୍ଟ ଖେଳୁଥିବା ସୁତାର ପ୍ରଥମଥର ଲାଗି ଏକ ଟେଷ୍ଟରେ ୧୦ ୱିକେଟ ନେବାର ସୌଭାଗ୍ୟ ଲାଭ କରିଛନ୍ତି। ତେବେ ମ୍ୟାଚରେ ମୋଟ୍ ୨୧୧ (୧୬୭+୪୪) ରନ କରିଥିବା ଦେବଦତ୍ତ ପାଡିକଲଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ପୂର୍ବରୁ ଭାରତ ପ୍ରଥମ ପାଳିରେ ୪୬୨ ରନ କରିଥିବାବେଳେ ଶ୍ରୀଲଙ୍କା ୨୮୪ ରନରେ ସୀମିତ ରହିଥିଲା। ଏହାପରେ ୧୭୮ ରନରେ ଆଗୁଆ ରହିଥିବା ଭାରତ ଦ୍ୱିତୀୟ ପାଳିରେ ୧୯୩ ରନରେ ସୀମିତ ରହିଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ପାଳି: ୪୬୨/୧୦ (ପାଡିକଲ- ୧୬୭, ପ୍ରବାଥ- ୪/୧୦୯)
ଶ୍ରୀଲଙ୍କା: ୨୮୪/୧୦ (ସୋନାଲ- ୧୦୦, ସୁତାର- ୪/୭୬)।

ଭାରତ ଦ୍ୱିତୀୟ ପାଳି: ୧୯୩/୧୦ (ପନ୍ତ- ୬୬, ଫର୍ଣ୍ଣାଣ୍ଡୋ- ୪/୩୧)।
ଶ୍ରୀଲଙ୍କା ଦ୍ୱିତୀୟ ପାଳି: ୨୦୬/୧୦ (ସୋନାଲ- ୮୪, ସୁତାର- ୬/୫୫)।

## ■ ଭାରତର ୭୦୦ ଟେଷ୍ଟ ଯାତ୍ରା

### ୧୮୭ ବିଜୟ; ୧୮୮ ପରାଜୟ

ଗଲ୍ : ପ୍ରଥମ ଟେଷ୍ଟରେ ଶ୍ରୀଲଙ୍କାକୁ ୧୬୫ ରନରେ ପରାସ୍ତ କରି ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଗଲ୍ ବିଜୟକୁ ସ୍ମରଣୀୟ କରିଛି। ଟେଷ୍ଟ କ୍ରିକେଟ୍ ଇତିହାସରେ ଭାରତର ଏହା ୭୦୦ତମ ମ୍ୟାଚ୍ ଥିଲା। ତେଣୁ ଏହି ମାଇଲଖୁଣ୍ଟ ମ୍ୟାଚରେ ବିଜୟୀ ହେବା ଭାରତ ପାଇଁ ବଡ଼ ସଫଳତା ଥିଲା। ଗଲ୍ ଗ୍ରାଉଣ୍ଡରେ ମଧ୍ୟ ଏହା ୫୦ତମ ଟେଷ୍ଟ ମ୍ୟାଚ୍ ଥିଲା। କ୍ରିକେଟ୍ ଇତିହାସରେ ଭାରତ ତୃତୀୟ ଦଳ ଭାବେ ୭୦୦ କିମ୍ବା ଏହାଠାରୁ ଅଧିକ ଟେଷ୍ଟ ଖେଳିବାର ସୌଭାଗ୍ୟ ଲାଭ କରିଛି। ୧୦୯୭ ଟେଷ୍ଟ ସହ କ୍ରିକେଟ୍‌ର ଜନକ ଇଂଲଣ୍ଡ ଏହି ତାଲିକାର ଶୀର୍ଷରେ ରହିଛି। ସେହିଭଳି କ୍ରିକେଟ୍‌ର ପାୱାରହାଉସ ଭାବେ ପରିଚିତ ଅଷ୍ଟ୍ରେଲିଆ ଦଳ ୮୮୩ଟି ଟେଷ୍ଟ ମ୍ୟାଚ୍ ଖେଳିଛି। ୫୯୬ ଟେଷ୍ଟ ସହ ୱେଷ୍ଟଇଣ୍ଡିଜ ତାଲିକାରେ ଭାରତ ପଛକୁ ୪ର୍ଥ ସ୍ଥାନରେ ରହିଛି। ଅର୍ଥାତ ୬୦୦ ଟେଷ୍ଟ ମ୍ୟାଚ ମାଇଲଖୁଣ୍ଟ ଛୁଇଁବାରେ ୱେଷ୍ଟଇଣ୍ଡିଜ ବିଶ୍ୱର ଚତୁର୍ଥ ଦଳ ହେବ। ନ୍ୟୁଜିଲାଣ୍ଡ ଦଳ ୪୮୭ଟି ଟେଷ୍ଟ ମ୍ୟାଚ୍ ଖେଳିଛି।

**ଭାରତର ମାଇଲଖୁଣ୍ଟ ଟେଷ୍ଟ ମ୍ୟାଚ୍**

| ନମ୍ବର | ପ୍ରତିପକ୍ଷ | ଫଳାଫଳ | ବର୍ଷ |
|---|---|---|---|
| ପ୍ରଥମ | ଇଂଲଣ୍ଡ | ୧୫୮ ରନରେ ପରାସ୍ତ | ୧୯୩୨ |
| ୧୦୦ତମ | ଇଂଲଣ୍ଡ | ୧୩୨ ରନରେ ପରାସ୍ତ | ୧୯୬୭ |
| ୨୦୦ତମ | ପାକିସ୍ତାନ | ଡ୍ର | ୧୯୮୨ |
| ୩୦୦ତମ | ଦ.ଆଫ୍ରିକା | ୬୪ ରନରେ ବିଜୟୀ | ୧୯୯୬ |
| ୪୦୦ତମ | ୱେଷ୍ଟଇଣ୍ଡିଜ | ୪୯ ରନରେ ବିଜୟୀ | ୨୦୦୬ |
| ୫୦୦ତମ | ନ୍ୟୁଜିଲାଣ୍ଡ | ୧୯୭ ରନରେ ବିଜୟୀ | ୨୦୧୬ |
| ୭୦୦ତମ | ଶ୍ରୀଲଙ୍କା | ୧୬୫ ରନରେ ବିଜୟୀ | ୨୦୨୬ |

୧୯୩୨ ମସିହାରେ ଇଂଲଣ୍ଡ ବିପକ୍ଷରେ ଖେଳି ଭାରତ ଟେଷ୍ଟ କ୍ରିକେଟ୍‌ରେ ପାଦ ଥାପିଥିଲା। ୯୪ ବର୍ଷର ଏହି ଲମ୍ବା ଯାତ୍ରାରେ ଭାରତ ଖେଳିଥିବା ୭୦୦ଟି ଟେଷ୍ଟରୁ ୧୮୭ଟି ବିଜୟ ଲାଭ କରିଛି। ସେହିଭଳି ୧୮୮ ଟେଷ୍ଟରେ ଟିମ୍ ଇଣ୍ଡିଆ ହାରିଥିବାବେଳେ ୨୨୪ଟି ମ୍ୟାଚ୍ ଅମୀମାଂସିତ ରହିଛି। ୧୯୮୬ରେ ଚେନ୍ନଇରେ ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ମ୍ୟାଚକୁ ଭାରତ ଟାଇ ରଖିଥିଲା। ଇଂଲଣ୍ଡ ବିପକ୍ଷରେ ଭାରତ ସର୍ବାଧିକ ୧୪୧ଟି ଟେଷ୍ଟ ଖେଳି ୫୧ଟି ଜିତିଛି। ସେହି ସମାନ ଇଂଲଣ୍ଡ ବିପକ୍ଷରେ ମଧ୍ୟ ଭାରତ ସର୍ବାଧିକ ୫୩ଟି ଟେଷ୍ଟ ହାରିଛି। ଭାରତ ଅନ୍ୟ ଦୁଇ ଦେଶ ଅଷ୍ଟ୍ରେଲିଆ (୧୧୨) ଓ ୱେଷ୍ଟଇଣ୍ଡିଜ ବିପକ୍ଷରେ (୧୦୨) ଶହେରୁ ଊର୍ଦ୍ଧ୍ୱ ଟେଷ୍ଟ ମ୍ୟାଚ୍ ଖେଳିବାର ରେକର୍ଡ ରହିଛି।

## ମହିଳା ହକି ବିଶ୍ୱକପ୍: ଇଶିକାଙ୍କ ମୁଣ୍ଡ ଫାଟିଲା



ଆମଷ୍ଟେଲଭିନ୍, ୧୯ ।୮ (ଏଜେନ୍ସି): ମହିଳା ହକି ବିଶ୍ୱକପ୍‌ରେ ଭାରତ ଦମଦାର ପ୍ରଦର୍ଶନ କରି ଗତକାଲି ଦକ୍ଷିଣ ଆଫ୍ରିକାକୁ ୬-୧ ଗୋଲରେ ପରାସ୍ତ କରିଛି। ବିଶ୍ୱକପ୍ ଇତିହାସରେ ଏହା ଭାରତୀୟ ମହିଳା ଦଳର ସବୁଠାରୁ ବଡ଼ ବିଜୟ ଥିଲା। ତେବେ ମ୍ୟାଚ୍‌ର ଶେଷ ମୁହୂର୍ତ୍ତରେ ଭାରତୀୟ ଡିଫେଣ୍ଡର ଇଶିକା ଚୌଧୁରୀଙ୍କ ଆଘାତ ଚିନ୍ତା ବଢ଼ାଇଛି। ମ୍ୟାଚ୍ ଶେଷ ହେବାକୁ ମାତ୍ର ୧୫ ସେକେଣ୍ଡ ବାକି ଥିବାବେଳେ ବଲ୍‌କୁ ଅଟକାଇବାକୁ ଯାଉଥିବା ସମୟରେ ଜଣେ ଆଫ୍ରିକୀୟ ଖେଳାଳିଙ୍କ ହକି ଷ୍ଟିକ୍‌ର ପଛପଟ ଇଶିକାଙ୍କ ମୁଣ୍ଡରେ ଜୋରରେ ବାଜିଥିଲା। ଆଘାତ ପରେ ଇଶିକାଙ୍କ ମୁଣ୍ଡରୁ ଧାର ଧାର ରକ୍ତସ୍ରାବ ହୋଇଥିଲା ଓ ସେ ତଳେ ପଡ଼ିଯାଇଥିଲେ। ତାଙ୍କର ଏହି ଆଘାତ ସମସ୍ୟା ନେଇ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ତରଫରୁ କୌଣସି ସୂଚନା ଦିଆଯାଇନାହିଁ। ଆଗାମୀ ମ୍ୟାଚ୍ ପୂର୍ବରୁ ସେ ଫିଟ୍ ହୋଇଯାଇଥିବେ ବୋଲି ଆଶା କରାଯାଉଛି।

## ୨୮ ଥର ଫାଇନାଲ ଖେଳିବ ଇଷ୍ଟ ବେଙ୍ଗଲ

**ଡୁରାଣ୍ଡ କପ୍**

କୋଲକାତା, ୧୯ ।୮ (ଏଜେନ୍ସି): ଏସିଆ ମହାଦେଶର ସର୍ବପୁରାତନ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଡୁରାଣ୍ଡ କପ୍‌ର ୧୩୫ତମ ସଂସ୍କରଣରେ ପ୍ରଥମ ଦଳ ଭାବେ ଇଷ୍ଟ ବେଙ୍ଗଲ ଫାଇନାଲରେ ପ୍ରବେଶ କରିଛି। ବୁଧବାର ସ୍ଥାନୀୟ ସଲ୍ଟ ଲେକ୍ ଷ୍ଟାଡିୟମରେ ଖେଳାଯାଇଥିବା କଡ଼ା ସଂଘର୍ଷପୂର୍ଣ୍ଣ ପ୍ରଥମ ସେମିଫାଇନାଲ ମ୍ୟାଚରେ ଇଷ୍ଟ ବେଙ୍ଗଲ ପେନାଲ୍ଟି ସୁଟ୍ ଆଉଟ୍‌ରେ ୫-୩ ଗୋଲ୍‌ରେ ସ୍ପୋର୍ଟିଂ କ୍ଲବ ଦିଲ୍ଲୀକୁ ହରାଇଥିଲା। ଏହି ମ୍ୟାଚର ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଦଳ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ଫଳରେ ପେନାଲ୍ଟି ସୁଟ୍ ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ବିଜୟୀ ହୋଇ ଇଷ୍ଟ ବେଙ୍ଗଲ୍ ରେକର୍ଡ ୨୮ ଥର ଲାଗି ଡୁରାଣ୍ଡ କପ୍ ଫାଇନାଲରେ ପ୍ରବେଶ କରିଛି। ରବିବାର ଫାଇନାଲ ମ୍ୟାଚ ଖେଳାଯିବ। ଏଥିପୂର୍ବରୁ ଗୁରୁବାର ମୋହନ ବାଗାନ ଓ ନର୍ଥଇଷ୍ଟ ୟୁନାଇଟେଡ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ।

## ପାକିସ୍ତାନ ୧୭୧ରେ ଅଲଆଉଟ୍

ହେଡିଂଲୀ, ୧୯ ।୮ (ଏଜେନ୍ସି): ଘରୋଇ ଇଂଲଣ୍ଡ ଓ ପାକିସ୍ତାନ ମଧ୍ୟରେ ତିନି ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ବୁଧବାରଠାରୁ ଆରମ୍ଭ ହୋଇଛି। ହେଡିଂଲୀରେ ଚାଲିଥିବା ପ୍ରଥମ ଟେଷ୍ଟ ମ୍ୟାଚରେ ଭ୍ରମଣକାରୀ ପାକିସ୍ତାନ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ପାକିସ୍ତାନ ଘରୋଇ ଦଳର ଦୁଇ ଦ୍ରୁତ ବୋଲର ଓଲି ରବିନସନ ଓ ଜୋଶ୍ ଟଙ୍ଗଙ୍କୁ ସାମ୍ନା କରି ନ ପାରି ପ୍ରଥମ ପାଳିରେ ମାତ୍ର ୧୭୧ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଦଳ ପକ୍ଷରୁ ଅବଦୁଲ୍ ସଫିକ ସର୍ବାଧିକ ୬୧ ଓ ଇମାମ ଉଲ୍-ହକ୍ ୪୨ ରନ କରିଥିଲେ। ରବିନସନ ଓ ଟଙ୍ଗ ୫ଟି ଲେଖାଏ ୱିକେଟ ନେଇଥିଲେ। ଜବାବରେ ଇଂଲଣ୍ଡ ଶେଷ ଖବର ସୁଦ୍ଧା ୧୫ ଓଭରରେ ୨ ୱିକେଟ ହରାଇ ୭୦ ରନ କରିଛି।

## ୧୦ ଦିନ ଧରି ଖେଳାଯିବ ଓଡ଼ିଶା ଟି-୨୦ ଲିଗ୍

ଭୁବନେଶ୍ୱର, ୧୯ ।୮ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଓଡ଼ିଶା ଟି-୨୦ ଲିଗ୍‌ର ଦ୍ୱିତୀୟ ସଂସ୍କରଣ ସେପ୍ଟେମ୍ବର ୧୮ ତାରିଖରୁ ଆରମ୍ଭ ହେବ। ଆଇକନିକ ବାରବାଟୀ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ଦ୍ୱିତୀୟ ସଂସ୍କରଣ ୧୦ଦିନ ଧରି ଚାଲିବ। ସେପ୍ଟେମ୍ବର ୨୭ ତାରିଖରେ ଗ୍ରାଣ୍ଡ ଫାଇନାଲ ଖେଳାଯିବ। ପ୍ରଥମ ସଂସ୍କରଣ ଭଳି ଏଥର ମଧ୍ୟ ୬ଟି ଫ୍ରାଞ୍ଚାଇଜ ମଧ୍ୟରେ ଲଢ଼େଇ ଦେଖିବାକୁ ମିଳିବ। ଲିଗ୍ ମ୍ୟାନେଜମେଣ୍ଟ କମ୍ପାନୀ 'ଜିଅସ୍ ୱାର୍ଲ୍ଡକାଷ୍ଟ ପ୍ରାଇଭେଟ୍ ଲିମିଟେଡ' ଟୁର୍ଣ୍ଣାମେଣ୍ଟ ପରିଚାଳନାର ଦାୟିତ୍ୱ ନେଇଛି। ଓଟିଟି ଓ ଟେଲିଭିଜନ ପ୍ଲାଟଫର୍ମରେ ସମସ୍ତ ମ୍ୟାଚର ସିଧାପ୍ରସାରଣ କରାଯିବ ବୋଲି ଓସିଏ ପକ୍ଷରୁ ଏକ ବିଜ୍ଞପ୍ତିରେ କୁହାଯାଇଛି।

## ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିଅନସିପ୍

# ସିନ୍ଧୁ ଆଗେଇଲେ; ଲକ୍ଷ୍ୟ, ଉନ୍ନତିଙ୍କ ଅଭିଯାନ ଶେଷ



ନୂଆଦିଲ୍ଲୀ, ୧୯ ।୮ (ଏଜେନ୍ସି): ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଏରେନାରେ ଚାଲିଥିବା ବ୍ୟାଡ୍‌ମିଣ୍ଟନର ବିଶ୍ୱକପ ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିଅନସିପ୍‌ର ତୃତୀୟ ଦିବସ ଭାରତ ପାଇଁ ମିଶ୍ରିତ ଫଳାଫଳ ଆଣିଥିଲା। ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ପିଭି ସିନ୍ଧୁଙ୍କ ସମେତ ଆୟୁଷ ସେଟ୍ଟୀ ବିଜୟୀ ହୋଇ ପ୍ରି-କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ତେବେ ୨୦୨୧ ସଂସ୍କରଣ କାଂସ୍ୟ ପଦକ ବିଜେତା ଲକ୍ଷ୍ୟ ସେନଙ୍କୁ ନିରାଶ ହେବାକୁ ପଡ଼ିଛି। ସେହିଭଳି ଉଦୟମାନ ଖେଳାଳି ଉନ୍ନତି ହୁଦାଙ୍କ ଅଭିଯାନ ମଧ୍ୟ ରାଉଣ୍ଡ-୩୨ରେ ଅଭିଯାନ ଶେଷ ହୋଇଛି।

ବୁଧବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ରାଉଣ୍ଡ-୩୨ ମ୍ୟାଚରେ ସିନ୍ଧୁ ୨୧-୧୬, ୨୧-୧୭ ସିଧାସଳଖ ଗେମରେ କାନାଡାର ୱେନ ୟୁ ଝାଙ୍ଗକୁ ହରାଇଛନ୍ତି। ବିଶ୍ୱ ମାନ୍ୟତାର ୪୯ତମ ସ୍ଥାନରେ ରହିଥିବା ଝାଙ୍ଗଙ୍କୁ ହରାଇବାକୁ ସିନ୍ଧୁଙ୍କୁ ମାତ୍ର ୩୪ ମିନିଟ ସମୟ ଲାଗିଥିଲା। ତେବେ ମହିଳା ବିଭାଗର ଦ୍ୱିତୀୟ ରାଉଣ୍ଡର ଅନ୍ୟ ଏକ ମ୍ୟାଚରେ ଉନ୍ନତି ହୁଦାଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଛି। ୧୮ ବର୍ଷୀୟା ଉନ୍ନତି ୨୧-୧୧, ୯-୨୧, ୨୩-୨୧ରେ ୧୩ତମ ସିଡ୍ କାନାଡାର ମିଚେଲ ଲି'ଙ୍କ ନିକଟରୁ ହାରିଯାଇଥିଲେ। ଅପରପକ୍ଷରେ ପୁରୁଷ ବିଭାଗରେ ବିଶ୍ୱର ୨୨ ନମ୍ବର ଖେଳାଳି ଆୟୁଷ ସେଟ୍ଟୀ ୨୧-୮, ୨୧-୧୦ ସିଧାସଳଖ ଗେମରେ ଶ୍ରୀଲଙ୍କାର ଦୁମିନ୍ଦୁ ଆବେବିକ୍ରମାଙ୍କୁ ପରାସ୍ତ କରି ଆଗେଇଛନ୍ତି। ତେବେ ୧୪ତମ ସିଡ୍ ଲକ୍ଷ୍ୟ ସେନ୍ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ। ଦ୍ୱିତୀୟ ରାଉଣ୍ଡରେ ଲକ୍ଷ୍ୟ ୨୧-୧୯, ୧୯-୨୧, ୧୭-୨୧ ଗେମରେ ୯୨ତମ ମାନ୍ୟତାର ଆମେରିକାର ଗାରେଟ ତାନଙ୍କ ନିକଟରୁ ହାରିଯାଇଥିଲେ। ପୁରୁଷ ଡବଲ୍ସରେ ଚିରାଗ ସେଟ୍ଟୀ ଓ ସାତ୍ତ୍ୱିକସାଇରାଜ ରାନକୀରେଡ୍ଡୀ ଯୋଡ଼ି ପ୍ରଥମ ମ୍ୟାଚରେ ୱାକଓଭର ପାଇଛନ୍ତି। ମିକ୍ସଡ ଡବଲ୍ସରେ ତନିଷା କ୍ରାଷ୍ଟୋ ଓ ଧ୍ରୁବ କପିଳା ଯୋଡ଼ି ରାଉଣ୍ଡ-୩୨ରେ ବିଜୟୀ ହୋଇ ଆଗେଇଛନ୍ତି।

## ● ଜୁନିଅର ମହିଳା ଏସିଆ କପ୍ ହକି

### ଭାରତୀୟ ଦଳରେ ଓଏନ୍‌ଟିଏଚ୍‌ର ହର୍ଷାରାଣୀ



ଭୁବନେଶ୍ୱର, ୧୯ ।୮ (ସମିସ): ଚୀନର ମୋକିଠାରେ ଅଗଷ୍ଟ ୩୦ରୁ ମହିଳା ଜୁନିଅର ଏସିଆ କପ୍ ହକି ଆରମ୍ଭ ହେବାକୁ ଯାଉଛି। ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି ଘୋଷିତ ୨୦ ଜଣିଆ ଭାରତୀୟ ଦଳରେ ଓଡ଼ିଶା ନାଭାଲ ଟାଟା ହକି (ଓଏନ୍‌ଟିଏଚ୍) ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ର କ୍ୟାଡେଟ ଏଞ୍ଜିଲ୍ ହର୍ଷାରାଣୀ ମିଞ୍ଜ ସ୍ଥାନ ପାଇଛନ୍ତି। ଗୋଲକିପର ହର୍ଷାରାଣୀ ମନୋନୀତ ହେବା, ଓଏନ୍‌ଟିଏଚ୍ ଏଚ୍‌ପିସି ପାଇଁ ଆଉ ବଡ଼ ସଫଳତା। ଏନେଇ ଓଏନ୍‌ଟିଏଚ୍‌ଏଚ୍‌ପିସିର ପ୍ରକଳ୍ପ ନିର୍ଦ୍ଦେଶକ ଗୁରମିତ୍ ସିଂହ ରାଓ କହିଛନ୍ତି, "ହର୍ଷାରାଣୀ ଭାରତୀୟ ଦଳରେ ସ୍ଥାନ ପାଇବା ଓଏନ୍‌ଟିଏଚ୍‌ପିସି ପାଇଁ ଏକ ଗର୍ବର ବିଷୟ। କଠିନ ପରିଶ୍ରମ, ଅନୁଶାସନ ଓ ଦୃଢ଼ ସଂକଳ୍ପ ଯୋଗୁ ଆଜି ତାଙ୍କର ଏହି ସ୍ୱପ୍ନ ସତ ହୋଇଛି। ଆମେ ହର୍ଷାରାଣୀ ଏବଂ ଭାରତୀୟ ଦଳକୁ ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଶୁଭକାମନା ଜଣାଉଛୁ ଏବଂ ସେମାନଙ୍କର ସଫଳତା କାମନା କରୁଛୁ।' ଓଡ଼ିଶା ସରକାରଙ୍କ ସହଭାଗିତା ଓ ଟାଟା ଷ୍ଟିଲ୍ ଏବଂ ଟାଟା ଟ୍ରଷ୍ଟର ମିଳିତ ଉଦ୍ୟମରେ ପରିଚାଳିତ "ହକି ଏସ୍ ଫାଉଣ୍ଡେସନ୍' (ଏଚ୍‌ଏଏଫ୍)ର ଏକ ଅଂଶ ଭାବରେ, ଓଏନ୍‌ଟିଏଚ୍‌ଏଚ୍‌ପିସି ଜାମସେଦପୁରସ୍ଥିତ ନାଭାଲ ଟାଟା ହକି ଏକାଡେମୀ ସହ ମିଶି ଉଦୀୟମାନ ହକି ପ୍ରତିଭାମାନଙ୍କୁ ଚିହ୍ନଟ ଓ ପ୍ରୋତ୍ସାହିତ କରିବା ପାଇଁ କାର୍ଯ୍ୟ କରୁଛି।

## ଜାତୀୟ ଜୁନିଅର ଜଳକ୍ରୀଡ଼ା

### କର୍ଣ୍ଣାଟକ, ମହାରାଷ୍ଟ୍ରର ପ୍ରଭୁତ୍ୱ ଜାରି



ଭୁବନେଶ୍ୱର, ୧୯ ।୮ (ସମିସ): କଳିଙ୍ଗ ଷ୍ଟାଡିୟମସ୍ଥିତ ଆକ୍ୱାଟିକ କମ୍ପ୍ଲେକ୍ସରେ ଚାଲିଥିବା ଜାତୀୟ ଜୁନିଅର ଜଳକ୍ରୀଡ଼ାର ୫୨ତମ ସଂସ୍କରଣର ଦ୍ୱିତୀୟ ଦିବସରେ ମଧ୍ୟ କର୍ଣ୍ଣାଟକ ଓ ମହାରାଷ୍ଟ୍ର ସନ୍ତରଣକାରୀଙ୍କ ପ୍ରଭୁତ୍ୱ ଜାରି ରହିଛି। ବୁଧବାର ଶେଷ ସୁଦ୍ଧା କର୍ଣ୍ଣାଟକ ୩୨ ପଦକ ଜିତି ତାଲିକାର ଶୀର୍ଷରେ ରହିଛି। ଯେଉଁଥିରେ କର୍ଣ୍ଣାଟକ ସନ୍ତରଣକାରୀମାନେ ୧୬ ସ୍ୱର୍ଣ୍ଣ, ୧୧ ରୌପ୍ୟ ଓ ୫ କାଂସ୍ୟ ପଦକ ପାଇଛନ୍ତି। ସେହିଭଳି ମହାରାଷ୍ଟ୍ର ଦଳ ୬ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୧୧ କାଂସ୍ୟ ସହ ମୋଟ୍ ୨୧ ପଦକ ବିଜୟୀ ହୋଇ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ଦୁଇଟି ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ସହ ମୋଟ୍ ୫ ପଦକ ଜିତି ଆସାମ ତାଲିକାର ତୃତୀୟ ସ୍ଥାନ ହାସଲ କରିଛି। ଓଡ଼ିଶା ସନ୍ତରଣକାରୀମାନେ ପଦକ ଖାତା ଖୋଲିବାରେ ବିଫଳ ହୋଇଛନ୍ତି। ଭାରତୀୟ ସନ୍ତରଣ ମହାସଂଘ, ରାଜ୍ୟ ସନ୍ତରଣ ସଂଘ ଓ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ୬ ଦିବସୀୟ ପ୍ରତିଯୋଗିତାରେ ୩୩ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ୫୭୧ ସନ୍ତରଣକାରୀ ଅଂଶଗ୍ରହଣ କରିଛନ୍ତି। ୧୫-୧୬ ବର୍ଷ ବୟସରୁ କମ୍ ଏବଂ ୧୭-୧୮ ବର୍ଷରୁ କମ୍ ଦୁଇଟି ବିଭାଗରେ ପ୍ରତିଯୋଗିତା ଆୟୋଜିତ ହେଉଛି।

**ଏସିଆନ୍ ଯୁବ ହ୍ୟାଣ୍ଡବଲ**

### ଭାରତୀୟ ଦଳରେ ସ୍ୱସ୍ତିକ



ଭୁବନେଶ୍ୱର, ୧୯ ।୮ (ସମିସ): ଜୋର୍ଡାନର ରାଜଧାନୀ ଆମାନ ସହରରେ ଗୁରୁବାରଠାରୁ ୧୧ତମ ଯୁବ ଏସିଆନ ହ୍ୟାଣ୍ଡବଲ ପ୍ରତିଯୋଗିତା ଆରମ୍ଭ ହେବାକୁ ଯାଉଛି। ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି ଭାରତୀୟ ଦଳରେ ଓଡିଶାର ସ୍ୱସ୍ତିକ ପତି ସ୍ଥାନ ପାଇଛନ୍ତି। ଏହାର ଚୟନ ଶିବିର ଜୁଲାଇ ୧୮-୧୯ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିଲା। ସେହିଭଳି ପ୍ରଶିକ୍ଷଣ ଶିବିର ଜୁଲାଇ ୨୦ରୁ ପାଵନା ହ୍ୟାଣ୍ଡବଲ ଏକାଡେମୀ ହାଥରସଠାରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ସ୍ୱସ୍ତିକ ଉନ୍ନତ ଖେଳ ପ୍ରଦର୍ଶନ କରି ୧୮ ଜଣିଆ ଭାରତୀୟ ଦଳରେ ସ୍ଥାନ ପକ୍କା କରିଥିଲେ। ସ୍ୱସ୍ତିକ ବର୍ତ୍ତମାନ ଗୌରୀ ଶଙ୍କର ମିଶ୍ରଙ୍କ ପାଖରେ ପ୍ରଶିକ୍ଷଣ ନେଉଛନ୍ତି। ଓଡିଶା ହ୍ୟାଣ୍ଡବଲ ସଙ୍ଘର ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ଇଂ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ, ଭୁବନେଶ୍ୱର ସଙ୍ଘ ସମ୍ପାଦକ ପ୍ରଶାନ୍ତ ନାୟକ ସ୍ୱସ୍ତିକଙ୍କୁ ଶୁଭକାମନା ଜଣାଇଛନ୍ତି।

## ଓଡ଼ିଶା ପେଞ୍ଚକ ସିଲାଟ ସଂଘ ନିର୍ବାଚନ

# ସୁମନ ସଭାପତି, ସଙ୍ଗୀତା ସମ୍ପାଦିକା





ଭୁବନେଶ୍ୱର, ୧୯ ।୮ (ସମିସ): ବର୍ଷ ୨୦୨୬ରୁ ୨୦୨୯ ପର୍ଯ୍ୟନ୍ତ ଓଡ଼ିଶା ପେଞ୍ଚକ୍ ସିଲାଟ ସଂଘର ନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ାର ସର୍ଭୋଲ ଅଫିସରେ ଅନୁଷ୍ଠିତ ହୋଇଥିବା ଏହି ନିର୍ବାଚନରେ ୨୧ଟି ଜିଲ୍ଲାର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏହି ନିର୍ବାଚନରେ ନୂତନ ଭାବରେ ସୁମନ ମୋଦି ସଭାପତି, ଆଶୁତୋଷ ନାୟକ ଓ ଜୀତେନ୍ଦ୍ର କୁମାର ରାଉତ ଉପସଭାପତି, ସଙ୍ଗୀତା ଥାପା ସାଧାରଣ ସମ୍ପାଦିକା, ନାରାୟଣ ବାରିକ ଯୁଗ୍ମ ସମ୍ପାଦକ, ରାହୁଲ୍ ଶା କୋଷାଧ୍ୟକ୍ଷ ଓ ପ୍ରଶାନ୍ତ ପାତ୍ର, ସୁଭାଶିଷ ବାନାର୍ଜୀ ଏକ୍ସିକୁଟିଭ ମେମ୍ବର ଭାବରେ ମନୋନୀତ ହୋଇଛନ୍ତି। ପୂର୍ବତନ ସଭାପତି ତାପସ କୁମାର ରାୟ ଚୌଧୁରୀ ଅଧ୍ୟକ୍ଷ ଓ ପୂର୍ବତନ ସମ୍ପାଦକ ପ୍ରେମ ସିଂ ଥାପା ସିଇଓ ସହ ବୈଷୟିକ ନିର୍ଦ୍ଦେଶକ ଭାବରେ ମନୋନୀତ ହୋଇଛନ୍ତି। ନିର୍ବାଚନରେ ଇଲେକ୍ସନ ଅଫିସର ରାହୁଲ୍ ରାୟଙ୍କ ତତ୍ତ୍ୱାବଧାନରେ ଭୋଟିଂ ହୋଇଥିଲା। ଇଣ୍ଡିଆନ୍ ପେଞ୍ଚକ୍ ସିଲାଟ ମହାସଂଘର ସାଧାରଣ ସମ୍ପାଦକ ତାରିକ୍ ଯାର୍ଗର ଓ ସେଖ୍ ସମୀର ନିର୍ବାଚନ ପର୍ଯ୍ୟବେକ୍ଷକ ଭାବରେ ଯୋଗ ଦେଇଥିଲେ।

**ପୁରୁଷ ହକି ବିଶ୍ୱକପ୍**

# ପାକିସ୍ତାନକୁ ହରାଇ ଦ୍ୱିତୀୟ ରାଉଣ୍ଡରେ ଭାରତ

ଆମଷ୍ଟେଲଭିନ, ୧୯ ।୮ (ଏଜେନ୍ସି)



ନେଦରଲ୍ୟାଣ୍ଡସ ଓ ବେଲ୍‌ଜିୟମରେ ଚାଲିଥିବା ପୁରୁଷ ହକି ବିଶ୍ୱକପରେ ଭାରତ ଦ୍ୱିତୀୟ ବିଜୟ ହାସଲ କରିଛି। ବୁଧବାର ଖେଳାଯାଇଥିବା ପୁଲ୍-ଡି'ର ଏକ ହାଇଭୋଲଟେଜ ମ୍ୟାଚରେ ଭାରତ ୫-୩ ଗୋଲ୍‌ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ମାତ୍ ଦେଇଥିଲା। ଫଳରେ ତିନୋଟି ମ୍ୟାଚରୁ ୨ଟି ବିଜୟ ଓ ଗୋଟିଏ ପରାଜୟ ସହ ୬ ପଏଣ୍ଟ ପାଇ ହରମନପ୍ରୀତ୍ ସିଂହଙ୍କ ଦଳ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଏଥିସହ ଭାରତ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛି। ଏହି ଗ୍ରୁପରେ ଇଂଲଣ୍ଡ ହ୍ୟାଟ୍ରିକ ବିଜୟ ସହ ସର୍ବାଧିକ ୯ ପଏଣ୍ଟ ପାଇ ଶୀର୍ଷରେ ରହିଛି। ସେହିଭଳି ପାକିସ୍ତାନ ୩ଟି ମ୍ୟାଚରୁ ୨ଟି ପରାଜୟ ଓ ଗୋଟିଏ ଡ୍ର ସହ ମାତ୍ର ୧ ପଏଣ୍ଟ ପାଇ ବିଶ୍ୱକପରେ ଅଭିଯାନ ଶେଷ କରିଛି।

ବୁଧବାର ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଭାରତ ପ୍ରଥମ କ୍ୱାର୍ଟରରେ ଦୁଇଟି ଗୋଲ୍ ଦେଇଥିଲା। ଅଧିନାୟକ ହରମନପ୍ରୀତ୍ ୫ମ ମିନିଟରେ ଓ ଅଭିଷେକ ୧୧ତମ ମିନିଟରେ ଏହି ଦୁଇଟି ଗୋଲ୍ ଦେଇଥିଲେ। ଏହାପରେ ଦ୍ୱିତୀୟ କ୍ୱାର୍ଟରରେ ରୋମାଞ୍ଚ ଦେଖିବାକୁ ମିଳିଥିଲା। ୨୧ତମ ମିନିଟରେ ହରମନପ୍ରୀତ୍ ଆଉ ଏକ ଗୋଲ୍ ଦେଇ ଅଗ୍ରଣୀକୁ ୩-୦ରେ ପହଞ୍ଚାଇଥିଲେ। କିନ୍ତୁ ପାକିସ୍ତାନ ପ୍ରତ୍ୟାବର୍ତ୍ତନ କରି ଦୁଇ ମିନିଟରେ ଦୁଇଟି ଗୋଲ୍ ଦେଇଥିଲା। ସାହିଦ୍ ଓ ସୁଫିୟାନ ଖାନ ଏହି ଦୁଇଟି ଗୋଲ୍ ସ୍କୋର କରି ମ୍ୟାଚକୁ ୨-୩ ସ୍ଥିତିକୁ ଆଣିଥିଲେ। ସେହି ୨୪ତମ ମିନିଟରେ ଅଭିଷେକ ଆଉ ଏକ ଗୋଲ୍ ଦେଇ ଭାରତର ଅଗ୍ରଣୀକୁ ୪-୨ରେ ପହଞ୍ଚାଇଥିଲେ। ଦ୍ୱିତୀୟାର୍ଦ୍ଧ ତଥା ତୃତୀୟ କ୍ୱାର୍ଟରରେ ଭାରତ ଗୋଟିଏ ଗୋଲ୍ ଦେଇଥିଲା। ୩୫ତମ ମିନିଟରେ ହାର୍ଦ୍ଦିକ ସିଂହଙ୍କ ଏହି ଗୋଲ୍ ସହାୟତାରେ ଭାରତ ୫-୨ରେ ଏକପାଖିଆ ଅଗ୍ରଣୀ ହାସଲ କରିଥିଲା। ତେବେ ନିର୍ଣ୍ଣାୟକ ତଥା ୪ର୍ଥ କ୍ୱାର୍ଟରର ୪୬ତମ ମିନିଟରେ ପାକିସ୍ତାନ ଆଉ ଗୋଟିଏ ଗୋଲ୍ ଶୁଝିବାକୁ ସମର୍ଥ ହୋଇଥିଲା। ତେବେ ଶେଷରେ ଭାରତ ୫-୩ ଗୋଲରେ ବିଜୟ ଲାଭ କରିଥିଲା।

ଦ୍ୱିତୀୟ ରାଉଣ୍ଡରେ ଭାରତ ପୁଲ-ଇ'ରେ ସ୍ଥାନ ପାଇଛି। ଏହି ପୁଲ୍‌ରେ ଇଂଲଣ୍ଡ ସହ ପୁଲ୍-ଏ'ର ଦୁଇ ଶୀର୍ଷ ଦଳ ମଧ୍ୟ ଯୋଗଦେବେ। ଅଗଷ୍ଟ ୨୨ରେ ଭାରତ ପୁଲ୍-ଏ'ର ଶୀର୍ଷ ଦଳ ସହ କ୍ରସ ଓଭର ମ୍ୟାଚ୍ ଖେଳିବ। ଅପରପକ୍ଷରେ ଭାରତୀୟ ମହିଳା ହକି ଦଳ ବିଶ୍ୱକପରେ ଏହାର ଶେଷ ପୁଲ୍ ମ୍ୟାଚରେ ଗୁରୁବାର ଇଂଲଣ୍ଡକୁ ଭେଟିବ। ସାଲିମା ଟେଟେଙ୍କ ଦଳ ଦୁଇଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ ଓ ଡ୍ର ସହ ପୁଲ-ଡି ଶୀର୍ଷରେ ରହିଛି। ଇଂଲଣ୍ଡକୁ ହରାଇଲେ ଭାରତର ସେମିଫାଇନାଲ ଖେଳିବା ଆଶା ଦୃଢ଼ୀଭୂତ ହେବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS